# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶୁକ୍ରବାର, ସେପ୍ଟେମ୍ବର ୨୧/୨୦୧୮ (୨୦ ପୃଷ୍ଠା) | Berhampur, Friday, September 21 / 2018 | ★★★

୧୪ ଶ ଭାଗ ୨୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




### କ୍ୟାରିୟର ପାଇଁ ସମ୍ମାନ ଯଥାର୍ଥ

ସ୍ମିତା ପାଟିଲ୍ ପୁରସ୍କାର ମୋ କ୍ୟାରିୟର ପାଇଁ ଯଥାର୍ଥ ବୋଲି ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ପ୍ରକାଶ କରିଛନ୍ତି।

୦୨

୧୮

### ଶାହବାଜଙ୍କ ବିଶ୍ୱ ରେକର୍ଡ

ଲିଷ୍ଟ-ଏ' କ୍ରିକେଟରେ ଶ୍ରେଷ୍ଠ ବୋଲିଂ କରି ଝାଡ଼ଖଣ୍ଡ ବାମହାତୀ ସ୍ପିନର ଶାହବାଜ ନଦୀମ ନୂଆ ବିଶ୍ୱରେକର୍ଡ କରିଛନ୍ତି।



# ଘୂର୍ଣ୍ଣିଝଡ଼ ରୂପନେଲା ଲଘୁଚାପ

ଭୁବନେଶ୍ୱର,୨୦ା୯(ବ୍ୟୁରୋ)

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଘୂର୍ଣ୍ଣିଝଡ଼ରେ ପରିଣତ ହୋଇଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଆହୁରି ଉଗ୍ରରୂପ ନେଇ ସ୍ଥଳଭାଗ ଆଡକୁ ମାଡ଼ିଆସିବ। ଗୁରୁବାର ମଧ୍ୟରାତ୍ର ସୁଦ୍ଧା ଏହା ଆନ୍ଧ୍ରପ୍ରଦେଶର କଳିଙ୍ଗପଟନମ୍, ଓଡିଶାର ପୁରୀ ଓ ଗୋପାଳପୁର ମଧ୍ୟଦେଇ ଅତିକ୍ରମ କରିବ। ଏହାର ପ୍ରଭାବରେ ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ଅତିକ୍ରମ କରିବା ବେଳେ ଏହାର ବେଗ ଘଣ୍ଟା ପ୍ରତି ୬୦ରୁ ୭୦ କି.ମି. ରହିବ। ବେଳେବେଳେ ଏହା ୮୦ କି.ମି.କୁ ଟପିଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଘୂର୍ଣ୍ଣିଝଡ଼ ପ୍ରଭାବରେ ଚାଳଘର, ବଡ଼ ବଡ଼ ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ସହ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହେବା ଆଶଙ୍କା ରହିଛି। ଏଥିସହିତ ଧାନଫସଲ, ☞ପୃଷ୍ଠା-୪



ଅଶାନ୍ତ ଗୋପାଳପୁର ସମୁଦ୍ର ।

- ଘଣ୍ଟାକୁ ୭୦-୮୦ କି.ମି. ବେଗରେ ବହିବ ପବନ
- ଆହୁରି ୨୪ ଘଣ୍ଟା ବର୍ଷିବ
- ସବୁ ବନ୍ଦରରେ ୩ ନଂ. ବିପଦ ସଙ୍କେତ
- ୦.୫ ମିଟର ଉଚ୍ଚ ଉଠିବ ଲହଡି
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ପ୍ରସ୍ତୁତ
- ଖାଲୁଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରାଯିବ

## ପିପିଏଫ୍,ସୁକନ୍ୟା ଯୋଜନା ସୁଧ ହାର ବୃଦ୍ଧି

ନୂଆଦିଲ୍ଲୀ,୨୦।୯: କେନ୍ଦ୍ର ସରକାର ଗୁରୁବାର ପିପିଏଫ୍, ସୁକନ୍ୟା ସମେତ ସମସ୍ତ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାର ବୃଦ୍ଧି କରିଛନ୍ତି। ପୂର୍ବରୁ ଏହି ଯୋଜନାରେ ୦.୩% ସୁଧ ହାର ମିଳୁଥିବା ବେଳେ ଏହାକୁ ଚଳିତ ବର୍ଷର ତୃତୀୟ ତ୍ରୈମାସ ପାଇଁ ୦.୪%କୁ ବୃଦ୍ଧି କରାଯାଇଛି। (ସବିଶେଷ ରିପୋର୍ଟ: ପୃଷ୍ଠା-୧୭)

**ଆଜିର ସମ୍ପାଦକୀୟ**

## ବାସ୍ତବ ଆହ୍ୱାନ

**ଆଜିର ମନ୍ତବ୍ୟ**

" ତିନି ତଲାକ୍ ଅଧ୍ୟାଦେଶ ଅଗଣତାନ୍ତ୍ରିକ, ଯାହାକି ଆଦୌ ଗ୍ରହଣୀୟ ହେବ ନାହିଁ ।

– ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ

NECC NATIONAL EGG CO-ORDINATION COMMITTEE | 20.09.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 55 | 100 | 110 |
| DKL | 56 | 101 | 111 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 58 | 103 | 113 |

*Conditions Apply

Eggs Retail Price- 47/-Dozen

Issued in the Interest of Consumers

# ଗ୍ରାମ ସଡ଼କ ନିର୍ମାଣରେ ହେରଫେର

ଭୁବନେଶ୍ୱର,୨୦।୯(ବ୍ୟୁରୋ)

୨୦୧୫ରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ନବକଳେବର ବେଳେ ହୋଟେଲ ରୁମ୍ ବୁକିଂରେ ସ୍ୱାସ୍ଥ୍ୟ ବିଭାଗର କେଳେଙ୍କାରୀ ପଦାକୁ ଆସିଛି। ଉତ୍ସବ ସମୟରେ ଯାତ୍ରୀମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ଡାକ୍ତରମାନଙ୍କ ରହଣି ପାଇଁ ପୁରୀ ସହରରେ ୭ଟି ହୋଟେଲ ବୁକିଂ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ୯୯୭ ଜଣ କର୍ମଚାରୀଙ୍କ ରହଣି ପାଇଁ ୭ଟି ହୋଟେଲ ମାଲିକଙ୍କ ରୁମ୍ ଭଡା ଦେବାରେ ଜାଲିଆତି କରିଛନ୍ତି। ହୋଟେଲରେ ମାତ୍ର ୪୩୩ ଜଣଙ୍କ ☞ପୃଷ୍ଠା-୪

**ସିଏଜି ରିପୋର୍ଟ**

- ନବକଳେବର ହୋଟେଲ ବୁକିଂରେ କେଳେଙ୍କାରୀ
- ଫେରିଗଲା ୧୫୫ କୋଟି କେନ୍ଦ୍ରୀୟ ସହାୟତା
- ଲୁଣାବନ୍ଧ ନିର୍ମାଣରେ ଚଞ୍ଚକତା, ଠିକାଦାରଙ୍କୁ ଅନୁକମ୍ପା
- ୭୪ ପ୍ରତିଶତ ବାତ୍ୟା ଆଶ୍ରୟସ୍ଥଳ ବ୍ୟବହାର ଅଯୋଗ୍ୟ

# ଗିରଫ ପରେ ଅଭିଜିତଙ୍କୁ ଜାମିନ

ନୂଆଦିଲ୍ଲୀ,୨୦।୯

- ୨୮ରେ କୋଣାର୍କ ଥାନାରେ ହାଜର ନିର୍ଦ୍ଦେଶ
- ଖାଲିହାତରେ ଦିଲ୍ଲୀରୁ ଫେରିଲା ଓଡ଼ିଶା ପୋଲିସ



ଅଭିଜିତ ଆୟର ମିତ୍ର

ଓଡ଼ିଶାର ସଂସ୍କୃତି ଓ ଐତିହ୍ୟ ପ୍ରତି ଅତ୍ୟନ୍ତ ଅରୁଚିକର ମନ୍ତବ୍ୟ ଦେଇ ରାଜ୍ୟବାସୀଙ୍କ ଧର୍ମୀୟ ଭାବାବେଗକୁ କୁଠାରାଘାତ କରିଥିବା ଦିଲ୍ଲୀର ସାମ୍ବାଦିକ ଅଭିଜିତ ଆୟର ମିତ୍ରଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ନୂଆଦିଲ୍ଲୀରେ ଓଡ଼ିଶା ପୋଲିସ ଗୁରୁବାର ଅଭିଜିତଙ୍କୁ ଗିରଫ କରିବା ପରେ ଏକ ସ୍ଥାନୀୟ କୋର୍ଟ ତାଙ୍କୁ ୧ ଲକ୍ଷ ଟଙ୍କାର ବ୍ୟକ୍ତିଗତ ମୁଚାଲିକାରେ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଏଥିସହ ଆସନ୍ତା ୨୮ ତାରିଖରେ କୋଣାର୍କ ଥାନାରେ ହାଜର ହୋଇ ତଦନ୍ତର ସମ୍ମୁଖୀନ ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଜିତ ଗତ ୧୫ ତାରିଖରେ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଯାଇଥିଲେ। ☞ପୃଷ୍ଠା-୪

# ମନ୍ତ୍ରୀଙ୍କ ପୁଅ କୋର୍ଟଚାଲାଣ

କେନ୍ଦୁଝର, ୨୦।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଷିପୁରା ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଏବଂ ପଦନାଠାରେ ପୋଲିସକୁ ମାଡ଼ ଘଟଣାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ରଙ୍କୁ କେନ୍ଦୁଝର ପୋଲିସ ଗିରଫ କରି ଗୁରୁବାର ଜିଲା କୋର୍ଟକୁ ଚାଲାଣ କରିଛି। ଚାଲାଣ ବେଳେ ବହୁ ସଂଖ୍ୟାରେ ବିଜେଡି କର୍ମୀ ଓ ନେତା ଥାନା ନିକଟରେ ଭିଡ଼ ଜମାଇଥିଲେ। କଡା ସୁରକ୍ଷାରେ ଦେବାଶିଷଙ୍କୁ କୋର୍ଟ ଚାଲାଣ କରାଇଯାଇଥିଲା। ପୂର୍ବରୁ ମନ୍ତ୍ରୀ ବଦ୍ରି ନାରାୟଣଙ୍କ ଗାଡ଼ିକୁ ଢେଲା ମାଡ ଘଟଣାରେ ରାସ୍ତାଘାଟ ବନ୍ଦ କରି ଆନ୍ଦୋଳନ କରିବା ଏବଂ ଥାନା ଘେରାଉ କରି ପ୍ରତିବାଦ ଜଣାଇଥିବା କର୍ମୀମାନେ ଏହି ଗିରଫକୁ ନେଇ କୌଣସି ପ୍ରତିକ୍ରିୟା ପ୍ରଦର୍ଶନ ନ କରିବା ସମସ୍ତଙ୍କୁ ଚକିତ କରିଛି। ଉକ୍ତ ଘଟଣାରେ ଦେବାଶିଷଙ୍କ ସହ ମଦନ ମୋହନ ସାହୁ, ପ୍ରଦୀପ ସାହୁ, ଅକ୍ଷୟ ସାହୁ, ଆଶିଷ ବେହେରା, ସିକୁନ ବେହେରା, ☞ପୃଷ୍ଠା-୪



ଦେବାଶିଷ ପାତ୍ର





Regd Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For more information, contact nearest Hero MotoCorp's authorised outlet or call Toll Free No.: 1800-266-0018 or visit heromotocorp.com. Always wear a helmet while riding a two-wheeler. Accessories and features shown may not be part of standard fitment. #Finance available at the sole discretion of the financiers. For more details please contact the nearest Hero MotoCorp dealership. *Terms and Condition apply. Offers valid in select states only. Limited period offers.

FINANCE PARTNER HeroFinCorp. | HDFC BANK We understand your world | IndusInd Bank TWO WHEELER LOANS | HeroMotoCorpIndia | HeroMotoCorpLimited | TheHeroMotoCorp | HeroMotoCorp.com | HeroMotoCorp

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍‌ଡ ଡିଲର: ବ୍ରହ୍ମପୁର: ଲକ୍ଷ୍ମୀ ହୀରୋ – 7799766350. ଶ୍ରୀ କାଳେଶ୍ୱର ହୀରୋ – 7799766372. ଜୟପୁର: ସୁପ୍ରିମ ହୀରୋ – 7799766340. ଫୁଲବାଣୀ: ନାରାୟଣୀ ହୀରୋ – 7799766373. ରାୟଗଡ଼ା: ଅଜୀତ ହୀରୋ – 7799766358. ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ଆସିକା: ଅଶୋକ ମୋଟର୍ସ – 273226. ପାରଳାଖେମୁଣ୍ଡି: ପ୍ରୀତମ ଏଣ୍ଟରପ୍ରାଇଜ – 224656. ମାଲକାନଗିରି: କନିଷ୍କ ଅଟୋମୋବାଇଲ୍‌ସ – 9437181980, 230514. ନବରଙ୍ଗପୁର: ଅରୁଣ ସେଲ୍‌ସ ଆଣ୍ଡ ସର୍ଭିସ – 223970. ସିମିଳିଗୁଡା: କେ.ପି.ଏଣ୍ଟରପ୍ରାଇଜ – 225222. ଦେବଗଡ଼ : ଜିନ୍ଦଲ ମୋଟର୍ସ : 9337774624.

ଧରିତ୍ରୀ
DHARITRI
ଗୁରୁବାର, ୨୧ ସେପ୍ଟେମ୍ବର, ୨୦୧୮



“ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ନିଜକୁ ଦେଶର ‘ଚୌକିଦାର’ ବୋଲି ଅଭିହିତ କରିଥିଲେ । ରାଫେଲ ଦୁର୍ନୀତି ପ୍ରସଙ୍ଗରେ ନୀରବତା ଓ ପଳାତକ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଫେରାଇଆଣିବାରେ ବିଫଳତାକୁ ନେଇ ଦେଶବାସୀ ଏବେ ମୋଦିଙ୍କୁ ‘ଚୋର’ କହିବା ଆରମ୍ଭ କଲେଣି ।

- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ



## ସଂକ୍ଷେପରେ

### ଆବେ ପୁନଃ ନିର୍ବାଚିତ




ଟୋକିଓ,୨୦।୯(ପି.ଟି.)-ଜାପାନର ଶାସକ ଦଳ ଲିବେରାଲ ଡେମୋକ୍ରାଟିକ୍ ପାର୍ଟିର ମୁଖ୍ୟ ଭାବେ ଗୁରୁବାର ପୁନଃ ନିର୍ବାଚିତ ହୋଇଛନ୍ତି ଦେଶର ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ। ଦଳର ସର୍ବୋଚ୍ଚ ପଦ ଲାଗି ହୋଇଥିବା ନିର୍ବାଚନରେ ସେ ବୃହତ୍ ବିଜୟ ଲାଭ କରିଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ପଦରେ ଆଉ ୩ ବର୍ଷ ରହିବା ଲାଗି ତାଙ୍କ ପଥ ପରିଷ୍କାର ହୋଇଯାଇଛି। ଜାପାନର ସମ୍ବିଧାନର ସମୀକ୍ଷା କରିବାର ସମୟ ଉପନୀତ ହୋଇଛି ବୋଲି ପ୍ରଥମ ଉଦ୍‌ବୋଧନରେ ଆବେ କହିଛନ୍ତି। ୨୦୧୨ ଡିସେମ୍ବରରୁ ଆବେ ଜାପାନର ପ୍ରଧାନମନ୍ତ୍ରୀ ଅଛନ୍ତି। ୨୦୨୧ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକାଳ ବୃଦ୍ଧି ହୋଇଛି। ସେ ହେବେ ଦେଶର ସର୍ବାଧିକ କାଳ ଶାସନ କ୍ଷମତାରେ ଥିବା ପ୍ରଧାନମନ୍ତ୍ରୀ।

### ପ୍ରତିରକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ତେଜିଲା

ନୂଆଦିଲ୍ଲୀ,୨୦।୯(ପି.ଟି.)-ରାଫେଲ୍ ଯୁଦ୍ଧବିମାନ କ୍ରୟନେଇ ହୋଇଥିବା ଚୁକ୍ତି ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ମିଛ କହିଛନ୍ତି। ଦେଶବାସୀଙ୍କୁ ଭୁଆଁ ବୁଲାଇଥିବାରୁ ସେ ଇସ୍ତଫା ଦିଅନ୍ତୁ ବୋଲି ଗୁରୁବାର କଂଗ୍ରେସ ଦୃଢ଼ ଦାବି ଉପସ୍ଥାପନ କରିଛି। ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ଏଚ୍‌ଏଏଲ୍)ର ଉଚ୍ଚ କ୍ଷମତାସମ୍ପନ୍ନ ଯୁଦ୍ଧବିମାନ ନିର୍ମାଣ କ୍ଷମତା ନାହିଁ ବୋଲି କେନ୍ଦ୍ର ସରକାର କହୁଛନ୍ତି। କିନ୍ତୁ ଏଚ୍‌ଏଏଲ୍‌ର ଜଣେ ପୂର୍ବତନ ମୁଖ୍ୟଙ୍କ ମନ୍ତବ୍ୟ ପ୍ରକାଶ ପାଇବା ପରେ ସରକାରଙ୍କ ମିଛ ପ୍ରସାର ଉଦ୍ୟମ ଧୂଳିସାତ୍ ହୋଇଯାଇଛି ବୋଲି ବିରୋଧୀ ଦଳ କହିଛି। ରାଫେଲ ଯୁଦ୍ଧବିମାନ ନିର୍ମାଣ ପାଇଁ ଫ୍ରାନ୍ସ ଫାର୍ମ ଦାସଲ୍ଟ ଆଭିଏଶନ ସହ ଆଲୋଚନା ଚଳାଇଥିବାବେଳେ ସରକାରୀ କମ୍ପାନୀ ଏଚ୍‌ଏଏଲ୍‌କୁ ତତ୍କାଳୀନ ଉପା ସରକାର ସହଯୋଗ କରି ନ ଥିଲେ। ପ୍ରତିରକ୍ଷାମନ୍ତ୍ରୀ ଏହି ଅଭିଯୋଗ ଆଣିଥିବାରୁ କଂଗ୍ରେସ ମୁଖପାତ୍ର ମନୀଷ୍ ତିୱାରୀ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଏଚ୍‌ଏଏଲ୍‌ର ପୂର୍ବତନ ମୁଖ୍ୟ ଟି. ସୁବର୍ଣ୍ଣ ରାଜୁଙ୍କ ଟିପ୍ପଣୀକୁ ଭିତ୍ତିକରି ସେ ସୀଥାରାମନ୍‌ଙ୍କୁ ଶବ୍ଦବାଣରେ ଛନ୍ଦିଦେଇଛନ୍ତି। ତିୱାରୀ କହିଛନ୍ତି ଯେ, ରାଫେଲ ପ୍ରସଙ୍ଗରେ ଏନ୍‌ଡିଏ ସରକାର ମିଛ କଥା ପ୍ରସାର କରୁଛନ୍ତି। କିନ୍ତୁ ରାଜୁଙ୍କ ମନ୍ତବ୍ୟ ପରେ ସବୁ ଫସର ଫାଟିଛି। ଏଚ୍‌ଏଏଲ୍ ଏବଂ ଦାସଲ୍ଟ ମଧ୍ୟରେ ପାରସ୍ପରିକ ସହଯୋଗ ନେଇ ଚୁକ୍ତି ହୋଇଥିଲା ଏବଂ ସରକାରଙ୍କୁ ଚୁକ୍ତିପତ୍ର ଦିଆଯାଇଥିଲା ବୋଲି ରାଜୁ ସ୍ପଷ୍ଟ କରିଛନ୍ତି। ତେଣୁ ପ୍ରତିରକ୍ଷା ମନ୍ତ୍ରୀ ଲୋକଙ୍କୁ ଭୁଆଁ ବୁଲାଉଥିବା ଜଣାପଡ଼ିଯାଇଛି। ଏଥିପାଇଁ ସୀମାରାମନ୍ ଇସ୍ତଫା ଦେବା ଉଚିତ ବୋଲି ତିୱାରୀ କହିଛନ୍ତି।

ଇତିହାସର ଆଇନାରେ

### ସେପ୍ଟେମ୍ବର ୨୧ରେ ପ୍ରମୁଖ ଘଟଣା

### ସ୍ୱାଧୀନ ହେଲା ମାଲ୍‌ଟା

୧୯୬୪, ସେପ୍ଟେମ୍ବର ୨୧ରେ ୟୁରୋପୀୟ ଦେଶ ମାଲ୍‌ଟା ବ୍ରିଟେନ୍‌ଠାରୁ ସ୍ୱାଧୀନତା ହାସଲ କରିଥିଲା। ଭୂମଧ୍ୟସାଗର କେନ୍ଦ୍ର ଭାଗରେ ଅବସ୍ଥିତ ମାଲ୍‌ଟା ଦେଶକୁ ପ୍ରଥମେ ଫିନିସୀୟମାନେ ଶାସନ କରୁଥିଲେ। ପରେ ଗ୍ରୀକ୍, ରୋମାନ୍, ଆରବ, ନର୍ମାନ୍, ଆରାଗୋନିସା, ହବ୍ସବର୍ଗ, ସ୍ପେନ୍, ସେଣ୍ଟ ଜନ୍ ନାଇଟ୍ସ, ଫରାସୀମାନେ ଶାସନ କରିଥିଲେ। ଶେଷରେ ବ୍ରିଟିଶ୍‌ମାନେ ଏହାକୁ ଶାସନ କଲେ।

### ତାଇୱାନ୍‌ର ଜିଜି ଭୂକମ୍ପ

୧୯୯୯, ସେପ୍ଟେମ୍ବର ୨୧ରେ କେନ୍ଦ୍ରୀୟ ତାଇୱାନ୍‌ରେ ଘଟିଥିଲା ଏକ ବଡ଼ ଧରଣର ଭୂକମ୍ପ। ଏହାକୁ ଜିଜି ଭୂକମ୍ପ କିମ୍ବା ୯୨୧ ଭୂକମ୍ପ ବୋଲି କୁହାଯାଏ। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୩ ଥିଲା। ଏହାର ପ୍ରଭାବରେ ତାଇୱାନ୍‌ର ନାନଟୌ ସ୍କେଲ୍‌ରେ ଏହାର କାଉଣ୍ଟି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ଭୂକମ୍ପ ପରେ ପରେ ଭୂସ୍ଖଳନ ମଧ୍ୟ ଘଟିଥିଲା। ଏଥିରେ ୨ହଜାର ୪୧୫ ଜଣ ପ୍ରାଣ ହରାଇଥିବାବେଳେ ୧୧ ହଜାରରୁ ଅଧିକ ଲୋକ ଆହତ ହୋଇଥିଲେ। ପ୍ରାୟ ୧ ଲକ୍ଷରୁ ଅଧିକ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ।

## ■ ମୋଦିଙ୍କୁ ଚିଠି ଲେଖିଲେ ଇମ୍ରାନ

# ଆଲୋଚନା ପାଇଁ ଆଗ୍ରହୀ

ନୂଆଦିଲ୍ଲୀ,୨୦।୯(ପି.ଟି.)

ଭାରତ ଓ ପାକିସ୍ତାନ ମଧ୍ୟରେ ଅଚଳାବସ୍ଥା ଦୂରହୋଇ ପୁଣିଥରେ ଆଲୋଚନାର ବାଟ ଫିଟିବ। ଦୁଇଦେଶ ଶାନ୍ତିର ଟେବୁଲରେ ବସି ଆଗକୁ ପାରସ୍ପରିକ ସହଯୋଗର ହାତବଢ଼ାଇବେ। ଆତଙ୍କବାଦର ମୂଳୋତ୍ପାଟନ କରି ସୀମାରେ ଉତ୍ତେଜନା ହ୍ରାସ ପାଇବ ଓ ସ୍ଥିତି ସ୍ୱାଭାବିକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପାକିସ୍ତାନ ପ୍ରତିପକ୍ଷ ଇମ୍ରାନ ଖାନ୍ ଆଲୋଚନା ପାଇଁ ପ୍ରସ୍ତାବ ଦେବା ପରେ ଗୁରୁବାର ଏଭଳି ଆଶା ଉଜ୍ଜୀବିତ ହୋଇଛି।

ଗୋଟିଏପଟେ ଋଣବୋଝରେ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଅନ୍ୟପଟେ ଆତଙ୍କବାଦକୁ ନେଇ ଅନ୍ତଃରାଷ୍ଟ୍ରୀୟ ମଞ୍ଚରେ ସମାଲୋଚିତ ଓ ଭର୍ତ୍ସିତ। ଆତଙ୍କବାଦୀଙ୍କୁ ଲଗାମ ନ ଲଗାଇଲେ ଆମେରିକାରୁ ମିଳିବ ନାହିଁ ଆର୍ଥିକ ସହାୟତା। ପାକିସ୍ତାନ ଉପରେ ଏବେ ପଡ଼ିଛି ଏପରି ରାହୁ ଦଶା। ଏଭଳି ସମୟରେ ଦେଶର ଶାସନ ମଙ୍ଗ ଧରିଛନ୍ତି କ୍ରିକେଟରରୁ ରାଜନେତା ପାଲଟିଥିବା ପିଟିଆଇ ନେତା ଇମ୍ରାନ ଖାନ୍। ଇମ୍ରାନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସମ୍ଭବତଃ ଦେଶର ବାସ୍ତବ ସ୍ଥିତିକୁ ହୃଦୟଙ୍ଗମ କରିଛନ୍ତି। ଏଥିପାଇଁ ସେ ଭାରତକୁ ଦେଇଛନ୍ତି ଶାନ୍ତିର ପ୍ରସ୍ତାବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ସେ ଗତ ୧୪ ତାରିଖରେ ଏକ ପତ୍ର ଲେଖିଛନ୍ତି। ସେଥିରେ ଇମ୍ରାନ ଉଲ୍ଲେଖ କରିଛନ୍ତି ଯେ, ଆତଙ୍କବାଦ ସମେତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଲୋଚନା ପାଇଁ ସେ ଆଗ୍ରହୀ। ଏଥିପାଇଁ ଆସନ୍ତା ୨୫ରେ ନ୍ୟୁୟର୍କରେ ହେବାକୁ ଥିବା ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ) ଅଧିବେଶନ ପରିପ୍ରେକ୍ଷୀରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଓ ପାକିସ୍ତାନ ପ୍ରତିପକ୍ଷ ଶାହ ମେହମୁଦ୍ କୁରେଶୀ ପରସ୍ପରକୁ ଭେଟିବେ। ଉଭୟେ ଏହି ଶାନ୍ତିବାର୍ତ୍ତାକୁ ଆଗକୁ ବଢ଼ାଇବା ଲାଗି ଉଦ୍ୟମ କରିବେ। କଶ୍ମୀର ସମେତ ଅନ୍ୟ ସମସ୍ତ ପ୍ରସଙ୍ଗର ସମାଧାନ ଆପୋସ ବୁଝାମଣା ଭିତ୍ତିରେ କରାଯାଉ। ସେହିପରି ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବାକୁ ଇସ୍‌ଲାମାବାଦରେ ସାର୍କ ସମ୍ମିଳନୀ କରାଯାଉ। ମୋଦି ଏଥିରେ ଯୋଗଦିଅନ୍ତୁ ବୋଲି ଇମ୍ରାନ ନିମନ୍ତ୍ରଣ କରିଛନ୍ତି। ଭାରତ-ପାକିସ୍ତାନ ସମ୍ପର୍କରେ ସକାରାତ୍ମକ ପରିବର୍ତ୍ତନ ସକାଶେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ଉଲ୍ଲେଖନୀୟ ଅବଦାନକୁ ମଧ୍ୟ ସେ ଏହି ଅବସରରେ ସ୍ମରଣ କରିଛନ୍ତି। ପ୍ରକାଶ ଯେ, ଇମ୍ରାନ ଜୁଲାଇରେ ନିର୍ବାଚନରେ ବିଜୟୀ ହେବା ପରେ ଭାରତ ସହ ଆଲୋଚନା ଲାଗି ତୃତୀୟଥର ପାଇଁ ପ୍ରସ୍ତାବ ଦେଇଛନ୍ତି।



**ପଡ଼ୋଶୀର ପ୍ରସ୍ତାବ**

- ପାକିସ୍ତାନ ଯିବାକୁ ମୋଦିଙ୍କୁ ନିମନ୍ତ୍ରଣ
- ଆତଙ୍କବାଦ ନେଇ ଆଲୋଚନା ପାଇଁ ପ୍ରସ୍ତୁତ
- ସମ୍ପର୍କ ସୁଦୃଢ଼ କରିବାକୁ ଇସ୍‌ଲାମାବାଦରେ ହେଉ ସାର୍କ ସମ୍ମିଳନୀ
- ନ୍ୟୁୟର୍କରେ ୨ ଦେଶର ବହିର୍ବ୍ୟାପାର ମନ୍ତ୍ରୀଙ୍କ ସାକ୍ଷାତ୍ ହେଉ
- ଉଭୟେ ଶାନ୍ତିବାର୍ତ୍ତା ପ୍ରସ୍ତାବ ଆଗକୁ ବଢ଼ାଇବେ
- କଶ୍ମୀର ସମେତ ସବୁ ପ୍ରସଙ୍ଗର ସମାଧାନ ଜରୁରୀ

## ୟୁଏନ୍‌ଜିଏରେ ହେବ ସୁଷମା-କୁରେଶୀ ଭେଟ

ନୂଆଦିଲ୍ଲୀ,୨୦।୯(ପି.ଟି.)



ସେପ୍ଟେମ୍ବର ୨୫ରେ ନ୍ୟୁୟର୍କରେ ୟୁଏନ୍‌ଜିଏ ବୈଠକ ହେବ। ଏହି ଅଧିବେଶନ ୯ ଦିନ ଧରି ଚାଲିବ। ଏଥିରେ ଭାରତରୁ ପ୍ରତିନିଧିତ୍ୱ କରିବେ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ। ସେ ଏହି ପରିପ୍ରେକ୍ଷୀରେ ପାକିସ୍ତାନର ଅନୁରୋଧ ରକ୍ଷାକରି ପ୍ରତିପକ୍ଷ ଶାହ ମେହମୁଦ୍ କ୍ୟୁରେଶୀଙ୍କୁ ଭେଟିବେ। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କେବେ ଉଭୟଙ୍କ ମଧ୍ୟରେ ସାକ୍ଷାତ୍ ହେବ ତାହା ସ୍ଥିର ହୋଇନାହିଁ ବୋଲି ଭାରତର ବହିର୍ବ୍ୟାପାର ମୁଖପାତ୍ର ରବୀଶ କୁମାର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଶାନ୍ତି ଆଲୋଚନା ପ୍ରସ୍ତାବ ପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏହାକୁ ଗ୍ରହଣ କରି ଦ୍ୱିପାକ୍ଷିକ ବାର୍ତ୍ତା ଦିଗରେ ଅଗ୍ରସର ହେବେ ବୋଲି ପିଡିପି ଅଧ୍ୟକ୍ଷା ମେହବୁବା ଆଶାବ୍ୟକ୍ତ କରିଛନ୍ତି।

## ସେପ୍ଟେମ୍ବର ୨୯ ହେବ ‘ସର୍ଜିକାଲ ଷ୍ଟ୍ରାଇକ୍ ଦିବସ’

ନୂଆଦିଲ୍ଲୀ,୨୦।୯(ପି.ଟି.)

ଦେଶବ୍ୟାପୀ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଣିକି ସେପ୍ଟେମ୍ବର ୨୯କୁ ‘ସର୍ଜିକାଲ ଷ୍ଟ୍ରାଇକ୍ ଦିବସ’ ଭାବେ ପାଳନ କରାଯିବ। ଏନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଗୁରୁବାର ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ଦିବସ ପାଳନ ପାଇଁ କେତେକ କାର୍ଯ୍ୟକ୍ରମର ଆୟୋଜନ ହେବ।

## ସ୍କୁଲରେ ଛାତ୍ରୀଙ୍କୁ ୯ ମାସ ବଳାତ୍କାର କଲେ ପ୍ରିନ୍ସିପାଲ

ପାଟନା, ୨୦।୯

- ସ୍କୁଲ କିରାଣି ମଧ୍ୟ ସମ୍ପୃକ୍ତ
- ଗର୍ଭବତୀ ହେଲେ ପୀଡ଼ିତା
- ଦୁଇ ଅଭିଯୁକ୍ତ ଗିରଫ



ବିହାର ପାଟନା ଅନ୍ତର୍ଗତ ଫୁଲୱାରି ଶରିଫସ୍ଥିତ ଏକ ସ୍କୁଲର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ପରିସରରେ ପ୍ରିନ୍ସିପାଲ (ଅଧ୍ୟକ୍ଷ) ଏବଂ କିରାଣି ଉକ୍ତ ନାବାଳିକାଙ୍କୁ ୯ ମାସ କାଳ ଯୌନ ଶୋଷଣ କରିଛନ୍ତି। ଇତିମଧ୍ୟରେ ସେ ଗର୍ଭବତୀ ହୋଇଯାଇଥିଲେ ବୋଲି ଜଣାପଡ଼ିଛି। ଏହି ଜଘନ୍ୟ କାଣ୍ଡ ପ୍ରଘଟ ହେବା ପରେ ପ୍ରିନ୍ସିପାଲ ଏବଂ କିରାଣିଙ୍କୁ ପୋଲିସ ଗିରଫ କରିଛି।

ଅଭିଯୋଗ ଅନୁଯାୟୀ, ଛାତ୍ରୀଙ୍କୁ ବଳାତ୍କାର କରିବା ବେଳେ କିରାଣି ଭିଡିଓ ରେକର୍ଡିଂ କରିଥିଲେ। ଏହାପରେ ତାଙ୍କୁ ବ୍ଲାକ୍‌ମେଲ କରି ବାରମ୍ବାର ଶାରୀରିକ ସମ୍ପର୍କ ସ୍ଥାପନ କରିବାକୁ ବାଧ କରିଥିଲେ। ଦୀର୍ଘଦିନ ଯୌନ ନିର୍ଯାତନାର ଶିକାର ହୋଇ ସୁଦ୍ଧା ନାବାଳିକା ଜଣକ ଭୟରେ ଚୁପ୍ ରହୁଥିଲେ। ଦିନେ ସ୍କୁଲରୁ ଫେରି ଘରେ ସେ ବାନ୍ତି କରିବାରୁ ପରିବାର ଲୋକେ ତାଙ୍କୁ ହସ୍ପିଟାଲ ନେଇଗଲେ। ପରୀକ୍ଷା ପରେ ଡାକ୍ତର କହିଲେ, ଛାତ୍ରୀ ଜଣକ ଗର୍ଭବତୀ ଅଛନ୍ତି ଏବଂ ତାଙ୍କ ଗର୍ଭରେ ଦୁଇମାସର ଭ୍ରୂଣ ବଢ଼ୁଛି। ଏହାପରେ ତାଙ୍କ ଉପରେ ବିତିଥିବା ୯ ମାସର ଯୌନ ନିର୍ଯାତନା ଘଟଣା ପଦାରେ ପଡ଼ିଗଲା। ସ୍କୁଲ ପ୍ରିନ୍ସିପାଲ ଏବଂ କିରାଣି ତାଙ୍କୁ ବଳାତ୍କାର କରିଥିବା ପୀଡ଼ିତା କହିବା ପରେ ପରିବାର ଲୋକେ ଥାନାରେ ଏତଲା ଦାଏର କରିଛନ୍ତି। ଏହି ଘଟଣାର ତଦନ୍ତ ଚାଲିଥିବା ପାଟନାର ବରିଷ୍ଠ ଏସ୍‌ପି ମନୁ ମହାରାଜ କହିଛନ୍ତି। ଗୁରୁବାର ପୀଡ଼ିତାଙ୍କ ଡାକ୍ତରିମାଇନା ହୋଇଛି। ତାଙ୍କୁ ବଳାତ୍କାର କରାଯାଇଥିବା ସ୍ପଷ୍ଟ ହୋଇଯିବା ପରେ ଅଭିଯୁକ୍ତ ପ୍ରିନ୍ସିପାଲ ଏବଂ କିରାଣିଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ବୁଧବାର ଉଭୟଙ୍କୁ ଗିରଫ କରାଯାଇଛି ବୋଲି ମହାରାଜ କହିଛନ୍ତି।

## ମହିଳାଙ୍କୁ ବଳାତ୍କାର କଲେ ପୋଲିସ ବାବୁ

ନୂଆଦିଲ୍ଲୀ, ୨୦।୯(ପି.ଟି.)

ରାଜଧାନୀ ଦିଲ୍ଲୀରେ ଜଣେ ସହକାରୀ ପୋଲିସ କମିଶନର (ଏସିପି)ଙ୍କ ବିରୋଧରେ ଆସିଛି ସଙ୍ଗିନ ଅଭିଯୋଗ। ଜଣେ ମହିଳା ଏବଂ ତାଙ୍କ ନାବାଳିକା ଝିଅଙ୍କୁ ଏହି ପୋଲିସ ବାବୁ ବଳାତ୍କାର କରିଥିବା ଆରୋପ ହୋଇଛି। ଏନେଇ ଗୁରୁବାର ପୋଲିସ ସୂଚନା ଦେଇଛି।

ଗତ ଜୁଲାଇରେ ଏସିପି ରମେଶ ଦହିୟାଙ୍କ ବିରୋଧରେ ଅଭିଯୋଗ ଦାଏର କରିଥିଲେ ପୀଡ଼ିତା ମହିଳା। ସେଥିରେ ସେ ଦର୍ଶାଇଥିଲେ ଯେ, ଅପରାଧୀ କାର୍ଯ୍ୟକଳାପ ସହ ଜଡ଼ିତ ସ୍ୱାମୀଙ୍କ ମୃତ୍ୟୁ ପରେ ଏହି ପୋଲିସ ବାବୁଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ତାଙ୍କୁ ଦହିୟା ହଇରାଣ କରୁଥିବା ସେ କହିଥିଲେ। ପୁନର୍ବାର ସେପ୍ଟେମ୍ବର ୧୮ରେ ପୀଡ଼ିତା ମହିଳା ଆଉ ଏକ ଏତଲା ଦାଏର କରିଛନ୍ତି। ଏଥର ତାଙ୍କ ଅଭିଯୋଗ ହେଲା, ସମ୍ପୃକ୍ତ ପୋଲିସ ଅଫିସର ତାଙ୍କୁ ଏବଂ ତାଙ୍କ ନାବାଳିକା ଝିଅଙ୍କୁ ବଳାତ୍କାର କରିବା ସହ ପୁଅକୁ ଅପହରଣ କରିଛନ୍ତି। ଅଭିଯୋଗର ଦିନକ ପରେ ଅର୍ଥାତ୍ ବୁଧବାର ଏନେଇ ମାମଲା ରୁଜୁ ହୋଇଛି। ଏହା ଏକ ସଙ୍ଗିନ ମାମଲା ହୋଇଥିବାରୁ ତଦନ୍ତ ଭାର କ୍ରାଇମ୍ ବ୍ରାଞ୍ଚ୍‌କୁ ନ୍ୟସ୍ତ କରାଯାଇଛି। ତେବେ ଅଭିଯୁକ୍ତ ପୋଲିସ ବାବୁ ମହିଳାଙ୍କ ଆରୋପକୁ ଖଣ୍ଡନ କରିଛନ୍ତି।

## ଫୁର୍‌ସତ

### ବୃଷ୍ଟିପାତ ଧାରାର ସୂଚନା ମିଳିବ




**କୋଲକାତା:** ଆଇଆଇଟି ଖଡ଼ଗପୁର (ଆଇଆଇଟି-କେଜିପି)ର ଗବେଷକମାନେ ଏକ ନୂଆ ପରିସଂଖ୍ୟାନ ଭିତ୍ତିକ ମଡେଲ୍ ବିକାଶ କରିଛନ୍ତି। ଭାରତର ବିଭିନ୍ନ ଅଞ୍ଚଳରେ ବୃଷ୍ଟିପାତ ଧାରା ଏବଂ ଏହାର ଗତିପଥ ସମ୍ପର୍କରେ ଏହା ପୂର୍ବାନୁମାନ କରିପାରିବ। ସେଣ୍ଟର ଫର ଓସନ୍ସ, ରିଭର୍ସ, ଆଟମସ୍ଫିୟର ଆଣ୍ଡ ଲ୍ୟାଣ୍ଡ ସାଇନ୍ସ (ସିଓଆରଏଏଲ୍)ର ଗବେଷକଙ୍କ ଦ୍ୱାରା ଏହି ମଡେଲ ବିକଶିତ ହୋଇଛି। ସ୍ଥାନୀୟ ସ୍ଥିତି ଓ ଅନ୍ୟାନ୍ୟ ଦିଗକୁ ବିଚାରକୁ ନେଇ ଏହା ପାଣିପାଗ ପରିବର୍ତ୍ତନର କାରଣ ସମ୍ପର୍କରେ ଅନୁମାନ କରିବ। ଏହାଦ୍ୱାରା ବୃଷ୍ଟିପାତ ଧାରା ସମ୍ପର୍କରେ ଆଗୁଆ ସୂଚନା ମିଳିପାରିବ। ବିଶ୍ୱ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଭାରତରେ ବିଭିନ୍ନ ଅଞ୍ଚଳରେ ବୃଷ୍ଟିପାତରେ କିପରି ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି, ତାହା ଉପରେ ଦୀର୍ଘ ୩୮ ବର୍ଷର ପାଣିପାଗ ତଥ୍ୟକୁ ବ୍ୟବହାର କରି ଉକ୍ତ ମଡେଲ୍ ବିକାଶ କରାଯାଇଛି।

### ହିନ୍ଦୀ ଟୁଇଟ୍ ଲୋକପ୍ରିୟତା ବଢ଼ୁଛି

ୱାଶିଂଟନ୍:

ଭାରତରେ ହିନ୍ଦୀରେ ଟୁଇଟ୍ କରିବାର ଲୋକପ୍ରିୟତା ବୃଦ୍ଧିପାଇବାରେ ଲାଗିଛି। ଆମେରିକାରେ ଜଣେ ଭାରତୀୟଙ୍କ ସମେତ କେତେକ ଗବେଷକଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଏହା ଜଣାପଡିଛି। ୨୦୧୪ରୁ ଭାରତରେ ସୋସିଆଲ୍ ମିଡିଆର ପ୍ରସାର ହେବା ପରଠାରୁ ଇଂଲିଶ ଭାଷାଭାଷୀ ସହରାଞ୍ଚଳରୁ ସର୍ବାଧିକ ଟୁଇଟ୍ କରାଯାଉଛି ବୋଲି ଏହା ଉପରେ ଅଧ୍ୟୟନ କରିଥିବା ମିଶିଗାନ୍ ୟୁନିଭର୍ସିଟି ଗବେଷକ ଜୋୟୋଜିତ୍ ପଲ୍ ଏବଂ ଲିଜ୍ ବୋଜାର୍ଥ ପ୍ରକାଶ କରିଛନ୍ତି।

ଇଂଲିଶ୍ ତୁଳନାରେ ହିନ୍ଦୀ ଭାଷାରେ ଟୁଇଟ୍ ଭାରତରେ ଅଧିକ ପସନ୍ଦଯୋଗ୍ୟ ହେବା ସହିତ ଅଧିକ ମାତ୍ରାରେ ଏହାକୁ ଶେୟାର କରାଯାଉଛି। ୨୦୧୭ରେ ବହୁଳ ଭାବରେ କରାଯାଇଥିବା ୧୫ଟି ରିଟୁଇଟ୍ ମେସେଜ୍ ମଧ୍ୟରୁ ୧୧ଟି ହିନ୍ଦୀ ଭାଷାରେ ଭାରତୀୟ ରାଜନେତାଙ୍କ ଦ୍ୱାରା ହୋଇଥିବା ସୂଚନା ମିଳିଛି। ସୋସିଆଲ୍ ମିଡିଆକୁ ଅନୁସରଣ କରିବାରେ ଭାରତୀୟ ଜନତା ପାର୍ଟି ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ଉକ୍ତ ଅଧ୍ୟୟନ ଅନୁଯାୟୀ, ୨୦୧୬ ପରଠାରୁ ଭାଜପା, କଂଗ୍ରେସ ଏବଂ ଆଞ୍ଚଳିକ ଦଳଗୁଡିକ ହିନ୍ଦୀ ଭାଷାରେ ଅପେକ୍ଷାକୃତ ଭଲ ଟୁଇଟ୍ କରୁଛନ୍ତି। ଇଂଲିଶ୍ ଓ ହିନ୍ଦୀ ତୁଳନାରେ ଅଣ-ହିନ୍ଦୀ ଆଞ୍ଚଳିକ ଭାଷାରେ ସେପରି ଭଲ ଟୁଇଟ୍ କରାଯାଇ ପାରୁ ନ ଥିବା ଗବେଷକ ପଲ୍ ପ୍ରକାଶ କରିଛନ୍ତି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ଘଣ୍ଟା ପ୍ରତି ୮୦ କି.ମି. ବେଗରେ ପବନ ବହିପାରେ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ ଓ ପ୍ରବଳ ବର୍ଷା ହେବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୬ | ୨୨.୬ |
| ଚାନ୍ଦବାଲି | ୨୯.୮ | ୨୪.୦ |
| କଟକ | ୨୭.୫ | ୨୨.୬ |
| ପାରାଦ୍ୱୀପ | ୨୯.୨ | ୨୫.୦ |
| ଭୁବନେଶ୍ୱର | ୨୭.୧ | ୨୪.୦ |
| ଗୋପାଳପୁର | ୩୦.୦ | ୨୪.୮ |
| ପୁରୀ | ୨୯.୪ | ୨୩.୬ |
| ଅନୁଗୋଳ | ୨୮.୧ | ୨୦.୬ |
| ବାରିପଦା | ୨୭.୫ | ୨୪.୫ |
| ଝାରସୁଗୁଡ଼ା | ୨୯.୪ | ୨୫.୯ |
| କେନ୍ଦୁଝର | ୨୪.୭ | ୨୩.୦ |
| ସମ୍ବଲପୁର | ୨୯.୧ | ୨୬.୦ |
| ସୁନ୍ଦରଗଡ଼ | ୩୨.୦ | ୨୨.୦ |
| ହୀରାକୁଦ | ୨୯.୨ | ୨୬.୪ |
| ତାଳଚେର | --- | ୨୫.୩ |
| ଭବାନୀପାଟଣା | --- | ୨୫.୦ |
| ବଲାଙ୍ଗୀର | ୩୦.୦ | ୨୪.୨ |
| କୋରାପୁଟ | ୨୪.୦ | ୨୦.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୦.୦ | ୨୨.୦ |
| ମାଲକାନଗିରି | ୨୭.୦ | --- |
| ସୋନପୁର | ୨୯.୮ | ୨୫.୦ |
| ଦାରିଙ୍ଗିବାଡ଼ି | ୨୩.୦ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ସ୍ମିତା ପାଟିଲ୍ ପୁରସ୍କାର ଯଥାର୍ଥ




ମୁମ୍ବାଇ:

ଅଭିନେତ୍ରୀ ଅନୁଷ୍କା ଶର୍ମା ସର୍ବଶ୍ରେଷ୍ଠ ଅଭିନୟ ଲାଗି ସ୍ମିତା ପାଟିଲ୍ ପୁରସ୍କାର ପାଇଥିବା ବେଳେ ଏହା ତାଙ୍କ କ୍ୟାରିୟର ପାଇଁ ଯଥାର୍ଥ ବୋଲି ବର୍ଣ୍ଣନା କରିଛନ୍ତି। ବୁଧବାର ପ୍ରିୟଦର୍ଶିନୀ ଏକାଡେମୀ ଗ୍ଲୋବାଲ ଆୱାର୍ଡସ-୨୦୧୮ ଅବସରରେ ଖବରଦାତାଙ୍କୁ ସମ୍ବୋଧନ କରି ଅନୁଷ୍କା କହିଲେ, ଏହା ମୋ ପାଇଁ ଏକ ସ୍ୱତନ୍ତ୍ର ଦିନ। କାରଣ ଏହି ଦିନ ଫିଲ୍ମ ଇଣ୍ଡଷ୍ଟ୍ରିରେ ମୋ କ୍ୟାରିୟର୍‌ର ୧୦ବର୍ଷ ପୂରଣ ହେଉଛି। ମୋ ପସନ୍ଦ ମୁତାବକ କ୍ୟାରିୟରକୁ ଏହା ବିଧିସିଦ୍ଧ କରୁଛି।

ମୁଁ ଫିଲ୍ମ ପୃଷ୍ଠଭୂମିରୁ ଆସିନାହିଁ। ମୋ ଅଭିନୟ ଯାତ୍ରାପଥରେ କୌଣସି ଜଣେ ମାର୍ଗଦର୍ଶକ ନାହାନ୍ତି। ଅନୁଷ୍କାଙ୍କ ଅଭିନୀତ ଫିଲ୍ମ ‘ସୁଇ ଧାଗା’ ସେପ୍ଟେମ୍ବର ୨୮ରେ ରିଲିଜ୍ ହେବାକୁ ଯାଉଛି। ୨୦୧୪ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଲଞ୍ଚ୍ କରାଯାଇଥିବା ‘ମେକ୍ ଇନ୍ ଇଣ୍ଡିଆ କ୍ୟାମ୍ପେନ୍’ ଦ୍ୱାରା ଏହା ଅନୁପ୍ରେରିତ। ବୟନ ଶିଳ୍ପ ସମେତ ଭାରତର ସ୍ୱଦେଶୀ ଶିଳ୍ପର ପ୍ରସାର କରିବା ଏହାର ଉଦ୍ଦେଶ୍ୟ।

ଉକ୍ତ ଫିଲ୍ମରେ ଅନୁଷ୍କାଙ୍କ ବିପକ୍ଷରେ ଅଭିନୟ କରିଛନ୍ତି ବରୁଣ ଧାୱନ୍। ଯଶ୍‌ରାଜ ଫିଲ୍ମ ବ୍ୟାନରରେ ନିର୍ମିତ ଏହି ଫିଲ୍ମର ପ୍ରଯୋଜକ ମନୀଷ୍ ଶର୍ମା ଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଶରତ କଟାରିୟା।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# JEE Advanced, JEE Main, KVPY, Olympiads, NSEJS & NTSE aspirants

## What does FIITJEE mean to you ?

**F**ocus
**I**ntensity
**I**magination
**T**enacity
**J**oy
**E**nquiry
**E**nthusiasm

If you have FIITJEE inside you, we give you a Guarantee that you will achieve your goals or your full fee will be refunded*, when you join a FIITJEE Classroom / Integrated School Program.

FIITJEE offers

**Success Guarantee Challenge***

*Available to all Students (presently in class VIII, IX & X) qualifying for admission to FIITJEE, on payment of Success Guarantee Challenge fee which is about 10% of the Gross fee. The challenge emanates from our sincerity, dedication towards Students and our confidence on the basis of our expertise honed by 26 years of experience. Success Guarantee Challenge is optional. For details, please visit your nearest FIITJEE Study Centre.

## Mark this Date

**FTRE - 2018**
23rd December 2018

## NTSE 2018
Results

**ALL INDIA TOPPER**



Marks - **186 / 197**

L Gokulnath
Four Year Classroom Program + UDAYA - Two Year Classroom Program at FIITJEE Noida Centre

Total **400#** FIITJEE Students have been awarded NTSE Scholarships.

# This is the Highest Number for any institute in the Country. (Results are from General Category only)

- **We innovate, others follow**
- We were the ones who created the first IQ test specifically to test potential of a Student for IIT-JEE / JEE Advanced.
- We are the only institute in India that has the capability to predict accurate Rank Potential Index (RPI) / Success Potential Index (SPI) of a Student & have the expertise to take the Student beyond the demonstrated potential.
- We were the first to launch courses for Class VI, VII & VIII focusing on enhancing Logical Thinking, IQ, Mental Ability, at a level required for National Level Scholastic Exams like NTSE & NSEJS.
- We were the first to give Students the Integrated Environment to have synchronised study, simultaneously preparing the Students for School, Boards & all Competitive Exams.
- We were the first to launch Four Year rigorous training for IIT-JEE, giving Students more time to prepare and secure the Top Ranks in IIT-JEE along with attaining success in various other Competitive & Scholastic Exams.
- We were the ones who created the first Crash Correspondence course, Grand Masters Package (GMP) for IIT-JEE enabling a Student, who only prepared for Boards, to start preparing & clear IIT-JEE in 5 – 6 weeks only.
- We were the first to create & launch an AITS (All India Test Series) for IIT-JEE / JEE Advanced.
- We are the only institute capable of training faculty for not just IIT-JEE / JEE Advanced but also for JEE Main, KVPY, Olympiads & NTSE. Other institutes have tried & failed miserably.
- We are the only system driven, corporatised institute in the Test Prep space. Preparing a child for success is much more than mere teaching. No one, we mean no one, except FIITJEE can do it consistently. When your child is at FIITJEE, he / she is in the best system and his / her future does not depend upon chance.
- **Nobody can compare with our results in** JEE Advanced / IIT-JEE, JEE Main, Boards, KVPY, Olympiads, NSEJS & NTSE.
- **No one can beat our expertise** – Our 26 years of unblemished record is filled with excellence & extraordinariness.
- **Total Success Approach** – We prepare our Students comprehensively. Every Student is given the desired inputs to unravel his / her hidden potential & ensure optimum success in JEE Advanced, JEE Main, Boards, KVPY, Olympiads, NSEJS & NTSE. In the end, most of our Students get admission in IITs, NITs & IIITs. Those who cannot fit in Indian Education System are guided successfully for Admission in Top Universities of the world in USA, UK & Singapore. Visit *www.usaunivquest.com*
- **Value System** – We are 100% transparent & truthful. Our value system is uncompromised. In our company, your child will imbibe good value system & positive personality traits.

**Unable to join our Integrated School or Classroom Program ! Solutions ↓**

**For Students of Class XI, XII & XII Pass**

The Ultimate & All-in-One Program !

**Rankers Study Material**
for JEE Advanced 2019 & 2020

Rankers Study Material = Comprehensive Study Material + Computer Based All India Test Series + Concept Strengthening Classroom Program (CSCP) + Phase Tests & Problems Package + myPAT - Online Test Series

**Achievers Study Material**
for JEE Main 2019 & 2020

(Achievers Study Material = Comprehensive Study Material + Computer Based All India Test Series + Phase Tests & Problems Package + myPAT - Online Test Series)

Test your preparedness for JEE with the Best Test Series among all !

**Computer Based All India Test Series**
for JEE Main & Advanced 2019 & 2020

Concept Strengthening Classroom Program* | myPAT - On-line Test Series | On-line doubt removal support | On-line tips & illustrations | Marks also on web for each test with analysis chart at www.fiitjee.com

* Available at all FIITJEE / select AITS Centres.

**For Students of Class XII / XII Pass**

The ideal tool for the Ultimate Finish !

**Grand Masters Package**
for JEE Advanced 2019

An exclusive fundamental search based package of 1500 Top quality problems on new JEE pattern.

**For Students of Class IX & X**

**Junior Rankers Study Material**
for Excellence in Jr. Science / Math Olympiad / School Studies, and Foundation of JEE / KVPY / Olympiads / NTSE

Junior Rankers Study Material = Comprehensive Study Material along with Jr. All India Test Series + Phase Tests & Problems Package + myPAT - Online Test Series

www.fiitjee-distancelearning.com
For more details, call : **011 - 46104000**

**In the long run FIITJEE is more beneficial for your success & career even at 10 times the fee of the next coaching institute.**

Dear Students, you need to study with the best. Can you afford to take chances, when your career is at stake ?

*Take your first step & register for*

**BIGBANG EDGE TEST**
**Sunday 14th October 2018**

For Students Presently in Class V, VI, VII, VIII, IX, X & XI

For Registration, log on to **www.fiitjeelogin.com** | Last Date to Register : **27th Sept. 2018** with Rs. 200/-* and **11th October 2018** with Rs. 300/-* (*inclusive of GST) | **www.bigbangedge.com**

## FIITJEE TALENT SUPPORT EXAM

**14th October 2018**

*For JEE 2019 Aspirants !*
(Class XII & XII Pass Students)

Last Date to Register : 11th October 2018
Fee for Exam : Rs. 200/- (inclusive of GST).
For more details, visit **www.ftse.fiitjee.com**

*FIITJEE Summons You to Experience Success in a Confident Way !*

**FIITJEE**
FORUM FOR IIT-JEE

**Bhubaneswar (Unit - IX) Centre :** Bharat Scouts & Guides Complex, Scouts Bhawan, 1st & 2nd Floor, C - IX / 8, Unit - 3, Bhubaneswar - 751 022 Ph.: 0674 - 2392022, 2396725, 2394925 **Bhubaneswar (Infocity) Centre :** E3, Infinia Tower, Ist Floor, Near Infocity Square, Patia, Bhubaneswar Ph: 8117084613, 0674 - 2394825 **Cuttack Centre :** Shri Kailash Plaza, 3rd Floor, Opp. BSNL Bhawan, Link Road, Cuttack Ph: 0671 - 2367105, 9040032630

Join **FIITJEE Junior College at Bhubaneswar** to have Simultaneous preparation for JEE (Main & Advanced) along with that for Board Exams. | **FIITJEE now also at INFOCITY**

**National Admissions Office:** FIITJEE House, 29-A, Kalu Sarai, Sarvapriya Vihar, New Delhi Toll Free No. 1800 11 4242 Web: www.fiitjee.com www.facebook.com/fiitjeeindia123 www.twitter.com/fiitjee www.youtube.com/fiitjeeltd

**FIITJEE - THE PREMIER INSTITUTE FOR IIT-JEE and More...**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆରାଧ୍ୟା
ପରିବାରବର୍ଗ


ଆର୍ଯ୍ୟନ୍
ପରିବାରବର୍ଗ


ସନ୍ତୋଷ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସଡ଼କ ଦୁର୍ଘଟଣା:ପରିବାରର ୪ ମୃତ, ଜଣେ ଗୁରୁତର

ସାଲେପୁର, ୨୦।୯ (ଡି.ଏନ୍.ଏ.)

କଟକ-ଚାନ୍ଦବାଲି ରାସ୍ତାର ଜଗତ୍‌ପୁର ଥାନା ଅଧୀନ ଅନନ୍ତପୁର ଛକରେ ବୁଧବାର ବିଳମ୍ବିତ ରାତିରେଏକ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ରହିଥିବା ଏକ ଟ୍ରକକୁ କାର ଧକ୍କା ଦେବାରୁ ଗୋଟିଏ ପରିବାରର ୪ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମୃତକମାନେ ହେଲେ ସାଲେପୁର ଥାନା ଅଧୀନ ପିକୋଳ ପଞ୍ଚାୟତ ସିମଲ୍‌ପଡ଼ା ମୁସ୍‌ଲିମ୍ ବସ୍ତିର ସେକ୍ ଶେହେର ଅଲ୍ଲୀ (୪୫), ତାଙ୍କ ସ୍ତ୍ରୀ ଆଲିଜା ବିବି (୪୦), ପୁଅ ସେକ୍ ସିରାଜ (୨୧), ପୁତୁରା ସେକ୍ ସନୱର୍ ଅଲ୍ଲୀ (୨୮)। ଅନ୍ୟ ଜଣେ ପୁତୁରା ଆଶିଷ୍ ଜମାଲ୍ (୩୦) ଗୁରୁତର ହୋଇ ଜଗତ୍‌ପୁରର ଏକ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ରହିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ କାର୍‌କୁ ଜବତ କରିଛି। ଏନେଇ ପୋଲିସ ପକ୍ଷରୁ ଜଗତପୁର ଥାନାରେ ଏକ ମାମଲା (ନଂ ୨୫୬/୧୮) ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଆଇଆଇସି ବିରଞ୍ଚି ନାରାୟଣ ପତି ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ, ସିରାଜ ବେଙ୍ଗାଲୁରୁରେ କାମ କରନ୍ତି। ଗତ ମାସରେ ଇଦ୍ ପର୍ବ ଲାଗି ସେ ଘରକୁ ଆସିଥିଲେ। ବୁଧବାର ତାଙ୍କର ବେଙ୍ଗାଲୁର ଫେରିଯିବାର ଥିଲା। ଏନେଇ ପରିବାର ଲୋକେ ସିରାଜଙ୍କୁ ଭୁବନେଶ୍ୱର ରେଲୱେ ଷ୍ଟେଶନ୍ ଛାଡ଼ିବା ପାଇଁ ରାତିରେ ବାହାରି ଥିଲେ। ବାଟରେ ଗଲାବେଳେ ଅନନ୍ତପୁର ଛକର ରାସ୍ତା ପାର୍ଶ୍ୱରେ ଅଟକିଥିବା ଏକ ଟ୍ରକ ସହ ତାଙ୍କ କାର ଧକ୍କା ହୋଇଥିଲା। ଫଳରେ କାର୍‌ଟି ସମ୍ପୂର୍ଣ୍ଣ ଭାଙ୍ଗି ଚୂରମାର୍ ହୋଇଯାଇଥିଲା। ଘଟଣାସ୍ଥଳରେ ଶେହରଙ୍କ ସମେତ ଆଲିଜା ଓ ସିରାଜଙ୍କ ମୃତ୍ୟୁ ଘଟିଥିଲା। କାରରେ ଥିବା ପୁତୁରା ସନୱର୍ ଓ ଆଶିଷ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ସନୱରଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ସିମଲ୍‌ପଡ଼ା ଗ୍ରାମକୁ ପଠାଇ ଦିଆଯାଇଛି। ଗ୍ରାମରେ ମୃତଦେହଗୁଡ଼ିକ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ସାଲେପୁର ବ୍ଲକ୍ ପ୍ରାକ୍ତନ ଉପାଧ୍ୟକ୍ଷ ଦିଲୀପ ଦାଶ ଓ ପିକୋଳ ସରପଞ୍ଚ ରଣଜିତ୍ ଦାସ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଅନୁକୂଳ ଗ୍ରହସ୍ଥିତି ଆପଣଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପ୍ରଦାନ କରିବ। ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ ସାଙ୍ଗକୁ ଆନୁଷ୍ଠାନିକ କାମରୁ ଖୁସି ରହିବେ। ସନ୍ତାନ ହେତୁକ କିଛିଟା ସମସ୍ୟା ମନକୁ ବିଚଳିତ କରିପାରେ। ସମ୍ମୁଖରେ ଭଲ ଭଲ କହୁଥିବା ଲୋକ ପଛରେ ବିଭିନ୍ନ ପ୍ରକାରର କଥା କହିବେ। ଆର୍ଥିକ ସ୍ଥିତି ଦୁର୍ବଳ ହେବାରୁ ଚିନ୍ତା ବଢ଼ିପାରେ।

**ବୃଷ** ସାମଗ୍ରିକ ଦୃଷ୍ଟିକୋଣରୁ ଦ୍ୱିଜା ନକ୍ଷତ୍ର ସକାଶେ ଦିନଟି ପ୍ରୀତିପ୍ରଦ ରହିବ। ଅବଶ୍ୟ ଶନିଙ୍କ ଦଶମ ଦୃଷ୍ଟି ରବିଙ୍କ ଉପରେ ପଡୁଥିବାରୁ ପାରିବାରିକ କ୍ଷେତ୍ରରେ ସାମାନ୍ୟ କଥାରେ ମନୋମାଳିନ୍ୟ ଘଟିପାରେ। ଏହା ସାଙ୍ଗକୁ ଉପରିସ୍ଥ କର୍ମଚାରୀଙ୍କ ସହ ମତାନ୍ତରର ଆଶଙ୍କା ମଧ୍ୟ ରହିଛି। ପାଖ ପଡୋଶୀମାନେ ସହଯୋଗର ହାତ ବଢାଇପାରନ୍ତି।

**ମିଥୁନ** ଅଷ୍ଟମ ଚନ୍ଦ୍ର ପ୍ରଭାବରୁ ସାଧାରଣ କଥାରେ ମାନସିକ ଉତ୍ତେଜନା ବୃଦ୍ଧି ପାଇବା କଳହର କାରଣ ହୋଇପାରେ। କିନ୍ତୁ ବୁଧଙ୍କ ଶୁଭଦୃଷ୍ଟିରୁ କୌଣସି ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିପାରିବେ। ବିଶେଷଭାବେ ପ୍ରଶାସନ, ପ୍ରକାଶନ, ରାଜନୀତି, ସଂଗଠନ, ସଭାସମିତି କ୍ଷେତ୍ରରେ ପ୍ରଶଂସିତ ହେବେ।

**କର୍କଟ** ଉଚ୍ଚସ୍ଥ ରାହୁ ଓ ବଳବାନ୍ ମଙ୍ଗଳ ଆପଣଙ୍କ କର୍ମକ୍ଷେତ୍ରରେ ଯଶ ଓ ସମ୍ମାନର ଅଧିକାରୀ କରାଇବ। ପ୍ରିୟଜନଙ୍କ ସହଯୋଗ ସଭାସମିତି ଓ ଆନୁଷ୍ଠାନିକ କାମକୁ ଅଗ୍ରଗାମୀ କରାଇବାରେ ସହାୟକ ହେବ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଅଶାନ୍ତି ବଢ଼ିବ। କ୍ରୀଡା, ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** ଦ୍ୱିତୀୟ ଭାବରେ ରବି ଓ ବୁଧଙ୍କ ସ୍ଥିତି ଆପଣଙ୍କ ଓଜସ୍ୱିନୀଭାଷା ଗୁଣଗ୍ରାହୀଙ୍କ ଦ୍ୱାରା ପ୍ରଶଂସିତ ହେବ। ଆର୍ଥିକ ଉନ୍ନତି ସହ ସମ୍ମାନଜନକ ସ୍ଥିତିରେ ଦିନଟି ସ୍ମରଣୀୟ ରହିବ। କିନ୍ତୁ କେତୁ ଯୁକ୍ତ ମଙ୍ଗଳ ପ୍ରଭାବରୁ ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ କରି ଅନୁତପ୍ତ ହୋଇପାରନ୍ତି। କଚେରି ମାମଲାର ଶୁଣାଣିରୁ ଖୁସି ରହିବେ।

**କନ୍ୟା** ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ ନେଇ କାମ ହାସଲ କରିବେ। କିନ୍ତୁ କଥା ପ୍ରସଙ୍ଗରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କିମ୍ବା ପରିବହନ କ୍ଷେତ୍ରରେ ଅଧିକ କିଛି ଆଶା କାରଣରୁ କଳହର ସମ୍ଭାବନା ରହିଛ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ କାମ ମଧ୍ୟ ହୋଇଯିବ।

**ତୁଳା** ସପ୍ତମଭାବାଧିପତି ଉଚ୍ଚସ୍ଥ ହେତୁ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସଫଳତା ପାଇବେ। ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ। ବିଭିନ୍ନ ସମସ୍ୟା ମଧ୍ୟରେ ବୁଡିରହି କାମଗୁଡିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢିଯିବ। ଶିଳ୍ପ, ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା** ତୃତୀୟଭାବରେ ଗ୍ରହମାନେ ନିକଟ ସମ୍ପର୍କୀୟ ତଥା ପଡୋଶୀଙ୍କ ସାହାଯ୍ୟ ଲାଭକରି ଅଭିଳଷିତ କାର୍ଯ୍ୟ ସାଧନ କରିବେ। ଚନ୍ଦ୍ରଙ୍କ ଶୁଭ ସଂସ୍ଥାନରୁ ଆପଣ ଯେଉଁ କାମରେ ହାତ ଦେବେ ସେଥିରେ ନିଶ୍ଚିତ ସଫଳତା ମିଳିବ। ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିପାରନ୍ତି।

**ଧନୁ** ଧନ ସ୍ଥାନରେ ଚନ୍ଦ୍ର ଓ ଏକାଦଶସ୍ଥ ଶୁଭଗ୍ରହ ଆଜିର କାମ ପାଇଁ ଅନୁକୂଳତା ପ୍ରଦାନ କରିବ। ସଂଯୋଗବଶତଃ ନିଜଲୋକମାନଙ୍କ ସାନ୍ନିଧ ଲାଭକରି ପୂର୍ବ ସଙ୍କଳ୍ପସାଧନ କ୍ଷେତ୍ରରେ ସମର୍ଥ ହେବେ। ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇବାର ବିଶେଷ ସମ୍ଭାବନା ରହିଛି।

**ମକର** ସ୍ୱଗୃହାଭିମୁଖୀ ଶନି ଓ ରାଶିସ୍ଥ ଗ୍ରହ ପ୍ରଭାବରୁ ପରିସ୍ଥିତି ପ୍ରତି ସଚେତନ ରହି କାମ କରିବାରେ ଆପଣଙ୍କ ଦୂରଦର୍ଶିତା ପ୍ରଣିଧାନଯୋଗ୍ୟ ହୋଇପାରେ। ଉପରିସ୍ଥ ଅଧିକାରୀମାନେ କାମହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଯେ କୌଣସି କ୍ଷେତ୍ରରେ ଆପଣଙ୍କ ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସାଙ୍ଗକୁ ଅନ୍ୟମାନଙ୍କ ସହଯୋଗରେ କୌଣସି କାମ ଅଟକି ରହିବ ନାହିଁ। ସ୍ୱଗୃହରୁ ଷଷ୍ଠସ୍ଥ ଶୁକ୍ର ହେତୁ ପରିବାରରେ ସାଧାରଣ କଥାରେ ହଠାତ୍ କଳହ ସୃଷ୍ଟି ହୋଇପାରେ। କଳା, କ୍ରୀଡା,ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଆଜି ପ୍ରତ୍ୟେକ କାମ ସାଧନ ପାଇଁ ଖର୍ଚ୍ଚାନ୍ତ ହେବାକୁ ପଡିବ। ତଥାପି ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ରବି ଓ ବୁଧଙ୍କ ପ୍ରଭାବରେ ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ।

ଆଜି ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ଶୁକ୍ରବାର, ବାମନ ଜନ୍ମ, ସୁନିଆଁ, (ପୁରୀ ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବଙ୍କ ୫୯ ଗତେ ୬୧ ଅଙ୍କ ଓ ୧୪୨୬ ସାଲ ଆରମ୍ଭ), ଇନ୍ଦ୍ରଧ୍ୱଜ ପୂଜା, ବୈଷ୍ଣବସମ୍ମତ ବିଜୟା ଏକାଦଶୀ ଉପବାସ, ଗରୁଡ ପାର୍ଶ୍ୱପରିବର୍ତ୍ତନ, ସେପ୍ଟେମ୍ବର ୨୧ ତାରିଖ, ଅନ୍ତର୍ଜାତୀୟ ଶାନ୍ତିଦିବସ, ରାଶି ନକ୍ଷତ୍ର-ଶ୍ରବଣା/ମକର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୦୯ମି. ମଧ୍ୟେ ଘ୪।୦୯ମି. ଗତେ, ଘ୫।୩୯ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୦୯ମି. ଗତେ ଘ୮।୩୯ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୦୯ମି. ଗତେ, ଘ୧୧।୪୦ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ମନ୍ତ୍ରୀଙ୍କ ପୁଅ ...

ମହେଶ୍ୱର ସାହୁ, ମନୋରଞ୍ଜନ ସାହୁ, ନିରଞ୍ଜନ ସାହୁ, ରଞ୍ଜନ ଜେନାଙ୍କ ନାମରେ ମାମଲା ରୁଜୁ ହୋଇଛି। ଏ ନେଇ ଡିଏସପି ଜେମ୍‌ସ ଟପୋ କହିଛନ୍ତି ଯେ, ଦେବାଶିଷଙ୍କୁ ଟାଙ୍ଗୀ ଅଞ୍ଚଳରୁ ଗିରଫ କରାଯାଇଛି। ଘଷିପୁରା ଥାନା ଅଞ୍ଚଳରେ ହୋଇଥିବା କେସ୍ ଏବଂ ପଦନାଠାରେ ପୋଲିସ ଉପରେ ଆକ୍ରମଣ ମାମଲାରେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଘଷିପୁରା ଥାନାରେ ମାମଲା (ନଂ. ୧୮୪/୨୦୧୮ ଓ ୧୧/୯/୨୦୧୮) ରୁଜୁ ହୋଇଛି। ଉକ୍ତ କେସ୍‌ର ଅଭିଯୋଗକାରୀ ସତ୍ୟବ୍ରତ ଜେନା ବୋଲି ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାରୁ...

### ଘୂର୍ଣ୍ଣିଝଡ଼ ରୂପନେଲା ...

କଦଳୀବଗିଚା, ଅମୃତଭଣ୍ଡା ଗଛ ଆଦି କ୍ଷତିଗ୍ରସ୍ତ ହେବ। ଦକ୍ଷିଣ ଓଡ଼ିଶା ଉପକୂଳରେ ସମୁଦ୍ର ଢେଉ ୦.୫ ମିଟର ଉଠିବ ବୋଲି ଅନୁମାନ କରାଯାଉଛି। ଘୂର୍ଣ୍ଣିଝଡ଼କୁ ଦୃଷ୍ଟିରେ ରଖି ପାରାଦୀପ, ଗୋପାଳପୁର, ଚାନ୍ଦବାଲି ଓ ପୁରୀରେ ୩ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ସମ୍ଭାବ୍ୟ ଘୂର୍ଣ୍ଣିଝଡକୁ ଦେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅପରାହ୍ଣରେ ସଚିବାଳୟଠାରେ ଜରୁରୀ ବୈଠକ ଡାକିଛନ୍ତି। ସ୍ଥିତି ଉପରେ ନଜର ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଯେପରି ଗୋଟିଏ ଜୀବନ ନଷ୍ଟ ନ ହୁଏ ସେଦିଗରେ ସମସ୍ତ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ କହିଛନ୍ତି। ଘୂର୍ଣ୍ଣିଝଡ଼ ଅତିକ୍ରମ କରିବା ପରେ ବିଜୁଳି, ରାସ୍ତାଘାଟ କ୍ଷତିଗ୍ରସ୍ତ ହେବାକୁ ଥିବାରୁ ଇଞ୍ଜିନିୟରିଂ ବିଭାଗଗୁଡିକ ତୁରନ୍ତ ମରାମତି ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଓଡ୍ରାଫ୍ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଝଡ଼ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଭାବିତ ହେବାକୁ ଥିବା ଜିଲାଗୁଡିକର ଜିଲାପାଳମାନଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଖାଲୁଆ ଅଞ୍ଚଳ ଓ ସମୁଦ୍ର କୂଳରେ ଥିବା ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ କୁହାଯାଇଛି। ଘୂର୍ଣ୍ଣିଝଡ଼ ବଡ଼ବାତ୍ୟାରେ ପରିଣତ ହେଉ ନ ଥିବାରୁ କ୍ଷୟକ୍ଷତିର ଆଶଙ୍କା ଅଧିକ ନାହିଁ। ବିଦ୍ୟୁତ୍ ଓ ଯୋଗାଯୋଗ ପୁନରୁଦ୍ଧାର କରିବା ପାଇଁ ଓ୍ୱେସ୍କୋ ଓ ନେସ୍କୋକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଗଣମାଧ୍ୟମକୁ କହିଛନ୍ତି।

ଲଘୁଚାପ ଯୋଗୁ ବୁଧବାର ରାତିରୁ ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲାରେ ବର୍ଷା ଲାଗିରହିଛି। ତୁହାକୁ ତୁହା ବର୍ଷା ସାଙ୍ଗକୁ ଝଡ଼ ପବନ ଜନଜୀବନକୁ ପ୍ରଭାବିତ କରିଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜଗତ୍‌ସିଂହପୁର ଜିଲାରେ ୯୦.୪ ମିଲିମିଟର ବର୍ଷା ହୋଇଥିବାବେଳେ କେନ୍ଦ୍ରାପଡ଼ା ୫୯.୯ ଏବଂ ବାଲେଶ୍ୱର ଜିଲାରେ ୫୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ୫ଟି ଜିଲାରେ ୨୫ରୁ ୫୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହୋଇଥିବା ସୂଚନା ମିଳିଛି। ପୁରୀ ଜିଲାରେ ୩୮.୪ ମିଲିମିଟର ବର୍ଷା ହୋଇଥିବା ବେଳେ କଟକରେ ୩୭, ଭଦ୍ରକରେ ୩୬.୭, ଯାଜପୁର ୩୩.୭ ଏବଂ ଖୋର୍ଦ୍ଧା ଜିଲାରେ ୩୧.୭ ମିଲିମିଟର ବର୍ଷା ହୋଇଛି। ଏହାଛଡା ଅନ୍ୟ ୨୦ଟି ଜିଲାରେ ମଧ୍ୟ ବର୍ଷା ହୋଇଥିବା ଜଣାପଡିଛି। ୩ଟି ଜିଲାର ୭ଟି ବ୍ଲକରେ ୧୦୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ରେକର୍ଡ କରାଯାଇଛି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ୧୨୫.୨ ଓ ବାଲିଆପାଳରେ ୧୧୪ ମିଲିମିଟର ବର୍ଷା ହୋଇଛି। ସେହିପରି ଜଗତ୍‌ସିଂହପୁର ଜିଲାର ଏରସମାରେ ୧୫୫, ତିର୍ତ୍ତୋଲରେ ୧୨୦, ବାଲିକୁଦାରେ ୧୧୪, କୁଜଙ୍ଗ ୧୧୦ ଏବଂ କେନ୍ଦ୍ରାପଡା ଜିଲାର ମାର୍ଶାଘାଇରେ ୧୧୫ ମିଲିମିଟର ବର୍ଷା ହୋଇଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ସ୍ୱାଭାବିକଠାରୁ ୧୪ ପ୍ରତିଶତ ଅଧିକ ବର୍ଷା ହୋଇଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ସମ୍ଭାବ୍ୟ ବାତ୍ୟା ନେଇ ସରକାରୀ ଛୁଟି ବାତିଲ

ଖୋର୍ଦ୍ଧା ଅଫିସ,୨୦।୯: ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଶୁକ୍ରବାର ମହରମ ଉପଲକ୍ଷେ ଥିବା ସରକାରୀ ଛୁଟିକୁ ବାତିଲ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଏମର୍ଜେନ୍ସି ବିଭାଗର ଚିଠି ନଂ. ୧୪,୭୦୭/୨୦।୯।୨୦୧୮ରେ ଏହି ଛୁଟି ବାତିଲ ହୋଇଛି। ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ନୟାଗଡ, ପୁରୀ ଆଦି ୫ଟି ଜିଲାର ସରକାରୀ କାର୍ଯ୍ୟାଳୟ ୨୧ ତାରିଖର ଛୁଟି ବାତିଲ ପାଇଁ ମୁଖ୍ୟମନ୍ତ୍ରୀ ସଚିବାଳୟରେ ଅନୁଷ୍ଠିତ ଜରୁରୀ ବୈଠକରେ ନିର୍ଦ୍ଦେଶ ଦେଇଥିଲେ।

### ଗିରଫ ପରେ ...

ସେଠାରେ ସେ କୋଣାର୍କ ଓ ଏହାର କାରୁକାର୍ଯ୍ୟ ବିରୋଧରେ ଅନେକ ଅଶାଳୀନ ମନ୍ତବ୍ୟ ଦେଇଥିବା ଏକ ଭିଡିଓ କ୍ଲିପ୍ ଏହାର ଦିନକ ପରେ ଟୁଇଟ୍ କରିଥିଲେ। ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ରାଜ୍ୟବ୍ୟାପୀ ଉଦ୍‌ବେଗ ପ୍ରକାଶ ପାଇଥିଲା। ଇତିମଧ୍ୟରେ ଶ୍ରୀମନ୍ଦିର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିରୋଧରେ ମଧ୍ୟ ଅଭିଜିତ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ସାମ୍ନାକୁ ଆସିଥିଲା। ତାଙ୍କ ମନ୍ତବ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିବାବେଳେ ସେ ଓଡ଼ିଶା ଏବଂ ଓଡ଼ିଆଙ୍କୁ ଉପହାସ କରିଚାଲିଥିଲେ। ଏପରି କି ସେ ଓଡ଼ିଶାର ବିଧାୟକମାନଙ୍କୁ 'ମୂର୍ଖ' ଆଖ୍ୟାଦେଇ ସାହସ ଥିଲେ ତାଙ୍କୁ ଗିରଫ କରିବାକୁ ବୁଧବାର ଚ୍ୟାଲେଞ୍ଜ କରିଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ଓଡ଼ିଶା ପୋଲିସର ଏକ ୨ଜଣିଆ ଟିମ୍ ଦିଲ୍ଲୀରେ ପହଞ୍ଚି ସ୍ଥାନୀୟ ପୋଲିସର ସହାୟତାରେ ତାଙ୍କୁ ଗିରଫ କରିଥିଲା। ଅଭିଜିତଙ୍କୁ ତାଙ୍କ ସଫ୍‌ଦରଜଙ୍ଗ୍ ଏନ୍‌କ୍ଲେଭ୍ ବାସଭବନରୁ ନିଜାମୁଦ୍ଦିନ ଥାନାକୁ ନିଆଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ସାକେତ କୋର୍ଟରେ ହାଜର କରାଯାଇଥିଲା। ଓଡ଼ିଶା ପୋଲିସ ତାଙ୍କୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରିଥିଲା। ହେଲେ ଅଭିଜିତଙ୍କ ବିରୋଧରେ କେଉଁ ନିର୍ଦ୍ଦିଷ୍ଟ ଅଭିଯୋଗ ରହିଛି ଓ ତାଙ୍କୁ କେଉଁ ଆଧାରରେ ଗିରଫ କରାଯାଇଛି ଏଫ୍‌ଆଇଆର୍ କପି ଦିଆଯାଇ ନ ଥିବାରୁ ତାହା ଜଣାପଡ଼ିନାହିଁ ବୋଲି ତାଙ୍କ ଓକିଲ କୋର୍ଟରେ ଯୁକ୍ତିବାଢ଼ି ଜାମିନ ଆବେଦନ କରିଥିଲେ। ଅନ୍ୟପକ୍ଷରେ ଓଡ଼ିଶା ପୋଲିସ ଅଭିଜିତଙ୍କ ବିରୋଧରେ ଆବଶ୍ୟକ ତଥ୍ୟ ପ୍ରମାଣ ସମ୍ବଳିତ ଦସ୍ତାବିଜ ଦାଖଲ କରିବାରେ ବିଫଳ ହୋଇଥିଲା। ଫଳରେ କୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଅଭିଜିତଙ୍କୁ ଗିରଫ କରିବାକୁ ଯାଇଥିବା କୋଣାର୍କ ଆଇଆଇସି ସଞ୍ଜୀବ କୁମାର ପ୍ରଧାନ ଓ ପୁରୀ ସଦର ଆଇଆଇସି ଗୌରାଙ୍ଗ ପୃଷ୍ଟି ଶେଷରେ ଖାଲିହାତରେ ଭୁବନେଶ୍ୱର ଫେରିଥିବା ଜଣାପଡ଼ିଛି।

### କିଛି ତଥ୍ୟ

୨୦୧୭-୧୮ ମାର୍କେଟିଂ ବର୍ଷର ଜୁଲାଇ-ସେପ୍ଟେମ୍ବର ସମୟ ମଧ୍ୟରେ ଦେଶରେ ୩.୧୬ ଲକ୍ଷ ଟନ୍ କଫି ଅମଳ ହୋଇଛି।
**- କଫି ବୋର୍ଡ ପ୍ରଦତ୍ତ ତଥ୍ୟ**

### ଗ୍ରାମ ସଡ଼କ ନିର୍ମାଣରେ ...

ରହଣି ବାବଦରେ ୩୪.୬୫ ଲକ୍ଷ ଟଙ୍କା ପଇଠ କରିବା ବଦଳରେ ୯୯୭ ଜଣଙ୍କ ପାଇଁ ହୋଟେଲ ମାଲିକଙ୍କୁ ୭୮.୮୪ ଲକ୍ଷ ଟଙ୍କା ପଇଠ କରିଥିଲେ। ଫଳରେ ସିଧାସଳଖ ରାଜକୋଷର ୪୪.୧୯ ଲକ୍ଷ ଟଙ୍କା ହଡପ ହୋଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଦୁର୍ନୀତିର ଗନ୍ଧ ବାରିଛନ୍ତି କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) । ସ୍ୱାସ୍ଥ୍ୟ ବିଭାଗଠାରୁ ଆରମ୍ଭ କରି ପଞ୍ଚାୟତିରାଜ, ନଗର ଉନ୍ନୟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ଅନିୟମିତତା ଓ ଦୁର୍ନୀତିର ଛିଟା ଦେଖିବାକୁ ମିଳିଛି ସିଏଜିଙ୍କ ରିପୋର୍ଟରେ। ଗୁରୁବାର ବିଧାନସଭାରେ ୨୦୧୭ ବର୍ଷ ପାଇଁ ସାଧାରଣ ଓ ସାମାଜିକ କ୍ଷେତ୍ର ପାଇଁ ସିଏଜି ରିପୋର୍ଟ ଉପସ୍ଥାପନ କରାଯାଇଛି। ଅପରାହ୍ଣରେ ମହାଲେଖାକାର ବିଭୁଦତ୍ତ ବସ୍ତିଆ ଖବରଦାତା ସମ୍ମିଳନୀରେ ସିଏଜି ରିପୋର୍ଟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ମଧ୍ୟ ଜାଲିଆତି ହୋଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ୧୨୧ଟି ଗ୍ରାମ ସଡକର ଦୈର୍ଘ୍ୟରେ ହେରଫେର କରାଯାଇଛି। ଏଥିଯୋଗୁ ରାଜ୍ୟ ସରକାର ୧୫୫.୩୩ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ପାଇବାରୁ ବଞ୍ଚିତ ହୋଇଛନ୍ତି। ୨୦୧୩ରୁ ୨୦୧୭ ମଧ୍ୟରେ ମଞ୍ଜୁର ହୋଇଥିବା ୪୪୧ କିଲୋମିଟର ରାସ୍ତା ନିର୍ମାଣ ସକାଶେ ୫୩.୫୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ହେଲେ ୪ ବର୍ଷ ପରେ ବି ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରି ନ ଥିଲା। ଦକ୍ଷତା ନ ଥିବା ଠିକାଦାରଙ୍କୁ ନିର୍ମାଣ କାର୍ଯ୍ୟ ଦେବା ଦ୍ୱାରା ରାସ୍ତା ନିର୍ମାଣ ଶେଷ ହୋଇ ପାରି ନ ଥିଲା। ଫଳରେ ସରକାର ବାଧହୋଇ ୧୩ଟି ରାସ୍ତା ପ୍ରକଳ୍ପ ପାଇଁ ୫.୪୭ କୋଟି ଟଙ୍କା ଅଧିକ ବ୍ୟୟ କରିଥିଲେ। ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣରେ ମଧ୍ୟ ଚଞ୍ଚକତା ହୋଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସ୍ଥାନ ନିରୂପଣଠାରୁ ଆରମ୍ଭକରି ଠିକାଦାରଙ୍କୁ ଅନୁକମ୍ପା ଦେଖାଇବା, ନକ୍ସା ପ୍ରସ୍ତୁତରେ ଅସଙ୍ଗତି, ଗୃହ ନିର୍ମାଣ ପାଇଁ ସିମେଣ୍ଟ କ୍ରୟ ଆଦିରେ ମଧ୍ୟ ଅନିୟମିତତା ହୋଇଛି। ଆଇଆଇଟି ଖଡଗପୁର ସୁପାରିଶକୁ ଉଲ୍ଲଂଘନ କରିବା ଯୋଗୁ ୫୬ଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣରେ ୭୭.୮୪ କୋଟି ଟଙ୍କା ଅଯଥା ଖର୍ଚ୍ଚ କରାଯାଇଛି । ଲୁଣାବନ୍ଧ ନିର୍ମାଣ କରିବା ଲାଗି ବନ୍ଧଠାରୁ ୫୦୦ମିଟର ଦୂରରୁ ମାଟି ପରିବହନ କରାଯାଇଥିଲା। ମାତ୍ର ଠିକାଦାରମାନଙ୍କୁ ବନ୍ଧଠାରୁ ୫ କିଲୋମିଟର ଦୂରରୁ ମାଟି ଆଣିବା ବାବଦରେ ଅତିରିକ୍ତ ୭.୭୩ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଭାରତୀୟ ମାନକ ପରିବର୍ତ୍ତେ ରାଜ୍ୟ ଦର ବିଶ୍ଳେଷଣ ଆଧାରରେ ସିମେଣ୍ଟ ପରିମାଣ ହିସାବ କରାଯାଇ ଠିକାଦାରଙ୍କୁ ଅତିରିକ୍ତ ୬.୩୧ କୋଟି ଟଙ୍କା ଦିଆଯାଇଥିଲା। ଓଡିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓସ୍‌ଡମା) ଓ ଜାତୀୟ ବାତ୍ୟାକ୍ଷତି ପ୍ରଶମନ ପ୍ରକଳ୍ପ(ଏନ୍‌ସିଆରଏମ୍‌ପି) ପ୍ରକଳ୍ପ ସମୀକ୍ଷାରୁ ଜଣାପଡିଛି ଯେ, ଓସ୍‌ଡମା ୨୦୧୭ ସୁଦ୍ଧା ୧୪୩୭.୭୬ କୋଟି ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା। ଜରୁରୀ ସାଜ ସରଞ୍ଜାମ ଓ ବିଦ୍ୟୁତ ବ୍ୟବସ୍ଥା ନ ଥିବାରୁ ୭୪ ପ୍ରତିଶତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ବ୍ୟବହାର ଉପଯୋଗୀ ନ ଥିବା ରିପୋର୍ଟରେ ଦର୍ଶାଯାଇଛି। ଯୋଗାଣ ବିଭାଗ ଅଧୀନରେ ପରିଚାଳିତ ହେଉଥିବା ଚାଉଳ ସଂଗ୍ରହ ଓ ଆବଣ୍ଟନରେ ଖାମଖିଆଲି ନୀତି ଯୋଗୁ ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ)କୁ ଚାଉଳ ଦେବା ନେଇ ୧୦.୮ କୋଟି ଟଙ୍କା ଅତିରିକ୍ତ ପରିବହନ ଖର୍ଚ୍ଚ ରାଜକୋଷରୁ ଭରଣା କରିବାକୁ ପଡିଥିଲା। ଜିଲା କାର୍ଯ୍ୟାଳୟଗୁଡିକ ଉପଯୁକ୍ତ ବିଲ୍ ପଇଠ ନ କରିବାରୁ ଏଫସିଆଇ ୧୮୩.୫୫ କୋଟି ଟଙ୍କା ସରକାରଙ୍କ ଅଟକାଇ ରଖିଥିଲା। ତ୍ରୟୋଦଶ ଅର୍ଥ କମିଶନଙ୍କଠାରୁ ପାଇଥିବା ୭୫ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦାଖଲ ନ କରିବାରୁ ରାଜ୍ୟକୁ ୨୫ କୋଟି ଟଙ୍କାର ଘାଟା ହୋଇଥିଲା। ପୋଲିସ କର୍ମଚାରୀ ବାସ ଗୃହ ନିର୍ମାଣରେ ଅଦୂରଦର୍ଶୀ ପାଣ୍ଠି ପରିଚାଳନା ଯୋଗୁ ରାଜକୋଷକୁ ୧୫.୩୦ କୋଟି ଟଙ୍କା କ୍ଷତି ହୋଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।


## classified


real estate

**SALE**

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64165

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

BDAର ଅରଗୁଳଠାରେ ନିର୍ମିତ IITକୁ ଲାଗି ପିଚୁ ରାସ୍ତାର ସୁବିଧାଥାଇ ଘରବାରି plot ମିଳୁଅଛି। 9777342153. D-64316

ଜଟଣୀଗେଟ୍ NH-5 ୪୦୦ ମିଟର ଦୂରତାରେ ସ୍ଥିତିବାନ ପ୍ଲଟ ପୋଜେସନ ସହ ୪୬୯/- ଏବଂ ରେତଙ୍ଗ ଷ୍ଟେଶନ ପାଖରେ ୩୩୯/- 7008202635, 9938066403. D-64321

Book 3BHK duplex house Jagamara, Bhubaneswar. Having land area 1260 sqft. and 1900 sqft. construction area. Price- 77 lakh. Bank finance available. 9078151122. D-64172

**1500 sqft. gharabari boundary plot at Chakeisiani, Bhubaneswar. 9124232466, 9437460564.** D-64171

3BHK fully furnished new completed flat sale near Garage Chhak Mainroad side. Only genuine buyer please contact: 9776404801. D-8472


TO LET
to-let

Prime location 1200 sqft. office space on 1st floor, available at Lewis Road, Bhubaneswar. Contact: 9937211223, 7008264670. D-63371


healthcare

All type of massage and good therapy full body massage Sai herbal spa. 7609005923. D-64202

Sonali ayurvedic full body massage/ smart lady expert therapist. Best facility. 9661643016, 9572698260, 9934132232, 9631368840. D-8096

**LOST**

ପୁରୀଜିଲ୍ଲା, ସତ୍ୟବାଦୀ ତହସିଲ ଅଧୀନ ମୂଳଅଳସା ମୌଜାର ଖାତାନଂ- ୨୨୪, ପ୍ଲଟନଂ- ୧୫୧୦ ଓ ଖାତାନଂ- ୨୬୩, ପ୍ଲଟନଂ- ୧୫୧୧, ୧୫୧୧/ ୨୨୩୫ ହଜିଯାଇଛି। ମୁଁ ଗତ ଜୁନମାସ ୬ ତାରିଖରେ ସତ୍ୟବାଦୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଉଥିବା ସମୟରେ କେଉଁଠି ପଡିଯାଇଥିଲା। ସତ୍ୟବାଦୀ ଥାନା ଏସ୍.ଡି.ଇ ନଂ- ୭/୧୫।୦୯।୧୮ ରେ ଆମ୍ଭ ମିସିଙ୍ଗ ରିପୋର୍ଟ ପଞ୍ଜୀକରଣ କରାଯାଇଛି। ଜଦି କେହି ସହୃଦୟବ୍ୟକ୍ତି ଉପରୋକ୍ତ ପଟ୍ଟା ପାଇଛନ୍ତି ସତ୍ୟବାଦୀ ଥାନା କିମ୍ବା ଆମ୍ଭ ମୋବାଇଲ ନଂ: ୯୮୬୧୨୯୬୭୪୩ରେ ଯୋଗାଯୋଗ କରିବାକୁ ଅନୁରୋଧ। ପ୍ରକାଶଥାଉକି ଯଦି କେହି ମନ୍ଦ ଉଦ୍ଦେଶ୍ୟରେ ଉକ୍ତ ପଟ୍ଟା ବ୍ୟବହାର କରନ୍ତି ତେବେ ଆମ୍ଭେ ଦାୟୀ ରହିବୁ ନାହିଁ। ବିପିନ ପ୍ରଧାନ, ପିତା- ଭଜମନ ପ୍ରଧାନ, ମୂଳଅଳସା, ସତ୍ୟବାଦୀ, ପୁରୀ। ଧ-୩୪୮୬

**AFFIDAVIT**

I, Manjushree Anjana Routray, W/o Bipin Bihari Nayak by virtue of this affidavit, I have changed my name / surname from Manjushree Anjana Routray to Anjana Nayak for all purposes. D-8463

**3rd Birthday Wish**


(Sital)
**Swayamshree Rath**
Dumduma, Bhubaneswar
This is our prayer for you may the God be with you and God bless you. Wishes from: Manas & Family members. D-64173

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ମାମନୁସ୍ମରନ୍।
ଯଃ ପ୍ରୟାତି ତ୍ୟଜନ୍ ଦେହଂ ସ ଯାତି ପରମାଂଗତିମ୍।। (ଗୀତା ୮-୧୩)

**ସ୍ୱର୍ଗତା ସରୋଜିନୀ ଆଚାର୍ଯ୍ୟ**
ସ୍ୱାମୀ-ସ୍ୱର୍ଗତ ସୁରେନ୍ଦ୍ରନାଥ ଆଚାର୍ଯ୍ୟ
୧୫୦୭, ଭୀମଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୧୯୩୬
ତିରୋଧାନ: ୧୨।୦୯।୨୦୧୮
ତୁମ୍ଭେ ଆମ୍ଭ ନିମନ୍ତେ ଚିରସ୍ମରଣୀୟା। ତୁମ୍ଭର ପବିତ୍ର ତଥା ଅମର ଆତ୍ମାର ପରମଗତି ହେଉ ଏହାହିଁ ଆମ୍ଭର ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମେ ବିନମ୍ର ପ୍ରାର୍ଥନା। ତୁମ୍ଭର ଆଶୀର୍ବାଦାମୃତ ଆମ୍ଭ ଉପରେ ସଦା ବର୍ଷୁଥାଉ। ଶୋକସନ୍ତପ୍ତ: ପରିବାରବର୍ଗ ତଥା ଆତ୍ମୀୟସ୍ୱଜନବୃନ୍ଦ। ଧ-୬୩୪୧୯

**ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଲଳିତା ପୃଷ୍ଟି**
ଆବିର୍ଭାବ-୨୦।୧୦।୧୯୪୧
ତିରୋଧାନ-୧୧।୦୯।୨୦୧୮
(ଭାଦ୍ରବ ଦ୍ୱିତୀୟା ତିଥି, ମଙ୍ଗଳବାର)
କ୍ୱା.ନଂ.2RA- 26, ରୋଡ ନଂ.- ୫, ୟୁନିଟ-୯, ଭୁବନେଶ୍ୱର
ଆପଣଙ୍କର ସ୍ନେହ, ମହାନତା, ଉଦାରପଣ, ଧାର୍ମିକ ଭାବନା, ଆମମାନଙ୍କ ଜୀବନର ଚଲାପଥରେ ଅଭୁଲା ସ୍ମୃତିହୋଇ ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୮୪୫୫




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୁରୁବାର ଭେଟିଛନ୍ତି ପ୍ରାୟ ୯୦ ଜଣ ଆଶାକର୍ମୀ। ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଏହି ଆଶାକର୍ମୀମାନେ ନୂଆଦିଲ୍ଲୀଠାରେ ମୋଦିଙ୍କୁ ସାକ୍ଷାତ କରିଛନ୍ତି। ନିକଟରେ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କର ପ୍ରୋତ୍ସାହନ ରାଶି ବୃଦ୍ଧି ଓ ବୀମା ସୁବିଧା ଯୋଗାଇଦେବାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ। ଏଥିପାଇଁ ତାଙ୍କୁ କୃତଜ୍ଞତା ଜଣାଇବାକୁ ଏମାନେ ନୂଆଦିଲ୍ଲୀ ପହଞ୍ଚି ତାଙ୍କୁ ସାକ୍ଷାତ୍ କରିଛନ୍ତି।




## ସଂକ୍ଷେପରେ

### ମୌସୁମୀ ଅଧିବେଶନ ଶେଷ

ଭୁବନେଶ୍ୱର,୨୦।୯(ବ୍ୟୁରୋ): ଚଳିତ ବିଧାନସଭାର ମୌସୁମୀ ଅଧିବେଶନ ଗୁରୁବାର ଶେଷ ହୋଇଛି। ବାଚସ୍ପତି ପ୍ରଦୀପ କୁମାର ଅମାତ ଅଧିବେଶନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି। ଏହି ଅଧିବେଶନ ସେପ୍ଟେମ୍ବର ୪ ତାରିଖରୁ ଆରମ୍ଭ ହୋଇଥିଲା। ଏଥିରେ ମୋଟ ୧୧ଟି କାର୍ଯ୍ୟ ଦିବସ ଥିଲା। ୧୨ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ବିଧାନସଭାର ଅନୁମୋଦନ ଲାଭ କରିଥିବା ବେଳେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହୋଇଥିଲା। ଏହି ସମୟ ମଧ୍ୟରେ ଗୃହରେ ୧୧୩ଟି ପେପର ଲେ କରାଯାଇଥିବା ବେଳେ ୧୯ଟି ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ, ୧୮ଟି ବାର୍ଷିକ ରିପୋର୍ଟ, ୩ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଏଥିସହିତ ୨୦୧୭ ବର୍ଷ ପାଇଁ ସାମାଜିକ ଓ ସାଧାରଣ କ୍ଷେତ୍ର ପାଇଁ କମ୍ପ୍‌ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟ ଗୃହରେ ଉପସ୍ଥାପନ କରାଯାଇଥିଲା। ସ୍ୱଳ୍ପ ସମୟ ପାଇଁ ବସିଥିବା ଏହି ଅଧିବେଶନ ବେଶ୍ ସରଗରମ ହୋଇଥିଲା। ଚାରା, ଓମ୍‌ଫେଡ ପାଉଚ, ସମବାୟ ବିଭାଗରେ ହୋଇଥିବା ଦୁର୍ନୀତି, ଶିକ୍ଷକ ଆନ୍ଦୋଳନ, ଓକିଲଙ୍କ କାର୍ଯ୍ୟବନ୍ଦକୁ ନେଇ ବିରୋଧୀ ସରକାରଙ୍କୁ ଘେରିଥିଲେ। ଚିଲିକା ଉପରେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ହେଲିକପ୍ଟର ଉଡିବା ଘଟଣା ଓ ଅଭିଜିତ୍ ଆୟର ମିତ୍ରଙ୍କ ବିବାଦୀୟ ଟୀପ୍ପଣି ନେଇ ବିଧାନସଭାରେ ଝଡ ସୃଷ୍ଟି ହୋଇଥିଲା। ହଟ୍ଟଗୋଳ ଯୋଗୁ ଚଳିତ ଅଧିବେଶନରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆଦୌ ହୋଇପାରି ନ ଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ, ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ. କରୁଣାନିଧି, ଲୋକ ସଭାର ପୂର୍ବତନ ବାଚସ୍ପତି ସୋମନାଥ ଚାଟାର୍ଜୀଙ୍କ ବିୟୋଗରେ ବିଧାନସଭାକୁ ଦିନକ ପାଇଁ ମୁଲତବୀ କରାଯାଇଥିଲା।




■ ବାତ୍ୟା ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି

# ୫ ଜିଲାପାଳଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ବାତ୍ୟା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମେଡିକାଲ ରିଲିଫ ସେଣ୍ଟର ଖୋଲିବ। ଲୋକଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ବିଭାଗ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଏ ନେଇ ବିଭାଗୀୟ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ ଏବଂ ନୟାଗଡା ଜିଲାର ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ଲେଖି ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟସେବା ସମ୍ପର୍କିତ ସମସ୍ତ ପ୍ରକାର ବ୍ୟବସ୍ଥା ଡାକ୍ତରଖାନାରେ କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ସଚିବ କହିଛନ୍ତି, ବାତ୍ୟାକୁ ଲକ୍ଷ୍ୟ କରି ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ସମସ୍ତ ଡାକ୍ତରଖାନାରେ ବିଦ୍ୟୁତ୍ ବ୍ୟାକ୍‌ଅପ୍ ରଖିବାକୁ ପରାମର୍ଶ ଦିଆଯାଇଛି। ଡାକ୍ତରଖାନାରେ ସମସ୍ତ ପ୍ରକାର ଔଷଧ ମହଜୁଦ ରଖିବାକୁ କୁହାଯାଇଛି। ଏଥିସହିତ ଜିଲା ଏବଂ ବ୍ଲକସ୍ତରରେ କଣ୍ଟ୍ରୋଲ ରୁମ୍ ଖୋଲିବା, ନୋଡାଲ ଅଧିକାରୀ ନିୟୋଜିତ କରିବା, ନୋଡାଲ ଅଧିକାରୀମାନେ କଣ୍ଟ୍ରୋଲ ରୁମ୍‌କୁ ମନିଟରିଂ କରିବା ସହିତ ସୁଚାରୁରୂପେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ଔଷଧଗୁଡିକୁ ଜିଲାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକୁ ପଠାଇବା ସହିତ ଯେତେ ସମ୍ଭବ ଡାକ୍ତରଖାନାରେ ମେଡିକାଲ ରିଲିଫ୍ ସେଣ୍ଟର ଖୋଲିବାକୁ କୁହାଯାଇଛି।

ସେହିପରି ବିଚ୍ଛିନ୍ନାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ବ୍ୟବସ୍ଥା ଗ୍ରହଣ କରିବା, ମାନସିକ ରୋଗୀ, ଗର୍ଭବତୀ ଏବଂ ନବଜାତ ଶିଶୁଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନରେ ଯେପରି କୌଣସି ପ୍ରକାର ଅସୁବିଧା ନ ହେବ ସେନେଇ ପଦକ୍ଷେପ ଗ୍ରହଣ କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ପରେ ପ୍ରଭାବିତ ଅଞ୍ଚଳକୁ ସ୍ୱାସ୍ଥ୍ୟକର୍ମୀ ଯାଇ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାର ବ୍ୟବସ୍ଥା କରିବେ। ଡାକ୍ତରଖାନାରେ ୧୦୮ ଏବଂ ୧୦୨ ଆମ୍ବୁଲାନ୍ସ ମହଜୁଦ ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିବେ ମୋଦି

ଭୁବନେଶ୍ୱର,୨୦।୯(ବ୍ୟୁରୋ)

କୋଇଲାରୁ ଗ୍ୟାସ ଉତ୍ପାଦନ ଦ୍ୱାରା ଦେଶର ପ୍ରଥମ ସାର କାରଖାନା ତାଳଚେରଠାରେ ସ୍ଥାପନ ହେବାକୁ ଯାଉଛି। ବନ୍ଦ ହୋଇ ପଡିଥିବା ଉକ୍ତ କାରଖାନାକୁ ନୂଆ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ପୁନରୁଦ୍ଧାର କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶା ଗସ୍ତରେ ଆସି ଏହି ପ୍ଲାଣ୍ଟ ସ୍ଥାପନ କାର୍ଯ୍ୟର ଶୁଭାରମ୍ଭ କରିବେ। ଏହା ସହ ରାଜ୍ୟର ଅନ୍ୟ କେତେକ ପ୍ରକଳ୍ପକୁ ମୋଦି ଭିଡିଓକନଫରେନ୍ସ ଯୋଗେ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ଏକ ହୋଟେଲରେ ତାଳଚେର ସାର କାରଖାନାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ୟୁ.ଭି. ଧତ୍ରକ ଏହି ସୂଚନା ଦେଇଛନ୍ତି। ତାଳଚେରର ଉକ୍ତ ୟୁନିଟ ଗ୍ୟାସ ଅଥରିଟି ଇଣ୍ଡିଆ ଲିମିଟେଡ(ଗେଲ୍), କୋଲ୍ ଇଣ୍ଡିଆ ଲିମିଟେଡ(ସିଆଇଏଲ୍), ରାଷ୍ଟ୍ରୀୟ କେମିକାଲ୍ସ ଆଣ୍ଡ ଫର୍ଟିଲାଇଜର ଲିମିଟେଡ(ଆର୍‌ସିଏଫ୍‌ଏଲ୍) ଏବଂ ଫର୍ଟିଲାଇଜର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ(ଏଫ୍‌ସିଆଇଏଲ୍)ର ମିଳିତ ଉଦ୍ୟମରେ ସ୍ଥାପନ ହେଉଛି। ଏହି ୟୁନିଟରେ ପ୍ରାୟ ୧୩,୦୦୦ କୋଟି ଟଙ୍କା ନିବେଶ ପ୍ରସ୍ତାବ ରହିଛି। ପ୍ଲାଣ୍ଟର ବାର୍ଷିକ ଉତ୍ପାଦନ କ୍ଷମତା ୧.୨୭ ନିୟୁତ ଟନ୍ ଧାର୍ଯ୍ୟ ହୋଇଛି। ରାଜ୍ୟରେ କୌଣସି ୟୁରିଆ ପ୍ଲାଣ୍ଟ ନ ଥିବା ବେଳେ ଏହା ୟୁରିଆ ଉପଲବ୍ଧ କରାଇବାକୁ ସକ୍ଷମ ହେବ। ଏହା ୪,୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ୟୁନିଟକୁ ୨୦୨୨ ସୁଦ୍ଧା କାର୍ଯ୍ୟକ୍ଷମ କରାଇବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଧତ୍ରକ କହିଛନ୍ତି।

ସେହିଭଳି ସୁନ୍ଦରଗଡ ଜିଲାର ଗର୍ଜନ ବାହାଲଠାରେ ଏମ୍‌ସିଏଲର ୨୩୦ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଓପନ କାଷ୍ଟ ଖଣି, ସବ୍‌ଡେଗାରୁ ଝାରସୁଗୁଡାକୁ ୫୩.୧ କିମି ଦୈର୍ଘ୍ୟ ବିଶିଷ୍ଟ ରେଳପଥର ଲୋକାର୍ପଣ, ଓଡିଶାରେ ଉଡାନ ଯୋଜନା ଅନ୍ତର୍ଗତ ଝାରସୁଗୁଡାରେ ପ୍ରଥମ ବିମାନ ବନ୍ଦରର ଶୁଭ ଉଦଘାଟନ, ସୁନ୍ଦରଗଡର ଦୁଲଙ୍ଗା କୋଇଲା ଖଣିରୁ କୋଇଲା ଉତ୍ପାଦନ ଏବଂ ପରିବହନର ଶୁଭାରମ୍ଭ ମୋଦି ଭିଡିଓକନଫରେନ୍ସ ଯୋଗେ କରିବେ। ଗର୍ଜନବାହାଲ ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ୧୩ ନିୟୁତ ଟନ୍ ରହିବ। ଏଠାରେ ପ୍ରତ୍ୟକ୍ଷ ଭାବେ ୮୯୪ ଏବଂ ପରୋକ୍ଷ ଭାବେ ୫୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଆରମ୍ଭ ହେବାକୁ ଥିବା ଝାରସୁଗୁଡା-ସବ୍‌ଡେଗା ରେଳ ଲାଇନରେ ମହାନଦୀ କୋଲ ଫିଲ୍ଡସ୍ ଲିମିଟେଡ(ଏମ୍‌ସିଏଲ୍) ୧୧୨୪ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିଛି।

ସେହିଭଳି ଝାରସୁଗୁଡା ବିମାନ ବନ୍ଦର ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଉନ୍ନତୀକରଣ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଏଥିରେ ୨୧୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହୋଇଛି। ୧୦୨୭.୫ ଏକର ସ୍ଥାନରେ ନୂଆ ଏୟାରପୋର୍ଟ ସ୍ଥାପନ ହୋଇଛି। ଏହାର ଟର୍ମିନାଲ ବିଲଡିଂ ୪ ହଜାର ବର୍ଗ ମିଟର ରହିଛି। ଏଠାରେ ଷ୍ଟେଟ ଅଫ୍ ଆର୍ଟ ପାସେଞ୍ଜର ସୁବିଧା, ଟର୍ମିନାଲ ବିଲଡିଂ, ୨୩୯୦ ମିଟରର ରନୱେ ରହିଛି। ଏଠାରୁ ଉଡାନ ଯୋଜନାରେ ଭୁବନେଶ୍ୱର, ରାୟପୁର, ରାଞ୍ଚି ଭଳି ସ୍ଥାନକୁ ବିମାନ ସେବା ଉପଲବ୍ଧ ହେବ। ଏହା ବାଦ କୋରାପୁଟର ଜୟପୁର, ସୁନ୍ଦରଗଡର ରାଉରକେଲା ଏବଂ କଳାହାଣ୍ଡିର ଉତକେଲା ବିମାନ ବନ୍ଦରକୁ ମଧ୍ୟ ପ୍ରସ୍ତୁତ କରାଯାଉଥିବା ଜଣାପଡିଛି। ଏହି ୪ ବିମାନବନ୍ଦରର ଉନ୍ନତୀକରଣ ତଥା ପୁନରୁଦ୍ଧାର ଲାଗି ୩୭୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ ପ୍ରସ୍ତାବ ରହିଛି। ଖବରଦାତା ସମ୍ମିଳନୀରେ ଏମ୍‌ସିଏଲର ବିତ୍ତ ନିର୍ଦ୍ଦେଶକ କେ.ଆର୍. ବାସୁଦେବନ, ଟେକ୍ନିକାଲ ଅପରେଶନ ନିର୍ଦ୍ଦେଶକ ଜେ.ପି ସିଂ, ଏନଟିପିସିର ଆଞ୍ଚଳିକ ନିର୍ଦ୍ଦେଶକ ଏମ୍.ପି ସିହ୍ନା, ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ସଦସ୍ୟ(ପ୍ଲାନିଂ) ଏ.କେ ପାଠକ ପ୍ରମୁଖ ଉପସ୍ଥିତ ଥିଲେ।




■ ଶନିବାର ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ
■ ପୁନରୁଦ୍ଧାର ହେବ ତାଳଚେର ସାର କାରଖାନା
■ ଝାରସୁଗୁଡ଼ା ବିମାନ ବନ୍ଦରର ହେବ ଶୁଭାରମ୍ଭ
■ ଗର୍ଜନ ବାହାଲ ଓପନ କାଷ୍ଟ ଖଣି, ଝାରସୁଗୁଡ଼ା-ସବ୍‌ଡେଗା ରେଳ ଲାଇନ କାର୍ଯ୍ୟକ୍ଷମ ହେବ
■ ଦୁଲଙ୍ଗା କୋଇଲା ଖଣିରୁ ପରିବହନ ଆରମ୍ଭ ହେବ

# 'ପ୍ରହାର' କ୍ଷେପଣାସ୍ତ୍ର ସଫଳ

ବାଲେଶ୍ୱର ଅଫିସ, ୨୦।୯

ବାଲେଶ୍ୱର ଜିଲା ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍)ରେ ଗୁରୁବାର 'ପ୍ରହାର' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି। ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ଆଉ ଏକ ନୂତନ ଫର୍ଦ୍ଦ ଯୋଡିଛି। ପରୀକ୍ଷଣ କାର୍ଯ୍ୟ ଲାଗି ଆଇଟିଆର୍‌ର ୨ କି.ମି. ପରିଧି ଭିତରେ ଥିବା ୫ଟି ଗ୍ରାମର ୬୩୪ ପରିବାରକୁ ସାମୟିକ ଭାବେ ନିରାପଦ ଜାଗାକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରତିକୂଳ ପାଗ ପରୀକ୍ଷଣରେ କୌଣସି ବାଧା ସୃଷ୍ଟି କରି ନ ଥିଲା। ବହୁ ବୈଜ୍ଞାନିକ, ପ୍ରତିରକ୍ଷା ବିଶେଷଜ୍ଞ ଉପସ୍ଥିତ ରହିଥିଲେ।

ସମୟ ଗୁରୁବାର ଅପରାହ୍ନ ୧ଟା ୩୬ ମିନିଟ୍। ଆଇଟିଆରରୁ 'ପ୍ରହାର' କ୍ଷେପଣାସ୍ତ୍ର ଆକାଶମାର୍ଗକୁ ନିକ୍ଷେପ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ଏହା ଲକ୍ଷ୍ୟଭେଦ କରିଥିଲା। ୨୦୧୧ ଜୁଲାଇ ୨୧ ତାରିଖରେ ଚାନ୍ଦିପୁରରେ ଏହାର ପ୍ରଥମ ପରୀକ୍ଷଣ ହୋଇଥିଲା। 'ପ୍ରହାର' କ୍ଷେପଣାସ୍ତ୍ର ୨୫୦ସେକେଣ୍ଡରେ ୧୫୦ କି.ମି. ଅତିକ୍ରମ କରି ଲକ୍ଷ୍ୟଭେଦ କରିଥିଲା। ୭.୩ ମିଟର ଲମ୍ବ ବିଶିଷ୍ଟ ଏହି କ୍ଷେପଣାସ୍ତ୍ରର ମୋଟେଇ ୦.୪୨ ମିଟର ଏବଂ ଓଜନ ୧୨୮୦ କିଲୋଗ୍ରାମ। ଏହା ୨୦୦ କି.ଗ୍ରା. ଓଜନର ପାରମ୍ପରିକ ଯୁଦ୍ଧାସ୍ତ୍ର ବହନ କରିବା କ୍ଷମତା ରଖିଛି। ଏହାକୁ ଯେକୌଣସି ପ୍ରତିକୂଳ ପାଣିପାଗ ମଧ୍ୟରେ ଶତ୍ରୁପକ୍ଷ ଉପରେ ପ୍ରହାର କରାଯାଇପାରିବ ବୋଲି ଆଇଟିଆର ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ପରୀକ୍ଷଣକାଳୀନ ସୁରକ୍ଷା ବ୍ୟବସ୍ଥା ଲାଗି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ନିଆଯାଇଥିଲା। ଆଇଟିଆର୍ ଆଖପାଖ ଖଡୁପାହି, କୁଶୁମୁଳି, ଭୀମପୁର, ଜୟଦେବକସବା ଏବଂ ସାହାଜାନଗରପାହି ଅଞ୍ଚଳର ୬୩୪ ପରିବାରର ୪,୨୨୮ ଲୋକଙ୍କୁ ସକାଳ ୬ଟାରୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କୁ ଖଡୁପାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ନଅ ମାଇଲ ଘାଟ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯାଇଥିଲା। ସାମୟିକ ବିସ୍ଥାପିତ ହୋଇଥିବା ଲୋକଙ୍କ ମଧ୍ୟରେ ୩୫୯୩ ବୟସ୍କ ଓ ୬୩୫ ଶିଶୁ ରହିଥିଲେ। ଗୃହପାଳିତ ପ୍ରାଣୀଙ୍କୁ ମଧ୍ୟ ସ୍ଥାନାନ୍ତର କରାଯାଇଥିଲା। ସମସ୍ତଙ୍କ ପାଇଁ ଖାଦ୍ୟପେୟ ବ୍ୟବସ୍ଥା ସାଙ୍ଗକୁ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଥିବା ଜିଲାପାଳ ରମେଶ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ପରୀକ୍ଷଣ ସରିବା ପରେ ସ୍ଥାନାନ୍ତରିତ ଲୋକେ ଘରକୁ ଫେରିଛନ୍ତି।



■ ଆଇଟିଆର୍‌ରେ ନିରାପତ୍ତା ବ୍ୟବସ୍ଥା କଡ଼ାକଡ଼ି
■ ୪,୨୨୮ ଲୋକ ସାମୟିକ ସ୍ଥାନାନ୍ତର
■ ପ୍ରତିକୂଳ ପାଗରେ ହେଲା ପରୀକ୍ଷଣ





CLASSIFIED DISPLAY


















# ବାସ୍ତବ ଆହ୍ୱାନ

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ତାଙ୍କର ଏକ ବୃହତ୍ ନୀତିଗତ ପଦକ୍ଷେପ ସ୍ୱରୂପ ତିନୋଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ଯୋଡ଼ି ଭାରତର ତୃତୀୟ ବୃହତ୍ତମ ବ୍ୟାଙ୍କ କରିବା ଲାଗି ସୋମବାର ଘୋଷଣା କରିଛନ୍ତି। ସେହି ବ୍ୟାଙ୍କଗୁଡ଼ିକ ହେଉଛି ବ୍ୟାଙ୍କ ଅଫ୍ ବରୋଦା (ବିଓବି), ବିଜୟା ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କ। ୨୦୧୮ ମାର୍ଚ୍ଚ ମାସର ତଥ୍ୟ ଅନୁସାରେ ଏହି ସମ୍ମିଳିତ ବ୍ୟାଙ୍କର ବଜାର ଅଂଶ ହେଉଛି ଜମା କ୍ଷେତ୍ରରେ ୭.୨ ପ୍ରତିଶତ ଓ ଋଣ ପ୍ରଦାନ କ୍ଷେତ୍ରରେ ୬.୮ ପ୍ରତିଶତ। ଫଳରେ ଜମା କ୍ଷେତ୍ରରେ ଏହା ଦେଶର ଦ୍ୱିତୀୟ ଏବଂ ଋଣ ପ୍ରଦାନ କ୍ଷେତ୍ରରେ ତୃତୀୟ ବୃହତ୍ତମ ବ୍ୟାଙ୍କରେ ପରିଣତ ହେବ। ପୁଣି ଏହି ମିଶ୍ରିତ ବ୍ୟାଙ୍କର ସାରା ଦେଶରେ ପ୍ରାୟ ୯୫୦୦ ଶାଖା ଥିବାରୁ ଏ କ୍ଷେତ୍ରରେ ଏହା ଦ୍ୱିତୀୟ ବୃହତ୍ତମ ବ୍ୟାଙ୍କରେ ପରିଣତ ହେବ।

ତେବେ ଏଭଳି ନିଷ୍ପତ୍ତି ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟଜନକ ନୁହେଁ। ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଦୃଢ଼ୀକରଣ ଲାଗି ଅନେକ ବର୍ଷ ତଳୁ କାର୍ଯ୍ୟ ଆରମ୍ଭ ହୋଇଛି। ବାସେଲ-୩ ମାନଦଣ୍ଡ ଅନୁଯାୟୀ ଭାରତୀୟ ବ୍ୟାଙ୍କଗୁଡ଼ିକୁ ବିଶ୍ୱସ୍ତରରେ ପ୍ରତିଯୋଗିତାକ୍ଷମ କରିବା ଲାଗି ସରକାର ଛୋଟ ଛୋଟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଯୋଡ଼ି ବଡ଼କରିବା ଲାଗି ନିଷ୍ପତ୍ତି ନେଉଛନ୍ତି। ଗତବର୍ଷ ସରକାର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ସହ ଏହାର ପାଞ୍ଚଟି ସହଯୋଗୀ ବ୍ୟାଙ୍କକୁ ଯୋଡ଼ିଥିଲେ। ତଥାପି ଏହା ୪୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିକୁ ନେଇ ପୃଥିବୀର ବୃହତ୍ ୪୦ଟି ବାଣିଜ୍ୟିକ ବ୍ୟାଙ୍କ ମଧ୍ୟରେ ସାମିଲ ହୋଇପାରିନାହିଁ।

ଏହି ମିଶ୍ରଣର ଉଦ୍ଦେଶ୍ୟ ହେଉଛି ପରିଚାଳନା ଖର୍ଚ୍ଚ ହ୍ରାସ କରି ବ୍ୟାଙ୍କଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା। ଏହାଦ୍ୱାରା ସମ୍ପୃକ୍ତ ବ୍ୟାଙ୍କ ଓ ତା'ର ଶାଖାଗୁଡ଼ିକ ମଧ୍ୟରେ କାରବାରଗତ ଓଭରଲ୍ୟାପିଂ (ଅଧିବ୍ୟାପନ) ଦୂର ହୋଇପାରିବ। ବଡ଼ ପରିମାଣର ଅଗ୍ରିମ ବା ଋଣ ପ୍ରଦାନରେ ମଧ୍ୟ ଏହା ସହାୟକ ହୋଇପାରିବ। ବର୍ତ୍ତମାନ ଅଳ୍ପ କେତୋଟିକୁ ଛାଡ଼ିଦେଲେ ଅଧିକାଂଶ ଭାରତୀୟ ବ୍ୟାଙ୍କ ଆର୍ଥିକ କାରବାର ଦୃଷ୍ଟିରୁ ଛୋଟ ହୋଇଥିବାରୁ ବଡ଼ ବଡ଼ କର୍ପୋରେଟ୍ ହାଉସ୍ ବା ସର୍ବସାଧାରଣ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଏକକ ଭାବରେ ବଡ଼ ପରିମାଣର ଋଣ ପ୍ରଦାନ କରିପାରୁ ନାହାନ୍ତି। ସେଥିପାଇଁ ଏକାଧିକ ବ୍ୟାଙ୍କ ମିଳିତଭାବରେ ଋଣ ଦେବାକୁ ପଡୁଛି। ଯେତେବେଳେ ସମ୍ପୃକ୍ତ ସଂସ୍ଥା ଋଣ ପଇଠ କରିବାରେ ଅବହେଳା କରୁଛି, ସେତେବେଳେ ଉକ୍ତ ବ୍ୟାଙ୍କଗୁଡ଼ିକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସମସ୍ୟା ଉପୁଜୁଛି।

### ଆଜିର ଅର୍ଥନୀତି

ଏହି ନିଷ୍ପତ୍ତି ନେବା ବେଳେ ପରିପୂରକତ୍ୱ, ବୃଦ୍ଧି ସମ୍ଭାବ୍ୟତା ଏବଂ ଖର୍ଚ୍ଚକାଟ ପରି ଦିଗଗୁଡ଼ିକ ବିଷୟରେ ସରକାର ବିଚାର କରିବା କଥା। କିନ୍ତୁ ତାହା କରାଯାଇ ନାହିଁ, ଯଦିଚ ସରକାର ସେସବୁ କରାଯାଇଛି ବୋଲି ଦାବି କରୁଛନ୍ତି। ଦୁଇଟି ଛୋଟ ବ୍ୟାଙ୍କ, ବିଶେଷତଃ ଦେନା ବ୍ୟାଙ୍କର ଖରାପ ଋଣଜନିତ ସଂକଟ ପରିପ୍ରେକ୍ଷୀରେ ସରକାର ତରବରିଆ ଭାବେ ଉକ୍ତ ତିନୋଟି ବ୍ୟାଙ୍କକୁ ଯୋଡ଼ିବା ଲାଗି ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି। ଉକ୍ତ ତିନୋଟି ବ୍ୟାଙ୍କ ମଧ୍ୟରୁ ଦେନା ବ୍ୟାଙ୍କର ଆର୍ଥିକ ଅବସ୍ଥା ସବୁଠୁ ଖରାପ। ମାର୍ଚ୍ଚ ୨୦୧୮ ସୁଦ୍ଧା ଗତ ତିନି ବର୍ଷରେ ତଥା ୨୦୧୮ ଜୁନ୍ ତ୍ରୈମାସୀରେ ଏହାର କେତେ କ୍ଷତି ଘଟିଛି ସେ ସମ୍ପର୍କରେ ବ୍ୟାଙ୍କ ରିପୋର୍ଟ ପ୍ରକାଶ କରିଛି।

ସରକାର ମିଶ୍ରଣ ସମ୍ପର୍କରେ ଘୋଷଣା କରିବା ପରେ ପରେ ମଙ୍ଗଳବାର ବିଓବିର ଶେୟାର ମୂଲ୍ୟ ହ୍ରାସ ପାଇବା ବେଳେ ଦେନା ବ୍ୟାଙ୍କର ଶେୟାର ମୂଲ୍ୟ ମାତ୍ରାଧିକ ବୃଦ୍ଧି ପାଇ ଅପର ସର୍କିଟ୍ ଛୁଇଁଛି। ଏହା ଆଦୌ ଆଶ୍ଚର୍ଯ୍ୟଜନକ ନୁହେଁ। ତିନୋଟି ସବୁଠୁ ଦେବାଳିଆ ବ୍ୟାଙ୍କ ମଧ୍ୟରେ ଦେନା ବ୍ୟାଙ୍କର ଆର୍ଥିକ ଅବସ୍ଥା ସବୁଠୁ ଖରାପ ଏବଂ ଏହା ରିଜର୍ଭ ବ୍ୟାଙ୍କର ତ୍ୱରିତ ସଂଶୋଧନୀ କାର୍ଯ୍ୟାନୁଷ୍ଠାନ ଢାଞ୍ଚା ମଧ୍ୟରେ ରହିଛି। ତେଣୁ ମିଶ୍ରଣ ପରେ ଏହାର ଶେୟାରହୋଲ୍‌ଡରମାନେ ଆର୍ଥିକ ଭାବରେ ଅଧିକ ସୁଦୃଢ଼ ସମ୍ମିଳିତ ବ୍ୟାଙ୍କରୁ ନିଶ୍ଚିତ ଭାବେ ଲାଭ ପାଇବେ।

ଛୋଟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ବିପୁଳ ଅଚଳ ପରିସମ୍ପତ୍ତି ଯୋଗୁ ଦେବାଳିଆ ହେବା ଏବଂ କେନ୍ଦ୍ର ସରକାର ମଧ୍ୟ ଆର୍ଥିକ ଟାଣଟୁଣ ଅବସ୍ଥା ଦେଇ ଗତି କରିବା ଯୋଗୁ ବାଧ୍ୟ ହୋଇ ଉକ୍ତ ତିନୋଟି ବ୍ୟାଙ୍କର ମିଶ୍ରଣ କରିବାକୁ ଯାଉଛନ୍ତି। ବର୍ତ୍ତମାନ ଦେଶରେ ସବୁ ବ୍ୟାଙ୍କର ମୋଟ ଖରାପ ଋଣ ପରିମାଣ ୧୦ ଲକ୍ଷ କୋଟିରୁ ଅଧିକ ହେବ। ଗତବର୍ଷ ସରକାର ଏସ୍‌ବିଆଇ ସହ ଏହାର ପାଞ୍ଚଟି ସହଯୋଗୀ ବ୍ୟାଙ୍କର ମିଶ୍ରଣ କରିଥିଲେ। ଗତମାସରେ ଏଲ୍‌ଆଇସିକୁ ରୁଗ୍ଣ ଆଇଡିବିଆଇ ବ୍ୟାଙ୍କକୁ ଦେବାଳିଆପଣରୁ ମୁକ୍ତ କରିବାକୁ ବାଧ୍ୟ କରାଯାଇଥିଲା।

ଗୋଟିଏ ସୁସ୍ଥ ଆର୍ଥିକ ସଂସ୍ଥାକୁ ଏକ ଦେବାଳିଆ ସଂସ୍ଥାକୁ ଆପଣେଇନେବା ଲାଗି କୁହାଯିବା ସମସ୍ୟାର ସର୍ବୋତ୍ତମ ସମାଧାନ ନୁହେଁ। କାରଣ ଏହାଦ୍ୱାରା ଉଭୟେ ରୁଗ୍ଣ ହୋଇପଡ଼ିବାର ଆଶଙ୍କା ଅଛି। ତେବେ ଉକ୍ତ ମିଶ୍ରଣକୁ ପୂରା ଖରାପ ବୋଲି କୁହାଯାଉ ନାହିଁ। ଏହା ନିଶ୍ଚିତରୂପେ ସମସ୍ୟାର ମୁକାବିଲା କରିବାର ଗୋଟିଏ ବାଟ। ତେବେ ବ୍ୟାଙ୍କଗୁଡ଼ିକ କିପରି ଦେବାଳିଆ ନ ହେବେ ଏବଂ ଲାଭକାରୀ ହେବେ, ସରକାର ସେ ବ୍ୟବସ୍ଥା କରିବା ଦରକାର। ଉକ୍ତ ମିଶ୍ରଣ ପ୍ରକ୍ରିୟାରେ ମଧ୍ୟ ବିଜ୍‌ନେସ୍ ପୋର୍ଟଫୋଲିଓଗୁଡ଼ିକୁ ଗୋଟିଏ ବ୍ୟାଙ୍କ ଅଧୀନକୁ ଆଣିବା, ଆଇଟି ବ୍ୟବସ୍ଥା ଏବଂ ମାନବସମ୍ବଳ ଆଦି ସମ୍ବନ୍ଧିତ ଅନେକ ଝାମେଲା ଅଛି। ଏ ପ୍ରକ୍ରିୟା ଭାବିଚିନ୍ତି ଦୂରଦୃଷ୍ଟିର ସହ କରିବା ଉଚିତ। ବୋର୍ଡଗୁଡ଼ିକ ବସି ନିଜର ସାଧାରଣ ଓ ଏକକ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ଦରକାର। ସମସ୍ତଙ୍କ ସହଯୋଗ ଭିତ୍ତିରେ ସବୁକିଛି ହେବା ପାଇଁ ଚେଷ୍ଟା କରାଯିବା ଉଚିତ। ମିଶ୍ରଣ ପରେ ବ୍ୟାଙ୍କକୁ ବିଶ୍ୱମାନର କରିବା ଏବଂ ଏହା ଉପରେ ଯେପରି ରାଜନୈତିକ ହସ୍ତକ୍ଷେପ ନ ରହେ, ସେ ଦିଗରେ ଉଦ୍ୟମ କରାଯିବା ଦରକାର। ଏହା ହିଁ ହେଉଛି ବାସ୍ତବ ଆହ୍ୱାନ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | B | | | 6 | | | | | | 7 | |
| 3 | | 8 | A | | D | | 1 | | 7 | | 0 | C | | |
| A | | | | | 9 | | | | | | | B | 0 | 1 |
| 0 | C | | 3 | | | | | E | | | D | | | |
| D | | | | | | | | 4 | 3 | | 6 | | | |
| E | | | | | | B | | | | | | 5 | | 3 |
| C | 0 | | 7 | 3 | | | | | | | 9 | | 1 | |
| | | | | 8 | | D | | | | | 5 | | | |
| | | | 6 | E | B | 4 | 2 | 0 | | | | | | C |
| 7 | | | | | 4 | | | C | | 0 | 8 | E | A | |
| | | | | 7 | 3 | | | | | D | | 1 | 9 | 5 |
| 8 | | | 9 | | E | 6 | | B | | | 7 | | | 0 |
| | | | | | | | | 2 | 1 | 9 | | | | |
| B | 6 | | 8 | | | | | A | | 3 | | | | E |
| 1 | | | B | | A | | D | | 8 | | C | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 6 | 5 | 9 | 3 | A | C | 7 | E | 1 | 2 | 0 | 4 | 8 | D |
| D | 3 | 9 | 2 | 7 | C | 4 | 5 | 0 | B | E | 8 | 1 | A | 6 |
| 2 | 1 | 0 | 4 | 8 | 5 | 6 | B | D | 3 | A | 9 | 7 | E | C |
| 4 | A | 7 | B | 0 | E | 2 | 1 | 8 | 6 | C | D | 5 | 9 | 3 |
| E | C | 8 | 1 | D | 6 | A | 3 | 9 | 4 | 7 | 5 | 2 | 0 | B |
| 7 | E | 4 | A | 2 | B | 8 | 9 | 5 | C | D | 3 | 6 | 1 | 0 |
| 3 | 5 | 1 | D | 6 | 7 | 0 | 2 | C | 9 | 4 | E | A | B | 8 |
| 6 | 8 | D | 0 | C | 9 | 7 | A | 3 | 5 | 1 | B | E | 4 | 2 |
| A | B | 2 | 3 | 4 | 8 | D | E | 1 | 0 | 6 | 7 | C | 5 | 9 |
| 9 | 0 | C | E | 5 | 1 | B | 4 | 6 | 2 | 8 | A | 3 | D | 7 |
| 8 | 9 | 3 | 7 | 1 | 4 | 5 | 6 | A | D | B | C | 0 | 2 | E |
| 0 | 4 | E | 5 | B | 3 | 1 | 8 | 2 | 7 | 9 | 6 | D | C | A |
| C | 7 | B | 8 | E | 0 | 3 | D | 4 | A | 5 | 2 | 9 | 6 | 1 |
| 5 | D | A | 6 | 9 | 2 | E | C | 7 | 8 | 0 | 1 | B | 3 | 4 |
| 1 | 2 | 6 | C | A | D | 9 | 0 | B | E | 3 | 4 | 8 | 7 | 5 |

ଗତକାଲିର ଉତ୍ତର



ଶରତ ଚନ୍ଦ୍ର ମିଶ୍ର

# ପାକିସ୍ତାନର ଭବିଷ୍ୟତ

ଆନ୍ତର୍ଜାତିକ ମାନଦଣ୍ଡ, ଆୟତନ ଓ ଲୋକସଂଖ୍ୟା ଦୃଷ୍ଟିରୁ ପାକିସ୍ତାନ ଏକ ମଧ୍ୟମବର୍ଗର ବିକାଶଶୀଳ ରାଷ୍ଟ୍ର। ଏହାର ମାନବ ସମ୍ପଦ ସୁଗଠିତ, ବଳବାନ୍ ଓ ଦେଶ ଉତ୍ତମମାନର ସୈନିକ, ଚାଷୀ ଓ କାରିଗରରେ ଭରପୂର। ପଞ୍ଜାବ ପ୍ରଦେଶରେ ଜଳସେଚିତ ଜମି, ସିନ୍ଧୁନଦୀ ଓ ତାହାର ଶାଖାନଦୀ, ବେଲୁଚିସ୍ତାନର ଖଣିଜ ସମ୍ପଦ ଓ ପ୍ରାକୃତିକ ଗ୍ୟାସ, ଉତ୍ତରାଞ୍ଚଳର ପ୍ରାକୃତିକ ଦୃଶ୍ୟ, ଗିରିଶୃଙ୍ଗ, କରାଚୀର ବ୍ୟବସାୟିକ ପରମ୍ପରା, ଆରବ ସାଗର ସନ୍ନିହିତ ସୁଦୀର୍ଘ ଉପକୂଳର ଅବସ୍ଥିତି ହେତୁ ପାକିସ୍ତାନ ଏକ ସମୃଦ୍ଧିଶାଳୀ ଓ ଆକର୍ଷଣୀୟ ରାଷ୍ଟ୍ର ହେବାର ସମସ୍ତ ଉପାଦାନ ପ୍ରାପ୍ତ ହୋଇଛି। ବାଂଲାଦେଶ ମୁକ୍ତିଯୁଦ୍ଧ (୧୯୭୧)ରେ ଦେଶ ଦ୍ୱିଖଣ୍ଡିତ ହେବା ପର୍ଯ୍ୟନ୍ତ, ପାକିସ୍ତାନ ବିଶ୍ୱର ସର୍ବବୃହତ୍ ମୁସଲିମ୍ ରାଷ୍ଟ୍ର ଥିଲା ଓ ପାକିସ୍ତାନ ସୃଷ୍ଟିର ପ୍ରଥମ ପଚିଶ ବର୍ଷ ପର୍ଯ୍ୟନ୍ତ ଏହା ବିଶ୍ୱର ସବୁଠାରୁ ଅଗ୍ରଗଣ୍ୟ ମୁସଲିମ ରାଷ୍ଟ୍ର ଭାବେ ବିବେଚିତ ହେଉଥିଲା। ସତୁରିଦଶକରେ ଅପ୍ରତ୍ୟାଶିତ ତୈଳ ଦର ବୃଦ୍ଧି ହେତୁ, ମଧ୍ୟପ୍ରାଚ୍ୟର ଦେଶମାନେ ଧନଶାଳୀ ହୋଇଉଠିଲେ ଓ ପାକିସ୍ତାନ ଦ୍ୱିଖଣ୍ଡିତ ହୋଇ ନିଜର ଶ୍ରେଷ୍ଠତ୍ୱ ହରାଇ ବସିଲା। ଏବେ ମଧ୍ୟ ୫୨ଟି ମୁସଲମାନ ଦେଶ ମଧ୍ୟରେ ପାକିସ୍ତାନ ୫/୬ଟି ଆଗୁଆ ମୁସଲିମ ରାଷ୍ଟ୍ର ମଧ୍ୟରେ ପରିଗଣିତ। ପାକିସ୍ତାନ ହିଁ ଏକମାତ୍ର ଜଣାଶୁଣା ପରମାଣୁ ଶକ୍ତିସମ୍ପନ୍ନ ମୁସଲିମ ରାଷ୍ଟ୍ର, ଯଦିଓ ପୂର୍ବତନ ସୋଭିଏଟ ରୁଷିଆର କେତେକ ମୁସଲମାନ ରାଷ୍ଟ୍ର ପାଖରେ ପରମାଣୁ ଶକ୍ତି ଥିବାର ସନ୍ଦେହ କରାଯାଏ। ପୃଥିବୀର ଦୁଇ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଓ ଚାଇନା ସହିତ ପାକିସ୍ତାନର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି। ଚାଇନା ସହିତ ସମ୍ପର୍କ ନିବିଡ ଓ ଆମେରିକାର ଟ୍ରମ୍ପ ଶାସନ ସହିତ ସମ୍ପର୍କରେ କିଛିଟା ଶିଥିଳତା ପରିଲକ୍ଷିତ। ଅନେକ ଶିକ୍ଷିତ ପାକିସ୍ତାନୀ ବିଶେଷତଃ ମୋହାଜିରମାନେ ଆମେରିକା, ଇଂଲଣ୍ଡ ଓ କାନାଡାରେ ଡାକ୍ତର, ଇଞ୍ଜିନିୟର ଓ ଅଧ୍ୟାପକ ଆଦି ବୌଦ୍ଧିକ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି। ମଧ୍ୟପ୍ରାଚ୍ୟରେ ବହୁ ସଂଖ୍ୟାରେ ପାକିସ୍ତାନୀ କୁଶଳୀ ଓ ଅର୍ଦ୍ଧକୁଶଳୀ କାରିଗର କାର୍ଯ୍ୟରତ।

ପାକିସ୍ତାନର ସେନା ମୁସଲିମ ଜଗତର ସବୁଠାରୁ ବଳଶାଳୀ ଓ ଆଧୁନିକ। ସାମରିକ ବାହିନୀ ପାଖରେ F-16 ବିମାନ, AWACS ବିମାନ, M-48 ଟ୍ୟାଙ୍କ ଓ ଅତ୍ୟାଧୁନିକ ବୁଡାଜାହାଜ ଆଦି ଉଚ୍ଚମାନର ଅସ୍ତ୍ରଶସ୍ତ୍ର ମହଜୁଦ। ପାକିସ୍ତାନ ଚାଇନାଠାରୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରାପ୍ତ ହେଉଛି। ପାକିସ୍ତାନ ସେନା ଅଫିସରମାନେ ଅନେକ ମୁସଲିମ ରାଷ୍ଟ୍ରରେ ପ୍ରଶିକ୍ଷଣ ପ୍ରଦାନ କରନ୍ତି। ଦେଶରକ୍ଷା ବାହିନୀର ଅନେକ ଅଫିସର ଆମେରିକାରେ ପ୍ରଶିକ୍ଷଣପ୍ରାପ୍ତ। ଏ ସମସ୍ତ ସକାରାତ୍ମକ କାରକ ସତ୍ତ୍ୱେ ବିଶ୍ୱ ଦରବାରରେ ଅଧୁନା ପାକିସ୍ତାନକୁ ଏକ ବିଫଳ ରାଷ୍ଟ୍ର ବୋଲି ବିବେଚନା କରାଯାଉଛି। ଦେଶ ଆର୍ଥିକ ସଙ୍କଟ ମଧ୍ୟ ଦେଇ ଗତିକରୁଛି। ବିଦେଶୀମାନେ ଋଣ ପ୍ରଦାନ କରିବାକୁ ଓ ପୁଞ୍ଜି ନିବେଶ କରିବାକୁ ପ୍ରସ୍ତୁତ ନୁହନ୍ତି। ନିଜର ସକାରାତ୍ମକ ଉପାଦାନଗୁଡ଼ିକୁ ପାକିସ୍ତାନ କେଉଁ ପରିସ୍ଥିତିରେ ଉପଯୁକ୍ତ ବିନିଯୋଗ କରିବାରେ ସମର୍ଥ ହୋଇନାହିଁ, ତାହା ଆଲୋଚ୍ୟ।

ଅବିଭକ୍ତ ଭାରତରେ ଇଂଲିଶ ଶିକ୍ଷାପ୍ରାପ୍ତ ମୁସଲିମ ମଧ୍ୟବିତ୍ତ ଶ୍ରେଣୀ, ହିନ୍ଦୁ ମଧ୍ୟବିତ୍ତ ଶ୍ରେଣୀ ସହିତ ପ୍ରତିଯୋଗିତା କରି ନ ପାରି, ନିଜ ନିମନ୍ତେ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଦାବି କଲା ଓ ସେଇ ଅଭୀଷ୍ଟ ସାଧନ ନିମନ୍ତେ ଧର୍ମ ଓ ସାମନ୍ତବାଦୀ ଶକ୍ତିର ସାହାଯ୍ୟ ନେଲା। ୟୁରୋପରେ ରାଜ୍ୟ ଶାସନରେ ଚର୍ଚ୍ଚର ପରାଜୟ ପରେ, ଧର୍ମଭିତ୍ତିରେ କୌଣସି ରାଷ୍ଟ୍ର ଗଠନ ହୋଇ ନ ଥିଲା ଓ ତୁରସ୍କର ଖଲିଫା ପଦ ଉଚ୍ଛେଦ ପରେ ମୁସଲିମ ଜଗତରୁ ମଧ୍ୟ ଧର୍ମର ପ୍ରଭାବ ହ୍ରାସ ପାଇଆସୁଥିଲା। ଦ୍ୱିତୀୟ ମହାଯୁଦ୍ଧ ପରେ ଧର୍ମଭିତ୍ତିରେ ଇସ୍ରାଏଲ ଓ ପାକିସ୍ତାନ ଗଠନ ହେଲେ ହେଁ, ଇସ୍ରାଏଲ ଧର୍ମକୁ ଦେଶ ଶାସନରେ କୌଣସି ପ୍ରାଧାନ୍ୟ ପ୍ରଦାନ କରି ନାହିଁ। ପକ୍ଷାନ୍ତରେ ପାକିସ୍ତାନରେ ଦେଶ ଶାସନରେ ଇସଲାମର ଭୂମିକା ଏବେ ମଧ୍ୟ ଏକ ବିବାଦୀୟ ବିଷୟ। ପାକିସ୍ତାନର ସମ୍ଭ୍ରାନ୍ତବର୍ଗ ପାଶ୍ଚାତ୍ୟ ଶିକ୍ଷା ପଦ୍ଧତିରେ ଶିକ୍ଷାପ୍ରାପ୍ତ ଓ ପୁଞ୍ଜିବାଦୀ ପଦ୍ଧତିର ଭୋଗବାଦରେ ବିଶ୍ୱାସୀ। ଅନେକ ବ୍ୟକ୍ତି କିନ୍ତୁ ଦେଶ ପରିଚାଳନାରେ ଧର୍ମର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ବିଶ୍ୱାସୀ। ଏଇ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ପାକିସ୍ତାନ ସମାଜ ଓ ରାଷ୍ଟ୍ର ଆଧୁନିକତାର ସ୍ୱାଦ ପାଇପାରିବ ନାହିଁ। ଧର୍ମର ଭୂମିକାର ଦ୍ୱନ୍ଦ୍ୱ ନେଇ, ଅହମଦିଆଙ୍କୁ ଅଣମୁସଲିମ୍ ଘୋଷଣା, ସଂଖ୍ୟାଲଘୁଙ୍କ ପ୍ରତି ଅବହେଳା ଓ ଅତ୍ୟାଚାର, ଶିୟା-ସୁନ୍ନି ସଂଘର୍ଷ, ସରିଆତ କୋର୍ଟ ପ୍ରତିଷ୍ଠା ଓ ତାଲିବାନର ସୃଷ୍ଟି ଆଦି ବିଭେଦକାରୀ ଶକ୍ତି ସମାଜରେ ମୁଣ୍ଡ ଟେକିଛି। ପାକିସ୍ତାନର ପ୍ରତିଷ୍ଠାତା ଜିନ୍ନା ଜଣେ ଶିୟା ମୁସଲମାନ ଥିଲେ। ବର୍ତ୍ତମାନ କିନ୍ତୁ ଶିୟାମାନେ ଅସୁରକ୍ଷିତ ଜୀବନଯାପନ କରୁଛନ୍ତି। ବ୍ରିଟିଶ କାଉନସିଲ ଦ୍ୱାରା ଏକ ସର୍ଭେରୁ ଜଣାଯାଏ ଯେ, ଦେଶରେ ଚାରିଭାଗରୁ ତିନିଭାଗ ବ୍ୟକ୍ତି ନିଜକୁ ପ୍ରଥମେ ମୁସଲମାନ ଓ ପରେ ପାକିସ୍ତାନୀ ବୋଲି ବିଚାର କରନ୍ତି। ପାକିସ୍ତାନୀ ଜାତୀୟତାବାଦ ଏ ଯାବତ୍ ସୃଷ୍ଟି ହୋଇପାରିନାହିଁ। ପାକିସ୍ତାନ ଏ ପର୍ଯ୍ୟନ୍ତ ଆତ୍ମ-ପରିଚୟ ଅନ୍ୱେଷଣରେ ବ୍ୟସ୍ତ।

ପୂର୍ବରେ ଭାରତର ବଳଶାଳୀ ସାମରିକ ଶକ୍ତି ଓ ପଶ୍ଚିମରେ ଆଫଗାନିସ୍ତାନ ସହିତ ବିରୋଧ ଭାବ ହେତୁ, ପାକିସ୍ତାନ ଏକ ମହାଶକ୍ତିର ଆଶ୍ରୟ ନେବାକୁ ବାଧ୍ୟ। ନିଜଠାରୁ ପ୍ରତ୍ୟେକ କ୍ଷେତ୍ରରେ ୫/୬ ଗୁଣ ବଡ ଓ ବଳଶାଳୀ ଭାରତ ସାଙ୍ଗରେ ଏକାଧିକ ବାର ଯୁଦ୍ଧ କରି ପାକିସ୍ତାନ ଅପଦସ୍ଥ ହୋଇଛି ଓ ପ୍ରତ୍ୟେକ ଯୁଦ୍ଧ ଆର୍ଥିକ ମାନଦଣ୍ଡକୁ ଦୋହଲାଇ ଦେଇଛି। ପ୍ରତ୍ୟେକ ଯୁଦ୍ଧ ପରେ ପୁଣି ଆମେରିକା ଓ ଚାଇନା ପାଖରେ ଶରଣ ପଶି, ଦେଶର ସାର୍ବଭୌମତ୍ୱକୁ ଏକପ୍ରକାର ଜଳାଞ୍ଜଳି ପ୍ରଦାନ କରିଛି।

କଶ୍ମୀର ଅଧିକାର ପାକିସ୍ତାନୀ ଶାସକ ଗୋଷ୍ଠୀର ଏକ ଅଧୁରା ସ୍ୱପ୍ନ। ତତ୍‌ସହିତ ୧୯୭୧ ମସିହାର ପରାଜୟର ପ୍ରତିଶୋଧ ନେବା ଆଶା ଏକ ଅନିର୍ବାଣ ଶିଖା। ଫଳତଃ ବଜେଟର ପ୍ରାୟ ତିରିଶ ଭାଗ ଦେଶରକ୍ଷା ବାହିନୀ ନିମନ୍ତେ ବ୍ୟୟ ହେଉଛି ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଜନମଙ୍ଗଳ କାର୍ଯ୍ୟ ନିମନ୍ତେ ପର୍ଯ୍ୟାପ୍ତ ଅର୍ଥ ରହୁନାହିଁ। ଇସ୍‌ଲାମ ଓ ଗଣତନ୍ତ୍ର, ଦୁଇଟି ପରସ୍ପରବିରୋଧୀ ଧାରଣା। ଦେଶର ନ୍ୟସ୍ତସ୍ୱାର୍ଥ ଶାସକ ଗୋଷ୍ଠୀ, ଜନସାଧାରଣଙ୍କୁ ଗଣତାନ୍ତ୍ରିକ ପଦ୍ଧତିରେ କ୍ଷମତା ପ୍ରଦାନ କରିବାକୁ ଅନିଚ୍ଛୁକ। ଗଣତନ୍ତ୍ରର ଅଭାବ ହେତୁ, ଜନହିତକର କାର୍ଯ୍ୟ ନିମନ୍ତେ ଚାପ ସୃଷ୍ଟି ହୋଇପାରୁନାହିଁ।

ଦେଶର ବିଭିନ୍ନ ଗୋଷ୍ଠୀ, ଯଥା ପଞ୍ଜାବୀ, ପଠାନ, ବେଲୁଚି, ସିନ୍ଧୀ ଓ ମୋହାଜିରଙ୍କ ମଧ୍ୟରେ ଏକ ସହଯୋଗ ବାତାବରଣ ସୃଷ୍ଟି ହୋଇପାରୁନାହିଁ। ଦେଶର ସଂଖ୍ୟାଗରିଷ୍ଠ ପଞ୍ଜାବୀ (୫୬%) ମାନେ ଅନ୍ୟମାନଙ୍କୁ ଶୋଷଣ କରୁଛନ୍ତି ବୋଲି ଅନ୍ୟମାନେ ଅଭିଯୋଗ କରନ୍ତି। ବ୍ରିଟିଶ କାଉନସିଲ ତଥ୍ୟ ଅନୁସାରେ ଦେଶର ଅଧିକାଂଶ ବ୍ୟକ୍ତି (୯୦%)ଙ୍କର ଶାସନ କଳ ଉପରେ ବିଶ୍ୱାସ ନାହିଁ ଓ ୮୦% ଯୁବଗୋଷ୍ଠୀ, ଦେଶ ଭଲ ଦିଗରେ ଗତି କରୁନାହିଁ ବୋଲି ମନେକରନ୍ତି। ଏ ପରିପ୍ରେକ୍ଷୀରେ ଶାସକ ଗୋଷ୍ଠୀ ଭାରତ ବିରୋଧୀ ମନୋଭାବ ସୃଷ୍ଟି କରି ଓ କଶ୍ମୀର ସମସ୍ୟା ଉପରେ ଅତ୍ୟଧିକ ଗୁରୁତ୍ୱ ଆରୋପ କରି ଦେଶବାସୀଙ୍କୁ ଏକତ୍ର କରିବାକୁ ଚାହାନ୍ତି। ଭାରତ ପ୍ରତି ଈର୍ଷାନ୍ୱିତ ହୋଇ ଭାରତ ବିରୋଧରେ ସନ୍ତ୍ରାସବାଦକୁ ପ୍ରୋତ୍ସାହନ ପ୍ରଦାନ କରିବା ଫଳରେ, ପାକିସ୍ତାନ ସନ୍ତ୍ରାସବାଦର ଅନୁଡିଶାଳ ବୋଲି ବିଦେଶରେ ଧାରଣା।

ନିଜର ମଧ୍ୟମ ବର୍ଗର ବାସ୍ତବତାକୁ ଭୁଲି ସମସ୍ତ କାରକରେ ନିଜଠାରୁ ଢେର ବେଶି ବଡ ଭାରତ ସହିତ ସମତାର ମନୋଭାବ ପାକିସ୍ତାନୀ ଶାସକ ଗୋଷ୍ଠୀକୁ ଆକ୍ରାନ୍ତ କରିଛି ଓ ତାହା ହିଁ ଦେଶର ଅଧୋଗତିର ମୁଖ୍ୟ କାରଣ। ଜଣେ ପାକିସ୍ତାନୀ ବୁଦ୍ଧିଜୀବୀଙ୍କ ମତରେ ପାକିସ୍ତାନ ପକ୍ଷରେ ଦୁଇଟି ବିକଳ୍ପ ଅଛି। ଶାନ୍ତିପୂର୍ଣ୍ଣ ଭାବରେ ଭାରତର କାନାଡା ହେବ ନା ମେକ୍ସିକୋ ପରି ଚିରଦିନ ଈର୍ଷା କରି ହନ୍ତସନ୍ତ ହେବ। ବୁଦ୍ଧିଜୀବୀ ଜଣକ ଏଠାରେ ଭାରତକୁ ଆମେରିକା ସହିତ ତୁଳନା କରି, ନିଜ ଦେଶର ନେତାଙ୍କୁ କାନାଡା ପଥ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି।

ସମାଜରେ ସାମନ୍ତବାଦର ପ୍ରଭାବ ଅକ୍ଷୁର୍ଣ୍ଣ। ପୁଞ୍ଜିବାଦ ଓ ସାମନ୍ତବାଦର ଚିରାଚରିତ ସଂଘର୍ଷ ଏ ଯାବତ୍ ରୂପ ନେଇନାହିଁ। ସମାଜବାଦର ଧ୍ୱନି ଏ ପର୍ଯ୍ୟନ୍ତ ଜନସମାଜକୁ ସ୍ପର୍ଶ କରିନାହିଁ। ଜନସାଧାରଣଙ୍କ ଦାରିଦ୍ର୍ୟ, ଅଶିକ୍ଷା ଜନିତ ଗ୍ଲାନିକୁ ଧର୍ମର ଦ୍ୱାହିଦେଇ ଭିନ୍ନ ପଥରେ ପରିଚାଳିତ କରିବାକୁ ଉଦ୍ୟମ ହେଉଛି। ସମାଜରେ ଆମେରିକା, ଚାଇନା ଓ ସଉଦୀ ଆରବର ପ୍ରଭାବ ସୁସ୍ପଷ୍ଟ। ଦେଶର ନ୍ୟସ୍ତସ୍ୱାର୍ଥ ଶାସକ ଗୋଷ୍ଠୀ ଏକ ବିସ୍ଫୋରକ ପରିସ୍ଥିତି ଉପରେ ଆସୀନ ଓ ଜନସାଧାରଣଙ୍କ ବିସ୍ଫୋରଣ କେତେକାଳ ପର୍ଯ୍ୟନ୍ତ ପ୍ରତିହତ କରିପାରିବେ, ତାହା ସମୟ କହିବ।

ମୋ: ୯୯୩୭୪୨୨୫୨୧



ଇଂ. ରୌଶନ ଖାନ୍

# ଶହୀଦ ଇମାମ ହୁସେନ

## ପବିତ୍ର ମହରମ ଉପଲକ୍ଷେ

ମାନବିକତାର ସୁରକ୍ଷା ପାଇଁ ଯେଉଁମାନେ ଈଶ୍ୱରଙ୍କ ପଥରେ ଜୀବନ ଉତ୍ସର୍ଗ କରନ୍ତି ଓ ଦେଶମାତୃକାକୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ଯୁଦ୍ଧ କରି ପ୍ରାଣବଳି ଦେଇଥାନ୍ତି, ସେମାନଙ୍କୁ 'ଶହୀଦ' କୁହାଯାଏ। ସେହିପରି ଜଣେ ଦେବପୁରୁଷ ଥିଲେ ହଜରତ ଇମାମ୍ ହୁସେନ। ସେ ଇରାକର କରବଲା ମୈଦାନରେ ଯୁଦ୍ଧ କରି ୬୧ ହିଜିରି ମହରମ ୧୦ ଦିନ ଶହୀଦ ହୋଇଥିଲେ। ସେ ହେଉଛନ୍ତି ହଜରତ ମହମ୍ମଦଙ୍କ ନାତି ଓ ଚତୁର୍ଥ ଖଲିଫା ହଜରତ ଅଲ୍ଲିଙ୍କ ପୁତ୍ର।

ଈଶ୍ୱରଙ୍କ ନାମରେ ଧର୍ମକୁ ଆଳ କରି ଯେଉଁମାନେ ଈଶ୍ୱରଙ୍କ ମାର୍ଗରେ ସର୍ବସ୍ୱ ତ୍ୟାଗ କରୁଥିବା ନିରୀହ ବ୍ୟକ୍ତିମାନଙ୍କୁ ହତ୍ୟା କରନ୍ତି, ସେମାନେ କେବଳ ନିଜ ଦେଶ, ଜାତି ବା ଧର୍ମର ଶତ୍ରୁ ନୁହନ୍ତି ବରଂ ସମଗ୍ର ମାନବସମାଜର ଶତ୍ରୁ। ପରକାଳରେ ସେମାନଙ୍କ ବାସସ୍ଥାନ ନର୍କ ହେବ ଓ ସେଠାରେ ସେମାନେ କଠୋର ଶାସ୍ତି ଭୋଗ କରିବେ ବୋଲି ପବିତ୍ର କୋରାନ କହିଥାଏ। (ଅଲ ନିସା: ୯୪)। କଲ୍‌ମା (ମୁସଲିମ ମୂଳମନ୍ତ୍ର) ପଢୁଥିବା ଜଣେ ବ୍ୟକ୍ତି ନିଜକୁ ଧାର୍ମିକ ବୋଲାଉଥିଲେ ସୁଦ୍ଧା ସେ ଯଦି ଅନ୍ୟ ଜଣେ ଈଶ୍ୱରବିଶ୍ୱାସୀଙ୍କ ପ୍ରାଣନାଶ କରେ, ତେବେ ଏହାଠାରୁ ବଳି ଦୁର୍ଭାଗ୍ୟଜନକ କଥା ଆଉ କ'ଣ ଥାଇପାରେ! ସପ୍ତମ ଶତାବ୍ଦୀରେ ସେହିପରି ଏକ ହୃଦୟବିଦାରକ ଘଟଣା ଇସଲାମ ଇତିହାସକୁ ରକ୍ତରଞ୍ଜିତ କରିଥିଲା।

ହଜରତ ମହମ୍ମଦଙ୍କ ଦେହାବସାନର ୩୦ ବର୍ଷ ପରେ ମାୱିଆଙ୍କ ପୁତ୍ର ୟଜିଦ୍ ନାମକ ଜଣେ ସ୍ୱେଚ୍ଛାଚାରୀ ଶାସକ ଖଲିଫା ରୂପେ ଶାସନ ଗାଦି ଅକ୍ତିଆର କଲେ। କିନ୍ତୁ ସେତେବେଳେ ହଜରତ ଇମାମ୍ ହୁସେନ ସେହି ଇସଲାମ ବିରୋଧୀ ବଂଶାନୁକ୍ରମିକ ଖଲିଫାଙ୍କ ବଶ୍ୟତା ସ୍ୱୀକାର କଲେନାହିଁ। ସେ କହିଲେ ବାପ ଅନ୍ତେ କୌଣସି ପୁଅ ଗାଦି ମାଡିବସି ପାରିବ ନାହିଁ। କାରଣ ଏକ ସାର୍ବଜନୀନ ନିର୍ବାଚନ ବିଧି ବ୍ୟବସ୍ଥା ଅନୁଯାୟୀ ଦେଶ ବା ସମ୍ପ୍ରଦାୟ ଶୃଙ୍ଖଳିତ ଉପାୟରେ ଖଲିଫା ନିଯୁକ୍ତ କରିବେ। ଇମାମ ହୁସେନ ୟଜିଦ୍‌ଙ୍କ ଆନୁଗତ୍ୟ ସ୍ୱୀକାର କରି ନ ଥିଲେ ମଧ୍ୟ ମୁସଲମାନ ସାମ୍ରାଜ୍ୟରେ ସର୍ବଦା ଶାନ୍ତି ଓ ମୈତ୍ରୀ ଚାହୁଁଥିଲେ। ନିଜେ କୌଣସି କ୍ଷମତା ହାସଲ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା। ଦେଶରୁ ଅରାଜକତା ଦୂର କରି ସତ୍ୟ ପ୍ରତିଷ୍ଠା କରିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା। କିନ୍ତୁ ନିଷ୍ଠୁର ୟଜିଦ୍ ୟଜିଦ୍ ଛଳନା କରି ତାଙ୍କୁ ସପରିବାର ନିଜ ପାଖକୁ ଇରାକ ଡକାଇ ପଠାଇଲେ। ବାଟରେ ତାଙ୍କର ବିଶାଳ ସୈନ୍ୟବାହିନୀର ମୁକାବିଲା କରିବା ପାଇଁ ତାଙ୍କୁ ବାଧ୍ୟ କରାଗଲା। ହୁସେନଙ୍କ ପକ୍ଷରେ ତାଙ୍କ ପରିବାରବର୍ଗ ଓ ସାଥୀମାନଙ୍କର ଏକ କ୍ଷୁଦ୍ର ଦଳ ଥିଲା, ଯାହାର ସଂଖ୍ୟା ମାତ୍ର ୭୦ରୁ ୭୨ ମଧ୍ୟରେ। ଏହି ନଗଣ୍ୟ ଓ ଅସ୍ତ୍ରହୀନ ଦୁର୍ବଳ ସେନା ଶତ୍ରୁପକ୍ଷରୁ ହେଉଥିବା ତୀର ଓ ତରବାରିର ପ୍ରବଳ ଆକ୍ରମଣ ଫଳରେ ଜଣଙ୍କ ପରେ ଜଣେ ଟଳି ପଡିଲେ। ହଜରତ ହୁସେନଙ୍କୁ ମଧ୍ୟ ଚାରିପଟୁ ଘେରିଯାଇ ତାଙ୍କ ଉପରେ ଝାମ୍ପି ପଡିଲେ ନରହନ୍ତା ପିଶାଚଗଣ। ତାଙ୍କୁ ନିର୍ଦ୍ଦୟ ଭାବରେ ହତ୍ୟା କଲେ। ଶତ୍ରୁର ପୈଶାଚିକ ଲୀଳା ସେତିକିରେ ଶେଷ ହୋଇ ନ ଥିଲା। ହଜରତ ମହମ୍ମଦଙ୍କ ପ୍ରାଣଠାରୁ ପ୍ରିୟ ସେହି ନାତିଙ୍କ ମରଶରୀର ସହିତ ମଧ୍ୟ ସେମାନେ ଅତ୍ୟନ୍ତ ଅମାନୁଷିକ ବ୍ୟବହାର କରିଥିଲେ। ଯୁଦ୍ଧକ୍ଷେତ୍ରରେ ଦୁର୍ଦ୍ଧାନ୍ତ କୋଫିଓ ଗୋଷ୍ଠୀ ନିଷ୍ପାପ ଲୋକଙ୍କ ରକ୍ତରେ ହୋଲି ଖେଳିଲେ। ପୁଣି ଅମରୋ ବିନ ସାଦ୍‌ଙ୍କ ଡାକରାରେ ଦଶଜଣ ଅଶ୍ୱାରୋହୀ ଇମାମ୍ ହୁସେନଙ୍କ କ୍ଷତବିକ୍ଷତ ଶବକୁ ଘୋଡାର ପାଦତଳେ ଦଳି ଚକଟି ଖିନ୍‌ଭିନ୍ କରିଦେଲେ। ଶହୀଦ ହେବା ପୂର୍ବରୁ ହୁସେନ କହିଥିଲେ, "ଆଲ୍ଲାଙ୍କ ରାଣ! ମୋ ପରେ ଈଶ୍ୱରଙ୍କ କୌଣସି ଭକ୍ତକୁ ତୁମେ ଏପରି ବୀଭତ୍ସ ଭାବେ ହତ୍ୟା କରିବ ନାହିଁ, ଯାହା ଫଳରେ ତୁମ ପ୍ରତି ଆଲ୍ଲାଙ୍କ କୋପ ଭୟଙ୍କର ହେବ।"

ଶେଷରେ ଇତିହାସର ପୁନରାବୃତ୍ତି ଘଟିଲା ଏବଂ ଶହୀଦ୍ ହୁସେନ୍‌ଙ୍କ ଅନ୍ତିମ ବାକ୍ୟ ସତ୍ୟରେ ପରିଣତ ହେଲା। ଯେଉଁ ଫରାତ ନଦୀ କୂଳରେ ହୁସେନଙ୍କ ଦଳକୁ ଅଟକାଇ ଯୁଦ୍ଧରେ ଅତର୍କିତ ଭାବରେ ନିହତ କରାଯାଇଥିଲା, ସେହି ସ୍ଥାନରେ ହିଁ ଉକ୍ତ ଘଟଣାର ୬ ବର୍ଷ ପରେ ଠିକ୍ ସେହି ମାସ ଓ ସେହି ଦିନ ହିଁ ୟଜିଦ୍‌ର ପରମ ସହଯୋଗୀ ଇବ୍ନ ଜିୟାଦ ତଥା ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମୁଖ୍‌ତାରଙ୍କ ସୈନ୍ୟମାନେ ଅତି ଦୟନୀୟ ଭାବରେ ହତ୍ୟା କଲେ।

ଆଜି ମଧ୍ୟ ଅନୀତି ଓ ଅଧର୍ମରେ ଲିପ୍ତ ୟଜିଦ୍‌ଙ୍କ ଗୋଷ୍ଠୀ ପୃଥିବୀରେ ରହିଛନ୍ତି, ଯେଉଁମାନଙ୍କ ଅନ୍ୟାୟ ଓ କ୍ରୂରତା ବିରୋଧରେ ଇମାମ ହୁସେନଙ୍କ ମନୋଭାବାପନ୍ନ ସତ୍ୟନିଷ୍ଠ ବ୍ୟକ୍ତି ଓ ସଂଗଠନ ଲଢେଇ ଜାରି ରଖିଛନ୍ତି। ତାହା ମିଶରରେ ଚାଲିଥିବା ଅମାନବୀୟ କାର୍ଯ୍ୟକଳାପ ହେଉ ଅଥବା କଶ୍ମୀର, ବୋସ୍‌ନିୟା, ପାଲେଷ୍ଟାଇନ କିମ୍ବା ଚେଚେନ୍ୟା ଇତ୍ୟାଦିରେ ଆଇଏସ୍ ଉଗ୍ରବାଦୀ ସଂଗଠନ ଦ୍ୱାରା ଅତ୍ୟାଚାରର ଅମାନୁଷିକ ଲୀଳା। ଯେ ପର୍ଯ୍ୟନ୍ତ ଆମେ ମାନବୀୟ ଆଚରଣ ଦ୍ୱାରା ସତ୍ୟ ଓ ନ୍ୟାୟର ସେବକ ନ ସାଜିଛୁ, ସେ ପର୍ଯ୍ୟନ୍ତ ମାନବିକତା କ୍ଷୁଣ୍ଣ ହୋଇଚାଲିଥିବ। ବିଶ୍ୱ ମାନବଜାତି ବିଶେଷତଃ ମୁସଲିମ୍ ରାଷ୍ଟ୍ର ଏକଜୁଟ ହୋଇ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାର ଆଜି ସମୟ ଆସିଛି। ଏହା ହିଁ ହଜରତ ଇମାମ ହୁସେନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ।

ସହକାରୀ ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ, ବୃନ୍ଦାହିଲ, ସମ୍ବଲପୁର, ମୋ– ୯୪୩୭୬୮୪୮୫୯

## ଏଇ ଭାରତରେ

କୌଣସି ବ୍ୟକ୍ତିଙ୍କୁ ଶାରୀରିକ ନିର୍ଯାତନା ଦେଲେ ତାହାର ପରିଣତି ଭୋଗିବାକୁ ପଡ଼େ। ଜଣେ ୫୦ବର୍ଷୀୟ ମହିଳାଙ୍କୁ ତାଙ୍କ ଭାଇ ଓ ଭାଉଜ ୨ବର୍ଷ ଧରି ଘରେ ଅଟକ ରଖିବା ସହିତ ଭୋକ ଉପାସରେ ବଞ୍ଚିବାକୁ ଦେଉଥିଲେ। ଏହାର ପରିଣାମ ସ୍ୱରୂପ ୨ଜଣଙ୍କୁ ଗିରଫ କରାଯାଇଛି। ଏପରି ଏକ ଘଟଣା ଦିଲ୍ଲୀରେ ଘଟିଛି। ଏ ସମ୍ପର୍କରେ ମହିଳାଙ୍କ ଅନ୍ୟ ଜଣେ ଭାଇ ଦିଲ୍ଲୀ ମହିଳା କମିଶନ୍‌ଙ୍କୁ ସୂଚନା ଦେବା ପରେ ଏହା ପଦାକୁ ଆସିଥିଲା। ମହିଳା କମିଶନ ଅଧ୍ୟକ୍ଷା ଉଦ୍ଧାର କରିବାକୁ ଯାଇ ଦେଖିବାକୁ ପାଇଲେ ଉକ୍ତ ମହିଳା ନିଜର ମଳମୂତ୍ର ଉପରେ ବସି ରହିଛନ୍ତି। ୪ଦିନ ହେଲା ତାଙ୍କୁ ଗୋଟିଏ ରୁଟି ଦିଆଯାଇଥିବା ଜାଣିବାକୁ ମିଳିଲା। ପୋଲିସ ଏ ସଂକ୍ରାନ୍ତରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସମାଜରେ ଏକ ଖରାପ ଉଦାହରଣ ସୃଷ୍ଟିହେବ ବୋଲି କମିଶନ ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ୍ ପ୍ରକାଶ କରିଥିଲେ। ସମ୍ପୃକ୍ତ ମହିଳାଙ୍କୁ ୫୦ବର୍ଷ ବୟସ ହୋଇଥିଲେ ହେଁ ସେ ୯୦ବର୍ଷର ବୃଦ୍ଧା ଭଳି ଦେଖାଯାଉଥିଲେ। ସେ ଉପବାସ ଯୋଗୁ ଏତେ ଜରାଜୀର୍ଣ୍ଣ ହୋଇପଡ଼ିଥିଲେ ଯେ, ଉଠିବାକୁ ସମର୍ଥ ହୋଇପାରୁ ନ ଥିଲେ। ଏହି ଘଟଣାରେ ମହିଳାଙ୍କ ଭାଇ ଓ ଭାଉଜଙ୍କୁ ଗିରଫ କରାଯାଇଛି। ସମ୍ପୃକ୍ତ ମହିଳାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଛି।

## ଚିରନ୍ତନୀ

ଆଜି ଭଦଭଦଳିଆ ଉଡ଼ିବ ବୋଲି ସେ ମୋର ପଥେ ଅଛି ଚାହିଁ
ପ୍ରଭାତ କୁକୁଟ କଣ୍ଠ ସଜାଡ଼େ ସେ ପରା ମୋହରି ପାଇଁ!
(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୧ ସେପ୍ଟେମ୍ବର ୧୯୯୩

- ଆଙ୍ଗୋଲାର କୁଇଟୋ ସହର ଉପରେ ୟୁନିଟା ବିଦ୍ରୋହୀମାନେ ସେଲ ମାଡ କରିବା ଫଳରେ ୫୦ଜଣଙ୍କ ମୃତ୍ୟୁ।
- ପଞ୍ଜାବ ପରିବହନ ନିଗମର ଏକ ବସ ରାଜସ୍ଥାନ ଫିଡର କେନାଲକୁ ଖସିପଡିବା ଫଳରେ ୭୦ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ସୌଭାଗ୍ୟ ନା ଦୁର୍ଭାଗ୍ୟ

ମହାଶୟ,

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ସହଜ ବିଜୁଳି ହରଘର ଯୋଜନା ବା ସୌଭାଗ୍ୟ ନାମକ ଯୋଜନା ପ୍ରଣୟନ କରିଛନ୍ତି। ଉକ୍ତ ଯୋଜନା ଅନୁଯାୟୀ ମାର୍ଚ୍ଚ ୨୦୧୯ ସୁଦ୍ଧା ଦେଶର ସମସ୍ତ ଘରକୁ ମାଗଣାରେ ବିଜୁଳି ଯୋଗାଇ ଦିଆଯିବ। ଏଥିରେ ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ପରିବାରଙ୍କୁ ବିଜୁଳି ଯୋଗାଇ ଦିଆଯିବ। ରାଜ୍ୟମାନଙ୍କର ବିଦ୍ୟୁତ୍ ଉତ୍ପାଦନ ଗୁରୁତର ଭାବେ ହ୍ରାସ ପାଇବାରେ ଲାଗିଛି। ଫଳରେ ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ପରିସ୍ଥିତିରେ କେଉଁଠି ବିଜୁଳି ତାର ବାଉଁଶ ଖୁଣ୍ଟରେ ଓ ଗଛରେ ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି। କେତେକ ପୁରାତନ ଖୁଣ୍ଟର ମୂଳ ଖାଇଯାଇଛି। ପୁଣି ସହରାଞ୍ଚଳରେ ଘନ ଘନ ବିଜୁଳି କାଟ ହେଉଛି। ଗ୍ରାମାଞ୍ଚଳ କଥା ନ କହିବା ଭଲ। ଦିନକୁ ଦିନ ବିଦ୍ୟୁତ୍ ଉତ୍ପାଦନରେ ଭୟାବହ ସଙ୍କଟ ଉପୁଜିଥିବା ବେଳେ ନୂତନ ବିଦ୍ୟୁତ୍ ସଂଯୋଗ ଯୋଜନା କେତେଦୂର ସଫଳ ହୋଇପାରିବ ତାହା ସମୟ କହିବ। ପୁରାତନ ବିଦ୍ୟୁତ୍ ଉପଭୋକ୍ତାଙ୍କ ଭଳି ସୌଭାଗ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ଉପଭୋକ୍ତାମାନେ ମଧ୍ୟ ଦଶା ଭୋଗିବେ। କେବଳ ଏତିକି ହେବ, ଲୋକମାନଙ୍କ ଅପେକ୍ଷା ଠିକା ସଂସ୍ଥାମାନେ ଅଧିକ ଲାଭବାନ ହେବେ। ମୋଟ ଉପରେ କହିବାକୁ ଗଲେ କେନ୍ଦ୍ର ସରକାରଙ୍କ ଏହି ଯୋଜନା ସୌଭାଗ୍ୟ ନା ଦୁର୍ଭାଗ୍ୟ ଜାଣିବାକୁ ବାକି ରହିଲା।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଶିକ୍ଷା ବନାମ ଶୈଶବ

ଉପେନ୍ଦ୍ର ବିଶ୍ୱାଳଙ୍କ ପ୍ରବନ୍ଧ 'ଶିକ୍ଷା ବନାମ ଶୈଶବ' ପାଠ କଲି। ସତରେ ଆଜିର ଡିଜିଟାଲ ଯୁଗରେ ଶୈଶବ ପୂର୍ଣ୍ଣମାତ୍ରାରେ ସଂକୁଚିତ କହିଲେ ଅତ୍ୟୁକ୍ତି ହେବନାହିଁ। ପୂର୍ବରୁ ୫ ବର୍ଷରେ ଖଡ଼ିଛୁଆଁ ହେଉଥିଲା, ଏବେ ଅଢ଼େଇବର୍ଷରେ ହେଉଛି ପ୍ଲେ ସ୍କୁଲରେ ନାମଲେଖା। ରବିବାର ଆର୍ଟ/ଡ୍ୟାନ୍ସ/କରାଟେ/ସଂଗୀତ ଶିକ୍ଷାର ବଡ଼ ରୁଟିନ। ସମସ୍ତେ ପିଲାକୁ ବହୁବିଦ୍ୟା ବିଶାରଦ ସର୍ବଗୁଣସମ୍ପନ୍ନ କରିବା ଲାଗି ଲାଳାୟିତ। ଏବେ ଜନ୍ମାଷ୍ଟମୀ ଗଲା। 'ଉଠିଲୁ ଏଡ଼େ ବେଗି କାହିଁକିରେ ଦୁଃଖୀଧନ' ବଦଳରେ ଆଧୁନିକା ମା' କଣ୍ଠରେ 'ଶୋଇଲୁ ଏତେ ବେଗି କାହିଁକିରେ ଦୁଃଖୀଧନ, ଏକ୍‌ଜାମ (ପରୀକ୍ଷା) ଅଛି କାଲି ମନେ ନାହିଁ କି' ଶୁଣିବାକୁ ମିଳୁଛି। ଆଗର ଦଶହରା/ଧାନକଟା/ଖରାଛୁଟି ଆଜି ବିପର୍ଯ୍ୟସ୍ତ। ସବୁବେଳେ ପରୀକ୍ଷାର ଖଣ୍ଡା ମୁଣ୍ଡ ଉପରେ ଝୁଲନ୍ତା ଅବସ୍ଥାରେ। ସମର କୋର୍ସ/କ୍ରାସ୍ କୋର୍ସ/ଫାଉଣ୍ଡେଶନ କୋର୍ସ ଇତ୍ୟାଦିରେ ଅଣନିଃଶ୍ୱାସୀ ଶିକ୍ଷାର୍ଥୀର ଲାଇଫ୍ କୋର୍ସ ଏକାବେଳକେ ନର୍ଭସ। ଏଥିରେ ପିଲାର ଶୈଶବ ଉଜୁଡ଼ିଯାଉଛି।

ଡି. ଲକ୍ଷ୍ମୀ ନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



"ଉଡାଣ ସାଧାରଣ ବ୍ୟକ୍ତିର ଆକାଂକ୍ଷାକୁ ସତ କରିଛି"
- ନରେନ୍ଦ୍ର ମୋଦି

सत्यमेव जयते

**ବିମାନ ପରିବହନ ମନ୍ତ୍ରଣାଳୟ**
ଭାରତ ସରକାର

# ପୂର୍ବୋଦୟରୁ ହେବ... ...ନୂତନ ଭାରତର ଉଦୟ

**ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ**

ଟର୍ମିନାଲ କ୍ଷେତ୍ରଫଳ: 4000 ବର୍ଗମିଟର | ପ୍ରକଳ୍ପ ମୂଲ୍ୟ: 210 କୋଟି ଟଙ୍କା |
ଅତ୍ୟଧିକ ଗହଳି ସମୟରେ ପରିଚାଳନା କ୍ଷମତା: 300 ଯାତ୍ରୀ

**ଧାରଣଯୋଗ୍ୟ ବୈଶିଷ୍ଟ୍ୟଗୁଡ଼ିକ**

ବର୍ଷାଜଳ ଅମଳ | ବିଶୋଧିତ ଜଳର ପୁନଃ ବ୍ୟବହାର |
ପରିବେଶ ପାଇଁ ଅନୁକୂଳ ସ୍ଥାନୀୟ ଭାବରେ ଉପଲବ୍ଧ ନିର୍ମାଣ ସାମଗ୍ରୀର ବ୍ୟବହାର |
ଏଲଇଡି ଆଲୋକୀକରଣ | ସୌର ଶକ୍ତି ପ୍ରଣାଳି

## ନରେନ୍ଦ୍ର ମୋଦି

**ପ୍ରଧାନମନ୍ତ୍ରୀଙ୍କ**

**ଦ୍ୱାରା**

# ଝାରସୁଗୁଡ଼ାରେ ପଶ୍ଚିମ ଓଡ଼ିଶାର ପ୍ରଥମ ବିମାନ ବନ୍ଦରର

# ଉଦ୍‌ଘାଟନ

*ଏହାଙ୍କ ସଦୟ ଉପସ୍ଥିତିରେ*

**ପ୍ରଫେସର ଗଣେଶୀ ଲାଲ**
ରାଜ୍ୟପାଳ, ଓଡ଼ିଶା

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ସୁରେଶ ପ୍ରଭୁ**
କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ତଥା ବିମାନ ସେବା ମନ୍ତ୍ରୀ

22 ସେପଟେମ୍ବର, 2018 | ଅପରାହ୍ଣ 12:35 ଘଣ୍ଟା | ଝାରସୁଗୁଡ଼ା ବିମାନ ବନ୍ଦର, ଝାରସୁଗୁଡା

**ଉଡ଼ାଣ (ଉଡ଼ିବେ ଦେଶର ସାଧାରଣ ନାଗରିକ)**

- ଟିୟର-2 ଏବଂ ଟିୟର-3 ସହରଗୁଡ଼ିକ ପାଇଁ କମ୍ ଖର୍ଚ୍ଚରେ ଯୋଗାଯୋଗ
- ଦୂରବର୍ତ୍ତୀ ଅଞ୍ଚଳଗୁଡ଼ିକର ବିକାଶ
- ପର୍ଯ୍ୟଟନ, ବାଣିଜ୍ୟ ଏବଂ ବ୍ୟବସାୟ ପାଇଁ ପ୍ରୋତ୍ସାହନ
- ରୋଜଗାରର ନୂତନ ସୁଯୋଗ




UDAN

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଳକ ମୃତ, ରାସ୍ତାରୋକୋ

**କବିସୂର୍ଯ୍ୟନଗର,୨୦।୯:** କବିସୂର୍ଯ୍ୟନଗର ଖଜାପଲ୍ଲୀରେ ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ବାଲି ବୋଝେଇ ଟ୍ରକ ଧକ୍କାରେ ସୁମନ ବିଷୋୟୀ (୯) ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ କୋଦଳା ମେଡିକାଲ ଓ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଗୁରୁବାର ସକାଳୁ ମୃତଦେହ ଧରି ଖଜାପଲ୍ଲୀ ଗ୍ରାମବାସୀ ଭୁବନେଶ୍ୱର-କବିସୂର୍ଯ୍ୟନଗର ରାସ୍ତା ଅବରୋଧ କରିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଗ୍ରାମବାସୀ ରାସ୍ତାରେ ପାଲବାନ୍ଧି ଦୀର୍ଘ ସମୟ ଯାଏ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତାୟତ ପ୍ରଭାବିତ ହୋଇଥିଲା। ଘଟଣାସ୍ଥଳରେ କବିସୂର୍ଯ୍ୟନଗର ଆଇଆଇସି ବିଭସ୍ୱ କୁମାର ପ୍ରଧାନ, କୋଦଳା ଆଇଆଇସି ସୁଶାନ୍ତ କୁମାର ସେଠୀ, ସଦଳବଳ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। କବିସୂର୍ଯ୍ୟନଗର ଅତିରିକ୍ତ ତହସିଲଦାର କବିରାଜ ପ୍ରଧାନ ପହଞ୍ଚି ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଫଳରେ ପ୍ରାୟ ୬ ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା। କବିସୂର୍ଯ୍ୟନଗର ପୋଲିସ ନଂ.୨୦୩/୧୮ରେ ଏକ ମାମଲା ରୁଜୁ କରି ଟ୍ରକ ଚାଳକଙ୍କୁ ଅଟକ ରଖିବା ସହ ଟ୍ରକ୍ ଜବତ କରି ତଦନ୍ତ ଚଳାଇଥିବା ଆଇଆଇସି ସୂଚନା ଦେଇଛନ୍ତି।

### ଦୁର୍ଗାପୂଜା କମିଟି ଗଠିତ

**ଦିଗପହଣ୍ଡି,୨୦।୯(ଡି.ଏନ.ଏ.):** ଦିଗପହଣ୍ଡି ବଡ଼ ବ୍ରାହ୍ମଣ ସାହିର ଦୁର୍ଗାପୂଜା କମିଟି ଗଠନ କରାଯାଇଛି। ଚଳିତ ବର୍ଷ ୫୩ତମ ଦୁର୍ଗାପୂଜା ମହୋତ୍ସବକୁ ଜାକଜକମରେ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ପୂଜାକାର୍ଯ୍ୟ ପରିଚାଳନା ନିମନ୍ତେ ସତ୍ୟ ନାରାୟଣ ଦାସଙ୍କୁ ସଭାପତି ରୂପେ ଚୟନ କରାଯାଇଛି । ଉପସଭାପତି ଏ. ଗୁରୁମୂର୍ତ୍ତି ଦୋରା, ସମ୍ପାଦକ ଗିରିଜା ନନ୍ଦନ ମେକାପ, କାର୍ଯ୍ୟକାରୀ ସଭାପତି ଭବାନୀ ଶଙ୍କର ପାଢ଼ୀ ଓ କାର୍ଯ୍ୟକାରୀ ସମ୍ପାଦକ ରୂପେ ରଞ୍ଜନ କୁମାର ପାତ୍ର, ସହ ସମ୍ପାଦକ କମଳାକାନ୍ତ ତ୍ରିପାଠୀ, ହୃଦୟାନନ୍ଦ ସାହୁ, ବିତ୍ତ ଅଧିକାରୀ ଭାବେ କାଳୁ ଚରଣ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଛି ।

## ନିର୍ଦ୍ଧାରିତ ସମୟରେ ଯୁକ୍ତ ୩ ପରୀକ୍ଷା ଯୋଜନା

# ପ୍ରଥମ ସେମିଷ୍ଟର ପରୀକ୍ଷାଖାତା ମୂଲ୍ୟାୟନ ଆରମ୍ଭ

**ଭଞ୍ଜନଗର,୨୦।୯(ଡି.ଏନ.ଏ)**

ଚଳିତ ବର୍ଷ ସୁଚାରୁପେ ଯୁକ୍ତ ୩ ପରୀକ୍ଷା ପରିଚାଳନା ଓ ଉତ୍ତର ଖାତା ମୂଲ୍ୟାୟନ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ନିର୍ଦ୍ଧାରିତ ସମୟରେ ଯୁକ୍ତ ୩ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସେମିଷ୍ଟର ପରୀକ୍ଷା ହେବ। ଡିସେମ୍ବର ୭ରୁ ପ୍ରଥମ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ୨୦୧୯ ଏପ୍ରିଲ ଶେଷ ସପ୍ତାହରେ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ହେବ। ଆସନ୍ତା ନଭେମ୍ବର ୧୦ ତାରିଖରୁ ତୃତୀୟ ଓ ୨୨ ତାରିଖରୁ ୫ମ ସେମିଷ୍ଟର ପରୀକ୍ଷା କରାଯିବ। ସେହିପରି ୨୦୧୯ ମାର୍ଚ୍ଚ ଶେଷ ସପ୍ତାହରୁ ଚତୁର୍ଥ ସେମିଷ୍ଟର ଓ ଫେବୃୟାରୀ ଶେଷ ସପ୍ତାହରୁ ଷଷ୍ଠ ସେମିଷ୍ଟର ପରୀକ୍ଷା କରିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାମ୍ଭାବ୍ୟ ତାରିଖ ଧାର୍ଯ୍ୟ ହୋଇଛି। ପରୀକ୍ଷା ସରିବା ପରେ



ଭଞ୍ଜନଗର କଲେଜରେ ମିଡ୍ ସେମିଷ୍ଟାର ପରୀକ୍ଷା ପାଇଁ ଆଲୋଚନା ଚାଲିଛି।

ମୂଲ୍ୟାୟନ ମଧ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ମହାବିଦ୍ୟାଳୟକୁ ସୂଚନା ଦିଆଯିବା ସହ ଫର୍ମ ପୂରଣ ତାରିଖ ମଧ୍ୟ ବୁଧବାର ଜଣାଇ ଦିଆଯାଇଛି। ଏଥିସହ ସାଧାରଣ ନିର୍ବାଚନ ତାରିଖକୁ ଦେଖି ଆବଶ୍ୟକ ପଡ଼ିଲେ ସେମିଷ୍ଟର ପରୀକ୍ଷା ତାରିଖ ବଦଳିପାରେ ବୋଲି ମଧ୍ୟ ସୂଚନା ଦିଆଯାଇଛି। ଏହାପୂର୍ବରୁ ମହାବିଦ୍ୟାଳୟଗୁଡ଼ିକରେ ମିଡ୍ ସେମିଷ୍ଟର ପରୀକ୍ଷା କାର୍ଯ୍ୟକ୍ରମ ସାରିବାକୁ ପଡ଼ିବ। ଗୁରୁବାର ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ମିଡ୍ ସେମିଷ୍ଟର ପରୀକ୍ଷା ପରିଚାଳନା ଉପରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିଲେ । କଲେଜର ସମସ୍ତ ପାଠ୍ୟକ୍ରମର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଏବଂ ପରୀକ୍ଷା ଦାୟିତ୍ୱରେ ଥିବା ଅଧ୍ୟାପିକା ଅଧ୍ୟାପକ ଆଲୋଚନାରେ ଭାଗ ନେଇଥିଲେ। ଖୁବଶୀଘ୍ର ପ୍ରଥମ, ତୃତୀୟ ଏବଂ ପଞ୍ଚମ ମିଡ୍ ସେମିଷ୍ଟର ପରୀକ୍ଷା ଶେଷ କରାଯିବ। ତେଣୁ କୋର୍ସ ସାରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ଅନ୍ୟପକ୍ଷରେ ୨୦୧୭ରେ ହୋଇଥିବା ପ୍ରଥମ ସେମିଷ୍ଟର ପରୀକ୍ଷା ଖାତା ମୂଲ୍ୟାୟନ ୩ ଜୋନ୍‌ରେ ଆରମ୍ଭ ହୋଇଛି। ଗୁରୁବାର ଭଞ୍ଜନଗର କଲେଜରେ ଅଧ୍ୟକ୍ଷ ପୂଜାପାଠ କରିବା ପରେ ମୂଲ୍ୟାୟନ ଆରମ୍ଭ ହୋଇଛି। ଏଠାରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଖାତା ମୂଲ୍ୟାୟନ ହେବ। ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ନବରଙ୍ଗପୁର କଲେଜରେ ମଧ୍ୟ ପ୍ରଥମ ସେମିଷ୍ଟର ଖାତା ମୂଲ୍ୟାୟନ ଆରମ୍ଭ ହୋଇଛି ।

# ବୁଗୁଡ଼ା ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ବୁଗୁଡ଼ା,୨୦।୯(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଗୁରୁବାର ସ୍ଥାନୀୟ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭଞ୍ଜନଗର ଉପଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ସଞ୍ଜୀବ ରାଜ ସେନାପତି, ବ୍ଲକ ଅଧ୍ୟକ୍ଷା ମାମି ସେନାପତି, ଏବିଡିଓ କୈଳାସ ଚନ୍ଦ୍ର ନାୟକ ଓ ଜିଲା ସଂଯୋଜକ ମଞ୍ଚାସୀନ ଥିଲେ। ବ୍ଲକ ସାମାଜିକ ସମୀକ୍ଷକ ବିଘ୍ନରାଜ ଦାଶ ଜନଶୁଣାଣି କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ଶିବିରରେ ୧୮୬୪ ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ ୧୨୫୭ ପ୍ରକଳ୍ପ କାର୍ଯ୍ୟ କରାଯାଇଥିବା ବେଳେ ସେଥିରୁ ୧୦୦୯ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା କୁହାଯାଇଥିଲା। ଏଥିଲାଗି ପ୍ରାପ୍ତ ହୋଇଥିବା ୧୦ କୋଟି ୬୬ ଲକ୍ଷ ୬୧ ହଜାର ଟଙ୍କା ସମ୍ପୂର୍ଣ୍ଣ



ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

ଖର୍ଚ୍ଚ ହୋଇଛି। ମୋଟ ୨୦ ହଜାର ୮୬୪ ଜବକାର୍ଡଧାରୀ ପରିବାରଙ୍କ ମଧ୍ୟରୁ ୯ ହଜାର ୭୦ ପରିବାର କାର୍ଯ୍ୟ ପାଇଁ ଆବେଦନ କରି କାର୍ଯ୍ୟ ପାଇଥିଲେ। ୨୮୩ ପରିବାର ୧୦୦ ଦିନର କାର୍ଯ୍ୟ କରିଥିଲେ। ଏଥିରେ ୩ ଲକ୍ଷ ୭୮ ହଜାର ୬୬୫ଟି ଶ୍ରମ ଦିବସ ସୃଷ୍ଟି ହୋଇଥିଲା। ଗ୍ରାମପଞ୍ଚାୟତରେ ଗ୍ରାମସଭା ପାଇଁ ଧେଣ୍ଡୁରା ଦିଆଯାଉନଥିବା, ମଜୁରୀ ପ୍ରଦାନରେ ବିଳମ୍ବ ଆଦି ଅଭିଯୋଗ ଆସିଥିଲା। ଉପସ୍ଥିତ କେତେକ ସରପଞ୍ଚ ଠିକ୍ ଭାବେ ବିଲ ହେଉ ନ ଥିବା ଏବଂ ଶ୍ରମିକମାନଙ୍କୁ ମଜୁରୀ ମିଳୁ ନ ଥିବା ଅଭିଯୋଗ କରିଥିଲେ। ଉପଜିଲାପାଳ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ୟବସ୍ଥାର ସ୍ୱଚ୍ଛତା ରକ୍ଷା ପାଇଁ ଉତ୍ତର ଦାୟିତ୍ୱ ବହନ କରି ସମସ୍ତେ ସମସ୍ତଙ୍କ ସହଯୋଗରେ ଆଗେଇବାକୁ ପରାମର୍ଶ ଦେଇଥିଲେ। ପରିଚାଳନାରେ ଏପିଓ ବନାନୀ ମହାନ୍ତି, ସୁବ୍ରତ କୁମାର ସାହୁ, ବାବୁ ସେନାପତି ସହଯୋଗ କରିଥିଲେ।

### ଅଣ୍ଣୁ ଯୋଜନା ପ୍ରସ୍ତୁତି ନିମନ୍ତେ ତାଲିମ ଶିବିର

**ବୁଗୁଡ଼ା,୨୦।୯(ଡି.ଏନ.ଏ.)**

ବୁଗୁଡ଼ା ବନ ବିଭାଗ ପକ୍ଷରୁ ଅଣ୍ଣୁ ଯୋଜନା ପ୍ରସ୍ତୁତି ନିମନ୍ତେ କାର୍ଯ୍ୟକାରୀ ଦଳମାନଙ୍କ ପାଇଁ ୨ଦିନିଆ ତାଲିମ ଶିବିର ମଙ୍ଗଳ ଓ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକଙ୍କ ତତ୍ତ୍ୱାବଧାନରେ ପଞ୍ଚୁଭୂତି, ଭଗବାନପୁର, ବାଲିପଦର, ମାଣିତରା, ବୁଗୁଡ଼ା, ନୂଆପଲ୍ଲୀ ଆଦି ସ୍ଥାନରେ ସୁରକ୍ଷା ସମିତିର କାର୍ଯ୍ୟକାରୀ ଦଳମାନଙ୍କ ନିମନ୍ତେ ଏହି ତାଲିମ ଶିବିର ହୋଇଥିଲା। ଏଥିରେ ବିଭିନ୍ନ ସ୍ଥାନରେ ଶୁଭ୍ରକାନ୍ତ ମିଶ୍ର, ଶୋଭନ ପଟ୍ଟନାୟକ, ସ୍ୱାହା ଦାଶ, ସନ୍ତୋଷ କୁମାର ରଣା, ସଂଗ୍ରାମ କେଶରୀ ସାହୁ, କରୁଣାକର ବାରିକ, ସୁରେଶ ପ୍ରସାଦ ସରାଫ, ସ୍ୱେଚ୍ଛାସେବୀ ସଙ୍ଗଠନର ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ଉମା ଶଙ୍କର ନାୟକ, ସୁପ୍ରଭା ପଣ୍ଡିତ ପ୍ରମୁଖ ଯୋଗଦେଇ ବନ ସୁରକ୍ଷା ସମିତି ଅଞ୍ଚଳ ଗୁଡ଼ିକର ସାମୁହିକ ଉନ୍ନତି ସକାଶେ କିପରି ଅଣ୍ଣୁ ଯୋଜନା ପ୍ରସ୍ତୁତ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋଳିବାକୁ ସହସ୍ର ଦିନ,**
**ଭାଙ୍ଗିବାକୁ କ୍ଷଣେ ।**

ଗଢ଼ିବାଠାରୁ ଭାଙ୍ଗିବା ଅତି ସହଜ ହୋଇଥାଏ। ତିଆରି କରିବାକୁ ହେଲେ ବହୁକଷ୍ଟ ସ୍ୱୀକାର କରିବାକୁ ପଡ଼ିଥାଏ ଓ ସେହି ଅନୁସାରେ ସମୟ ମଧ୍ୟ ବହୁତ ଲାଗିଥାଏ। କିନ୍ତୁ ଭାଙ୍ଗିବା କଥା ଉଠିଲେ ସମୟ ଆଦୌ ଲାଗି ନ ଥାଏ। ଜିନିଷ ଗଢ଼ିବା ଅପେକ୍ଷା ଭାଙ୍ଗିବା ଖୁବ୍ ସହଜ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତେଲ ଲଗେଇବ ଆବାଖାବା,**
**ଖାଇ ବସିବ ଆଗା,**
**ଶୋଇ ପଡ଼ିଥିବ ଚିତ୍ ହୋଇ**
**ମାଡ଼ି ବସିଥିବ ଜାଗା ।**

ବହୁ ଲୋକଙ୍କ ମେଳରେ ରହୁଥିବା ବ୍ୟକ୍ତି ଗାଧୋଇବା, ଖାଇବା ତଥା ଶୋଇବାରେ ଯଥାସମ୍ଭବ ଚଞ୍ଚଳତା ଦେଖାଉଥିବାର ଲକ୍ଷ୍ୟ କରାଯାଇଥାଏ। କାରଣ ଏପରି ନ ହେଲେ ପଛକୁ ହଇରାଣରେ ପଡ଼ିବା ଆଶଙ୍କା ରହିଥାଏ। ସୁବିଧାବାଦୀ ବ୍ୟକ୍ତିଙ୍କର ଏପରି ପ୍ରବୃତ୍ତି ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଶାଗୁଆନ କାଠଗଣ୍ଡି ବୋଝେଇ ଗାଡ଼ି ଜବତ, ୪ ଗିରଫ



ଜବତ ପିକଅପ୍ ଭ୍ୟାନ ସହ ୪ ଅଭିଯୁକ୍ତ।

**ପୋଲସରା,୨୦।୯(ଡି.ଏନ.ଏ.)**

ପୋଲସରା ବନାଞ୍ଚଳ ଜୋକବନ୍ଧ ରେଞ୍ଜ ରାଇପଡ଼ା ଗ୍ରାମସ୍ଥିତ ସ୍କୁଲ ନିକଟରେ ବୁଧବାର ରାତି ପ୍ରାୟ ସାଢେ ୨ଟାରେ ବନବିଭାଗ ଶାଗୁଆନ କାଠଗଣ୍ଡି ବୋଝେଇ ଏକ ପିକଅପ୍ ଭ୍ୟାନ (ନଂ ଓଆର୦୭ଡି-୪୫୨୯) ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚିରିକିପଡ଼ା ଶାସନର ମିଟୁ ନାହାକ, ବସନ୍ତ ନାହାକ, ରାଜୀବ ନାହାକ ଓ ପୋଲସରାର କ୍ରିଷ୍ଣା ନାୟକ। ଏଥିରେ ୫୪.୯୦ ଘନଫୁଟ ଶାଗୁଆନ କାଠଗଣ୍ଡି ଥିବା ବନବିଭାଗ ସୂଚନା ଦେଇଛି। ଜବତ ସମୟରେ ପୋଲସରା ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ସାହୁ, ପୋଲସରା ବନପାଳ ହର ପ୍ରସାଦ ସାହୁ, ଜୋକବନ୍ଧ ବନପାଳ ରାଜେନ୍ଦ୍ର କୁମାର ନାୟକଙ୍କ ସମେତ ଅନ୍ୟାନ୍ୟ ବନ କର୍ମଚାରୀ ଉପସ୍ଥିତ ଥିଲେ। ବନ ବିଭାଗ ପକ୍ଷରୁ ନଂ.୭୨/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ସାହୁ ସୂଚନା ଦେଇଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

Aital Companyରେ ଘରେ ବସି ପୁଅ-ଝିଅମାନେ Part Time SMS Job କରି ରୋଜଗାର କରନ୍ତୁ। ମାସିକ 18,600-45,000। Company ତରଫରୁ Laptop + Printer + Mobile + Sim Card ଫ୍ରିରେ।
Contact No.
70332-02011
70332-00821

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

ଭାରତର ସର୍ବଶ୍ରେଷ୍ଠ କମ୍ପାନୀ
BALAJI FINANCE
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଜନକଲ୍ୟାଣ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗାଡ଼ି, ବ୍ୟବସାୟ, ପଶୁପାଳନ, କୃଷି ଏବଂ ଗ୍ରୁପ୍ ଋଣ ପାଆନ୍ତୁ 1 ଲକ୍ଷରୁ 95 ଲକ୍ଷ ପର୍ଯ୍ୟନ୍ତ 2% ସୁଧ 40% ରିହାତି ମାତ୍ର 12 ଘଣ୍ଟାରେ। ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ।
J/6, B Block, Jiwan Park, Delhi
********* Call Now *********
7310644383

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାର ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ୬୦ ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

FINANCE
ନବରାତ୍ର ଋଣ ଧମାକା । ଭାରତର ସବୁଠାରୁ ବଡ କମ୍ପାନୀ Kuber Finance ୧୨ଘଣ୍ଟା ମଧ୍ୟରେ ଯୋଗାଇ ଦେଉଛି 2% ବାର୍ଷିକ ସୁଧରେ ମାର୍କଶିଟ, ଆଧାରକାର୍ଡ, ପ୍ରପର୍ଟି, ବ୍ୟବସାୟ, ପ୍ରୋଜେକ୍ଟ ଋଣ ।
ମହିଳା ଓ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର 50% ରିହାତି ।
ଅନଲାଇନ ଠକେଇ ପ୍ରତି ସାବଧାନ।
9634685376

କମ୍ପାନୀର ସମସ୍ତ ଖର୍ଚ୍ଚ ଋଣରୁ କଟିବ।
ଭାରତର ନଂ.1 କମ୍ପାନୀ
M. GROUP OF FINANCE
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି ଆଦି ସମସ୍ତ ଋଣ ଘରେ ବସି ପାଆନ୍ତୁ 2% ସୁଧ, 50% ରିହାତିରେ।
(ଠକମାନଙ୍କ ପ୍ରତି ସାବଧାନ)
9467916478
9467913850
J/6, B-Block, Jiwan Park, Delhi

| TARIFF | MORE SPACE • SAME PRICE | | | | | | | | *GST 5% Extra |
|---|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30Days | | |
| | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor, Cell : 7873239883

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
No File Charge No Guarantor
Apply Online From Home
7302721098
8650077892

ଇନଫ୍ରା ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷଜମି, ଛାତ ଯେକୌଣସି ସ୍ଥାନରେ ନେଟ୍‌ୱର୍କ ଉପକରଣ ସ୍ଥାପନ କରନ୍ତୁ। ଅଗ୍ରିମ 30-90 ଲକ୍ଷ । ଭଡ଼ା - 30ରୁ 90 ହଜାର। ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଏବଂ ନେଟ୍‌ୱର୍କ ଉପକରଣ ସ୍ଥାପନ + ମାଗଣା ମୋବାଇଲ, ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ।
ନାମ ଓ ଠିକଣା ଦିଅନ୍ତୁ ତା'ପରେ ଆମେ ଆପଣଙ୍କୁ ସର୍ଭେ ଫଳାଫଳ ଦେବୁ।
Address:- Head Office
G-79 Aadrsh Nagar Krolbagh Delhi
Contact: 8009586581, 8881393751

ASHOKA FINANCE
ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୧୩୮୦ରେ (୧-୯୦ ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, ୬0% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ରାଶନକାର୍ଡ, ଆଧାର କାର୍ଡ ସମସ୍ତ ଋଣ ୪୮ ଘଣ୍ଟାରେ।
H-33, Aroda, G. Noida, Delhi
8743042068
7900883466

DOORSANCHAR YOJNA (A GOVT. APPROVED)
ସରକାରୀ ଯୋଜନାରେ ଅନ୍ତର୍ଗତ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ଖାଇବା Free
Office No.413, Commercial Complex, Paschim Vihar, New Delhi-64
08076675193
08700152155

## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷ ମାମଲା, ୩ ଗିରଫ

ଛତ୍ରପୁର,୨୦।୯(ଡି.ଏନ.ଏ)- ଚମାଖଣ୍ଡି ଥାନା ଭିକାରିପଲ୍ଲୀ ପଞ୍ଚାୟତ ନରସିଂହପୁର ଗାଁରେ ୧୭ ତାରିଖରେ ଚାଷ ଜମିରେ ପାଣି ମଡାଇବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀର ଆହତଙ୍କୁ ପୋଲିସ ଉଦ୍ଧାର କରି ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରିଥିଲା। ଉଭୟ ଗୋଷ୍ଠୀ ପକ୍ଷରୁ ଚମାଖଣ୍ଡି ଥାନାରେ ପୃଥକ ପୃଥକ ଏତଲା ଦିଆଯାଇଥିଲା। ଏହାକୁ ଭିତ୍ତିକରି ୨ଟି ମାମଲା (ନଂ. ୯୩/୧୮ ଓ ୯୪/୧୮) ରୁଜୁ ହୋଇଥିଲା। ଗୁରୁବାର ପୋଲିସ ଏହି ମାମଲାରେ ଉଭୟ ଗୋଷ୍ଠୀର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହରିବନ୍ଧୁ ପାତ୍ର, ପ୍ରଫୁଲ୍ଲ ପାତ୍ର ଓ ନାଗେଶ୍ୱର ପାତ୍ର। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

### ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା ଶୁଭଖୁଣ୍ଟି

ଦିଗପହଣ୍ଡି,୨୦।୯(ଡି.ଏନ.ଏ.)-ଦିଗପହଣ୍ଡି ସହରର ଆରାଧ୍ୟା ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଶାରଦୀୟ ଯାତ୍ରା ନିମନ୍ତେ ବୁଧବାର ରାତିରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ରାତି ପ୍ରାୟ ସାଢ଼େ ୮ଟାରେ ମା'ଙ୍କ ଆଜ୍ଞାମାଳ ସହ ଶୁଭଖୁଣ୍ଟିକୁ ଶୋଭାଯାତ୍ରାରେ ବଜାର ସାହି ପରିକ୍ରମା କରାଯାଇ ଗାନ୍ଧୀ ଛକସ୍ଥିତ ଅସ୍ଥାୟୀ ଯାତ୍ରା ପୀଠକୁ ନିଆଯାଇ ସ୍ଥାପନ କରାଯାଇଥିଲା। ଯାତ୍ରା ପରିଚାଳନା କମିଟି ସଭାପତି କୁରେଶୁ ମହାରଣା, ଉପସଭାପତି ଦୁର୍ଗା ମେକାପ, ସମ୍ପାଦକ ଅର୍ଦ୍ଧୁ ଗୋବିନ୍ଦ, ସହ ସମ୍ପାଦକ କୁରେଶୁ ମେକାପ, ବିତ୍ତ ଅଧିକାରୀ ଶିବ ଶଙ୍କର ମହାଙ୍କୁଡ଼, ଉପଦେଷ୍ଟା ପନାଡ଼ି କ୍ରିଷ୍ଣାମା, ପ୍ରଭାକର ରେଡ଼ି ପ୍ରମୁଖଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

### ମୁଁ ହିରୋ, ମୁଁ ଓଡିଶା ରଥକୁ ସ୍ୱାଗତ

ଆସିକା,୨୦।୯(ଡି.ଏନ୍.ଏ.): ମୁଁ ହିରୋ ମୁଁ ଓଡିଶା ରଥକୁ ଗୁରୁବାର ସନ୍ଧ୍ୟାରେ ଆସିକାସ୍ଥିତ ବିଜୁ ପଟ୍ଟନାୟକ ଛକରେ ସମ୍ବର୍ଦ୍ଧନା ଦିଆଯାଇଛି। ଏନଏସି ଅଧକ୍ଷା ମଧୁସ୍ମିତା ପୋଲାଇ ପୁଷ୍ପଗୁଚ୍ଛ ଦେଇ ରଥକୁ ସ୍ୱାଗତ କରିଥିବା ବେଳେ ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକ ପତାକା ଦେଖାଇ ରଥ ପରିକ୍ରମା ଶୁଭାରମ୍ଭ କରିଥିଲେ। ବିଡିଓ ଗାୟତ୍ରୀଦତ୍ତ ନାୟକ, ଅତିରିକ୍ତ ତହସିଲଦାର ଆଶୁତୋଷ ଗୌରବକର, ବ୍ଲକ ଯୁବ ବିଜେଡି ସଭାପତି ଅନିଲ କୁମାର ନାୟକ, ପୂର୍ବତନ ବ୍ଲକ ଅଧକ୍ଷ ସୂର୍ଯ୍ୟକାନ୍ତ ପରିଡ଼ା, ପୂର୍ବତନ ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ, ଜିଲାପରିଷଦ ସଦସ୍ୟ ଶିବଶଙ୍କର ମହାନ୍ତି, ରାଜେଶ ପଟ୍ଟନାୟକ, ରବୀନ୍ଦ୍ରନାଥ ପୋଲାଇ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ମନୋଜ କୁମାର ଦୋରା, ବ୍ଲକ ଯୁବବାହିନୀ ଜିଲା ସଂଯୋଜକ ସନ୍ତୋଷ କୁମାର ସାହୁ, ଜିଲା ପ୍ରକଳ୍ପ ଅଧିକାରୀ ଅଜିତ ପଣ୍ଡିତ, ହିମାଂଶୁ ଶେଖର ପାଢ଼ୀ, ବ୍ଲକ ସଂଯୋଜକ କାହ୍ନଚରଣ ସ୍ୱାଇଁ, ଏନଏସି ସଂଯୋଜକ ଶିବରାମ ମିଶ୍ର, ସରପଞ୍ଚ ନନ୍ଦ କୁମାର ବିଷୋୟୀ, ବିଜୟ କୁମାର ଦଳାଇଙ୍କ ସମେତ ବିଜୁ ଯୁବ ବାହିନୀ ଉପସ୍ଥିତ ଥିଲେ। ଶୁକ୍ରବାର ହରିହର ହାଇସ୍କୁଲ ଠାରେ ଯୁବ ବାହିନୀର ସମାବେଶ ଅନୁଷ୍ଠିତ ହେବ।

### ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଅବଧି ବଢ଼ିଲା

ଆସିକା,୨୦।୯ (ଡି.ଏନ୍.ଏ.) କଟକରେ ଆଇନଜୀବୀଙ୍କ ଉପରେ ପୋଲିସ ଆକ୍ରମଣ ପ୍ରତିବାଦରେ ରାଜ୍ୟବ୍ୟାପୀ ଓକିଲଙ୍କ ଆନ୍ଦୋଳନ ଚାଲିଛି। ଏଥିରେ ଆସିକା ଓକିଲ ସଂଘ ମଧ ସାମିଲ ହୋଇଛି। ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ଗିରଫ ଦାବିରେ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଅବଧିକୁ ପୁଣି ବଢ଼ାଇ ଦିଆଯାଇଛି। ଗୁରୁବାର ଓକିଲ ସଂଘ କାର୍ଯ୍ୟାଳୟରେ ସଭାପତି ସୁରେନ୍ଦ୍ରନାଥ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଆସନ୍ତା ୨୪ ତାରିଖ ଯାଏ ଆନ୍ଦୋଳନ ଚାଲୁ ରଖିବା ଲାଗି ନିଷ୍ପତ୍ତି ହୋଇଛି। କେବଳ ଜାମିନ ଶୁଣାଣି ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟରେ ଓକିଲମାନେ ସହଯୋଗ କରିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

■ ଅପହଞ୍ଚ ଗାଁ ପଅସ୍, ଖୋଲୁନି ବିଦ୍ୟାଳୟ

# ଅଙ୍ଗନୱାଡି କେନ୍ଦ୍ର ଗୃହ ନାହିଁ, କର୍ମୀଙ୍କ ଘରେ ଶିକ୍ଷାଦାନ

ଅରୁଣ କୁମାର ସାହୁ
ଦାରିଙ୍ଗବାଡ଼ି,୨୦।୯

ଦିନେ ନୁହଁ କି ଦୁଇ ଦିନ ବର୍ଷ ବର୍ଷ ଧରି ପିଇବା ପାଣି ସମେତ ନିୟମିତ ଖୋଲୁନି ବିଦ୍ୟାଳୟ, ନିଜସ୍ୱ ଗୃହ ନ ଥାଇ ଚାଲିଛି ଅଙ୍ଗନାୱାଡ଼ି କେନ୍ଦ୍ର। ପାଣି ପାଇଁ ଗ୍ରାମବାସୀଙ୍କୁ ଜଳ ସଂଗ୍ରହ କରିବା ସକାଶେ ସଂଗ୍ରାମ କରିବାକୁ ପଡୁଛି। ଏଭଳି ଗ୍ରାମ ହେଲା କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ତାଜୁଙ୍ଗିଆ ପଞ୍ଚାୟତର ପଅସ୍। ଏଠାରେ ପ୍ରାୟ ୩୫ ପରିବାରର ପ୍ରାୟ ଅଢ଼େଇ ଶହ ଲୋକ ବାସ କରୁଛନ୍ତି। ଗ୍ରାମରେ ଏକ ନୂତନ ପ୍ରାଥମିକ ବିଦ୍ୟାଳୟ ରହିଛି। ୨୦୦୯ ରେ ଉକ୍ତ ବିଦ୍ୟାଳୟ ସ୍ଥାପନ ହୋଇଥିଲେ ସୁଦ୍ଧା ଆରମ୍ଭରୁ ସମସ୍ୟା ପିଛା ଛାଡୁନାହିଁ। ନିୟମିତ ଶିକ୍ଷକ ରହୁ ନ ଥିବାରୁ ବିଦ୍ୟାଳୟଟି ମାସକୁ ୪ ରୁ ୫ ଦିନ ଗୋଟିଏ ଓଳି ଖୋଲାଯାଉଥିବା ପରିଚାଳନା କମିଟି ସଭାପତି କୁମର ସୁନାମାଝି କହିଛନ୍ତି। ଗାଁକୁ ଭଲ ରାସ୍ତା ନ ଥିବାରୁ ଶିକ୍ଷକମାନେ ଠିକ ଭାବେ ପହଞ୍ଚୁ ନ ଥିବା ବେଳେ ପ୍ରାୟ ୧୫ ଛାତ୍ରୀଛାତ୍ର ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପଢୁଥିବା ବେଳେ କର୍ତ୍ତୃପକ୍ଷ ଆହୁରି କମ୍ ଛାତ୍ରୀଛାତ୍ର ରହିଥିବା ଗ୍ରାମର ରାଜୁ ମାଝି, ପ୍ରଶାନ୍ତ ମୁଠାମାଝି ପ୍ରମୁଖ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ କରି କହିଛନ୍ତି, ପ୍ରଶାସନ କିମ୍ବା ବିଦ୍ୟାଳୟ କର୍ତ୍ତୃପକ୍ଷ ବିଦ୍ୟାଳୟ ନ ଚାଲିବାକୁ ମସୁଧା ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବୁଧବାର ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଇଓ ପୁରେନ୍ଦ୍ର ବେହେରା କହିଛନ୍ତି, ବିଦ୍ୟାଳୟ ନିୟମିତ ଖୋଲାଯାଉ ନ ଥିବା ତାଙ୍କ ନିକଟରେ ଅଭିଯୋଗ ହୋଇଛି। ସେ ଦୁଇଜଣ ସିଆରସିସିଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଧାର ଲିଙ୍କ ପରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ୍ ରହିଥିବା ସେ ଜାଣିବାକୁ ପାଇଛନ୍ତି। ସେହିପରି ଗ୍ରାମରେ ଏକ ମିନି ଅଙ୍ଗନୱାଡ଼ିକେନ୍ଦ୍ର ରହିଛି। କିନ୍ତୁ ନିଜସ୍ୱ ଗୃହ ନ ଥିବାରୁ କର୍ମୀ ସ୍ମିତା ବେହେରା ମାଝି ତାଙ୍କ ବାସଗୃହରେ ପିଲାଙ୍କୁ ପଢାଉଛନ୍ତି। କେନ୍ଦ୍ରକୁ ଆସୁଥିବା ଛତୁଆ ସମେତ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳକୁ ତାଜୁଙ୍ଗିଆରେ ବିଭାଗ ପକ୍ଷରୁ ଦିଆଯାଇଥିବା ଠିକାସଂସ୍ଥା ଦେଉଛି। ଫଳରେ ତାଜୁଙ୍ଗିଆରୁ ପଅସ୍ ଗ୍ରାମକୁ ଘାଟି ରାସ୍ତାରେ ମୁଣ୍ଡରେ ବୋହି ଆଣିବା ପାଇଁ ସମ୍ଭବ ହେଉନାହିଁ। ବହୁ ହଇରାଣରେ ଏହା ଅଣାଯାଉଥିବା ସ୍ମିତା କହିଛନ୍ତି। ଏନେଇ ସିଡିପିଓ ମିନା ପାତ୍ର କହିଛନ୍ତି, ସେଠାରେ ଏବଂ ବ୍ଲକ ଅଞ୍ଚଳରେ ଯେଉଁଠି କେନ୍ଦ୍ର ଗୁଡ଼ିକର ନିଜସ୍ୱ ଗୃହ ନାହିଁ ତାର ଏକ ତାଲିକା ସେ ବ୍ଲକରେ ଦାଖଲ କରାଯାଇଛି। ପଅସକୁ ଯାଇ କେନ୍ଦ୍ରର ସମସ୍ୟା ବୁଝି ସମାଧାନ କରାଯିବ। ସେହିପରି ଗ୍ରାମରେ ଏକମାତ୍ର ନଳକୂପ ରହିଛି, ପାଣି ବାହାରୁ ନ ଥିବା ବେଳେ ତାହା ଅଚଳ ହୋଇଯାଇଛି। ଦୀର୍ଘବର୍ଷ ହେଲା ସେମାନେ ଏକ ନାଳରେ ଚୁଆ ଖୋଳି ସେଠାରୁ ପାଣି ବ୍ୟବହାର କରୁଛନ୍ତି। ଫଳରେ ବିଭିନ୍ନ ରୋଗରେ ଶିକାର ହେଉଥିବା ଗ୍ରାମର ଜିତେନ୍ଦ୍ର ପ୍ରଧାନ, ଅନାମ ପ୍ରଧାନ ପ୍ରମୁଖ କହିଛନ୍ତି। ଏନେଇ ବିଡିଓ ତ୍ରିଲୋଚନ ପାତ୍ର କହିଛନ୍ତି, ସମସ୍ୟା ଶୁଣି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ତଦନ୍ତ ପାଇଁ ପଠାଇଥିଲି। ତେବେ ନଳକୂପ ଠିକ୍ ଥିବା ସେ ରିପୋର୍ଟ ପାଇଛନ୍ତି। କେଉଁ କାରଣରୁ ନଳକୂଅ ପାଣି ଗ୍ରାମବାସୀ ବ୍ରବହାର କରୁନାହାନ୍ତି ସେ ସମ୍ପର୍କରେ ସେ ତଦନ୍ତ ପରେ ସ୍ପଷ୍ଟ ହେବ । ସେହିପରି ଏପ୍ରିଲ ମାସରୁ ଗାଁରେ ଥିବା ବିଦ୍ୟୁତ ଟ୍ରାନ୍ସଫରମର ପୋଡ଼ି ଯାଇଛି। ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ଏହାର ପ୍ରତିକାର ଦିଗରେ କୌଣସି ଅଧିକାରୀ ଗୁରୁତ୍ୱ ଦେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ବାଲିଗୁଡ଼ା ସାଉଥକୋ ବିଭାଗ ସହକାରୀ ଯନ୍ତ୍ରୀ ହରିହର ଦତ୍ତ କହିଛନ୍ତି, ଗ୍ରାମବାସୀ ବୁଧବାର ତାଙ୍କ ନିକଟରେ ପହଞ୍ଚିଥିଲେ। ଟ୍ରାନ୍ସଫରମର ଅବଧି ସମୟ ଏକ ବର୍ଷ ରହିଛି। ତାହା ଅଚଳ ହେଲେ ଏଥିପାଇଁ ଏନଟିପିସି ( ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ) ଏହା ପୁନଃ ସ୍ଥାପନ କରିବା ବ୍ୟବସ୍ଥା ରହିଛି ତେବେ ଏହା ଏନଟିପିସି ଅବହେଳା କରିଛି ତାଙ୍କୁ ଏହା ପୁନଃସ୍ଥାପନ କରିବାକୁ କୁହାଯାଇଛି।



ବିଦ୍ୟାଳୟରେ ତାଲା ଯୋଗୁ ଗ୍ରାମବାସୀ ଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି ।

■ ୫ ମାସ ହେଲା ଗାଁରେ ବିଦ୍ୟୁତ୍ ଅଚଳ
■ ଦୀପ ଆଲୁଅରେ ବିତୁଛି ଜୀବନ

### ବାନ୍ତି କରି ଅଙ୍ଗନୱାଡି କର୍ମୀଙ୍କଠାରୁ ଟଙ୍କା ଲୁଟ୍

ଫିରିଙ୍ଗିଆ, ୨୦।୯

ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତଙ୍କ ଆତଙ୍କ। ଜଣେ ଅଙ୍ଗନୱାଡି କର୍ମୀଙ୍କଠାରୁ ଅଭିନବ ଉପାୟରେ ଲୁଟ୍ କରାଯାଇଛି। ଅଙ୍ଗନୱାଡି କର୍ମୀଙ୍କ ଉପରେ ବାନ୍ତି କରି ଟଙ୍କା ଛଡାଇ ନିଆଯାଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ହେଁ, ପୋଲିସ କାହାରିକୁ ଗିରଫ କରିପାରିନାହିଁ। ଯାହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢୁଛି। ମିଳିଥିବା ସୂଚନା ଅନୁସାରେ ବୃଡିପଡା ଅଙ୍ଗନୱାଡି କର୍ମୀ ପ୍ରଭାତୀ କହଁର ଏବଂ ୱାର୍ଡ ମେମ୍ବର ରମେଶ କହଁର ପିଲାମାନଙ୍କ ଖାଦ୍ୟ ଟଙ୍କା ପାଇଁ ଫିରିଙ୍ଗିଆ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କକୁ ଯାଇଥିଲେ। ସେଠାରୁ ପ୍ରଭାତୀ ୨୫ ହଜାର ଟଙ୍କା ଉଠାଇଥିଲେ। ବ୍ୟାଙ୍କରୁ ବ୍ଲକ ଛକ ଆଡକୁ ଯାଉଥିବା ବେଳେ ପଛପଟୁ ଜଣେ ଦୁର୍ବୃତ୍ତ ଆସି ତାଙ୍କ ଉପରେ ବାନ୍ତି କରି ତଳେ ବସି ପଡିଥିଲେ। ନିକଟରେ ଥିବା ପାଣି ଟ୍ୟାପରେ ପ୍ରଭାତୀ ଧୋଇ ହେଉଥିବା ବେଳେ ଦୁର୍ବୃତ୍ତ ଜଣକ ତଳେ ଥୁଆ ହୋଇଥିବା ଟଙ୍କା ବ୍ୟାଗ ନେଇ ଫେରାର ହୋଇ ଯାଇଥିଲେ।

### ୱାର୍ଡମେମ୍ବର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଶଙ୍କରାଖୋଲ,୨୦।୯(ଡି.ଏନ୍.ଏ.)

କନ୍ଧମାଳ ଜିଲା ଟିକାବାଲି ହାଟପଦାଠାରେ ଥିବା କଳିଙ୍ଗ ବୈଶ୍ୟ ସମାଜ ଗୃହରେ ଚକାପାଦ ବ୍ଲକର ୩ ପଞ୍ଚାୟତର ୱାର୍ଡମେମ୍ବରମାନଙ୍କୁ ନେଇ ଚାଲିଥିବା ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକର ଶଙ୍କରାଖୋଲ, କୁସୁମେଣ୍ଡି ଓ (ଏଲ୍) ବପଲମେଣ୍ଡିର ୫୯ ଜଣ ୱାର୍ଡମେମ୍ବର ଶିବିରରେ ଯୋଗ ଦେଇଥିଲେ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ଦ୍ୱାରା ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ସମ୍ପର୍କିତ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ପ୍ରଶିକ୍ଷକଭାବେ ସାମାଜିକକର୍ମୀ ଅଶୋକ ପରିଡା ଓ ନିରଞ୍ଜନ ବେହେରା ଯୋଗ ଦେଇଥିଲେ।

## ଲାଞ୍ଚ ନେଇ କନିଷ୍ଠ କିରାଣି ଗିରଫ



ଶରତ ଚନ୍ଦ୍ର ସେଠୀ।

ଫୁଲବାଣୀ ଅଫିସ, ୨୦।୯

ଫାମିଲି ପେନସନ କରାଇ ଦେବା ପାଇଁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗୁରୁବାର ଫୁଲବାଣୀ ମ୍ୟୁନିସିପାଲିଟି କନିଷ୍ଠ କିରାଣି ତଥା ଡିଲିଂ ଆସିଷ୍ଟାଣ୍ଟ ଶରତ ଚନ୍ଦ୍ର ସେଠୀ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କ ବାସ ଭବନରେ ସେ ଏହି ଟଙ୍କା ନେଉଥିଲେ। ସେଠାରୁ ମଧ ନଗଦ ୨ ଲକ୍ଷ ଟଙ୍କା ଜବତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ମ୍ୟୁନିସିପାଲିଟରେ ଝାଡୁଦାର ଭାବେ ଚିତ୍ରସେନ ମୁଖୀ କାମ କରୁଥିଲେ। ୨୦୧୭, ସେପ୍ଟେମ୍ବର ୧ରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁପରେ ମିଳିବାକୁ ଥିବା ୮୦ ହଜାର ଟଙ୍କା ଓ ପରିବାରକୁ ପେନସନ କରାଇ ଦେବାକୁ ପୁଅ ଗୁଟେଶ୍ୱର ପୌର ପରିଷଦରେ ଆବେଦନ କରିଥିଲେ। ଡିଲିଂ ଆସିଷ୍ଟାଣ୍ଟ ଏହି କାମ କରାଇ ଦେବା ପାଇଁ ୪୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ଦେଲେ ଏହି କାମ ହେବ, ନ ହେଲେ ନାହିଁ ବୋଲି କହିଥିଲେ। ଗୁଟେଶ୍ୱର ଏ ନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ପ୍ରସ୍ତୁତି ମୁତାବକ ଗୁଟେଶ୍ୱର ଟଙ୍କା ନେଇ ସେଠୀଙ୍କୁ ତାଙ୍କ ବାସଭବନରେ ଦେଇଥିଲେ। ଭିଜିଲାନ୍ସ କର୍ମଚାରୀ ଚଢ଼ାଉ କରି ଟଙ୍କା ଜବତ କରିବା ସହ ସେଠୀଙ୍କୁ ଗିରଫ କରିଥିଲେ। ଦଶପଲ୍ଲାସ୍ଥିତ ତାଙ୍କ ବାସଭବନରେ ମଧ ଚଢ଼ାଉ କରାଯିବ ବୋଲି ଭିଜିଲାନ୍ସ ଡିଏସ୍‌ପି ରବିକାନ୍ତ ସୁନା ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଇନ୍ସପେକ୍ଟର ପି.ଛତ୍ରିଆଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

## ବିଜୁ ଯୁବ ବାହିନୀର ସ୍ୱଚ୍ଛତା ଅଭିଯାନ

ଗୋଷାଣି, ୨୦।୯(ଡି.ଏନ.ଏ.)

ଗଜପତି ଜିଲା ଗୋଷାଣି ବ୍ଲକର ବଡକଟୁରୁ ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି। ଏହାକୁ ବିଜୁ ଯୁବ ବାହିନୀର ଜିଲା ସଭାପତି ଚିନୁରାଜ ପାତ୍ର ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟଙ୍କ ସମେତ ବ୍ଲକ ବିଜେଡି ସଭାପତି ଉମାଶଙ୍କର ପାତ୍ର, ବଡକଟୁରୁ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ବିଜୁ ଯୁବ ବାହିନୀର ସଦସ୍ୟମାନେ ବିଭିନ୍ନ ସ୍ଥାନ ସଫେଇ କରିଥିଲେ।

## କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

କନିଷି,୨୦।୯(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ଗ୍ରାମର ବଡ଼ସାହିଠାରେ ବୁଧବାର କଲ୍ୟାଣ ମଣ୍ଡପ ଉଦଘାଟିତ ହୋଇଛି । କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୯ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ ହୋଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଗୋଳନ୍ଥରା ସରପଞ୍ଚ ସସ୍ମିତା ଜେନା, ଗ୍ରାମସେବକ ଅକ୍ଷୟ ମଲିକ, ସମିତିସଭ୍ୟ ଚିତ୍ରସେନ ଜେନା, ଟୁନା ଜେନା, ପ୍ରକାଶ ଚନ୍ଦ୍ର ଜେନା, ରମାକାନ୍ତ ମହାପାତ୍ର, ଟୁଟୁ ଜେନା, ସନ୍ତୋଷ ପ୍ରଧାନ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

■ ସାଧାରଣ ନିର୍ବାଚନରେ ପ୍ରାର୍ଥିତ୍ୱକୁ ନେଇ ବଢୁଛି ଉତ୍କଣ୍ଠା

## ଚର୍ଚ୍ଚାରେ ପୌରାଧ୍ୟକ୍ଷ ରାଜେନ୍ଦ୍ର

ଫୁଲବାଣୀ ଅଫିସ, ୨୦।୯

ଆସନ୍ତା ସାଧାରଣ ନିର୍ବାଚନକୁ ନେଇ ଏବେଠୁ ରାଜନୈତିକ ଉଷ୍ମତା ଦେଖା ଦେଲାଣି। କେଉଁ ମୁହୂର୍ତ୍ତରେ ବିଧାନସଭା ଭାଙ୍ଗିବ ଏବଂ କେତେବେଳେ ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିବ ତାହା କହିବା କଷ୍ଟକର। ଏବେ ୩ ପ୍ରମୁଖ ଦଳ ମଧ୍ୟରେ ପ୍ରାର୍ଥି ଚୟନକୁ ନେଇ ଆଲୋଚନା ଯେତେ ଜୋର ଧରୁଛି, ପ୍ରାର୍ଥିତ୍ୱକୁ ନେଇ ମଧ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କନ୍ଧମାଳ ଜିଲା ଫୁଲବାଣୀ ନିର୍ବାଚନ ମଣ୍ଡଳୀ କଥା ବିଚାରକୁ ନେଲେ ବିଗତ ୪ଟି ନିର୍ବାଚନରେ ବିଜେଡି ଏହାକୁ ଅକ୍ତିଆର କରି ରଖିଛି। ପୂର୍ବରୁ ପଦ୍ମନାଭ ବେହେରା, ବିଷ୍ଣୁପ୍ରିୟା ବେହେରା ଓ ଦେବେନ୍ଦ୍ର କହଁର ବିଧାୟକ ହୋଇଥିଲେ। ବର୍ତ୍ତମାନ ଦୁଗୁନି କହଁର ବିଧାୟକ ଅଛନ୍ତି। ସବୁ ନିର୍ବାଚନରେ ନୂଆ ମୁହଁ। ଏଥର ନିର୍ବାଚନରେ ଯଦି ସେହି କଥା ଦଳ ଆପଣାଏ ତା' ହେଲେ ପୁଣି ଜଣେ ନୂଆ ମୁହଁ ଲୋକେ ଦେଖିବାକୁ ପାଇବେ। ଏଥର ସେହି ସବୁ ନୂଆ ମୁହଁ ତାଲିକାରେ ସବୁଠୁ ଆଗରେ ରହିଛନ୍ତି ଫୁଲବାଣୀ ପୌରାଧ୍ୟକ୍ଷ ରାଜେନ୍ଦ୍ର କହଁର। ତାଙ୍କ ଲୋକ ସମ୍ପର୍କ ଏବଂ ପୌରାଞ୍ଚଳରେ ଜନହିତକର କାର୍ଯ୍ୟ ହିଁ ଦଳ ଆଗରେ ମାପକାଠି ହେବ ବୋଲି ଏବେ ସବୁଠି ଚର୍ଚ୍ଚା ଜୋର ଧରିଛି। ୨୦୦୯ ସାଧାରଣ ନିର୍ବାଚନରେ ଦେବେନ୍ଦ୍ର ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ତାଙ୍କୁ ଟିକେଟ ମିଳି ନ ଥିଲା। ଦୁଗୁନୀ ଦଳ ପକ୍ଷରୁ ଟିକେଟ ପାଇ ନିର୍ବାଚିତ ହୋଇଥିଲେ। ଏବେ ଦେବେନ୍ଦ୍ରଙ୍କ ଭାଇ ରାଜେନ୍ଦ୍ର ଟିକେଟ ଆଶାୟୀଙ୍କ ଦୌଡରେ ଆଗରେ ରହିଛନ୍ତି। ନିଜର ଲୋକ ସମ୍ପର୍କ, ଜନହିତକର କାର୍ଯ୍ୟ ଏବଂ ସହରର ସୌନ୍ଦର୍ଯ୍ୟକରଣ ଦିଗରେ ତାଙ୍କର ଭୂମିକା ହିଁ ତାଙ୍କର ମାପକାଠି ବୋଲି ବିବେଚନା କରାଯାଉଛି। ଅନ୍ୟପକ୍ଷରେ ଖଜୁରିପଡା ବ୍ଲକ ଅଧକ୍ଷ ବୀରେନ୍ଦ୍ର କହଁର, ଏବେର ବିଧାୟକ ଦୁଗୁନୀ କହଁର ମଧ ଆଶାୟୀ ତାଲିକାରେ ରହିଛନ୍ତି। କଂଗ୍ରେସ ଓ ଭାଜପାର ସ୍ଥିତି ସେପରି ନାହିଁ। ଯେଉଁମାନେ ଏହି ଦଳ ପକ୍ଷରୁ ଟିକେଟ ପାଇ ନିର୍ବାଚନକୁ ଓହ୍ଲାଇବାକୁ ଚାହୁଁଛନ୍ତି, ସେମାନଙ୍କ ଦଳୀୟ କନ୍ଦଳ ହିଁ ବୁମେରାଂ ସାଜିବ ସେଥିରେ ଦ୍ୱିମତ ହେବାର ନାହିଁ। କାରଣ ଭାଜପାର କିଏ ପ୍ରାର୍ଥୀ ହେବ ତାହାକୁ ନେଇ କାହାରି ମଧ୍ୟରେ ଆଲୋଚନା ହେଉନାହିଁ। ଯେଉଁମାନେ ପଦପଦବୀରେ ରହିଛନ୍ତି ସେମାନେ କେତେବେଳେ ନିଜକୁ ବିଧାୟକ ଏବଂ ଏମ୍‌ପି ଆଶାୟୀ ପ୍ରାର୍ଥି ବୋଲି କହୁଛନ୍ତି। ସମାନ ପରିସ୍ଥିତି ମଧ କଂଗ୍ରେସରେ। ଜଣେ ବାହାର ଜିଲାରୁ ଆସି ଶ୍ରମିକ ନେତା ବୋଲାଉ ଥିବା କର୍ମୀଙ୍କୁ ଦଳ ମଧ୍ୟରେ ବିରୋଧ କରାଯାଉଛି।

## ନଦୀରେ ଭାସିଯାଇଥିବା ଯୁବକଙ୍କ ମୃତଦେହ ଉଦ୍ଧାର

ବାଲିଗୁଡା,୨୦।୯(ଡି.ଏନ୍.ଏ.)

ବାଲିଗୁଡା ବ୍ଲକ ସିନ୍ଦ୍ରିଗାଁ ରାସ୍ତା ଦେଇ ଯାଇଥିବା ଖଡଗନଦୀରେ ଗତ ରବିବାର କଟପଡି ଗ୍ରାମର କାପୁ ଦିଗାଳ ନଦୀରେ ଗାଧୋଉଥିବାବେଳେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଗ୍ରାମବାସୀ ଓ ଦମକଳ ବାହିନୀ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ପାଇ ନ ଥିଲେ। ଗୁରୁବାର ବାଲିଗୁଡା ନିକଟସ୍ଥ କୁଟିକିଆ ଘାଟରେ ଏକ ମୃତଦେହ ଲାଗିଥିଲା। କେତେକ ଲୋକ ଦେଖି ଏନେଇ କାପୁଙ୍କ ପରିବାର ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ଅପରାହ୍ନରେ କାପୁଙ୍କ ପରିବାର ଲୋକେ ପହଞ୍ଚି ମୃତଦେହ ଉଦ୍ଧାର କରି ଆଣି ସତ୍କାର କରିଥିଲେ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ସମ୍ପତ୍ତି ବିକ୍ରୟ ନିମନ୍ତେ ନୋଟିସ୍**

**ଆକାଉଣ୍ଟ ନଂ.: ୧୦୩୭୮୨୩୯୧୭୧ - ମେସର୍ସ କ୍ରୀଷ୍ଣା ଜେନେରାଲ ଷ୍ଟୋର**

ଋଣଗ୍ରହୀତା: ମେସର୍ସ କ୍ରୀଷ୍ଣା ଜେନେରାଲ ଷ୍ଟୋର, ସ୍ୱତ୍ୱାଧିକାରୀ: ତାପସ କୁମାର ଗୁଇଁ, ପିତା: ୰ ନରେନ୍ଦ୍ର କୁମାର ଗୁଇଁ, ସା: ପ୍ଲଟ୍ ନଂ.: ୧୭୬୪, ବଡେଇବାଙ୍କ ଛକ, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨, ଜିଲ୍ଲା: ଖୋର୍ଦ୍ଧା / ଜାମିନ୍‌ଦାର ଏବଂ ବନ୍ଧକଧାତା: ୰ ନରେନ୍ଦ୍ର କୁମାର ଗୁଇଁ, ୰ ନରେନ୍ଦ୍ର କୁମାର ଗୁଇଁଙ୍କୁ ପ୍ରତିନିଧିତ୍ୱ କରୁଥିବା ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ ସବିତା ନନ୍ଦି, ସ୍ୱାମୀ: ୰ ନରେନ୍ଦ୍ର କୁମାର ଗୁଇଁ, ୨) ଶ୍ରୀ ତାପସ କୁମାର ଗୁଇଁ, ପିତା: ୰ ନରେନ୍ଦ୍ର କୁମାର ଗୁଇଁ, ଉଭୟ କ୍ର. ନଂ. ୧ ଏବଂ ୨ଙ୍କର ଠିକଣା- ସା: ମ୍ୟୁନିସିପାଲ ହସ୍ପିଟାଲ କ୍ୟାମ୍ପସ, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨, ଉଭୟ କ୍ର. ନଂ. ୧ ଏବଂ ୨ଙ୍କର ସ୍ଥାୟୀ ଠିକଣା- ସା: ଗୋପାଳପୁର, ପୋ: ପ୍ରଥମାଖଣ୍ଡି, ଥାନା: ଧର୍ମଶାଳା, ଜିଲ୍ଲା: ଯାଜପୁର।

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ସରଫେଶୀ ଆକ୍ଟ) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ସ ୬, ୭, ୮ ଏବଂ ୯ ଅନୁଯାୟୀ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ସୁରକ୍ଷିତ ଋଣ ତା୦୫.୦୩.୨୦୧୭ରିଖ ସୁଦ୍ଧା ଟ.୧୩,୯୬,୬୫୪/- (ତେର ଲକ୍ଷ ଛୟାନବେ ହଜାର ଛଅ ଶହ ଚଉବନ ଟଙ୍କା ମାତ୍ର) ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ କରିବା ପାଇଁ ମେସର୍ସ କ୍ରୀଷ୍ଣା ଜେନେରାଲ ଷ୍ଟୋର ଆକାଉଣ୍ଟର ନିମ୍ନ ଦର୍ଶିତ ସମ୍ପତ୍ତିକୁ ତା୧୩.୦୭.୨୦୧୮ରିଖ ଦଖଲକୁ ନେଇଛନ୍ତି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର ବିକ୍ରୟ ନୋଟିସ୍ ପ୍ରକାଶିତ କରି ଉକ୍ତ ସମ୍ପତ୍ତିର ବିକ୍ରି ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛନ୍ତି। ଆପଣଙ୍କୁ ତା୦୬.୦୩.୨୦୧୭ରିଖରେ ଜାରି ଚିଠି ନଂ. SARB/BBSR/CM-I/JN/1673(2) ଦ୍ୱାରା ୬୦ ଦିନିଆ ନୋଟିସ୍ ଏବଂ ପୁନଶ୍ଚ ୩୦ ଦିନିଆ ନୋଟିସ୍ ପ୍ରଦାନ କରାଯାଇ ଋଣ ପରିଶୋଧ କରିବାକୁ କୁହାଯାଇଥିଲା। ଧାର୍ଯ୍ୟ ସମୟ ଅତିକ୍ରାନ୍ତ ପରେ ମଧ ଆପଣ ଋଣ ପରିଶୋଧ କରୁନାହାନ୍ତି ତେଣୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସରଫେଶୀ ଆକ୍ଟ, ୨୦୦୨ର ନିୟମ ଅନୁସାରେ ଆଶାୟୀ କ୍ରେତାଙ୍କୁ ସମ୍ପତ୍ତି ବିକ୍ରୟ ପାଇଁ ସ୍ଥିର କରିବେ। ଆମ୍ଭେ ପୁନଶ୍ଚ ଆପଣଙ୍କୁ ଜଣାଇ ଦେଉଛୁ କି ଯଦି ଆପଣଙ୍କର କେହି କ୍ରେତା ସମ୍ପତ୍ତି କ୍ରୟ କରିବାକୁ ଇଚ୍ଛୁକ ଅଛନ୍ତି ତେବେ ଆପଣଙ୍କର ସେହି କ୍ରେତା ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପତ୍ତି କ୍ରୟ ନିମନ୍ତେ ବିଡ୍ ପକାଇ ପାରିବେ।

**ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ବିବରଣୀ**

**୰ ନରେନ୍ଦ୍ର କୁମାର ଗୁଇଁ,** ପିତା: କେଳୁ ଚରଣ ଗୁଇଁଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପଡ଼ା, ତହସିଲ: ଭୁବନେଶ୍ୱର, ଖାତା ନଂ.: ୬୦୩/୪୪୧, ପ୍ଲଟ୍ ନଂ.: ୨୧୯/୧, କ୍ଷେତ୍ର: ଏକର୦.୦୫୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ବସନ୍ତ କୁମାର ଦାସ, ଦକ୍ଷିଣ: ସରକାରୀ ପ୍ଲଟ୍, ପୂର୍ବ: ହରପ୍ରିୟା ମିଶ୍ର, ପଶ୍ଚିମ: ଏସ୍.ଏନ୍. ସେନାପତି।

ତାରିଖ: ୧୮.୦୯.୨୦୧୮, ସ୍ଥାନ: ଭୁବନେଶ୍ୱର — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ଏପରି ଜୋଶ୍ ଓ ଶକ୍ତି ଯାହା ସମସ୍ତଙ୍କୁ ମଦମତ୍ତ କରିଦିଏ!!!
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ ଥରେ ନିଶ୍ଚୟ ଆପଣାନ୍ତୁ
୧ କ୍ୟାପ୍ସୁଲ୍ ସକାଳେ ଓ ୧ କ୍ୟାପ୍ସୁଲ୍ ରାତିରେ ସେବନ କରନ୍ତୁ
କେବଳ ପୁରୁଷଙ୍କ ପାଇଁ ପ୍ଲେ-ୱିନ୍ କ୍ୟାପ୍ସୁଲ
ମହିଳାଙ୍କ ପାଇଁ ମଧ ଉପଲବ୍ଧ ପ୍ଲେ-ୱିନ୍-F କ୍ୟାପ୍ସୁଲ କେବଳ ମହିଳାଙ୍କ ପାଇଁ
ସବୁ ମେଡିକାଲ୍/ଆୟୁର୍ବେଦିକ ଷ୍ଟୋର୍ସରେ ଉପଲବ୍ଧ
ସାଧାରଣତଃ ଶାରୀରିକ ସମସ୍ୟା ଏବେ ବହୁତ ସାଧାରଣ କଥାରେ ପରିଣତ ହୋଇଯାଇଛି, ଅନେକ ଥର ଆପଣଙ୍କ ସାଥୀଙ୍କୁ ସନ୍ତୁଷ୍ଟି ନ ମିଳିବା କାରଣରୁ ବୈବାହିକ ଜୀବନରେ ଖରାପ ପ୍ରଭାବ ପଡ଼ିଥାଏ, ଯାହାଦ୍ୱାରା ଗ୍ରସ୍ତ ଲୋକମାନେ ମାନସିକ ସନ୍ତୁଳନ ହରାଇଥାନ୍ତି ଏବଂ ସର୍ବଦା (ଷ୍ଟ୍ରେସ୍) ବା ଚାପରେ ରହିବାକୁ ଲାଗିଥାନ୍ତି। ଏହାକୁ ଲୁଚାଇବା ପରିବର୍ତ୍ତେ ଏହାର ସମାଧାନ ଖୋଜିବା ଆବଶ୍ୟକ ଯାହାଦ୍ୱାରା ବୈବାହିକ ଜୀବନରେ କୌଣସି ଶାରୀରିକ ସମସ୍ୟାର ସାମ୍ନା କରିବାକୁ ପଡ଼ିବ ନାହିଁ । ପ୍ଲେ-ୱିନ୍ କ୍ୟାପ୍ସୁଲର ୨୧ ଦିନର କୋର୍ସ କରି ଜୋଶ୍, ଶକ୍ତି ଓ ଷ୍ଟାମିନା ବଢ଼ାନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ସ୍ପ୍ରେ ବ୍ୟବହାର କରି ଭରପୂର ଷ୍ଟାମିନା ପାଆନ୍ତୁ ଏବଂ ଉପରୋକ୍ତ ସମସ୍ୟାଗୁଡ଼ିକୁ ଦୂର କରି ବୈବାହିକ ଜୀବନର ଅଦ୍ଭୁତ ଆନନ୍ଦ ଅନୁଭବ କରନ୍ତୁ।
only Effect No Side Effect
Play Win Capsule
A Quality Product by Rajnish Wellness Limited
ଏବେ ସ୍ପ୍ରେରେ ମଧ ଉପଲବ୍ଧ
SS : Mahendra Pharma/Orissa Drug Distributors
ସ୍ପ୍ରେ | କ୍ୟାପ୍ସୁଲ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ସ୍ପ୍ରେ ମଧ ବ୍ୟବହାର କରନ୍ତୁ।
www.playwincapsule.com
ଜୋଶ, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ!!



ସିଣ୍ଡିକେଟବ୍ୟାଙ୍କ SyndicateBank
କ୍ଷେତ୍ରୀୟ କାର୍ଯ୍ୟାଳୟ-I:
ପ୍ଲଟ୍ ନଂ.: ୧୫୫୬ ଏବଂ ୧୫୬୧,
ଜାଗମରା, ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୧୯

**ଗୃହ ଋଣ ପରାମର୍ଶଦାତା ତାଲିକାଭୁକ୍ତି ନିମନ୍ତେ ବିଜ୍ଞାପନ**

ସିଣ୍ଡିକେଟ୍ ବ୍ୟାଙ୍କ ୧) ଭୁବନେଶ୍ୱର, ୨) କଟକ, ୩) ଖୋର୍ଦ୍ଧା ପ୍ରଭୃତି ସ୍ଥାନରେ ଗୃହ ଋଣ ପ୍ରସ୍ତାବ ଆଣିବା ନିମନ୍ତେ ଗୃହ ଋଣ ପରାମର୍ଶଦାତାମାନଙ୍କ ତାଲିକାଭୁକ୍ତି ପାଇଁ ପ୍ରସ୍ତାବ ଆହ୍ୱାନ କରୁଅଛି। ଗୃହ ଋଣ ବ୍ୟବସାୟ ନିମନ୍ତେ ବ୍ୟାଙ୍କର ନୀତି ଅନୁସାରେ ଉକ୍ତ ପରାମର୍ଶଦାତାମାନଙ୍କୁ କମିଶନ ପ୍ରଦାନ କରାଯିବ। ଯୋଜନାର ସବିଶେଷ ବିବରଣୀ ଏବଂ ଦରଖାସ୍ତ ଡାଉନ୍‌ଲୋଡ୍ ପାଇଁ ଆମ୍ଭର ୱେବ୍‌ସାଇଟ୍ www.syndicatebank.co.in/announcement/tender/live tender-empanelment of vendor-Retail business dept. ଦେଖନ୍ତୁ। ଯୋଗାଯୋଗ: ମିସ୍ ସୁଚରିତା ମହାନ୍ତି, ମୋ.: ୯୪୩୭୩୯୫୩୮୬ ଏବଂ ଶ୍ରୀ ସୁରେଶ ମହାନ୍ତି, ମୁଖ୍ୟ ପ୍ରବନ୍ଧକ, ଆର୍‌ଏମ୍‌ଏଲ୍‌ସି, ମୋ.: ୯୪୩୭୪୬୩୬୩୩। ଦରଖାସ୍ତ ଦାଖଲର ଅନ୍ତିମ ତାରିଖ : ୩୦.୦୯.୨୦୧୮

ସ୍ଥାନ: ଭୁବନେଶ୍ୱର — ସ୍ୱା/- କ୍ଷେତ୍ରୀୟ ପ୍ରବନ୍ଧକ
ତାରିଖ: ୨୦.୦୯.୨୦୧୮ — କ୍ଷେତ୍ରୀୟ କାର୍ଯ୍ୟାଳୟ-I (ଜାଗମରା), ଭୁବନେଶ୍ୱର



**OFFICE OF THE**
**NOTIFIED AREA COUNCIL, SURADA, GANJAM**
No.: 816/NAC — Date: 20.09.18

**e-Procurement Notice**
Tender Call Notice No.- SURADA/NAC/2018-19/03
Tender ID - 2018_ORULB_47697

| | | | |
|---|---|---|---|
| 1. | Name of the Work | : | Individual Civil Construction works as published the website. |
| 2. | No. of Works put to tender | : | 6 Nos. of Work |
| 3. | Estimated Cost | : | Rs.5,88,000/- to Rs.7,84,000/- |
| 4. | Period of Completion | : | 90 days |
| 5. | Date & time of availability of bid documents in the portal | : | From 10.00 hours of Dt.21.09.2018 to 17.00 Hours of Dt.04.10.2018. |
| 6. | Last date/time for receipt of bids in the portal | : | 17.00 Hours of 06.10.2018 |
| 7. | Date to required document to be submitted | : | 05.10.2018 |
| 8. | Date and time of opening of bid | : | 11.00 hours of 06.10.2018 |
| 9. | Name and address of the Officer Inviting Bid | : | Executive Officer, Surada NAC, Surada |

Further details can be seen from the e-procurement portal **https://tendersorissa.gov.in**.
Sd./- Executive Officer, NAC, Surada, Ganjam



**ପୂର୍ବ ତଟ ରେଳପଥ**

**ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ଷ୍ଟେସନରେ ପାର୍କିଙ୍ଗ୍ ଷ୍ଟାଣ୍ଡ**

ଟେଣ୍ଡର ବିଜ୍ଞପ୍ତି ସଂ.G.274/Parking Stand/KUR Divn/04/2018-19, ତା.11.09.2018 ରିଖ

(1) କାର୍ଯ୍ୟର ନାମ: ବ୍ରହ୍ମପୁର ରେଳ ଷ୍ଟେସନ ଠାରେ ସାଇକେଲ/ସ୍କୁଟର/ମୋଟର ସାଇକେଲ ଷ୍ଟାଣ୍ଡ- ୧ ଏବଂ ୨, ଷ୍ଟାଣ୍ଡ କ୍ଷେତ୍ର = 748 ଏବଂ 576 ବର୍ଗ ମିଟର ।
03(ତିନି) ବର୍ଷ ପାଇଁ ଟେଣ୍ଡରର ଆକଳିତ ମୂଲ୍ୟ(ଟଙ୍କାରେ): 31,33,210/-, EMD (ଟଙ୍କାରେ): 3,13,320/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) (18% GST ସହିତ): 3,540/- ।

(2) କାର୍ଯ୍ୟର ନାମ : ଯାଜପୁର କେନ୍ଦୁଝର ରୋଡ୍ ରେଳ ଷ୍ଟେସନ ଠାରେ ସାଇକେଲ/ସ୍କୁଟର/ମୋଟର ସାଇକେଲ ଷ୍ଟାଣ୍ଡ, ଷ୍ଟାଣ୍ଡ କ୍ଷେତ୍ର = 981.59 ବର୍ଗ ମିଟର ।
03(ତିନି) ବର୍ଷ ପାଇଁ ଟେଣ୍ଡରର ଆକଳିତ ମୂଲ୍ୟ(ଟଙ୍କାରେ): 28,90,520/-, EMD(ଟଙ୍କାରେ): 2,98,050/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) (18% GST ସହିତ): 3,540/- ।

(3) କାର୍ଯ୍ୟର ନାମ : ରମ୍ଭା ରେଳ ଷ୍ଟେସନ ଠାରେ ସାଇକେଲ/ସ୍କୁଟର/ମୋଟର ସାଇକେଲ ଷ୍ଟାଣ୍ଡ, ଷ୍ଟାଣ୍ଡ କ୍ଷେତ୍ର = 132 ବର୍ଗ ମିଟର ।
03(ତିନି) ବର୍ଷ ପାଇଁ ଟେଣ୍ଡରର ଆକଳିତ ମୂଲ୍ୟ(ଟଙ୍କାରେ): 31,780/-, EMD (ଟଙ୍କାରେ): 3,180/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) (18% GST ସହିତ): 1,180/- ।

(4) କାର୍ଯ୍ୟର ନାମ: ଢେଙ୍କାନାଳ ରେଳ ଷ୍ଟେସନ ଠାରେ ସାଇକେଲ/ସ୍କୁଟର/ମୋଟର ସାଇକେଲ ଷ୍ଟାଣ୍ଡ, ଷ୍ଟାଣ୍ଡ କ୍ଷେତ୍ର = 125 ବର୍ଗ ମିଟର ।
03(ତିନି) ବର୍ଷ ପାଇଁ ଟେଣ୍ଡରର ଆକଳିତ ମୂଲ୍ୟ(ଟଙ୍କାରେ): 3,60,980/-, EMD (ଟଙ୍କାରେ): 36,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) (18% GST ସହିତ): 1,180/- ।

(5) କାର୍ଯ୍ୟର ନାମ: କେନ୍ଦୁଝର ଗଡ଼ ରେଳ ଷ୍ଟେସନ ଠାରେ ସାଇକେଲ/ସ୍କୁଟର/ମୋଟର ସାଇକେଲ ଷ୍ଟାଣ୍ଡ, ଷ୍ଟାଣ୍ଡ କ୍ଷେତ୍ର = 837 ବର୍ଗ ମିଟର ।
03(ତିନି) ବର୍ଷ ପାଇଁ ଟେଣ୍ଡରର ଆକଳିତ ମୂଲ୍ୟ(ଟଙ୍କାରେ): 2,43,630/-, EMD (ଟଙ୍କାରେ): 24,360/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) (18% GST ସହିତ): 1,180/- ।

ପ୍ରତି ବାହନ ପାର୍କିଙ୍ଗ ଶୁଳ୍କ : 12 ଘଣ୍ଟା କିମ୍ବା ଆଂଶିକ ସମୟ ନିମନ୍ତେ ସାଇକେଲ ପାଇଁ ଟ.2/- ଏବଂ ସ୍କୁଟର/ମୋଟର ସାଇକେଲ ପାଇଁ ଟ.5/- (କ୍ରମ. ସଂ. 1 ରୁ 4 ପାଇଁ) ଏବଂ 4 ଘଣ୍ଟା କିମ୍ବା ଆଂଶିକ ସମୟ ନିମନ୍ତେ କାର/4 ଚକିଆ ପାଇଁ ଟ.15/- (କ୍ରମ. ସଂ. 5 ପାଇଁ) ।

ଟେଣ୍ଡର ଫର୍ମ ଜାରି ହେବାର ଅନ୍ତିମ ତାରିଖ ଓ ସମୟ:ତା.23.10.2018 ରିଖ 1200 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଗ୍ରହଣ କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.23.10.2018 ରିଖ 1500 ଘଟିକା ପର୍ଯ୍ୟନ୍ତ,
ଟେଣ୍ଡର ଖୋଲା ଯିବା ତାରିଖ ଓ ସମୟ: ତା.23.10.2018 ରିଖ 1530 ଘଟିକାରେ ।

ଟେଣ୍ଡର ଫର୍ମ ଉପଲବ୍ଧ ହେବା ସ୍ଥାନ : ଯେକୌଣସି କାର୍ଯ୍ୟ ଦିବସରେ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ଜଟଣୀ-752050, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶାଙ୍କ କାର୍ଯ୍ୟାଳୟରେ । ଟେଣ୍ଡର ନଥିପତ୍ରଗୁଡ଼ିକ ୱେବ୍‌ସାଇଟ୍: www.eastcoastrail.indianrailways.gov.in ରେ ଉପଲବ୍ଧ ହେବ ।

ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ)ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ ।

ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ଖୋର୍ଦ୍ଧା ରୋଡ଼
PR-349/J/18-19

## ସଂକ୍ଷେପରେ

### ସାମୁଦ୍ରିକ ଝଡ଼ ପାଇଁ ବିଏମ୍‌ସିର ପ୍ରସ୍ତୁତି
## ବସ୍ତି ପାଇଁ ବାତ୍ୟା ଆଶ୍ରୟସ୍ଥଳ

**ବ୍ରହ୍ମପୁର ଅଫିସ୍,୨୦।୯:** ସାମୁଦ୍ରିକ ଝଡ଼କୁ ନେଇ ବ୍ରହ୍ମପୁର ମହାନଗର ନିଗମ ପ୍ରସ୍ତୁତି ଆରମ୍ଭ କରିଦେଇଛି। ମୁକାବିଲା ପାଇଁ ପଦକ୍ଷେପ ନିଆଯାଇଛି। ଗୁରୁବାର ନିଗମ ତରଫରୁ ଜାରି ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି ଯେ, ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ, ତଳି ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି । ଯେଉଁମାନଙ୍କ ଘର ବାତ୍ୟା କିମ୍ବା ବର୍ଷାରେ କ୍ଷତି ହୁଏ, ସେମାନଙ୍କୁ ଆଶ୍ରୟ ଦେବା ପାଇଁ ପଦକ୍ଷେପ ନିଆଯାଇଛି । ନିକଟସ୍ଥ କଲ୍ୟାଣ ମଣ୍ଡପ ଏବଂ ରାଜୀବ ଆବାସ କେନ୍ଦ୍ରକୁ ସ୍ଥାନାନ୍ତର କରାଯିବ । କନିଷ୍ଠ ଯନ୍ତ୍ରୀମାନେ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିବେ। କର୍ପୋରେଟର୍‌ମାନଙ୍କୁ ମଧ୍ୟ ସତର୍କ ରହିବା ପାଇଁ କୁହାଯାଇଛି। ସହରରେ ମୋଟ ୪୦ ବସ୍ତି ଅଞ୍ଚଳ ପାଇଁ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ କରାଯାଇଛି। ସେଗୁଡ଼ିକ ହେଲା ହରିଡ଼ାଖଣ୍ଡି ଗୋଷ୍ଠୀ କେନ୍ଦ୍ର, ଜି.ରଘୁନାଥପୁର ଗୋଷ୍ଠୀକେନ୍ଦ୍ର, ଲକ୍ଷ୍ମୀନୃସିଂହ ସାହି କୋଠଘର, ଗୁରୁମୂର୍ତ୍ତିପେଟା କଲ୍ୟାଣ ମଣ୍ଡପ, ଶାନ୍ତି ମାର୍ଗ କଲ୍ୟାଣ ମଣ୍ଡପ, ନିଳାଦ୍ରୀବିହାର ରାଜୀବ ଆବାସ କେନ୍ଦ୍ର, କାଲୁପାତ୍ରସାହି କଲ୍ୟାଣ ମଣ୍ଡପ, ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ଗଣେଶ ନଗର ଗୋଷ୍ଠୀ କେନ୍ଦ୍ର, ପାଣ୍ଡବନଗର ଗୋଷ୍ଠୀ କେନ୍ଦ୍ର, ପୁରୁଣା ବ୍ରହ୍ମପୁର ଅନୁସୂଚିତ ଜାତି ସାହି ଗୋଷ୍ଠୀ କେନ୍ଦ୍ର, ପ୍ରେମ୍‌ନଗର ଶିକ୍ଷକ ସଂଘ ହଲ୍, ଖଲାସି ସାହି ଗୋଷ୍ଠୀ କେନ୍ଦ୍ର, ମୋଚିସାହି ଗୋଷ୍ଠୀ କେନ୍ଦ୍ର, ଷ୍ଟେଟ୍‌ବ୍ୟାଙ୍କ ନିକଟ ବରିଷ୍ଠ ନାଗରିକ କ୍ଲବ ଘର, ଆନନ୍ଦସାରଣୀ ରାଜୀବ ଆବାସ ଗୃହ, ଗେଟ୍‌ବଜାର କୋଠଘର, କାଲୁଆସାହି କଲ୍ୟାଣ ମଣ୍ଡପ, ନେହେରୁନଗର ରାଜୀବ ଆବାସ ଗୃହ, ଗଣେଶ ମନ୍ଦିର କଲ୍ୟାଣ ମଣ୍ଡପ, ଗୋଇଲୁଣ୍ଡି ଲାଇବ୍ରେରୀ, ଗଜପତିନଗର କଲ୍ୟାଣ ମଣ୍ଡପ, କୃଷ୍ଣନଗର ପୌର କଲ୍ୟାଣ ମଣ୍ଡପ, ଆଙ୍କୁଲି ଅନୁସୂଚିତ ଜାତିସାହି ଗୋଷ୍ଠୀ କେନ୍ଦ୍ର, ଖୋଡ଼ାସିଙ୍ଗି ଗୋଷ୍ଠୀ କେନ୍ଦ୍ର ଏବଂ ଆମ୍ବପୁଆ ଗୋଷ୍ଠୀ କେନ୍ଦ୍ର ପ୍ରମୁଖ ।

## ଦାଦାବଟି ମାମଲା, ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ,୨୦।୯:** ଦାଦାବଟି ମାଗିବା ଏବଂ ସୁନାଚେନ ଓ ଟଙ୍କା ଲୁଟ୍ ମାମଲାରେ ଗୋଷାଣୀନୂଆଗାଁ ପୋଲିସ ଅଭିଯୁକ୍ତ ପିଣ୍ଟୁ ବେହେରା ଓରଫ ବୀରୁଙ୍କୁ ଗୁରୁବାର ଗିରଫ କରିଛି। ଜୁଲାଇ ୨୬ରେ ପିଣ୍ଟୁ ଓ ତାଙ୍କର ଜଣେ ସହଯୋଗୀ ଷ୍ଟେଶନ ରୋଡସ୍ଥିତ ଏକ ହୋଟେଲକୁ ଯାଇ କାଉଣ୍ଟରରେ ବସିଥିବା ଜିତେନ୍ ସାହୁଙ୍କୁ ମାସିକ ୧୦ ହଜାର ଟଙ୍କା ଦାଦାବଟି ଦେବାକୁ ଦାବି କରିଥିଲେ। ପ୍ରତିବାଦ କରିବାରୁ ଜିତେନ୍‌ଙ୍କଠାରୁ ୫ହଜାର ଟଙ୍କା ଏବଂ ୧୪ ଗ୍ରାମ୍‌ର ଏକ ସୁନାଚେନ୍ ଛଡାଇ ନେଇଥିଲେ ବୋଲି ଥାନାରେ ଏତଲା ହୋଇଥିଲା। ନଂ.୮୫/୧୮ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଗୁରୁବାର ପିଣ୍ଟୁଙ୍କୁ ଗିରଫ କରିବା ସହ ଲୁଟ୍ ସୁନା ଚେନ ଉଦ୍ଧାର କରାଯାଇଥିବା ଥାନାଧିକାରୀ କୁଳମଣି ସେଠୀ କହିଛନ୍ତି।

### ■ସତର୍କ କଲା ଗଞ୍ଜାମ ଜିଲା ପ୍ରଶାସନ
# ଗୋପାଳପୁର ବନ୍ଦରରେ ୩ ନମ୍ବର ବିପଦ ସଂକେତ

**ବ୍ରହ୍ମପୁର ଅଫିସ/ଗୋପାଳପୁର,୨୦।୯**


ଖବରଦାତା ସମ୍ମିଳନୀରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏବଂ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର୍ ।

- ■ଶୁକ୍ରବାର ଦିନ ତମାମ୍ ବର୍ଷା, ପବନ
- ■ଋଷିକୁଲ୍ୟା ତଟସ୍ଥ ଅଞ୍ଚଳରେ ବନ୍ୟା ଆଶଙ୍କା
- ■ବିଦ୍ୟୁତ୍ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ
- ■ସମୁଦ୍ର ଭିତରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ

କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ରମଶଃ ଅବପାତ ରୂପ ନେବାରେ ଲାଗିଛି । ଦକ୍ଷିଣ ଓଡ଼ିଶା ବିଶେଷକରି ଗଞ୍ଜାମରେ ଏହାର ପ୍ରଭାବ ଦେଖାଦେବ । ଘଣ୍ଟାକୁ ୬୦ରୁ ୮୦କି.ମି. ବେଗରେ ପବନ ହେବାର ସମ୍ଭାବନା ରହିଛି। ବାତ୍ୟା ଏବଂ ବନ୍ୟାକୁ ନେଇ ସତର୍କତା ମୂଳକ ପଦକ୍ଷେପ ନେଇଛି ଗଞ୍ଜାମ ଜିଲା ପ୍ରଶାସନ। ଗୁରୁବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ।

ଜିଲାପାଳ କୁଲାଙ୍ଗେଙ୍କ କହିବାନୁଯାୟୀ, ପାଣିପାଗ ବିଭାଗ ତରଫରୁ ଗୁରୁବାର ସନ୍ଧ୍ୟାରୁ ଶୁକ୍ରବାର ପ୍ରବଳ ବର୍ଷା ଏବଂ ବାତ୍ୟାର ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବ ଗଞ୍ଜାମ ଜିଲାରେ ଦେଖିବାକୁ ମିଳିବ। ଋଷିକୁଲ୍ୟା ନଦୀ ତଟସ୍ଥ ଅଞ୍ଚଳଗୁଡ଼ିକରେ ବନ୍ୟା ଦେଖାଦେବାର ସମ୍ଭାବନା ରହିଛି। ଗ୍ରାମାଞ୍ଚଳରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ଅବଗତ କରାଯାଉଛି। ନଦୀ ତଟସ୍ଥ କେତେକ ସମ୍ବେଦନଶୀଳ ଅଞ୍ଚଳରୁ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳ ଏବଂ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରାଯାଉଛି । ଆଶ୍ରୟସ୍ଥଳଗୁଡ଼ିକରେ ପ୍ରଚୁର ପାଣିମାଣରେ ଖାଦ୍ୟ ଓ ପାନୀୟ ମହଜୁଦ ରଖାଯାଇଛି। ଦୁଇ ପ୍ଲାଟୁନ୍ ଓଡ୍ରାଫ୍ ଟିମ୍‌କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି । ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଆବଶ୍ୟକ ଯାନ ଏବଂ ଜେସିବି ମଶିନ୍ ରଖିବାକୁ କୁହାଯାଇଛି । ସୋସିଆଲ୍ ମିଡ଼ିଆ ଏବଂ ଅନ୍ୟାନ୍ୟ ମାଧ୍ୟମରେ ବନ୍ୟା ଓ ବାତ୍ୟା ସମ୍ପର୍କରେ ଲୋକଙ୍କୁ ସୂଚନା ପ୍ରଦାନ କରାଯାଉଛି । ସେହିଭଳି ଜିଲା ପ୍ରଶାସନର ସମସ୍ତ ବିଭାଗକୁ ସତର୍କ ରହିବାକୁ କୁହାଯାଇଛି । ବାତ୍ୟା ଯୋଗୁ ବିଦ୍ୟୁତ୍ ସେବା ବ୍ୟାହତ ହେବାର ସମ୍ଭାବନା ରହିଛି । ଏଣୁ ବିଦ୍ୟୁତ୍ ବିଭାଗକୁ ସଜାଗ ରହିବାକୁ କୁହାଯାଇଛି । ଜିଲାସ୍ତରରେ ଏକ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟ କରୁଛି ବୋଲି ଜିଲାପାଳ କୁଲାଙ୍ଗେ ସୂଚନା ଦେଇଛନ୍ତି ।

ସେହିଭଳି ବ୍ରହ୍ମପୁର ମହାନଗର ନିଗମ କମିଶନର୍ ଚକ୍ରବର୍ତ୍ତି ସିଂ ରାଠୋର୍ କହିଛନ୍ତି, ବ୍ରହ୍ମପୁର ସହରରେ ମଧ୍ୟ ଆସନ୍ନ ବାତ୍ୟା ଏବଂ ବନ୍ୟା ମୁକାବିଲା ପାଇଁ ପଦକ୍ଷେପ ନିଆଯାଇଛି। ନିଗମ ପକ୍ଷରୁ ତିନିଟି ଦଳ ଗଠନ କରାଯାଇଛି। ଏଥି ସହ ଜରୁରିକାଳୀନ ବିଭାଗ ମଧ୍ୟ କାର୍ଯ୍ୟ କରିବ । ସହରର ତଳି ଅଞ୍ଚଳ ଏବଂ ବସ୍ତି ଅଞ୍ଚଳରେ ସତର୍କ ରହିବା ପାଇଁ ଲୋକଙ୍କୁ କୁହାଯାଇଛି । ମାନ୍ନା ଟ୍ରଷ୍ଟକୁ ମଧ୍ୟ ଏନେଇ ଅବଗତ କରାଯାଇଛି । ଆବଶ୍ୟକ ପଡ଼ିଲେ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି ବୋଲି କମିଶନର୍ ରାଠୋର୍ ପ୍ରକାଶ କରିଛନ୍ତି ।

ଗୋପାଳପୁର ଡପଲର୍ ରାଡ଼ାର୍‌ର ଇନ୍‌ଚାର୍ଜ ଡ.ଉମା ଶଙ୍କର ଦାସଙ୍କ କହିବାନୁଯାୟୀ, ଗୁରୁବାର ପୂର୍ବାହ୍ନ ସାଢ଼େ ୧୧ଟା ସୁଦ୍ଧା ସାମୁଦ୍ରିକ ଝଡ଼ ଗୋପାଳପୁରଠାରୁ ୨୭୦କି.ମି. ଦୂରରେ ଥିଲା । ସନ୍ଧ୍ୟା ୮ଟା ୩୦ ମିନିଟ୍ ସୁଦ୍ଧା ଗୋପାଳପୁରଠାରୁ ୧୩୦ କିମି ଦୂରରେ ରହିଛି । ଘଣ୍ଟାକୁ ୨୩କି.ମି. ବେଗରେ ଏହା ଅତିକ୍ରମ କରୁଛି। ଗୁରୁବାର ରାତି ସାଢ଼େ ୧୨ଟାରୁ ଶୁକ୍ରବାର ଭୋର ୪ଟା ଭିତରେ ୬୦ରୁ ୭୦କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି । ସେହିଭଳି ଶୁକ୍ରବାର ସକାଳ ୮ଟା ପର୍ଯ୍ୟନ୍ତ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଗୋପାଳପୁର ବନ୍ଦରରେ ୩ନମ୍ବର ବିପଦ ସଂକେତ ଦିଆଯାଇଛି । ସମୁଦ୍ର ଅଶାନ୍ତ ହେବାକୁ ଥିବା ଯୋଗୁ ଭିତରକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି ।

## ପୁରାତନ ଛାତ୍ର ସଂଗଠନର ସ୍ୱାସ୍ଥ୍ୟ ସଚେତନତା ଶିବିର

**ବ୍ରହ୍ମପୁର ଅଫିସ,୨୦।୯**

ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜର ପୁରାତନ ଛାତ୍ର ସଂଗଠନ ପକ୍ଷରୁ ରାମକୃଷ୍ଣ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ୩୫୦ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା । ଡା. ପୀତବାସ ସାହୁ, ଡା. ସିଦ୍ଧାର୍ଥ ଶତପଥୀ, ଡା. ସୁଶାନ୍ତ ମହାନ୍ତି, ଡା. ପ୍ରଶାନ୍ତ ପତି, ଡା. ଶ୍ୟାମ ମହାରଣା, ଡା. ଇନ୍ଦୁଭୂଷଣ ପଟ୍ଟନାୟକ, ଡା. ସିଦ୍ଧେଶ୍ୱର ବେହେରା ଓ ଡା. ଭବାନୀ ମହାପାତ୍ର ଯୋଗଦେଇ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିଦ୍ୟାଳୟ ସଭାପତି ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ବଲ୍ଲଭ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ହିମାଂଶୁ ଶେଖର ମିଶ୍ର, ସମ୍ପାଦକ ଡ. ସିଦ୍ଧେଶ୍ୱର ବେହେରା, ୱାର୍ଡ ନଂ. ୭ କର୍ପୋରେଟର ରାକେଶ କୁମାର ସାହୁ ଏବଂ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ କାହ୍ନୁ ଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନ ଆଚାର୍ଯ୍ୟା ଉଷାରାଣୀ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ ।

### ■ଅକ୍ଟୋବର ୨ରୁ ବ୍ରହ୍ମପୁରରେ ବନ୍ଦ ହେବ ପ୍ଲାଷ୍ଟିକ, ପଲିଥିନ
# ବ୍ୟବସାୟୀ, ହୋଟେଲ ଆସୋସିଏଶନଙ୍କ ସହ ଜିଲାପାଳଙ୍କ ବୈଠକ

**ବ୍ରହ୍ମପୁର ଅଫିସ,୨୦।୯**


ଉପସ୍ଥିତ ହୋଟେଲ, ଚାମ୍ବର ଅଫ କମର୍ସ, ପ୍ଲାଷ୍ଟିକ ଆସୋସିଏଶନର କର୍ମକର୍ତ୍ତା ଓ ଅନ୍ୟମାନେ ।

- ■କପଡ଼ା, କାଗଜ ତିଆରି ସାମଗ୍ରୀ ବ୍ୟବହାର ଉପରେ ଗୁରୁତ୍ୱ
- ■୧୦ ଦିନ ଧରି ଅନୁଷ୍ଠିତ ହେବ ସଚେତନତା କାର୍ଯ୍ୟକ୍ରମ
- ■ଅକ୍ଟୋବର ସୁଦ୍ଧା ଷ୍ଟକ ଖାଲିକରିବାକୁ ନିର୍ଦ୍ଦେଶ

ବ୍ରହ୍ମପୁରରେ ଅକ୍ଟୋବର ୨ରୁ ପ୍ଲାଷ୍ଟିକ, ପଲିଥିନ ବ୍ୟାନ ହେବ । ଏ ନେଇ ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଗୁରୁବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ । ଏବେ କେରଳ, ମହାରାଷ୍ଟ୍ର, ଗୋଆ, ଆନ୍ଧ୍ରରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ବନ୍ଦ କରାଯାଇଛି । ଓଡ଼ିଶାରେ ଗାନ୍ଧୀ ଜୟନ୍ତୀରୁ ପ୍ଲାଷ୍ଟିକ, ପଲିଥିନ ବନ୍ଦ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ତେଣୁ ଏହା ପୂର୍ବରୁ ବ୍ୟବସାୟୀମାନେ ନିଜ ପାଖରେ ଥିବା ଷ୍ଟକ ଖାଲି କରି ସହରକୁ ପ୍ରଦୂଷଣ ମୁକ୍ତ ରଖିବା ଦିଗରେ ସହଯୋଗ କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ । ଏହା ପ୍ରତିବଦଳରେ ବିକଳ୍ପ ଭାବେ କପଡା, କାଗଜରେ ତିଆରି ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରିବା ସହ ଲୋକଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଏ ନେଇ ସୂଚନା ଦେଇ କହିଥିଲେ, ସହରରେ ପଲିଥିନ, ସିଙ୍ଗଲ ୟୁଜଡ ପ୍ଲାଷ୍ଟିକକୁ ଅକ୍ଟୋବରରୁ ସମ୍ପୂର୍ଣ୍ଣ ବ୍ୟାନ ହେବ । ଅକ୍ଟୋବର ୨ ପରେ ପଲିଥିନ, ପ୍ଲାଷ୍ଟିକ, ଥର୍ମୋକୋଲ ସାମଗ୍ରୀ ବିକ୍ରି କରୁଥିବା ବୃହତ୍ ଓ କ୍ଷୁଦ୍ର ବ୍ୟବସାୟୀ, ହୋଟେଲ ମାଲିକ, କଲ୍ୟାଣ ମଣ୍ଡପ ଉପରେ ବିଏମ୍‌ସି ଓ ଜିଲା ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ସମ୍ପୃକ୍ତ ସାମଗ୍ରୀ ସହ ଜରିମାନା ଆଦାୟକ କରାଯିବ । ହୋଲସେଲର ବ୍ୟବସାୟୀମାନେ ସହର ମଧ୍ୟରେ ଏହି ସାମଗ୍ରୀକୁ ଗଚ୍ଛିତ କରି ରଖିଲେ ସମ୍ପୂର୍ଣ୍ଣ ଗୋଦାମକୁ ସିଲ କରାଯିବ। ଏଥିପାଇଁ ୧୦ ଦିନ ଧରି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଶେଷ କରି ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଏନେଇ ସଚେତନ କରାଯିବ। ଏ ନେଇ ଗଞ୍ଜାମ ଜିଲା ଆଥଲେଟିକ ଆସୋସିଏଶନ ସହଯୋଗରେ ଏକ ମାରାଥନ ଆୟୋଜନ କରାଯିବା ନେଇ କମିଶନର ସୂଚନା ଦେଇଥିଲେ। ବୈଠକରେ ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡା, ଡେପୁଟି କମିଶନର ସୌରୀନ୍ଦ୍ର କୁମାର ରାଉତରାୟ, ବିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରକାଶ ଚନ୍ଦ୍ର ମହାପାତ୍ର, ଏନ୍‌ଫୋର୍ସମେଣ୍ଟ ଅଫିସର ତରୁଣ କାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ । ବ୍ରହ୍ମପୁର ହୋଟେଲ ଆସୋସିଏଶନ, ଗଞ୍ଜାମ ଚାମ୍ବର ଅଫ କମର୍ସ,ପ୍ଲାଷ୍ଟିକ ଆସୋସିଏଶନ, ବିଭିନ୍ନ କଲ୍ୟାଣମଣ୍ଡପ ମାଲିକ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ଗିରଫ ହେଲେ କୋଟିପତି କନିଷ୍ଠ ଯନ୍ତ୍ରୀ
### ୩୫୦ ପ୍ରତିଶତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ

**ବ୍ରହ୍ମପୁର ଅଫିସ୍,୨୦।୯**


ଗିରଫ ଜେଇ ଗଗନ ବିହାରୀ ପତି ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଗୁରୁବାର ରାୟଗଡା ଜିଲା ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର କନିଷ୍ଠ ଯନ୍ତ୍ରୀ ଗଗନବିହାରୀ ପତିଙ୍କୁ ଗିରଫ କରିଛି । ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ମିସ୍ କେସ ନଂ ୬/୧୮ ଅନୁଯାୟୀ ବୁଧବାର ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନ ପକ୍ଷରୁ ୱାରେଣ୍ଟ ତଲାସି ଜାରି କରାଯାଇଥିଲା । ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁଙ୍କ ନେତୃତ୍ୱରେ ପାଞ୍ଚୋଟି ସ୍ୱତନ୍ତ୍ର ଟିମ୍ ଏକକାଳୀନ ସକାଳୁ ଗଗନଙ୍କ ଘରେ ଚଢାଉ କରିଥିଲେ । ତିନୋଟି ଟିମ୍ ବ୍ରହ୍ମପୁର ସିଦ୍ଧାର୍ଥ ନଗର ତୃତୀୟ ଲେନସ୍ଥିତ ଗଗନଙ୍କ ତିନିମହଲା ଘରେ, କୋପରେଟିଭ୍ ତୃତୀୟ ଲେନ୍ ସ୍ଥିତ ପୈତୃକ ଘରେ ଏବଂ ରାଉତପେଟା ସାହି ସ୍ଥିତ ଶ୍ୱଶୁର ଶ୍ୟାମସୁନ୍ଦର ସାହୁଙ୍କ ଘରେ ଚଢାଉ କରିଥିଲେ। ଅନ୍ୟ ଦୁଇଟି ଟିମ୍ ଗୁଣପୁର ଆଇଟିଡିଏ କାର୍ଯ୍ୟାଳୟ ଏବଂ ମୁନିଗୁଡା ସ୍ଥିତ ସରକାରୀ ବାସଭବନରେ ଚଢାଉ କରିଥିଲେ । ଚଢାଉ ସମୟରେ ମୋଟ ୧ କୋଟି ୬୨ ଲକ୍ଷ ୨୩ ହଜାର ୮୩୮ ଟଙ୍କାର ସମ୍ପତ୍ତି ଠୁଳ ହୋଇଥିବା ଭିଜିଲାନ୍ସ ବିଭାଗ ଆକଳନ କରି ଫେରିଥିବା ବେଳେ ସେସବୁର କୈଫିୟତ ଦେବା ପାଇଁ ଗଗନଙ୍କୁ ଅଟକ ରଖାଯାଇଥିଲା । ଗଗନଙ୍କ ଆୟଠାରୁ ୩୫୦ ପ୍ରତିଶତ ଅର୍ଥାତ୍ ୧ କୋଟି ୪୦ ଲକ୍ଷ ୯୦ ହଜାର ୨୭୭ ଟଙ୍କାର ସମ୍ପତ୍ତି ଠୁଳ ରହିଛି ବୋଲି ସୂଚନା ଦିଆଯାଇଛି । ସେହିପରି ମୁନିଗୁଡା ସ୍ଥିତ ସରକାରୀ କ୍ୱାର୍ଟର୍ସ ଏବଂ ସିଦ୍ଧାର୍ଥ ନଗର ତୃତୀୟ ଲେନ୍ ଘରୁ ନଗଦ ୩୨ ଲକ୍ଷ ୫୩ ହଜାର ୮୪୦ ଟଙ୍କା ଭିଜିଲାନ୍ସ ଅଧିକାରୀମାନେ ଠାବ କରିଥିଲେ । ତେବେ ଆୟ ବହର୍ଭୂତ ସମ୍ପତ୍ତି ନେଇ ସେ କୌଣସି ଠିକ୍ ତଥ୍ୟ ଉପସ୍ଥାପନା କରି ନ ପାରିବାରୁ ଏ ସଂକ୍ରାନ୍ତରେ ଭିଜିଲାନ୍ସ ବ୍ରହ୍ମପୁର ଡିଭିଜନ୍ କାର୍ଯ୍ୟାଳୟରେ ନଂ ୩୯/୧୮ରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ଗଗନଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି ସ୍ୱାଇଁ ସୂଚନା ଦେଇଛନ୍ତି ।

# ବାଟ ପଚାରି ଲୁଟି ନେଲେ ୨ ଲକ୍ଷ ଟଙ୍କା


ଆଇସିଆଇସିଆଇ ବ୍ୟାଙ୍କ ସମ୍ମୁଖରେ ପୋଲିସର ତଦନ୍ତ ।

**ବ୍ରହ୍ମପୁର ଅଫିସ୍,୨୦।୯**

ବାଟ ପଚାରି ଲୁଟିନେଲେ ୨ ଲକ୍ଷ ଟଙ୍କା । ଏଭଳି ଘଟଣା ଘଟିଛି ଗୁରୁବାର ବ୍ରହ୍ମପୁର କୋର୍ଟପେଟା ଛକ ନିକଟସ୍ଥ ଆଇସିଆଇସିଆଇ ବ୍ୟାଙ୍କ ସମ୍ମୁଖରେ । ଅଯୋଧ୍ୟାନଗରର ଅନିଲ ପ୍ରଧାନ ନିଜ ଘରୁ ୨ଲକ୍ଷ ଟଙ୍କା ଏକ ପଲିଥିନ୍ ବ୍ୟାଗ୍‌ରେ ରଖି ସ୍କୁଟିରେ ଆସୁଥିଲେ । ପ୍ରଥମେ ଏସ୍‌ବିଆଇ ମେଡିକାଲ୍ ବ୍ରାଞ୍ଚକୁ ଯାଇଥିଲେ । ସେଠାରେ ଅନିଲଙ୍କ କେୱାଇସି ନ ଥିବାରୁ ଉକ୍ତ ଟଙ୍କା ନେଇ କୋର୍ଟପେଟାସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ଶାଖାକୁ ଯାଉଥିଲେ। ମୁଖ୍ୟରାସ୍ତାର ଡିଭାଇଡର୍ ପାର ହୋଇ ବ୍ୟାଙ୍କ ସମ୍ମୁଖକୁ ଆସୁଥିବା ବେଳେ ହଠାତ୍ ୨ ଜଣ ଯୁବକ ହେଲମେଟ୍ ପିନ୍ଧି ବାଇକ୍‌ରେ ଆସି ଅନିଲଙ୍କୁ ଅଟକାଇ "ଛତ୍ରପୁର ଯିବା ପାଇଁ ରାସ୍ତା କେଉଁଟା" ବୋଲି ପଚାରିଥିଲେ । ଅନିଲ ରାସ୍ତା ଦେଖାଉଥିବା ସମୟରେ ତାଙ୍କ ହାତରେ ଥିବା ଟଙ୍କା ଭର୍ତ୍ତି ବ୍ୟାଗ ଝାମ୍ପି ନେଇ ଫେରାର ହୋଇଯାଇଥିଲେ । ଏହି ସମୟରେ ନିଜ ସ୍କୁଟିରୁ ପଡିଯାଇ ଅନିଲ ଆହତ ହୋଇଥିଲେ । ପରେ ବୈଦ୍ୟନାଥପୁର ଥାନାକୁ ଯାଇ ଘଟଣା ସଂକ୍ରାନ୍ତରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଘଟଣାସ୍ଥଳରେ ଗୋଷାଣୀନୂଆଗାଁ ଆଇଆଇସି କୁଳମଣି ସେଠୀଙ୍କ ସମେତ ବୈଦ୍ୟନାଥପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଉଭୟ ବ୍ୟାଙ୍କର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ । ହେଲେ ଲୁଟେରାଙ୍କ ସମ୍ପର୍କରେ କୌଣସି ତଥ୍ୟ ପାଇ ନ ଥିଲେ। ଲୁଟ ହୋଇଥିବା ସ୍ଥାନଦେଇ ଯାଉଥିବା ମୁଖ୍ୟରାସ୍ତାରେ ଲାଗିଥିବା ସମସ୍ତ ସିସିଟିଭି ଫୁଟେଜକୁ ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି। ଏ ନେଇ ବୈଦ୍ୟନାଥପୁର ପୋଲିସ ନଂ. ୧୯୫/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ କହିଛନ୍ତି ।

### ସିରିଜ୍ ଏଟିଏମ୍ ଲୁଟ୍ ପରେ ବି ନିଦ ଭାଙ୍ଗୁନି
# ଅଧିକାଂଶ ଏଟିଏମ୍ ମୁକୁଳା

**ସମୀରକାନ୍ତ ତ୍ରିପାଠୀ**
**ବ୍ରହ୍ମପୁର ଅଫିସ୍,୨୦।୯**



ଉତ୍କଳ ଆଶ୍ରମ ରୋଡ୍‌ରେ ଥିବା ଏସ୍‌ବିଆଇର ସୁରକ୍ଷା କର୍ମୀ ବିହୀନ ଏଟିଏମ୍।

ବ୍ରହ୍ମପୁର ସହରରେ ଥିବା ଅଧିକାଂଶ ଏଟିଏମ ଗୁଡିକ ସୁରକ୍ଷା କର୍ମୀ ବିହୀନ ଥିବା ଦେଖିବାକୁ ମିଳିଛି । ବ୍ୟାଙ୍କ କାର୍ଯ୍ୟାଳୟରେ ଥିବା ଏଟିଏମ୍ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ମୁକୁଳା ପଡିଥିବା ଦେଖିବାକୁ ମିଳିଛି । ସହରରେ ଏସବିଆଇ, ଆକ୍ସିସ, କାନାରା, ବ୍ୟାଙ୍କ ଅଫ୍ ବାରୋଦା, ଆନ୍ଧ୍ରା, ସିଣ୍ଡିକେଟ୍, ଆଇସିଆଇସିଆଇ, ଏଚଡିଏଫ୍‌ସି, ଦେନା, ୟୁନିଅନ୍, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ୍, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, କର୍ପୋରେଶନ୍ ବ୍ୟାଙ୍କ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଆଦି ଅନେକ ବ୍ୟାଙ୍କ ରହିଛି । ୨୫୦ରୁ ଊର୍ଦ୍ଧ୍ୱ ଏଟିଏମ୍ ଥିବା ବେଳେ ଏସ୍‌ବିଆଇର ସର୍ବାଧିକ ରହିଛି । ବ୍ରହ୍ମପୁର ଏସ୍‌ବିଆଇର ମୁଖ୍ୟ କାର୍ଯ୍ୟାଳୟ ଅଧୀନରେ ଥିବା ୯୦ ସାଇଟ୍‌ରେ ୧୩୮ଟି ଏଟିଏମ୍ ରହିଛି । କେବଳ ସହର ମଧ୍ୟରେ ୭୩ ଏଟିଏମ୍ ରହିଥିବା ବେଳେ ଅନ୍ୟାନ୍ୟ ସବୁ ସହର ବାହାରେ ରହିଛି । ସେହିପରି ୨୨ ସାଇଟରେ ସୁରକ୍ଷା କର୍ମୀ ମହଜୁଦ୍ ହୋଇଥିବା ବେଳେ ଅନ୍ୟ କେତେକ ଇ-ସର୍ଭିଲାନ୍ସ ବ୍ୟବସ୍ଥା ଦ୍ୱାରା ପରିଚାଳିତ। ସେକ୍ୟୁରେନ୍ ଏବଂ ଜାଇକମ୍ ଭଳି ସଂସ୍ଥା ଏହି ଇ-ସର୍ଭିଲାନ୍ସକୁ ପରିଚାଳିତ କରୁଥିବା ବେଳେ ସମସ୍ତ ତଥ୍ୟ ସିସିଟିଭିରେ କଏଦ ହୋଇ ମୁମ୍ବାଇରେ ଥିବା ଅଫିସରେ ରେକର୍ଡ ହେଉଛି ବୋଲି ଜଣାପଡିଛି । କେବଳ ଏସ୍‌ବିଆଇ ନୁହଁ ବରଂ ଅନ୍ୟ ସମସ୍ତ ବ୍ୟାଙ୍କଗୁଡିକର ଏଟିଏମ୍‌ରେ ସେହି ସମାନ ଅବସ୍ଥା । ଜୁନ୍ ୨୬ରେ ଏକ ଲୁଟେରା ଗ୍ୟାଙ୍ଗ୍ ବ୍ରହ୍ମପୁର ସହରର ୭ଏଟିଏମ୍‌ରେ ପଶି ଗ୍ୟାସ କଟର୍ ଜରିଆରେ ୧୮ଲକ୍ଷ ୮୫ ହଜାର ଟଙ୍କା ଲୁଟି ନେଇଯାଇଥିଲେ । ପରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାର ସମସ୍ତ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନେଇ ସ୍ୱତନ୍ତ୍ର ବ୍ୟାଙ୍କ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ୍ରମେ ପରିଚାଳନା କରିବା ପାଇଁ ବାଧ୍ୟତାମୂଳକ କରାଯାଇଥିଲା । ସୁରକ୍ଷା ନେଇ ସିସିଟିଭି ବ୍ୟବସ୍ଥା ସହିତ ସୁରକ୍ଷା କର୍ମୀ ମହଜୁଦ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ହେଲେ ଆଜି ସୁଦ୍ଧା ତାହା ପାଳନ କରାଯାଇ ନ ଥିବାରୁ ଏଟିଏମ୍‌ରେ ଟଙ୍କା ଅସୁରକ୍ଷିତ ଭାବେ ରହୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

> ସୁରକ୍ଷା ବ୍ୟବସ୍ଥା ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ବହୁବାର ସଜାଗ ରହିବାକୁ କୁହାଯାଇଥିଲେ ହେଁ ସେମାନେ ଅବହେଳା କରୁଛନ୍ତି । ପାଟ୍ରୋଲିଂ କରିବା ସମୟରେ ସବୁ ଏଟିଏମ୍ ଏବଂ ବ୍ୟାଙ୍କ ଶାଖାଗୁଡିକରେ ପହଞ୍ଚିବା ସମ୍ଭବପର ନ ଥିଲେ ମଧ୍ୟ ପୋଲିସ ପକ୍ଷରୁ ସମସ୍ତ ପ୍ରଚେଷ୍ଟା ଜାରି ରହିଛି । ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଖାମଖିଆଲି ଯୋଗୁ ଅପରାଧିମାନେ ଅପରାଧ କରିଚାଲୁଛନ୍ତି। ସେହିପରି ଅନ୍‌ଲାଇନ୍ ବ୍ୟବସ୍ଥା କରାଯାଇ ଦୁର୍ଘଟଣା ଘଟିଲେ ପୋଲିସକୁ ଯେପରି ପ୍ରଥମେ ସୂଚନା ଆସିବ ସେ ନେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଇଛି ।
>
> – ପିନାକ ମିଶ୍ର, ଏସ୍‌ପି , ବ୍ରହ୍ମପୁର

> ୨୨ ସାଇଟରେ ସୁରକ୍ଷା କର୍ମୀ ମହଜୁଦ୍ ହୋଇଥିବା ବେଳେ ଅନ୍ୟ କେତେକ ଇ-ସର୍ଭିଲାନ୍ସ ବ୍ୟବସ୍ଥା ଦ୍ୱାରା ପରିଚାଳିତ । ସେକ୍ୟୁରେନ୍ ଏବଂ ଜାଇକମ୍ ଭଳି ସଂସ୍ଥା ଏହି ଇ-ସର୍ଭିଲାନ୍ସକୁ ପରିଚାଳିତ କରୁଥିବା ବେଳେ ସମସ୍ତ ତଥ୍ୟ ମୁମ୍ବାଇ ଅଫିସରେ ରେକର୍ଡ ହେଉଛି। ଦୁର୍ଘଟଣା ଘଟିଲେ ସେଠାରୁ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ଏଟିଏମ୍ ଥିବା ନିକଟସ୍ଥ ଥାନାକୁ ସୂଚନା ପ୍ରଦାନ କରାଯାଇଥାଏ । ସେହିପରି ଇ-ସର୍ଭିଲାନ୍ସ ସଂସ୍ଥାଗୁଡିକ ଟଙ୍କା ଉପରେ ବୀମା କରାଯାଇଥାଏ ଯଦ୍ୱାରା ଲୋକଙ୍କ ପାଇଁ ସମସ୍ୟା ନ ଥାଏ ।
>
> –ପ୍ରଫୁଲ୍ଲ କୁମାର ନାୟକ, ମୁଖ୍ୟ ପ୍ରବନ୍ଧକ, ଏସ୍‌ବିଆଇ (ସିଏସ ଆଣ୍ଡ ସିଏମ୍)

> ଅନେକ ଏଟିଏମ କାଉଣ୍ଟରଗୁଡିକରେ ସୁରକ୍ଷା କର୍ମୀ ନିୟୋଜିତ ହୋଇନାହାନ୍ତି। ସେହିପରି ଇ-ସର୍ଭିଲାନ୍ସ ମାଧ୍ୟମରେ ସାଇରନ୍ ବ୍ୟବସ୍ଥା ରହିଥିଲେ ହେଁ ବ୍ୟାଙ୍କ ଶାଖା କିମ୍ବା ଏଟିଏମ୍ ସମ୍ମୁଖରୁ ଲୁଟ ହେବାର ନଜିର ରହିଛି । ଫଳରେ ଜମା କରିବାକୁ ହେଉ ଅବା ଉଠାଣ କରିବାକୁ ଯିବା ସମୟରେ ଲୋକଟିଏ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ଏଣୁ ସୁରକ୍ଷା କର୍ମୀ ସମେତ ଅସ୍ତ୍ର ଗାର୍ଡ ନିୟୋଜିତ କରାଯିବାର ଆବଶ୍ୟକତା ରହିଛି ।
>
> –ଦୀପକ ପଟ୍ଟନାୟକ,ବରିଷ୍ଠ ଆଇନଜୀବୀ, ବ୍ରହ୍ମପୁର

## ସଂକ୍ଷେପରେ

### ଗଣେଶ ଭସାଣିରୁ ବାଉରି ସୁକୁଣ୍ଡାରେ ଗଣ୍ଡଗୋଳ

# ଜଣେ ଗିରଫ, ୨ ଆହତ

**ବ୍ରହ୍ମପୁର ଅଫିସ୍, ୨୦।୯:** ବ୍ରହ୍ମପୁର ବଡବଜାର ଥାନା ଅଧୀନ ବାଉରି ସୁକୁଣ୍ଡା ଗ୍ରାମରେ ଗଣେଶ ଭସାଣିକୁ କେନ୍ଦ୍ରକରି ଗୁରୁବାର ଗଣ୍ଡଗୋଳ ହୋଇଛି। ଏଥିରେ ୨ ଜଣ ଆହତ ହୋଇଛନ୍ତି । ଏଥିରେ ବଡବଜାର ପୋଲିସ ଗଙ୍ଗା ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନଂ. ୧୫୧/୧୮ରେ ଏକ ମାମଲା ରୁଜୁ କରାଯାଇଛି। ପ୍ରକାଶଯେ, ବାଉରି ସୁକୁଣ୍ଡା ଗ୍ରାମରେ ଦୁଇ ଗୋଷ୍ଠୀ ଦୁଇଟି ଗଣେଶ ମେଢ କରିଥିଲେ । ଗୋଟିଏ ଗୋଷ୍ଠୀ ମଙ୍ଗଳବାର ଏବଂ ଅନ୍ୟ ଏକ ଗୋଷ୍ଠୀ ବୁଧବାର ଭସାଣି କରିଥିଲେ । ଶୋଭାଯାତ୍ରା ସମୟରେ ବିପକ୍ଷ ଗୋଷ୍ଠୀର କେତେ ଜଣଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ପରେ ଭସାଣି କରି ଗ୍ରାମକୁ ଫେରିବା ସମୟରେ ବଳରାମ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ବିପକ୍ଷ ଗୋଷ୍ଠୀର ୩ ଜଣ ଆସି ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ବଳରାମଙ୍କ ଗୋଡରେ ଗଭୀର ଆଘାତ ଲାଗିଥିଲା। ବଳରାମଙ୍କୁ ବଞ୍ଚାଇବାକୁ ଯାଇ ସେହି ଗ୍ରାମର ସୁରେନ୍ଦ୍ର ଦାସ ମଧ୍ୟ ଆକ୍ରମଣର ଶିକାର ହୋଇ ଆହତ ହୋଇଥିଲେ । ଉଭୟଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ବଳରାମଙ୍କ ମା' ବିମ୍ଳି ଗୁରୁବାର ବଡ ବଜାର ଥାନାରେ ୩ଜଣଙ୍କ ନାଁରେ ଏତଲା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଗଙ୍ଗାଙ୍କୁ ଗିରଫ କରାଯାଇଛି । ଅନ୍ୟ ୨ ଜଣ ଫେରାର ଅଛନ୍ତି। ଖୁବ୍ ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

### ଶ୍ରୀମନ୍ଦିର ସଂସ୍କାର ମାମଲା

# ପୁରୀରେ ପହଞ୍ଚିଲେ ଆମିକସ୍‌କ୍ୟୁରି

**ପୁରୀ ଅଫିସ, ୨୦।୯:** ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା ନେଇ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଗୁରୁବାର ରାତିରେ ପୁରୀରେ ପହଞ୍ଚିଛନ୍ତି। ରାତି ୯ଟା ୨୦ରେ ସେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ ଦାଶ, ସୂଚନା ଅଧିକାରୀ ସୁଦୀପ୍ ଚାଟାର୍ଜୀ ପ୍ରମୁଖ ସ୍ୱାଗତ କରିଥିଲେ। ଜଣେ ଆଇନଜୀବୀଙ୍କ ସହ ଅନ୍ୟ ୨ ଜଣ ମଧ୍ୟ ତାଙ୍କ ସହିତ ଆସିଛନ୍ତି। ଆମିକସ୍‌କ୍ୟୁରି ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଶ୍ରୀମନ୍ଦିର ସଂସ୍କାର ମାମଲା ନେଇ ବିଭିନ୍ନ ପକ୍ଷଙ୍କ ମତ ସଂଗ୍ରହ କରିବେ। ବିଶେଷକରି ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା, ଜଷ୍ଟିସ୍ ବି.ପି. ଦାସ, ପୁରୀ ଜିଲା ଜଜ୍, ଶ୍ରୀମନ୍ଦିର ଛତିଶା ନିଯୋଗ, ପରିଚାଳନା କମିଟି ଏବଂ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସୁପ୍ରିମ୍‌କୋର୍ଟଙ୍କ ୧୨ଟି ପ୍ରସ୍ତାବ ଏବଂ ଆଦେଶର କାର୍ଯ୍ୟକାରିତା ଉପରେ ମୁଖ୍ୟତଃ ତାଙ୍କର ଫୋକସ୍ ରହିବ।
ପ୍ରଥମେ ଆମିକସ୍‌କ୍ୟୁରି ଶଙ୍କରାଚାର୍ଯ୍ୟଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ପୂର୍ବାହ୍ନ ସାଢେ ୧୧ଟାରୁ ୧୨ଟା ମଧ୍ୟରେ ଆମିକସ୍‌କ୍ୟୁରି ଗୋବର୍ଦ୍ଧନ ମଠକୁ ଯାଇ ଶଙ୍କରାଚାର୍ଯ୍ୟଙ୍କ ସହ ଆଲୋଚନା କରିବେ। ଶ୍ରୀମନ୍ଦିର ପରମ୍ପରା, ସେବାପୂଜା, ନୀତିକାନ୍ତି ବିଷୟରେ ଅବଗତ ହେବେ। ଏହାପରେ ସୁପ୍ରିମ୍‌କୋର୍ଟଙ୍କ ୧୨ଟି ପ୍ରସ୍ତାବ ଉପରେ ଅନ୍ୟ ପକ୍ଷଙ୍କଠାରୁ ମତ ସଂଗ୍ରହ କରିବେ। ପୁରୀ ସର୍କିଟ୍ ହାଉସ୍‌ର ତଳ ମହଲାର ୧୧୬ ନମ୍ବର ପ୍ରକୋଷ୍ଠରେ ଆମିକସ୍‌କ୍ୟୁରି ରହିଥିବା ବେଳେ ତୃତୀୟ ମହଲାରେ ଅନ୍ୟମାନେ ରହିଛନ୍ତି।

# ୨୪ ପର୍ଯ୍ୟନ୍ତ ଜିଲା ବାର୍ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ପାରଳାଖେମୁଣ୍ଡି, ୨୦।୯(ସ୍ୱ.ପ୍ର.):** କଟକରେ ଜଣେ ଆଇନଜୀବୀଙ୍କୁ ପୋଲିସର ମାଡ଼ ଘଟଣା ପ୍ରତିବାଦରେ ଗଜପତି ଜିଲା ବାର୍ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରିରହିଛି। ଜିଲା କୋର୍ଟ ପରିସରରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ହାଇକୋର୍ଟ ବାର୍ ସଂଘର ଆନ୍ଦୋଳନ ଡାକରାକୁ ସମର୍ଥନ ଜଣାଇ ଗଜପତି ଜିଲା ବାର୍ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ପାଇଁ ସ୍ଥିର ହୋଇଛି। ସେହିପରି ଗଜପତି ଜିଲା କୋର୍ଟରେ ଭାରପ୍ରାପ୍ତ ସରକାରୀ ଓକିଲ (ପିପି) ଭାବେ କାର୍ଯ୍ୟରତ ଥିବା ଆର୍.ଜନାର୍ଦ୍ଦନଙ୍କୁ କାର୍ଯ୍ୟରୁ ହଟାଇବା ପାଇଁ ମଧ ଜିଲା ବାର୍ ସଂଘ ପକ୍ଷରୁ ଦାବି କରାଯାଇଛି ।

### ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି

# ପରୀକ୍ଷାଫଳରେ ତ୍ରୁଟି ଅଭିଯୋଗ

**ବ୍ରହ୍ମପୁର ଅଫିସ୍,୨୦।୯**

ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ଛାତ୍ର ରାଜନୀତି ଉଷ୍ମ ହେଲାଣି । ବିଭିନ୍ନ ବାହାନା ନେଇ କ୍ୟାମ୍ପସ୍‌ରେ ଆନ୍ଦୋଳନ ଦେଖାଦେଲାଣି । ଗୁରୁବାର ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସେମିଷ୍ଟର ପରୀକ୍ଷା ଫଳପ୍ରକାଶନକୁନେଇ ଅସନ୍ତୋଷ ଦେଖାଦେଇଥିଲା। ବହୁ ସଂଖ୍ୟାରେ ଛାତ୍ର ଫାଟକ ବନ୍ଦ ରଖିବା ସହ ଆନ୍ଦୋଳନ କରିଥିଲେ । ଯାହାକୁ ନେଇ କ୍ୟାମ୍ପସ୍‌ରେ ଉତ୍ତେଜନା ଦେଖାଦେଇଥିଲା ।



ଛାତ୍ରମାନେ ଫାଟକ ବନ୍ଦ ରଖିବା ସହ ଆନ୍ଦୋଳନ କରୁଛନ୍ତି।

ପ୍ରଥମ ଏବଂ ତୃତୀୟ ସେମିଷ୍ଟର୍ ପରୀକ୍ଷା ଫଳ ଗତ ୧୫ତାରିଖରେ ପ୍ରକାଶ ପାଇଛି। ତୃତୀୟ ସେମିଷ୍ଟର୍ ବିଜ୍ଞାନରେ ୨୭୬ଜଣ ପରୀକ୍ଷା ଦେଇଥିବା ବେଳେ ୨୭୬ଜଣ ସଫଳତା ଅର୍ଜନ କରିଛନ୍ତି । ସେହିଭଳି କଳାରେ ୪୬୩ଜଣ ପରୀକ୍ଷା ଦେଇଥିବା ବେଳେ ୩୪୮ଜଣ ଏବଂ ବାଣିଜ୍ୟରେ ୩୯୮ଜଣ ପରୀକ୍ଷା ଦେଇଥିବା ବେଳେ ୩୩୦ଜଣ ସଫଳତା ହାସଲ କରିଛନ୍ତି। ଅନ୍ୟପଟେ ପ୍ରଥମ ସେମିଷ୍ଟର୍ ବିଜ୍ଞାନରେ ୩୪୧ଜଣ ପରୀକ୍ଷା ଦେଇଥିବା ବେଳେ ୨୪୬, କଳାରେ ୫୦୫ଜଣ ପରୀକ୍ଷା ଦେଇଥିବା ବେଳେ ୩୯୮ ଏବଂ ବାଣିଜ୍ୟରେ ୩୯୩ଜଣ ପରୀକ୍ଷା ଦେଇଥିବା ବେଳେ ୩୫୩ଜଣ ସଫଳତା ଅର୍ଜନ କରିଛନ୍ତି। ତେବେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ରଙ୍କ ସମ୍ମାନ(ଅନର୍ସ) ବିଷୟରେ ବ୍ୟାକ୍ ଲାଗିଯାଇଛି। ଏଣୁ ପରୀକ୍ଷା ଖାତା ଦେଖାରେ ତ୍ରୁଟି ହୋଇଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଏପରିକି ଯେଉଁମାନେ ଆଗାମୀ ଛାତ୍ର ସଂସଦ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ପ୍ରସ୍ତୁତ ହେଉଛନ୍ତି, ସେମାନଙ୍କ ସମ୍ମାନ ବିଷୟରେ ଉଦ୍ଦେଶ୍ୟମୂଳକ ଭାବେ ବ୍ୟାକ୍ ରଖାଯାଇଛି । ସେହିଭଳି ପରୀକ୍ଷା ଫଳ ପ୍ରକାଶନର ତାରିଖକୁ ନେଇ ମଧ୍ୟ ସେମାନେ ସନ୍ଦେହ ପ୍ରକାଶ କରିଛନ୍ତି। ନିର୍ବାଚନ ପରେ ପରୀକ୍ଷା ଫଳ ପ୍ରକାଶ ପାଇଥାଏ। କିନ୍ତୁ ଏଥର ନିର୍ବାଚନ ପୂର୍ବରୁ ଫଳ ପ୍ରକାଶ କରାଯାଇଛି। କେତେକ ଛାତ୍ରଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ଦୂରେଇ ରଖିବା ପାଇଁ ଏଭଳି ଷଡଯନ୍ତ୍ର କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଛାତ୍ରମାନେ ଫାଟକରେ ତାଲା ପକାଇବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟାଉନ୍ ଥାନା ପୋଲିସ ଏବଂ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଶତପଥୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପରୀକ୍ଷା ଫଳ ପ୍ରକାଶନର ସପ୍ତାହେ ଭିତରେ ଛାତ୍ରୀଛାତ୍ରମାନେ ଅଭିଯୋଗ କରିପାରିବେ । ସାମାନ୍ୟ ତ୍ରୁଟି ଥିଲେ ସେହି ଅବଧି ଭିତରେ ସଂଶୋଧନ କରାଯିବ। ଏହା ପରେ ଆଉ ୧୦ ଦିନ ଭିତରେ ପୁନଃ ମୂଲ୍ୟାୟାନ ପାଇଁ ଆବେଦନ କରିପାରିବେ । ଶନିବାର ପୁନଃ ମୂଲ୍ୟାୟନ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ଅଧ୍ୟକ୍ଷ ଶତପଥୀ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପଟେ ଗୁରୁବାର ତୃତୀୟ ଏବଂ ପଞ୍ଚମ ସେମିଷ୍ଟର୍ ପରୀକ୍ଷା ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବାକୁ ଆସିଥିଲେ, କିନ୍ତୁ ଫାଟକ ବନ୍ଦ ରହିଥିଲା। ଆନ୍ଦୋଳନ ଯୋଗୁ ପରୀକ୍ଷା ହୋଇପାରିଲା ନାହିଁ । ଗୁରୁବାର ଯେଉଁ ବିଷୟରେ ପରୀକ୍ଷା ଥିଲା, ସେଗୁଡ଼ିକୁ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ୍ କରାଯାଇଥିଲା । ଗୁରୁବାର କେ. ସାଇ କୁମାର, ଅରକ୍ଷିତ ବେହେରା, ରାଜେନ୍ଦ୍ର ବାଡ଼ତ୍ୟା, ଦେବାଶିଷ ପାଢୀ ଓ ଯଜ୍ଞପ୍ରସାଦ ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

ଏନେଇ ଅଧ୍ୟକ୍ଷ ଶତପଥୀ କହିଛନ୍ତି, ଖାତା ମୂଲ୍ୟାୟନରେ କୌଣସି ତ୍ରୁଟି ହୋଇନାହିଁ। ଅନ୍ୟ ମହାବିଦ୍ୟାଳୟର ଅଧ୍ୟାପକମାନେ ଖାତା ମୂଲ୍ୟାୟାନ କରୁଥିବା ଯୋଗୁ ଏଥିରେ ଆମର କୌଣସି ଭୂମିକା ନାହିଁ । ଉତ୍ତରଖାତାରେ କୌଣସି ଛାତ୍ରୀଛାତ୍ରଙ୍କ ନାମ ଲେଖାଯାଏ ନାହିଁ । କୋଡ୍ ରୁହେ । ଏଣୁ କୌଣସି ପ୍ରକାର ତ୍ରୁଟି ହୋଇନାହିଁ ।

# ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ପଥପ୍ରାନ୍ତ ସଭା

**ପାଟପୁର, ୨୦।୯(ଡି.ଏନ.ଏ.):** ସାନଖେମୁଣ୍ଡି ବ୍ଲକର ବ୍ଲକଗ୍ରାଣ୍ଟ ଶିକ୍ଷକମାନେ ବିଭିନ୍ନ ପଞ୍ଚାୟତର ଗାଁ ଗାଁ ବୁଲି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ବିଭିନ୍ନ ଛକରେ ପଥପ୍ରାନ୍ତ ସଭା କରିଛନ୍ତି। ସେମାନଙ୍କ ଦାବି ସମ୍ପର୍କରେ ଲିଫଲେଟ ମଧ୍ୟ ବାଣ୍ଟିଥିଲେ। ପାଟପୁର ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ଡ. କୈଳାଶ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବୁଧବାର ସାନଖେମୁଣ୍ଡି ବ୍ଲକ ସାହାସପୁର ପଞ୍ଚାୟତ ହାଇସ୍କୁଲରୁ ବାହାରି ୨୨ଟି ପଞ୍ଚାୟତ ବୁଲି ଶୋଭାଯାତ୍ରା ଶେଷ କରିଥିଲେ। ଏହି ଶୋଭାଯାତ୍ରାରେ ୩ଟି ମହାବିଦ୍ୟାଳୟ, ୮ଟି ହାଇସ୍କୁଲ ଓ ୩ଟି ଏମ୍‌ଇ ସ୍କୁଲର ସମସ୍ତ ଶିକ୍ଷକ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୋଡ଼ାମାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ପାତ୍ର, ସଞ୍ଜୟ କୁମାର ପାଳ, ଦିଲୀପ କୁମାର ପାତ୍ରଙ୍କ ସମେତ ବହୁ ଶିକ୍ଷକ, ଅଧ୍ୟାପକ ଅଂଶଗ୍ରହଣ କରିଥିଲେ।


ବାଇକ ଶୋଭାଯାତ୍ରାରେ ଶିକ୍ଷକ ଓ ଅଧ୍ୟାପକ।

# ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ସଜାଗ

**ପାରଳାଖେମୁଣ୍ଡି, ୨୦।୯(ସ୍ୱ.ପ୍ର.)**

ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଗଜପତି ଜିଲାରେ ଗୁରୁବାର ସକାଳଠାରୁ ବର୍ଷା ଲାଗିରହିଛି। ପାରଳାଖେମୁଣ୍ଡି ସହର ସମେତ ଗୋଷାଣି, ଗୁମ୍ମା, କାଶୀନଗର, ରାୟଗଡ ଆଦି ବ୍ଲକରେ ବର୍ଷା ସାଙ୍ଗକୁ କୋହଲା ପାଗ ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ଲଘୁଚାପ କ୍ରମଶଃ ଘନୀଭୂତ ହୋଇ ଡିପ୍ ଡିପ୍ରେସନ ରୂପ ନେଇଛି। ଫଳରେ ଗଜପତି ଜିଲାରେ ପ୍ରବଳ ଝଡ଼ବର୍ଷା ହେବାର ଆଶଙ୍କା ସୃଷ୍ଟି ହୋଇଛି।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ନର


@ ଭିକାରି


@ ଆଲୋକ


@ ସିଲୁ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ■ ତାରସିଂ ଥାନା ଅଧିକାରୀ ବଦଳିଲେ

# ରୁଢ଼ାପଦରରେ ଲୋକେ ନିଆଁ ଲଗାଇଦେଲେ

**ଭଞ୍ଜନଗର, ୨୦।୯(ଡି.ଏନ.ଏ.)** ତାରସିଂ ଥାନା ଭୋଗରା ଗ୍ରାମର ଜିତୁ ପ୍ରଧାନ ହତ୍ୟା ଘଟଣା ଲୋକଲୋଚନକୁ ଆସିବାର ୩ଦିନ ବିତିଯାଇଛି। ଏବେବି ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି। ଗୁରୁବାର ପୋଲିସ ଆଗୁଆ ପଦକ୍ଷେପ ନେବାଯୋଗୁ ବଡ଼ଧରଣର ବିପଦକୁ ଏଡାଇ ଦିଆଯାଇ ପାରିଛି। ଜିତୁ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ପ୍ରଭଞ୍ଜନଙ୍କୁ ପୋଲିସ ଗୁରୁବାର ରିମାଣ୍ଡରରେ ନେବାର ଥିଲେ ମଧ୍ୟ ସୁରକ୍ଷା ଦୃଷ୍ଟିରୁ ରିମାଣ୍ଡରରେ ନେଇନାହିଁ। ବୁଧବାର ତାରସିଂ ଅଞ୍ଚଳର ଏକ ସଙ୍ଗଠନର ଦାୟିତ୍ୱ ବୁଝୁଥିବା ରୁଢ଼ାପଦରର ଜଣେ ନେତାଙ୍କ ଘରେ କିଛି ଲୋକ ବୁଧବାର ପଶି ନିଆଁ ଲଗାଇ ଦେଇଥିଲେ। ଏଥିରେ ତାଙ୍କର ଗୋଟିଏ ଟ୍ରାକ୍ଟର, ୨ଟି ବାଇକ୍ ସମେତ ଅନ୍ୟାନ୍ୟ ମୂଲ୍ୟବାନ ସମ୍ପତ୍ତି ପୋଡ଼ିଯାଇଛି। ଏନେଇ ବୁଧବାର ରାତିରେ ଥାନାରେ ଅଭିଯୋଗ ପରେ ଗୁରୁବାର ନଂ.୧୧୮।୧୮ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। କେଉଁ କାରଣରୁ ଅଭିଯୁକ୍ତମାନେ ନିଆଁ ଲଗାଇଲେ ଜଣାପଡ଼ିନାହିଁ। ଅପରପକ୍ଷେ ତାରସିଂ ଭାରପ୍ରାପ୍ତ ଥାନା ଅଧିକାରୀ ପି.କେ. ସାହୁଙ୍କୁ ଗୁରୁବାର ବାଲିପଦର ଫାଣ୍ଡିକୁ ଫାଣ୍ଡି ଅଧିକାରୀ ଭାବେ ବଦଳୀ ହୋଇଛି। ସେଠାରେ ଥିବା ଭଗବାନ ପୂଜାରୀଙ୍କୁ ତାରସିଂ ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି।

### ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା

# ୨୪ରେ ସୁପ୍ରିମ୍‌କୋର୍ଟରେ ଶୁଣାଣି

**ପୁରୀ ଅଫିସ, ୨୦।୯**

ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲାର ଶୁଣାଣି ଆସନ୍ତା ୨୪ ତାରିଖରେ ସୁପ୍ରିମ୍‌କୋର୍ଟରେ ହେବ। କୋର୍ଟ ନମ୍ବର ୧ରେ ଏହି କେସ୍‌ର ଶୁଣାଣି ରହିଛି। ହେଲେ କେତେଜଣିଆ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହେବ, ତାହା ସ୍ପଷ୍ଟ ହୋଇନାହିଁ। ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ମୃଣାଳିନୀ ପାଢ଼ୀ ନାମ୍ନୀ ମହିଳା ଗତ ଜୁନ୍ ୭ରେ ସୁପ୍ରିମ୍‌କୋର୍ଟରେ ଏକ ମାମଲା ଦାଖଲ କରିଥିଲେ। ଜୁନ୍ ୮ରେ ୨ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରି ଦାନ, ଦକ୍ଷିଣା ଆଦାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସୁପ୍ରିମ୍‌କୋର୍ଟ ପୁରୀ ଜିଲାଜଜ୍‌ଙ୍କୁ ରିପୋର୍ଟ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେବା ସହ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଜୁଲାଇ ୫ରେ ସୁପ୍ରିମ୍‌କୋର୍ଟ ଏହାର ଶୁଣାଣି କରି ପୁରୀ ଜିଲାଜଜ୍‌ଙ୍କ ସୁପାରିସ ଆଧାରରେ ୧୨ଟି ପ୍ରସ୍ତାବ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟ ସରକାର ତିନିଜଣିଆ କମିଟି ଗଠନ କରିଛନ୍ତି। ଶ୍ରୀମନ୍ଦିରର ପୂର୍ବତନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର କମିଟି ଅଧ୍ୟକ୍ଷ ରହିଥିବା ବେଳେ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ପରିଚାଳନା କମିଟି ସଦସ୍ୟ ମହିମୋହନ ତ୍ରିପାଠୀ ସଦସ୍ୟ ଅଛନ୍ତି। ଏହି କମିଟି ଶ୍ରୀମନ୍ଦିରରେ ସଂସ୍କାର ସମ୍ପର୍କିତ ରିପୋର୍ଟ ଆଇନ ବିଭାଗକୁ ହସ୍ତାନ୍ତର କରିସାରିଛି। ରାଜ୍ୟ ସରକାର ମଧ କମିଟି ରିପୋର୍ଟକୁ ସୁପ୍ରିମକୋର୍ଟରେ ଦାଖଲ କରିସାରିଛନ୍ତି। ପୂର୍ବରୁ ୨ ଜଣିଆ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହେଉଥିଲା। ସେପ୍ଟେମ୍ବର ୫ ତାରିଖରେ ତିନିଜଣିଆ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ରହିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଏହି ଶୁଣାଣି ବାତିଲ ହୋଇଥିଲା।

# ଚିକିଟିରେ ସର୍ବାଧିକ ବର୍ଷା


ବ୍ରହ୍ମପୁର ସହରରେ ପ୍ରବଳ ବର୍ଷା ।

**ବ୍ରହ୍ମପୁର ଅଫିସ୍,୨୦।୯**

ଲଘୁଚାପର ପ୍ରଭାବରେ ଗୁରୁବାର ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ରେକର୍ଡ଼ କରାଯାଇଛି । ଜିଲା ପ୍ରଶାସନ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ଚିକିଟିରେ ସର୍ବାଧିକ ୩୪.୨ଏମ୍‌ଏମ୍ ବର୍ଷା ରେକର୍ଡ଼ ହୋଇଛି। ସେହିଭଳି ଛତ୍ରପୁରରେ ୨୮.୧ଏମ୍‌ଏମ୍, ଗଞ୍ଜାମରେ ୨୯.୩, ପୁରୁଷୋତ୍ତମପୁରରେ ୧୨.୪, କବିସୂର୍ଯ୍ୟନଗରରେ ୧୨, ପୋଲସରାରେ ୧୩.୬, କୋଦଳାରେ ୧୦.୬, ଖଲ୍ଲିକୋଟରେ ୨୬, ହିଞ୍ଜିଳିରେ ୧୫, ରଙ୍ଗେଇଲୁଣ୍ଡାରେ ୨୭, କୁକୁଡ଼ାଖଣ୍ଡିରେ ୧୨, ପାତ୍ରପୁରରେ ୨୧, ସାନଖେମୁଣ୍ଡିରେ ୧୬, ଦିଗପହଣ୍ଡିରେ ୨୦, ଭଞ୍ଜନଗରରେ ୯, ବେଲଗୁଣ୍ଠାରେ ୩.୪, ଜଗନ୍ନାଥପ୍ରସାଦରେ ୧୫, ବୁଗୁଡ଼ାରେ ୯, ଆସିକାରେ ୧୦.୨, ଧରାକୋଟରେ ୮.୪, ଶେରଗଡ଼ରେ ୧୬ ଏବଂ ସୋରଡ଼ାରେ ୯.୮ଏମ୍‌ଏମ୍ ବର୍ଷା ରେକର୍ଡ଼ କରାଯାଇଛି ।

### ■ ପ୍ରତି ନିର୍ବାଚନରେ ବଦଳୁଛନ୍ତି ବିଜେଡି ପ୍ରାର୍ଥୀ

# ଚର୍ଚ୍ଚାରେ ଏଥର କାହାକୁ ମିଳିବ ଟିକେଟ

**ନରସିଂହ ସାହୁ**
**ବ୍ରହ୍ମପୁର ଅଫିସ,୨୦।୯**

**ଆସିକା ଲୋକ ସଭା ନିର୍ବାଚନ ମଣ୍ଡଳୀ**

ଗଞ୍ଜାମ ଜିଲା ଆସିକା ଲୋକ ସଭା ନିର୍ବାଚନ ମଣ୍ଡଳୀର ରାଜନୈତିକ ଗୁରୁତ୍ୱ ରହିଛି । ପ୍ରଥମେ ଏହାର ନାମ ଥିଲା ଘୁମୁସର ନିର୍ବାଚନ ମଣ୍ଡଳୀ। ପରବର୍ତ୍ତୀ ପର୍ଯ୍ୟାୟରେ ଆସିକା ନାମରେ ନାମିତ ହୋଇଛି। ଏହି ଆସନରୁ ସ୍ୱର୍ଗତ ଉମାଚରଣ ପଟ୍ଟନାୟକ, କବିରାଜ ଅନନ୍ତ ତ୍ରିପାଠୀ ଶର୍ମା, ପଦ୍ମଶ୍ରୀ ମୋହନ ନାୟକଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନେ ଏମ୍‌ପି ହୋଇଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଶ୍ୱନାଥ ଦାସ ଓ ବିଜୟାନନ୍ଦ ପଟ୍ଟନାୟକ ପ୍ରମୁଖ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ । ଆସିକା ନାମରେ ନାମିତ ହେବା ପରେ ଜାତୀୟ ଯୁବ କଂଗ୍ରେସର ପ୍ରାକ୍ତନ ସଭାପତି ରାମଚନ୍ଦ୍ର ରଥ ୧୯୭୭, ୧୯୮୦ ଓ ୧୯୯୧ରେ ୩ ଥର ନିର୍ବାଚିତ ହୋଇଥିଲେ । ସେ ଇନ୍ଦିରା ଗାନ୍ଧୀ ସରକାରରେ ମନ୍ତ୍ରୀ ମଧ୍ୟ ହୋଇଥିଲେ । ଧରାକୋଟ ରାଜା ସ୍ୱର୍ଗତ ଅନନ୍ତ ନାରାୟଣ ସିଂହଦେଓ ମଧ୍ୟ ଏହି ଆସନରୁ ଥରେ ଏମ୍‌ପି ହୋଇଥିଲେ । ୧୯୯୬ ନିର୍ବାଚନରେ ବିଜୁ ପଟ୍ଟନାୟକ ଆସିକା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିଲେ । ବର୍ଷକ ପରେ ୧୯୯୭ରେ ତାଙ୍କର ପରଲୋକ ହୋଇଥିଲା ଏବଂ ଉପନିର୍ବାଚନରେ ନବୀନ ପଟ୍ଟନାୟକ ନିର୍ବାଚିତ ହୋଇଥିଲେ ।

ରାଜ୍ୟରେ ୧୯୯୮ରେ ବିଜେଡି ଆଞ୍ଚଳିକ ଦଳ ଗଠନ ହେଲା। ଭାଜପା ସହ ବିଜେଡିର ମେଣ୍ଟ ହୋଇଥିଲା । ସେହି ବର୍ଷ ହୋଇଥିବା ମଧ୍ୟବର୍ତ୍ତିକାଳୀନ ଲୋକ ସଭା ନିର୍ବାଚନରେ ନବୀନ ବିଜେଡିରୁ ନିର୍ବାଚିତ ହୋଇ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଗଠିତ ପ୍ରଥମ ଏନ୍‌ଡିଏ ସରକାରରେ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ପଦ ପାଇଥିଲେ। ସେହି ସରକାର ଅଳ୍ପ ଦିନରେ ପତନ ହୋଇଯାଇଥିଲା। ୧୯୯୯ରେ ପୁଣି ନିର୍ବାଚନ ହେଲା। ନବୀନ ତୃତୀୟ ଥର ପାଇଁ ଲୋକ ସଭାକୁ ନିର୍ବାଚିତ ହେବା ପରେ ପୁଣି ଏନ୍‌ଡିଏ ସରକାରରେ ଇସ୍ପାତ ଓ ଖଣି ମନ୍ତ୍ରୀ ହୋଇଥିଲେ। ୨୦୦୦ ବିଧାନସଭା ନିର୍ବାଚନରେ ନବୀନ ଗଞ୍ଜାମ ଜିଲାର ହିଞ୍ଜିଳି ନିର୍ବାଚନୀ ମଣ୍ଡଳୀରୁ ବିଜୟୀ ହୋଇଥିଲେ । ଆସିକା ଲୋକ ସଭା ଆସନରେ ହୋଇଥିବା ଉପ ନିର୍ବାଚନରେ ତତ୍କାଳୀନ ଅର୍ଥମନ୍ତ୍ରୀ ତଥା ପ୍ରଭାବଶାଳୀ ରାଜନେତା ରାମକୃଷ୍ଣ ପଟ୍ଟନାୟକଙ୍କ ସ୍ତ୍ରୀ କୁମୁଦିନୀ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ । ୨୦୦୨ ବେଳକୁ ରାମକୃଷ୍ଣ ମନ୍ତ୍ରୀ ମଣ୍ଡଳରୁ ବିଦା ହୋଇ ବିଦ୍ରୋହୀ ସାଜିଥିଲେ । କୁମୁଦିନୀ ମଧ୍ୟ ନବୀନଙ୍କ ବିରୋଧୀ ହୋଇଯାଇଥିଲେ ।

ସୂଚନାଯୋଗ୍ୟ, ୧୯୯୮ ଓ ୧୯୯୯ ପରେ ଆସିକା ଲୋକ ସଭା କ୍ଷେତ୍ରରେ ପ୍ରତି ନିର୍ବାଚନରେ ବିଜେଡି ପ୍ରାର୍ଥୀ ବଦଳୁଛନ୍ତି। ୨୦୦୪ ରେ ସ୍ୱର୍ଗତ ହରିହର ସ୍ୱାଇଁ ବିଜେଡିରୁ ନିର୍ବାଚିତ ହୋଇଥିଲେ। ୨୦୦୯ ନିର୍ବାଚନରେ ନିତ୍ୟାନନ୍ଦ ପ୍ରଧାନ ବିଜେଡିରୁ ଏମ୍‌ପି ହେଲେ । ୨୦୧୪ ନିର୍ବାଚନରେ ଲଡୁ କିଶୋର ସ୍ୱାଇଁ ଜିତିଛନ୍ତି। ଆଗକୁ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ବିଜେଡିରୁ କାହାକୁ ପ୍ରାର୍ଥୀ କରାଯିବ ସେନେଇ ଗଞ୍ଜାମ ଜିଲାରେ ଜୋର ଧରିଛି ରାଜନୈତିକ ଚର୍ଚ୍ଚା। ଏହି ଲୋକ ସଭା କ୍ଷେତ୍ରରେ ଖଲ୍ଲିକୋଟ, ପୋଲସରା, କବିସୂର୍ଯ୍ୟନଗର, ଆସିକା, ହିଞ୍ଜିଳିକାଟୁ, ସୋରଡ଼ା ଓ ସାନଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ। କବିସୂର୍ଯ୍ୟନଗର ବିଧାୟିକା ଭି.ସୁଙ୍କାନ କୁମାରୀ ଦେଓ, ଆସିକା ବିଧାୟକ ଦେବରାଜ ମହାନ୍ତିଙ୍କ ସହ ଏମ୍‌ପି ସ୍ୱାଇଁଙ୍କ ସମ୍ପର୍କ ଅହିନକୁଳ । ଗତ ପଞ୍ଚାୟତ ନିର୍ବାଚନରେ ଏହା ପ୍ରତିଫଳିତ ହୋଇଛି । ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ସୁଙ୍କାନଙ୍କ ମଧ୍ୟରେ ରାଜନୈତିକ ବିବାଦ ଲାଗି ରହିଛି । ଏମ୍‌ପି ସ୍ୱାଇଁ ସେଠୀଙ୍କ ସପକ୍ଷରେ ଅଛନ୍ତି। ପୁରୁଷୋତ୍ତମପୁର ସମେତ ବିଭିନ୍ନ ସ୍ଥାନରେ ସୁଙ୍କାନ ଓ ପୂର୍ଣ୍ଣଙ୍କ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଅବ୍ୟାହତ ରହିଛି। କୋଦଳା ଏନ୍‌ଏସିର ଉପନଗରପାଳ ହର ସାହୁ ଓ ବିଧାୟିକା ସୁଙ୍କାନଙ୍କ ମଧ୍ୟରେ ରାଜନୈତିକ ଲଢ଼େଇ ଚାଲିଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଆସିକା ଲୋକସଭା ଆସନରୁ ଏଥର ବିଜେଡିରୁ କିଏ ପ୍ରାର୍ଥୀ ହେବେ ସେନେଇ ନାନା କଳ୍ପନା ଜଳ୍ପନା ଏବେଠୁ ଆରମ୍ଭ ହୋଇଯାଇଛି ।

## ସଂକ୍ଷେପରେ

### ମଦ ଜବତ, ୨ କୋର୍ଟ ଚାଲାଣ

ଦିଗପହଣ୍ଡି,୨୦।୯(ଡି.ଏନ.ଏ.): ମଦ ବିକ୍ରି ଅଭିଯୋଗରେ କେ. ନୂଆଗାଁ ଓ ପାଟପୁର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ନାରାୟଣପୁର ଗ୍ରାମର ବାଲ୍ମୀକି ନାଇକ ବୁଧବାର ରାତିରେ ୩୦ ଲିଟର ମଦ ଧରି ଆସୁଥିବା ବେଳେ ଗାଇଡ଼ା ଛକରେ ପାଟ୍ରୋଲିଂ କରୁଥିବା କେ. ନୂଆଗାଁ ପୋଲିସ ତାଙ୍କୁ କାବୁ କରିଥିଲା। ନୂଆପଡ଼ା ପୋଲିସ ଫାଣ୍ଡି ଅଧିକାରୀ କେ. ଦଣ୍ଡପାଣି ଦୋରାଙ୍କ ଏତଲାକ୍ରମେ ଥାନାରେ ନଂ.୧୧୨/୧୮ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଗୁରୁବାର ସକାଳେ ପାଟପୁର ପୋଲିସ ଜିଉରା ଗ୍ରାମରେ ଚଢ଼ାଉ କରି ମଦ ବିକ୍ରେତା ମୋହନ ସାହୁଙ୍କୁ ଗିରଫ କରିଛି। ଏ ନେଇ ନଂ. ୧୭୫/୧୮ ଅନୁଯାୟୀ ମାମଲା ରୁଜୁ ହୋଇଛି।

### ବିଦ୍ୟୁତ୍ ତାର ଚୋରି ଘଟଣା, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୨୦।୯(ଡି.ଏନ.ଏ.): ଦିଗପହଣ୍ଡି ପୋଲିସ ବିଦ୍ୟୁତ୍ ତାର ଚୋରି ଘଟଣାରେ ଗୁରୁବାର ପାଟପୁର ଥାନା ଧର୍ମପୁର ଗ୍ରାମର ଏସ. ନକୁଳ ଦୋରାଙ୍କୁ ଗିରଫ କରିଛି। ନକୁଳ ଦିଗପହଣ୍ଡି ଥାନା ମଳାଭଞ୍ଜା ଗ୍ରାମରେ ଥିବା ବିଦ୍ୟୁତ ବିଭାଗ ଅସ୍ଥାୟୀ ଗୋଦାମରୁ ମଙ୍ଗଳବାର ବିଳମ୍ବିତ ରାତିରେ ତାର ଚୋରି କରୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲେ। ତାଙ୍କର କେତେଜଣ ସହଯୋଗୀ ଖସି ପଳାଇଥିଲେ। ନକୁଳଙ୍କୁ ପୋଲିସ ଜିମା ଦିଆଯାଇଥିଲା। ବିଦ୍ୟୁତ କର୍ମଚାରୀ ଧୋବା ବାଡ଼ତ୍ୟାଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୧୬୨/୧୮) ରୁଜୁ କରିଥିଲା। ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ ତାଙ୍କଠାରୁ ପ୍ରାୟ ୧୦ ହଜାର ଟଙ୍କାର ବିଦ୍ୟୁତ୍ ତାର ଜବତ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି।

### କାମ ବନ୍ଦ କରିବା ପ୍ରସଙ୍ଗ ଆଲୋଚନା ବୈଠକ ବିଫଳ

ଛତ୍ରପୁର,୨୦।୯(ଡି.ଏନ.ଏ): ଛତ୍ରପୁର ଉପକଣ୍ଠ ଆଇଆରଇ ପ୍ଲାଣ୍ଟ ପକ୍ଷରୁ ଚାଲିଥିବା ଡ୍ରେଜିଂ କାମକୁ ସ୍ଥାନୀୟ ଲୋକେ ବନ୍ଦ କରି ମଙ୍ଗଳବାରଠାରୁ ଧାରଣା ଜାରି ରଖିଛନ୍ତି। ବୁଧବାର ସନ୍ଧ୍ୟାରେ ଛତ୍ରପୁରର ଅତିରିକ୍ତ ତହସିଲଦାରଙ୍କ ପ୍ରକୋଷ୍ଠରେ ଆନ୍ଦୋଳନକାରୀଙ୍କ ପ୍ରତିନିଧି, ଆଇଆରଇ କର୍ତ୍ତୃପକ୍ଷଙ୍କୁ ନେଇ ତ୍ରିପାକ୍ଷିକ ଆଲୋଚନା ବୈଠକ ହୋଇଥିଲା। ମାତ୍ର ଏହା ବିଫଳ ରହିଥିଲା। ଆଇଆରଇ ପ୍ଲାଣ୍ଟର ପ୍ରକଳ୍ପ ପାଇଁ ଲୋକେ ବିସ୍ଥାପିତ ହେବେ। ବିସ୍ଥାପିତ କରିବା ପୂର୍ବରୁ କ୍ଷତିପୂରଣ ପ୍ରଦାନ, ପୂର୍ବରୁ ପ୍ରଶାସନ ନିର୍ଦ୍ଧାରିତ କରିଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଆଦି ଦାବି ନେଇ ସ୍ଥାନୀୟ ଲୋକେ ଆନ୍ଦୋଳନ କରୁଛନ୍ତି।

### ଭୀମଭୋଇ ସାମର୍ଥ୍ୟ ଶିବିର

କନିଷି,୨୦।୯(ଡି.ଏନ.ଏ.): ରଙ୍ଗେଇଲୁଣ୍ଡା ବ୍ଲକରେ ଗୁରୁବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨ ପଞ୍ଚାୟତର ୧୧୯ ଦିବ୍ୟାଙ୍ଗ, ୧୨୪ ଜଣଙ୍କୁ ବାଣୀଶ୍ରୀ ବୃତ୍ତି ଦେବା ପାଇଁ ଚିହ୍ନଟ କରାଯାଇଥିଲା। ଶିବିରରେ ବିଡିଓ କୁମାର ନାଗଭୂଷଣ, ବ୍ଲକ ଅଧକ୍ଷା ସିଏଚ ଉଷାରାଣୀ, ଉପାଧକ୍ଷ ଅଜିତ କୁମାର ଦାଶ, ଜିପିଓ ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ବିଦୂଷା ମିଶ୍ର, ପିଏ ମନୁ ପାତ୍ରଙ୍କ ସମେତ ସମସ୍ତ ଗ୍ରାମସେବକ, ସରପଞ୍ଚ, ସମିତିସଭ୍ୟ ଓ ବ୍ଲକର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

ସମ୍ଭାବ୍ୟ ଝଡ଼ବାତ୍ୟା

# ହେଡ୍‌କ୍ୱାର୍ଟର ନ ଛାଡ଼ିବାକୁ ଅଧିକାରୀ, କର୍ମଚାରୀଙ୍କୁ ନିର୍ଦ୍ଦେଶ

ଛତ୍ରପୁର,୨୦।୯(ଡି.ଏନ.ଏ.)

- ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍
- ଆବଶ୍ୟକ ପଡିଲେ ସ୍ଥାନାନ୍ତର ହେବେ ଲୋକେ


ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗୁରୁବାର ରାତିରେ ଝଡ଼ବାତ୍ୟାର ରୂପ ନେବା ସମ୍ଭାବନା ରହିଛି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବିଭାଗ ଏବଂ ଏସ୍ଆର୍‌ସି ପକ୍ଷରୁ ସତର୍କ ସୂଚନା ଗଞ୍ଜାମ ଜିଲାପାଳଙ୍କ ନିକଟକୁ ଆସିଛି। ଏହାକୁ ଗୁରୁତ୍ୱର ସହ ପ୍ରଶାସନ ନେଇଛି। ଜିଲା ପ୍ରଶାସନ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଜାଗ ଥିବା ଗୁରୁବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।। ଏ ନେଇ ସବୁ ବିଭାଗକୁ ଚିଠି କରାଯାଇଛି। କୌଣସି ଅଧିକାରୀ ଓ କର୍ମଚାରୀ ହେଡକ୍ୱାର୍ଟର ନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଡିଓ, ତହସିଲଦାର, ଡ୍ରେନେଜ୍, ଜଳସମ୍ପଦ ସମେତ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଆଲର୍ଟ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ୍ ବିଭାଗ ସଜାଗ ରହିବାକୁ କୁହାଯାଇଛି। ଜଳ ଯୋଗାଣ ଓ ହସ୍ପିଟାଲଗୁଡିକୁ ଯେଭଳି ବିଦ୍ୟୁତ୍ ସେବା ବ୍ୟାହତ ନ ହେବ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ଜିଲାପାଳ କହିଛନ୍ତି ଯେ, ଯଦି ଆବଶ୍ୟକ ପଡେ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରି ସେଠାରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯିବ। ବାତ୍ୟା ଆଶ୍ରୟସ୍ଥଳୀ ଓ ସ୍କୁଲରେ ସେମାନଙ୍କୁ ରଖାଯିବ। ଋଷିକୁଲ୍ୟା ନଦୀ ଓ ନାଳ ଏବଂ ଯେଉଁଠି ପାଣିର ସମ୍ଭାବନା ରହିଛି ସେଠାକୁ ନ ଯିବା ପାଇଁ ଜନସାଧାରଣଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜିଲା ଜରୁରିକାଳୀନ ବିଭାଗର କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା ଖୋଲାଯାଇ ଏ ସବୁର ମନିଟରିଂ କରାଯାଉଛି। ବ୍ରହ୍ମପୁରରେ ଥିବା ବନ୍ୟା ନିୟନ୍ତ୍ରଣ କକ୍ଷ, ଛତ୍ରପୁର, ବ୍ରହ୍ମପୁର ଓ ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା କଣ୍ଟ୍ରୋଲ ରୁମ୍ ମଧ୍ୟ ପରିସ୍ଥିତି ପ୍ରତି ନଜର ରଖିଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ମାଛ ମାରି ନ ଯିବାକୁ କୁହାଯାଇଛି। ଗୋପାଳପୁର ବନ୍ଦରରେ ୩ ନଂ. ବିପଦ ସଙ୍କେତ ଦିଆଯାଇଛି। ଆଇଏମଡିର ସୂଚନା ଅନୁସାରେ ଝଡ଼ବାତ୍ୟା ହେଲେ ଘଣ୍ଟାପ୍ରତି ୬୦ରୁ ୮୦ କି.ମି. ପବନ ବହିବ ବୋଲି ଆଶଙ୍କା କରାଯାଇଛି। ମଧ୍ୟରାତ୍ରରେ ଗୋପାଳପୁର କୋଷ୍ଟର ସ୍ଥଳଭାଗକୁ ଛୁଇଁବାର ସମ୍ଭାବନା ରହିଛି। ଅପରପକ୍ଷରେ ବୁଧବାର ରାତିରୁ ଗଞ୍ଜାମ ଜିଲାରେ ବର୍ଷା ଜାରି ରହିଛି। ଜିଲାର ସମୁଦ୍ର ଉପକୂଳବର୍ତ୍ତୀ ଛତ୍ରପୁର, ଗଞ୍ଜାମ, ଚିକିଟି ଓ ରଙ୍ଗେଇଲୁଣ୍ଡା ବ୍ଲକରେ ବର୍ଷା ପରିମାଣ ଅଧିକା ରହିଛି।

ସମ୍ଭାବ୍ୟ ବନ୍ୟା: ଡିପ୍ଲୋମା ଇଞ୍ଜିନିୟରଙ୍କ ସମୂହ ଛୁଟି

# କାର୍ଯ୍ୟରେ ଯୋଗ ନ ଦେଲେ ରୁଜୁ ହେବ ମାମଲା

ଛତ୍ରପୁର,୨୦।୯(ଡି.ଏନ.ଏ)

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗୁରୁବାର ରାତିରେ ଝଡବାତ୍ୟା ରୂପ ନେବା ସମ୍ଭାବନା ରହିଛି। ବର୍ଷା ହେଉଥିବାରୁ ନଦୀ ଓ ନାଳରେ ବନ୍ୟା ଜଳ ପ୍ରବେଶ କରିବ। ଏଣୁ ସମ୍ଭାବ୍ୟ ବନ୍ୟା ପରିପ୍ରେକ୍ଷୀରେ କାର୍ଯ୍ୟରେ ଯୋଗ ଦେବାକୁ ଡିପ୍ଲୋମା ଇଞ୍ଜିନିୟରମାନଙ୍କୁ ନିର୍ଦ୍ଦେଶନାମା ଜାରି ହୋଇଛି। କାର୍ଯ୍ୟରେ ଯୋଗ ନ ଦେଲେ ଛୁଟିରେ ଥିବା ଯନ୍ତ୍ରୀମାନଙ୍କ ବିରୋଧରେ ସିଆରପିଏସ୍ ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା ଆକ୍ଟ ଆଧାରରେ କ୍ରିମିନାଲ ମାମଲା ରୁଜୁ କରାଯିବ। ବ୍ରହ୍ମପୁର ଡ୍ରେନେଜ୍ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ


OFFICE OF THE EXECUTIVE ENGINEER, DRAINAGE DIVISION, JAGANNATHPUR JUNCTION, BERHAMPUR, Pin: 760007

Letter No. 2296 Date 20.9.2018

To
Sri K.Mohan Rao Dora, Asst.Engineer (C)
Sri Ramakanta Mallick, Asst.Engineer(C)
Sri Babu Malika, Asst.Engineer(C)
Smt.K.Sujata, Asst.Engineer (C)
Sri Bhagaban Rath, Junior Engineer ©
Sri Benu Gopal Behera, Jr.Engineer ©
Sri Deepak Kumar Nayak, Jr.Engineer ©

Sub: Regarding mass leave application of Diploma Engineer.

Ref: 1.Your application dt.03.9.2018
2.This office Memo No.2277 dt.18.9.2018

Sir,
As instructed by the Principal Secretary to Government, DOWR, BBSR, forwarded by the Superintending Engineer, Drainage Circle, BBSR vide whatsapp, you are hereby directed to join in your duties immediately to tackle flood like situation failing which the criminal case against you will be initiated under IPC, CRPS and National Disaster Management Act.

Yours faithfully
Executive Engineer
Drainage Division,Berhampur.

Memo No. 2297 / Dt. 20.9.2018
Copy submitted to the Engineer-in-Chief, Water Resources, Odisha, Bhubaneswar for favour of kind information & necessary action.

Executive Engineer
Drainage Division,Berhampur.

Memo No. 2298 / Dt. 20.9.2018
Copy submitted to the Chief Engineer, Drainage, Gandarpur, Cuttack / Superintending Engineer, Drainage Circle, Bhubaneswar for favour of kind information & necessary action.

Executive Engineer
Drainage Division,Berhampur.

Memo No. 2299 / Dt. 20.9.2018
Copy to all Sub-Divisional Officers under this Division for information and immediate necessary action. They are directed to be alert to tackle flood like situation

ଜାରି କରାଯାଇଥିବା ନିର୍ଦ୍ଦେଶନାମା।

ପକ୍ଷରୁ ଗୁରୁବାର ଏହି ନିର୍ଦ୍ଦେଶନାମା (ନଂ.୨୨୯୬) ଜାରି ହୋଇଛି। ତେଣୁ ତୁରନ୍ତ କାର୍ଯ୍ୟରେ ଯୋଗ ଦେଇ ସମ୍ଭାବ୍ୟ ବନ୍ୟା ମୁକାବିଲା କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

ସୂଚନା ଅନୁସାରେ ସମ୍ଭାବ୍ୟ ବନ୍ୟା ପରିପ୍ରେକ୍ଷୀରେ ସମୂହ ଛୁଟିରେ ଥିବା ବିଭିନ୍ନ ବିଭାଗର ଯନ୍ତ୍ରୀମାନେ କାର୍ଯ୍ୟରେ ଯୋଗ ଦେବାକୁ ରାଜ୍ୟ ଜଳସମ୍ପଦ ବିଭାଗର ସଚିବ ପି. କେ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ କାର୍ଯ୍ୟରେ ଯୋଗ ନ ଦେବେ ସେମାନଙ୍କ ବିରୋଧରେ କ୍ରିମିନାଲ ମାମଲା କରାଯିବ ବୋଲି ସଚିବଙ୍କ ନିର୍ଦ୍ଦେଶନାମା ହ୍ୱାଟ୍ସଆପରେ ଗଞ୍ଜାମ ଜିଲାର ଡ୍ରେନେଜ୍, ଜଳ ସମ୍ପଦ ଆଦି ବିଭାଗର ନିର୍ବାହୀଯନ୍ତ୍ରୀମାନଙ୍କୁ ଆସିଥିଲା। ଏଥିସହ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଜିଲାପାଳଙ୍କୁ ମଧ୍ୟ ନିର୍ଦ୍ଦେଶନାମା ଆସିଥିଲା। ଏହାପରେ ବିଭାଗ ପକ୍ଷରୁ ଯନ୍ତ୍ରୀମାନଙ୍କୁ ଏହି ନିର୍ଦ୍ଦେଶନାମା ସମ୍ପର୍କରେ ଅବଗତ କରାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ଦାବି ପୂରଣ ପାଇଁ କୌଣସି ପଦକ୍ଷେପ ନେଇ ନ ଥିବାରୁ ୧୮ ତାରିଖରୁ ଡିପ୍ଲୋମା ଇଂଜିନିୟର ସେବା ସଂଘର ନିଷ୍ପତ୍ତିକ୍ରମେ ଯନ୍ତ୍ରୀମାନେ ସମୂହ ଛୁଟିରେ ଯାଇ ଆନ୍ଦୋଳନ ଜାରି ରଖିଛନ୍ତି। ଯନ୍ତ୍ରୀମାନେ ୧୮ ତାରିଖରେ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜଳସମ୍ପଦ ବିଭାଗର ସଚିବଙ୍କ ଭିଡିଓ କନଫରେନ୍ସ ଏବଂ ଛତ୍ରପୁର ବ୍ଲକସ୍ତରୀୟ ଏମଜିଏନଆରଇଜିଏସ ଜନଶୁଣାଣିରେ ମଧ୍ୟ ଅନୁପସ୍ଥିତ ଥିଲେ।



ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଉଛି।

## ସ୍ଥାନାନ୍ତର ହେଲେ ପୋଡ଼ମପେଟାବାସୀ

ଗଞ୍ଜାମ,୨୦।୯(ଡି.ଏନ.ଏ.)

ଲଘୁଚାପ ଅବପାତ ରୂପ ନେବାପରେ ବାତ୍ୟା ଆଶଙ୍କା ଦେଖା ଦେଇଛି। ଏହା ଗୁରୁବାର ମଧ୍ୟ ରାତିରେ ଗୋପାଳପୁର ନିକଟରେ ଉପକୂଳ ଛୁଇଁବା ଓ ଜୋରରେ ପବନ ବହିବା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ ପରେ ଗଞ୍ଜାମ ଜିଲା ପ୍ରଶାସନ ତତ୍ପର ହୋଇ ଉଠିଛି। ୨ ଦିନ ହେଲା ବର୍ଷା ଲାଗି ରହିଥିବାରୁ ସମୁଦ୍ର ଉପକୂଳରେ ରହୁଥିବା ଲୋକେ ମଧ୍ୟ ଭୟଭୀତ ହୋଇ ପଡିଛନ୍ତି। ଏନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ସୋସିଆଲ ମିଡିଆରେ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିବା ପରେ ଗଞ୍ଜାମ ବ୍ଲକ ପ୍ରଶାସନ ତତ୍ପର ହୋଇ ଉଠିଛି। ବିଡିଓ ଜ୍ୟୋତି ଶଙ୍କର ରାଏ, ତହସିଲଦାର ଅବନୀ କୁମାର ସାହୁ ରାତି ପ୍ରାୟ ୮ଟାରେ ପାଳିବନ୍ଧ ପଞ୍ଚାୟତ ପୋଡ଼ମପେଟା ଗ୍ରାମରେ ପହଞ୍ଚି ସମୁଦ୍ର କୂଳରେ ରହୁଥିବା ମତ୍ସ୍ୟଜୀବୀ ପରିବାରଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ଆରମ୍ଭ କରିଛନ୍ତି। ଏକ ୪୦୭ ଗାଡିରେ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିବା ବିଡିଓ ରାଏ ସୂଚନା ଦେଇଛନ୍ତି। ଖବର ଲେଖାହେବା ବେଳକୁ ଅଞ୍ଚଳରେ ବର୍ଷା ଜାରି ରହିଥିବାବେଳେ ପବନ ମଧ୍ୟ ଆରମ୍ଭ ହୋଇଛି। ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବା ମଧ୍ୟ ଜଣାପଡିଛି।

## ଭଞ୍ଜନଗର ପ୍ରଶାସନ ସତର୍କ

ଭଞ୍ଜନଗର,୨୦।୯(ଡି.ଏନ.ଏ.)

ସମ୍ଭାବ୍ୟ ବାତ୍ୟା ଆଶଙ୍କାକୁ ଦେଖି ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଗୁରୁବାର ଲୋକଙ୍କୁ ସତର୍କ କରି ଦିଆଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ମଧ୍ୟ ସମ୍ଭାବ୍ୟ ବନ୍ୟା ମୁକାବିଲା କରିବା ପାଇଁ ଆଗୁଆ ପଦକ୍ଷେପ ନିଆଯାଇଛି। ବିଭିନ୍ନ ସ୍ଥାନରେ ବାଲିବସ୍ତା ମହଜୁଦ୍ ରଖାଯାଇଛି। ଜଳଭଣ୍ଡାର ଏବଂ ନଦୀ ଜଳସ୍ତର ଉପରେ ୨୪ ଘଣ୍ଟିଆ ନଜର ରଖାଯାଇଛି। ସମ୍ଭାବ୍ୟ ବାତ୍ୟାରେ ବ୍ୟାପକ କ୍ଷୟକ୍ଷତି ଆଶଙ୍କା ଥିବାରୁ ଲୋକେ ସତର୍କ ହୋଇ ଆଗୁଆ ପଦକ୍ଷେପ ନେବାକୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ରାତି ୯ଟାରୁ ଭଞ୍ଜନଗରରେ ବର୍ଷା ଓ ପବନ ବହିବା ଆରମ୍ଭ ହୋଇଯାଇଛି। ବିଦ୍ୟୁତ୍ ସେବା ମଧ୍ୟ ପ୍ରଭାବିତ ହୋଇଛି।

## ସାଉଥ୍‌କୋରେ ବିଶ୍ୱକର୍ମା ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ



ଶିଶୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ଭଞ୍ଜନଗର,୨୦।୯(ଡି.ଏନ.ଏ)

ଭଞ୍ଜନଗର ସାଉଥ୍‌କୋ ୟୁଟିଲିଟି ବିଶ୍ୱକର୍ମା ପୂଜା କମିଟି ପକ୍ଷରୁ ବିଶ୍ୱକର୍ମା ପୂଜାରେ ୩ଦିନ ଧରି ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ପ୍ରଥମ ସନ୍ଧ୍ୟାରେ ଆନନ୍ଦ ସଙ୍ଗୀତାୟନ ପକ୍ଷରୁ ଭଜନ ସନ୍ଧ୍ୟା, ବୁଧବାର ସାଉଥ୍‌କୋ କର୍ମଚାରୀଙ୍କ ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାକୁ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ଅଧକ୍ଷ ପୁରସ୍କୃତ କରିଥିଲେ। ସାଉଥ୍‌କୋ ଅଧୀକ୍ଷଣ ଯନ୍ତ୍ରୀ ସରୱାର ସରଦିକ୍, ନିର୍ବାହୀଯନ୍ତ୍ରୀ ଲମ୍ବୋଦର ମିଶ୍ର, ଭିଜିଲାନ୍ସ ନିର୍ବାହୀଯନ୍ତ୍ରୀ ପ୍ରଦୀପ କୁମାର ରାଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୂଜା କମିଟି ସଭାପତି ହୃଦୟବଲ୍ଲଭ ପ୍ରଧାନ ଉତ୍ସବରେ ଅଧକ୍ଷତା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ବେହେରା ସଂଯୋଜନା କରିଥିଲେ। ଉପ ସଭାପତି ଆଶିଷ କୁମାର ଜେନା, ଯନ୍ତ୍ରୀ ନିରଞ୍ଜନ ବେହେରା, ସୁବାସ ଚନ୍ଦ୍ର ବେହେରା, ରଞ୍ଜନ ମଲିକ, ସମ୍ପାଦକ କେଦାର ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗୁରୁବାର ସନ୍ଧ୍ୟାରେ ବ୍ରହ୍ମପୁରରୁ ଆସିଥିବା ମେଲୋଡ଼ି ଗ୍ରୁପ୍ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏସ୍‌ଡିପିଓ ଉତ୍କଳ କେଶରୀ ଦାସ, ଥାନା ଅଧିକାରୀ ବିଶ୍ୱଜ କୁମାର ରାଉତରାୟ ଅତିଥି ଭାବେ ଯୋଗ ଦେଇଥିଲେ।

## ବିଜୁ ଛାତ୍ର ଜନତା ଦଳ ଗଞ୍ଜାମ ଜିଲା ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ଦିଗପହଣ୍ଡି,୨୦।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ବମକେଇ ଗ୍ରାମ ଠାରେ ଗୁରୁବାର ବିଜୁ ଛାତ୍ର ଜନତା ଦଳର ନବ ନିଯୁକ୍ତ ଜିଲା ସମ୍ପାଦକ ଜଗନ୍ନାଥ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଜୁ ଛାତ୍ର ଜନତା ଦଳ ଦିଗପହଣ୍ଡି ବ୍ଲକ ସଭାପତି ରାଜ କିଶୋର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ସମ୍ବର୍ଦ୍ଧନା କସଭାରେ ଦେବରାଜ ପ୍ରଧାନ, ବିକ୍ରମ ସିଂ, ନିରାକାର ପ୍ରଧାନ, ଶିବ ପ୍ରସାଦ ପ୍ରଧାନ, ଅରୁଣ ପ୍ରଧାନ, ଜଗନ୍ନାଥ ଦୋରା, ରାଜେନ୍ଦ୍ର ପ୍ରଧାନ, ସଞ୍ଜୟ ବେହେରା, ଗଣେଶ ପାତ୍ର, ଅଶୋକ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ସଂଗ୍ରାମ ସିଂ, ତୋଫାନ ପ୍ରଧାନ, ସଚ୍ଚିନ ପ୍ରଧାନ ଓ ଦେବ ପାତ୍ର ପ୍ରମୁଖ ବିଭିନ୍ନ କଲେଜ ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକର୍ତ୍ତା ଓ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।

## ସକଳେଶ୍ୱରଙ୍କୁ ଏକ ଲକ୍ଷ ବେଲପତ୍ର ଅର୍ପଣ



ସକଳେଶ୍ୱରଙ୍କୁ ବେଲପତ୍ର ଅର୍ପଣ କରାଯାଉଛି।

ବୁଗୁଡ଼ା,୨୦।୯(ଡି.ଏନ.ଏ.)

ବିଶ୍ୱଶାନ୍ତି ପାଇଁ ବୁଗୁଡ଼ା ବ୍ଲକ ବାଲିପଦର ନିକଟସ୍ଥ ପ୍ରତାପଧନଞ୍ଜୟପୁରରେ ପୂଜା ପାଉଥିବା ସକଳେଶ୍ୱରଙ୍କୁ ୩ ଦିନରେ ୧ ଲକ୍ଷ ବେଲପତ୍ର ଅର୍ପଣ କରାଯାଇଛି। ଗୁରୁବାର ଏହି କାର୍ଯ୍ୟକ୍ରମ ଶେଷ ହୋଇଛି। ବିଶ୍ୱଶାନ୍ତି ସହ ଅଧିକ ଫସଲ ଅମଳ ସକାଶେ ପ୍ରତ୍ୟେକ ବର୍ଷ ଏଭଳି କରାଯାଉଛି। ଅନ୍ତରପଡ଼ା ନିକଟସ୍ଥ ଶାଙ୍କୁଲାଇ ଜଙ୍ଗଲରୁ ବେଲପତ୍ର ସଂଗ୍ରହ କରାଯାଇ ଭାଦ୍ରବ ମାସ ନବମୀ, ଦଶମୀ ଓ ଏକାଦଶୀରେ ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ତାହାକୁ ମହାଦେବଙ୍କୁ ଅର୍ପଣ କରାଯାଇଛି। ଜଗନ୍ନାଥ ଶତପଥୀ, ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ବ୍ରାହ୍ମଣମାନେ ବେଲପତ୍ର ଅର୍ପଣ କରିଥିଲେ।

ବ୍ଲକ ଗ୍ରାଣ୍ଟ ଶିକ୍ଷକ, କର୍ମଚାରୀଙ୍କ ପଦଯାତ୍ରା

# ଚିକିଟି, ପାତ୍ରପୁର ବ୍ଲକ ୯ ହାଇସ୍କୁଲରେ ଝୁଲୁଛି ତାଲା

ଚିକିଟି,୨୦।୯ (ଡି.ଏନ.ଏ.)

ଓଡିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନକ୍ରମେ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଜାରି ରହିଛି। ଏଥିଯୋଗୁ ଚିକିଟି ଓ ପାତ୍ରପୁର ବ୍ଲକରେ ଥିବା ୯ ଉଚ୍ଚବିଦ୍ୟାଳୟରେ ତାଲା ଝୁଲୁଛି। ଆନ୍ଦୋଳନ ୩୫ ଦିନରେ ପହଞ୍ଚିଥିବା ସତ୍ତ୍ୱେ ଦାବି ପୂରଣ ଦିଗରେ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଶିକ୍ଷକ ଓ କର୍ମଚାରୀମାନଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଛାତ୍ରୀଛାତ୍ରମାନଙ୍କର ପାଠପଢା ଠପ୍ ହୋଇଯାଇଛି। ବୁଧବାର ମିଳିତ ଶିକ୍ଷକ ସଂଘର ଆହ୍ୱାନକ୍ରମେ ଚିକିଟି ବ୍ଲକ୍ ଶିକ୍ଷକ ସଂଘ ସଭାପତି ରାମକୃଷ୍ଣ ନାୟକ ଓ ସମ୍ପାଦକ ଫକୀର ମୋହନ ବିଶୋୟୀଙ୍କ ନେତୃତ୍ୱରେ ୯ ପଞ୍ଚାୟତରେ ଥିବା ଓଏସ୍‌ଜିଟି ଧାନଘର, ବିଏସ୍‌ଏଲ୍‌ଏନ୍‌ପୁର, ସୁନ୍ଦୁପୁର, ବୁରାତାଳ, ସୁନାଖଳା, ବାଦପୁର, କେଲୁଆ, ଖଇର, ଖରଣୀପଡା ଉଚ୍ଚବିଦ୍ୟାଳୟର ଶତାଧିକ ଶିକ୍ଷକ ଓ କର୍ମଚାରୀ, ଅଭିବାବକ ଏକାଠି ହୋଇ ବିଭିନ୍ନ ଗ୍ରାମରେ ପଦଯାତ୍ରା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସୁଦୀପ୍ତ କୁମାର ପଟ୍ଟନାୟକ, ଗାଣ୍ଡୁ ପାଣିଗ୍ରାହୀ, ଶିଶିରକାନ୍ତ ପଣ୍ଡା, ସୁରେଶ ପ୍ରଧାନ, ନିରଞ୍ଜନ ରାଉଳ ପ୍ରମୁଖ ଯୋଗ ଦେଇଥିଲେ।




ଗ୍ରାମରେ ପଦଯାତ୍ରା ଚାଲିଛି।

# ଉଦ୍‌ଘାଟନ ଅପେକ୍ଷାରେ ଜନଜାତି ହାଟ

ଦାରିଙ୍ଗବାଡ଼ି,୨୦।୯(ଡି.ଏନ.ଏ)


ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ସାପ୍ତାହିକ ହାଟର ଗୁରୁତ୍ୱ ରହିଛି। ଏବେ ବ୍ରାହ୍ମଣୀଗାଁ ସମେତ ଗଦାପୁର, ବୁଡାଗୁଡ଼ାଠାରେ ସାପ୍ତାହିକ ହାଟ ବସୁଛି। ବହୁ ବର୍ଷ ପୂର୍ବରୁ ସିମନବାଡ଼ିଠାରେ ବସୁଥିବା ହାଟ କୌଣସି କାରଣରୁ ବନ୍ଦ ହୋଇଯାଇଛି। ଏହାର ପୁନରୁଦ୍ଧାର କରିବା ପାଇଁ ସ୍ଥାନୀୟ ସରପଞ୍ଚ ଅମିତା ପ୍ରଧାନ, ନାଏବ ସରପଞ୍ଚ ମୋହନ ପ୍ରଧାନ, ସରପଞ୍ଚଙ୍କ ପ୍ରତିନିଧି ପରମେଶ୍ୱର ପ୍ରଧାନ ପ୍ରମୁଖ ଉଦ୍ୟମ କରୁଛନ୍ତି। ଏଥିପାଇଁ ପଞ୍ଚାୟତର ସମସ୍ତ ୱାର୍ଡ଼ ସଭ୍ୟଙ୍କୁ ନେଇ ହୋଇଥିବା ଏକ ବୈଠକରେ ରେଜୁଲେଶନ କରାଯାଇଥିବା ସରପଞ୍ଚ ପ୍ରଧାନ କହିଛନ୍ତି। ସ୍ୱତନ୍ତ୍ର ଜନଜାତି ଉନ୍ନୟନ ପରିଷଦ ପକ୍ଷରୁ ବ୍ଲକର ସିମନବାଡ଼ି, ବୁଡାଗୁଡ଼ା ଏବଂ ବ୍ରାହ୍ମଣୀଗାଁ ଠାରେ ଜନଜାତି ହାଟ ପାଇଁ ବ୍ୟବସ୍ଥା କରାଯାଇଛି। ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବା ସହ ପାଚେରିରେ ପାରମ୍ପରିକ ଚିତ୍ର ଅଙ୍କାସରିଛି। ଜିଲା ପ୍ରଶାସନ ଏହାକୁ ଉଦ୍‌ଘାଟନ କରାଯିବାକୁ ବାକି ରହିଛି। ଏ ନେଇ ବିଡିଓ ତ୍ରିଲୋଚନ ପାତ୍ର କହିଛନ୍ତି, ହାଟପଦାଠାରେ ପିଇବା ପାଣି ସମେତ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯାଉଛି। ଖୁବ୍‌ଶୀଘ୍ର ଏହାର ଉଦଘାଟନ କରଯିବ। ସୂଚନାଯୋଗ୍ୟ, ଅଞ୍ଚଳର ଜନଜାତିଙ୍କ ଦ୍ୱାରା ଜଙ୍ଗଲରୁ ସଂଗୃହୀତ ସାମଗ୍ରୀ ଏହି ହାଟରେ ବହୁତ ସୁବିଧା ଦରରେ ମିଳେ। ଏଥିସହ ପନିପରିବା, ଅଦା, ହଳଦୀ, ସୋରିଷ, ଡିଳା, ଡାଲି ଜାତୀୟ ଫସଲକୁ ଚାଷୀ ଭଲ ଦରରେ ବିକ୍ରି କରିଥାଏ। ଏପରିକି ବିଭିନ୍ନ ଗାଁରୁ ଉତ୍ପାଦିତ ଫସଲ ଛୋଟ ପସରାରେ ଆଣି କେବଳ ହାଟରେ ବିକ୍ରି କରୁଥିବା ଚାଷୀମାନେ ମଧ୍ୟ ବ୍ୟବସାୟୀ ପାଲଟିଥିବା ନଜିର ରହିଛି। ଅନ୍ୟପକ୍ଷରେ ଗ୍ରାହକମାନେ ସିଧା ଚାଷୀଙ୍କଠାରୁ ସୁବିଧା ଦରରେ ଏସବୁ ନେବାକୁ ସାପ୍ତାହିକ ହାଟ ଉପରେ ନିର୍ଭର କରୁଥିବା ଦେଖାଯାଉଛି।




ସିମନବାଡ଼ିରେ ନିର୍ମାଣ ସରିଥିବା ଜନଜାତି ହାଟ।

## ସଂକ୍ଷେପରେ

### ଭାଜପା ଘୁମୁସର ଜିଲାର ପ୍ରସ୍ତୁତି ବୈଠକ



ଆସିକା,୨୦।୯(ଡି.ଏନ୍.ଏ) ଭାଜପା ଘୁମୁସର ଜିଲା ପକ୍ଷରୁ ଗୁରୁବାର ସ୍ଥାନୀୟ ଅଶୋକା କନଫରେନ୍ସ ହଲଠାରେ ଜିଲାର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଆଲୋଚନା ହୋଇଥିଲା । ଚଳିତ ମାସ ୨୫ ତାରିଖ ଯାଏଁ ହେବାକୁ ଥିବା କାର୍ଯ୍ୟାଞ୍ଜଳି ସେବା ସପ୍ତାହ ମଧରେ ଦଳ ପକ୍ଷରୁ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର ଓ ଅନ୍ୟାନ୍ୟ ସେବା କାର୍ଯ୍ୟକ୍ରମ ଚାଲୁ ରଖିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ସେହିପରି ଅକ୍ଟୋବର ୨ ତାରିଖ ଯାଏଁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ମାଧମରେ କର୍ମୀମାନେ ଘର ଘର ବୁଲି ବାହ୍ୟ ମଳ ତ୍ୟାଗରୁ ନିବୃତ ରହିବା ଲାଗି ସଚେତନତା ସୃଷ୍ଟି କରିବା ସହ ସର୍ବସାଧାରଣ ସ୍ଥାନକୁ ପରିଷ୍କାରରଖିବା କାର୍ଯ୍ୟ ହାତକୁ ନେବା ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଥିସହ ଜିଲାରେ ଦଳୀୟ ସାଂଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଭାଜପା ଘୁମୁସର ଜିଲା ସଭାପତି ସୂର୍ଯ୍ୟନାରାୟଣ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ଅଭିଯାନର ରାଜ୍ୟ ସହସଂଯୋଜକ ମହେଶ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତୀ ପଢିଆରୀ, ଭଗବାନ ପଣ୍ଡା, ବିନାୟକ ତ୍ରିପାଠୀ, ସରୋଜ ସାବତ, ରାଜ୍ୟ ପରିଷଦ ସଦସ୍ୟ ନାରାୟଣ ବେହେରା, ଜିଲା ଉପସଭାପତି ଦୁର୍ଗାଚରଣ ପଟ୍ଟନାୟକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭି.ଆର.କେ. ରାଓ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅହଲ୍ୟା ଜେନା, କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପାତ୍ର, ସାଧାରଣ ସଂପାଦକ ନିଳମାଧବ ପାତ୍ର, ପ୍ରତାପ ନାୟକ, ପୂର୍ବତନ ଜିଲା ସଭାପତି ଉମା ପ୍ରଧାନ, ଜିଲା ଯୁବ ମୋର୍ଚ୍ଚା ସଭାପତି ଶ୍ରୀନିବାସ ଭଞ୍ଜ, ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଶାନ୍ତକୁମାର ଚର୍ଚ୍ଚି, ନାରାୟଣ ହୋତାଙ୍କ ସମେତ ମଣ୍ଡଳ କାର୍ଯ୍ୟକର୍ତ୍ତାମାନେ ସାମିଲ ଥିଲେ ।

### ଗଣେଶ ମେଢ଼ ମେଳନ
### ଏନ୍ଏସି ପ୍ରଶାସନ ଅସହଯୋଗକୁ ନେଇ ଅସନ୍ତୋଷ

ପୁରୁଷୋତ୍ତମପୁର,୨୦।୯(ଡି.ଏନ୍.ଏ.)- ପୁରୁଷୋତ୍ତମପୁର ସହରରେ ଗଣେଶ ମେଢ ମେଳନ ହୋଇ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଗଣେଶ ପୂଜାରେ କେଉଁ ମେଢ କେତେବେଳେ ଭସାଣୀ ହେଉଥିଲା ତାହା ଜଣା ପଡୁ ନ ଥିଲା। ଏହାଦ୍ୱାରା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ପୋଲିସ ପ୍ରଶାସନକୁ ମଧ ହଟହଟା ହେବାକୁ ପଡୁଥିଲା। ଗୋଷ୍ଠୀ ଗୋଷ୍ଠୀ ମଧରେ ବିଶୃଙ୍ଖଳା ସୃଷ୍ଟି ହେଉଥିଲା। ଏହି ସମସ୍ୟା ଦୂର କରିବା ଉଦ୍ଦେଶ୍ୟରେ ଥାନାଧିକାରୀ ଅଜୟ କୁମାର ବାରିକ ସମସ୍ତ ପୂଜାମଣ୍ଡପର କର୍ମକର୍ତ୍ତାଙ୍କୁ ନେଇ ଥାନାରେ ଏକ ବୈଠକ କରି ଭସାଣୀ କାର୍ଯ୍ୟକ୍ରମ କରିଛନ୍ତି। ବୁଧବାର ସହରରେ ପ୍ରାୟ ୨୦ ପୂଜାମଣ୍ଡପର ମେଢ ଶୋଭାଯାତ୍ରାରେ ନରସିଂହ ଦାସ ହାଇସ୍କୁଲ ପଡିଆକୁ ଆସି ଏକତ୍ରିତ ହୋଇଥିଲେ। ସେଠାରେ ମହାମିଳନ ପର୍ବ ଶେଷ ହେବା ପରେ ବିଭିନ୍ନ ପ୍ରକାର ଲୋକ ନୃତ୍ୟ ସହ ବ୍ୟାଣ୍ଡ, ଶଙ୍ଖମହୁରୀରେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଗଣେଶଙ୍କୁ ବିଦାୟ ଦେଇଥିଲେ। ଏହାକୁ ଥାନା ଏସ୍ଆଇ ବିଯୁଟି ମହାନ୍ତି, ଏଏସ୍ଆଇ ରବୀନ୍ଦ୍ରନାଥ ପାଣିଗ୍ରାହୀଙ୍କ ସମେତ ପୁରୁଷୋତ୍ତମପୁର ସବ୍‌ଡିଭିଜନ ଅଧୀନରେ ଥିବା ବିଭିନ୍ନ ଥାନାର କର୍ମଚାରୀଙ୍କ ସମେତ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ମାତ୍ର ଏଭଳି ଏକ ବିରାଟ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏନ୍ଏସି ପ୍ରଶାସନ ମୁଖ୍ୟ ଦାୟିତ୍ୱ ତୁଲାଇବା ବଦଳରେ ହାଇସ୍କୁଲ ମେଳଣ ପଡିଆରେ ଲାଇଟ୍‌ଟିଏ ଲଗାଇନଥିବା ଓ ସହଯୋଗ ଆଦୌ କରିନଥିବାରୁ ସହରବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବର୍ଷାଦିନେ ୧୬ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

■ ରାଉଳ ନଦୀ ପାର ହେବାକୁ ଡଙ୍ଗା ଭରସା
■ ବିପଦପୂର୍ଣ୍ଣ ଭାବେ ପାରି ହେଉଛନ୍ତି ରୋଗୀ, ଛାତ୍ରୀଛାତ୍ର

ତୁମୁଡିବନ୍ଧ,୨୦।୯(ଡି.ଏନ୍.ଏ.)



ଡଙ୍ଗାରେ ନଦୀପାର ହେଉଛନ୍ତି।

ସବୁ ଗାଁକୁ ପକ୍କା ସଡକ, ବିଦ୍ୟୁତ୍, ଶିକ୍ଷା ଭଳି ମୌଳିକ ସୁବିଧା ଉପଲବ୍ଧ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ଏବେବି ବହୁ ଗାଁ ଏଥିରୁ ବାଦ୍ ପଡିଛି। ରାତି ପାହିଲେ ତେଲ ଲୁଣ ହେଉ ବା ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଜୀବନକୁ ବାଜି ଲଗାଇ ଯିବାକୁ ପଡୁଛି। ଏଭଳି ସମସ୍ୟା ଦେଖିବାକୁ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକରେ। ସୁଣ୍ଡିଗଡ ପଞ୍ଚାୟତର ୧୬ଟି ଗ୍ରାମବାସୀ ଯାତାୟାତ ପାଇଁ ଦେଶୀ ଡଙ୍ଗାକୁ ଭରସା କରୁଛନ୍ତି। ରାତି ପାହିଲେ ଛାତ୍ରୀଛାତ୍ର ବିଦ୍ୟାଳୟ ଯିବାକୁ ହେଉ କିମ୍ବା ଗର୍ଭବତୀ ମହିଳା ଓ ଗୁରୁତର ରୋଗୀ ମେଡିକାଲ ଯିବାକୁ ଦେଶୀ ଡଙ୍ଗାକୁ ଭରସା କରିଥାନ୍ତି। ବିପଦଜନକ ସ୍ଥିତିରେ ରାଉଳ ନଦୀ ପାର ହୋଇଥାନ୍ତି।

ସୁଣ୍ଡିଗଡ ପଞ୍ଚାୟତର ୧୬ ଗ୍ରାମକୁ ଯାତାୟାତ ପାଇଁ ଭଲ ରାସ୍ତା ନାହିଁ। ସେହି ଗ୍ରାମଗୁଡିକ ହେଲା କୁତିପଡା, ଦାଗେରିଗାଁ, ସକପିବିରା, ବିକାପାଙ୍ଗା, ବୁଡା କୁଣ୍ଟୁଳି, ଦେଓ ପାଟା, କାଣ୍ଡାମ, ଶ୍ରୀଗୁଣ୍ଡି, ଧୁଳିମୁଣ୍ଡା, ସିର୍କାମାହା, ଗୋଟକାପଦର, ବାଟବାଡି, କେନ୍ଦୁପଡା, ବଡଖଲିଆ, ମାଦା ପାଙ୍ଗାଳ, ଶିଶୁବାଲି ଏହି ୧୬ ଗ୍ରାମରେ ପ୍ରାୟ ୩୦୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ଲୋକ ବସବାସ କରନ୍ତି। ଏହି ୧୬ ଗ୍ରାମକୁ ଯିବାକୁ ହେଲେ ଜୀବନକୁ ବାଜି ଲଗେଇ ଦେଶୀ ଡଙ୍ଗାରେ ରାଉଳ ନଦୀ ପାର ହେବାକୁ ପଡିଥାଏ। ଏହି ଡଙ୍ଗା ଚଳାଇବା ପାଇଁ ୧୬ ଗ୍ରାମବାସୀ ମାସିକ ଟଙ୍କା ଦେଇ ଏକ ନାଉରିଆ ନିଯୁକ୍ତ କରିଛନ୍ତି। ନଦୀ ଉପରେ ପୋଲ ନିର୍ମାଣ କରିବାକୁ ଅନେକଥର ଦାବି କରିଥିଲେ ମଧ ଜନପ୍ରତିନିଧି ପ୍ରାଶାସନ କାହାରି ହେଲେ ଦୃଷ୍ଟି ପଡିନାହିଁ। ଖରାଦିନେ ନଦୀ ଶୁଖିଯାଏ, ମାତ୍ର ବର୍ଷା ଦିନରେ ବନ୍ୟାଜଳ ଆସି ଏହି ଅଞ୍ଚଳ ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଏ। ଚାଉଳ, ଡାଲି, କିରୋସିନ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଓ ସ୍ୱାସ୍ଥ୍ୟସେବା ପାଇଁ ବହୁତ ହଇରାଣ ହୋଇଥାନ୍ତି ଅଞ୍ଚଳବାସୀ। ବିଶେଷକରି ସ୍କୁଲ, କଲେଜ ଛାତ୍ରୀଛାତ୍ର ମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏନେଇ କୁତିପଡା ୱାର୍ଡ ମେମ୍ବର ଜଗନ୍ନାଥ ମାଝୀ ଉକ୍ତ ରାଉଳ ନଦୀର ଡେନେରୀ ଘାଟରେ ପୋଲଟିଏ ନିର୍ମାଣ କରିବାକୁ ରାଜନେତାଠାରୁ ଆରମ୍ଭ କରି ସରକାରୀ ଅଧିକାରୀମାନଙ୍କୁ ଜଣାଇଥିଲୁ, ମାତ୍ର ୨ ବର୍ଷ ହେଲାଣି କିଛି ପଦକ୍ଷେପ ନିଆଯାଇନାହିଁ। ନଦୀପାର ବେଳେ କୌଣସି ଅଘଟଣ ଘଟି ଜନଜୀବନ ହାନି ହେଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ତୁମୁଡିବନ୍ଧ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସାହୁ ବର୍ଷାଦିନେ କେଉଁ ଗ୍ରାମଗୁଡିକୁ ଯାତାୟାତ କରିହୁଏ ନାହିଁ ତାହାର ରିପୋର୍ଟ ଦେବା ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଥିଲା। ସେହି ଅନୁସାରେ ତୁମୁଡିବନ୍ଧ ବ୍ଲକ ତରଫରୁ ରିପୋର୍ଟ ପଠାଇ ଦିଆଯାଇଛି ଆଗାମୀ ଦିନରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ସ୍ତ୍ରୀ ହତ୍ୟା ଘଟଣା
## ଜେଲ ଗଲେ ଅଭିଯୁକ୍ତ ସ୍ୱାମୀ

ମୋହନା,୨୦।୯(ଡି.ଏନ୍.ଏ.)

ଅଡବା ଥାନା ପାଣିଗଣ୍ଡା ପଞ୍ଚାୟତ ବୁଢାଡିହ ଗାଁରେ ମଙ୍ଗଳବାର ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ହତ୍ୟା ଘଟଣାରେ ଅଭିଯୁକ୍ତ ସ୍ୱାମୀ ମିଟୁ ମଣ୍ଡଳଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଅଡବା ଥାନା ଅଧିକାରୀ ମୁକେଶ ଲାକ୍ରା କହିଛନ୍ତି। ଏହି ଘଟଣାରେ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ ପଚରାଉଚରା ଜାରି ରହିଛି। ତଥ୍ୟ ହାସଲ ପରେ ତାଙ୍କୁ ମଧ ଗିରଫ କରାଯିବ ବୋଲି ଅଡବା ଥାନା ଅଧିକାରୀ ମୁକେଶ ଲାକ୍ରା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ମିଟୁ ତାଙ୍କ ପ୍ରଥମ ସ୍ତ୍ରୀ ସୁନ୍ଦରଗଡ ଗାଁର ସସ୍ମିତା ଶବରଙ୍କୁ ଗତ ସୋମବାର ରାତିରେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏନେଇ ତାଙ୍କ ଶଶୁରଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ମିଟୁଙ୍କୁ ଗିରଫ କରିଥିଲା। ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ଭୂମିକାକୁ ନେଇ ସନ୍ଦେହ ଥିବାବେଳେ ତାଙ୍କୁ ମଧ ପଚରାଉଚରା ଜାରି ରହିଛି।

# ପ୍ରଭାବିତ ହେବ ଉନ୍ନୟନ କାର୍ଯ୍ୟ

### ଡିପ୍ଲୋମା ଇଞ୍ଜିନିୟର ସମୂହ ଛୁଟିରେ



ସଂଘର ସଭ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭଞ୍ଜନଗର,୨୦।୯(ଡି.ଏନ.ଏ.)

ଓଡ଼ିଶା ଡ଼ିପ୍ଲୋମା ଇଞ୍ଜିନିୟର ସେବା ସଂଘ ୫ଦଫା ଦାବିନେଇ ମଙ୍ଗଳବାରଠାରୁ ସଂଘର ୮ହଜାର ୫ଶହ ସଭ୍ୟାସଭ୍ୟ ସମୂହ ଛୁଟିରେ ଯାଇଛନ୍ତି। ଭଞ୍ଜନଗର ଉପଖଣ୍ଡରେ ଥିବା ୧୬୫ଜଣ ଡ଼ିପ୍ଲୋମା ଇଞ୍ଜିନିୟର ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ମଙ୍ଗଳବାର ସଂଘର ସଭ୍ୟାସଭ୍ୟ ଭଞ୍ଜନଗର ସହରରେ ବିକ୍ଷୋଭ ସଭା କରିଥିଲେ। ବୁଧବାର ସ୍ଥାନୀୟ ଓଡ଼େଶା ଭବନରେ ଆଗାମୀ ରଣନିତୀ ଉପରେ ଏକ ବୈଠକ ହୋଇଥିଲା। ବୈଠକରେ ଉପଖଣ୍ଡ ସଭାପତି ରଶ୍ମିରଞ୍ଜନ ରଥ ଅଧକ୍ଷତା କରିଥିଲେ। ସମ୍ପାଦକ ପ୍ରସନ୍ନ କୁମାର ସାହୁ ସଂଘର ଆଭିମୁଖ୍ୟ ସମ୍ପର୍କରେ କହିବା ସହ ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ଉପଦେଷ୍ଟା ସନ୍ତୋଷ କୁମାର ଗୌଡ଼, ଅତିରିକ୍ତ ମହାମଣ୍ଡଳ ସମ୍ପାଦକ ବିଜୟ କୁମାର ସାହୁ, କାଳୀଚରଣ ହୋତା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସଂଘର ଏହି ଆନ୍ଦୋଳନ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଫଳରେ ଭଞ୍ଜନଗର ଉପଖଣ୍ଡରେ ଉନ୍ନୟନ କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା ରହିଛି। ପଞ୍ଚାୟତିରାଜ ବିଭାଗ ଅଧୀନରେ କାର୍ଯ୍ୟରତ ଜିପିଟିଏ ଏବଂ କନିଷ୍ଠ ଯନ୍ତ୍ରୀ-୨କୁ ନିୟମିତ କରିବା। ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ଦେବା। ଡିପ୍ଲୋମା ଇଞ୍ଜିନିୟରମାନଙ୍କୁ ଉପଯୁକ୍ତ ହାରରେ ଆର୍‌ଏସିପି ପ୍ରଦାନ ଏବଂ କ୍ୟାଡ଼ର ପୁର୍ନଗଠନ। ଅଣ ଇଞ୍ଜିନିୟର ବିଭାଗରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟରମାନଙ୍କ କ୍ୟାଡ଼ର ପୁର୍ନଗଠନ ପ୍ରମୁଖ ଦାବି ରହିଛି।

### ଶ୍ରମିକ ପଞ୍ଜୀକରଣ ପାଇଁ ଆଇନ ସଚେତନତା ଶିବିର

ମୋହନା,୨୦।୯(ଡି.ଏନ୍.ଏ.)

ମୋହନାଠାରେ ଥିବା ବିଜୁ କଲ୍ୟାଣ ମଣ୍ଡପରେ ଜିଲା ଆଇନ ପ୍ରାଧିକରଣ ସେବା ସମିତି ପକ୍ଷରୁ ନୂତନ ଶ୍ରମିକ ପଞ୍ଜୀକରଣ ପାଇଁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ଗୀତା ଦାସ, ମୋହନା ବ୍ଲକ ଏବିଡିଓ ଲିଙ୍ଗରାଜ ସାହୁ, ଡବ୍ଲ୍ୟୁଇଓ ସୀମାଞ୍ଚଳ ବେହେରା, ଜିଲା ଶ୍ରମିକ ଅଧିକାରୀ ସୁବାସ ଚନ୍ଦ୍ର ମଣ୍ଡଳ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମ୍ପାଦକ ଗୀତା ଦାସ ଉପସ୍ଥିତ ସ୍ୱୟଂ ସହାୟିକା ଦଳ, ଶ୍ରମିକ, ଦିନ ମଜୁରିଆ ଓ ସାଧାରଣ ଲୋକଙ୍କୁ ଅଣସଂଗଠିତ ଶ୍ରମିକ ମାନଙ୍କୁ ଶ୍ରମିକ କାର୍ଡ, ପଞ୍ଜୀକରଣ ବିନା ଖର୍ଚ୍ଚରେ ଆଇନ ସେବା, ଶ୍ରମିକ ମାନଙ୍କ ବିଭିନ ଅଭାବ ଅସୁବିଧା ସମ୍ପର୍କରେ ବୁଝାଇଥିଲେ। କୌଣସି ବ୍ୟକ୍ତି ନୂତନ ପଞ୍ଜୀକରଣ ପାଇଁ ଲାଞ୍ଚ ମାଗିଲେ ତୁରନ୍ତ ଆଇନ ସେବା ସମିତକୁ ଜଣାଇବାକୁ କହିଥିଲେ। ଏହି ଶିବିରରେ ମୋହନା ଥାନା କର୍ମଚାରୀ, ଜିଲା କୋର୍ଟ ଓ ମୋହନା କୋର୍ଟ କର୍ମଚାରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।

### ଜିଲାପାଳଙ୍କୁ ଶିକ୍ଷକ ସଂଘର ସ୍ମାରକପତ୍ର ପ୍ରଦାନ



ଶିକ୍ଷକ ସଂଘ କାର୍ଯ୍ୟକର୍ତ୍ତାମାନେ।

ଦିଗପହଣ୍ଡି,୨୦।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୬ ଦଫା ଦାବିପୂରଣ ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ରାଜ୍ୟ ପ୍ରାଥମିକ ଓ ଗଣଶିକ୍ଷା ନିର୍ଦ୍ଦେଶକଙ୍କ ଚିଠି (ନଂ.୧୬୭୨୪/୧୨.୭.୧୮) ଅନୁଯାୟୀ ବିଦ୍ୟାଳୟ ସମୟ ସାରଣୀ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ଯାଏଁ ଉଲ୍ଲେଖ ରହିଛି। ମାତ୍ର ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତ୍ୟେକ ବିଦ୍ୟାଳୟ ପୂର୍ବାହ୍ନ ସାଢ଼େ ୯ଟାରୁ ଅପରାହ୍ନ ୫ଟା ଯାଏଁ ଚାଲୁ ରହିବ ବୋଲି ଅଗଷ୍ଟ ୨୧ ତାରିଖରେ ଚିଠି କରାଯାଇଛି। ଏଭଳି ନିର୍ଦ୍ଦେଶନାମାକୁ ଗଞ୍ଜାମ ଜିଲା ମିଳିତ ପ୍ରାଥମିକ ଶିକ୍ଷକ ସଂଘ ବିରୋଧ କରିଛି । ଜିଲା ସଂଘର ନିଷ୍ପତ୍ତିକୁ ଦିଗପହଣ୍ଡି ବ୍ଲକ ଶିକ୍ଷକ ସଂଘ ମଧ ସମର୍ଥନ ଘୋଷଣା କରିଛି । ସେହିପରି ଗୁରୁ ଦିବସ କାର୍ଯ୍ୟକ୍ରମକୁ ଗୁରୁ ଦକ୍ଷିଣା ଦିବସ ପାଳନ ନାଁରେ ପାଣ୍ଠି ସଂଗ୍ରହ ନିଷ୍ପତ୍ତିକୁ ସଂଘ ତୀବ୍ର ବିରୋଧ କରିଛି। ମଧ୍ୟାହ୍ନଭୋଜନ ପରିଚାଳନାରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକମାନଙ୍କୁ ଅବ୍ୟାହତି ଦିଆଯିବା, ବିଦ୍ୟାଳୟରେ ସଫେଇ କର୍ମଚାରୀ ନିଯୁକ୍ତି ଦେବାକୁ ଦାବି ଉଲ୍ଲେଖ କରାଯାଇଛି। ବ୍ଲକ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବାଳା ମାଝିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷକ ସଂଘ ବ୍ଲକ ଶାଖା ସଭାପତି ଦାମୋଦର ପାଢ଼ୀ, ସମ୍ପାଦକ ଗଣେଶ ଚନ୍ଦ୍ର ପାଢ଼ୀ, କାର୍ଯ୍ୟକର୍ତ୍ତା ସନାତନ ପଟ୍ଟନାୟକ, ବାୟା ଗୌଡ଼, ଏଲ. କୃଷ୍ଣମୂର୍ତ୍ତି, ଗଣଶିକ୍ଷକ ସଂଘ ବ୍ଲକ ଶାଖା ସଭାପତି ବିଜୟ କୁମାର ଗୌଡ଼, ସମ୍ପାଦକ ମୃତ୍ୟୁଞ୍ଜୟ ଗୌଡ଼ଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ଜିଲାପରିଷଦ ଭବନ କାର୍ଯ୍ୟ ଅନୁଧ୍ୟାନ କଲେ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ



ରାଜ୍ୟ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଅନୁଧ୍ୟାନ କରୁଛନ୍ତି।

ଛତ୍ରପୁର,୨୦।୯(ଡି.ଏନ.ଏ.)

ରାଜ୍ୟ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ଗୁରୁବାର ଦିନିକିଆ ଗଞ୍ଜାମ ଜିଲା ଗସ୍ତରେ ଆସି ଛତ୍ରପୁରରେ ନବନିର୍ମିତ ଜିଲାପରିଷଦ ଭବନ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଜିଲାପରିଷଦ ଭବନର ବାକି ଥିବା କାର୍ଯ୍ୟ ଶୀଘ୍ର ସାରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲାପରିଷଦ ଭବନ ୮ କୋଟି ଟଙ୍କା ବ୍ୟୟରେ ରାସ୍ତା ଓ କୋଠାବାଡି ବିଭାଗ ପକ୍ଷରୁ ଠିକାଦାରଙ୍କ ଜରିଆରେ ନିର୍ମାଣ କରାଯାଉଛି। ମୁଖ୍ୟମନ୍ତ୍ରୀ ଏହାର ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି। ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଓ ଗଞ୍ଜାମ ଜିଲାପାଳଙ୍କ ରିପୋର୍ଟକୁ ଆଧାର କରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଚୂଡାନ୍ତ ହେବ ବୋଲି ସୂଚନା ମିଳିଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ଡିଆରଡିଏ ଏପିଡି ପ୍ରିୟ ରଞ୍ଜନ ପୃଷ୍ଟି, ଏପିଡି (ବୈଷୟିକ) କୃଷ୍ଣଚନ୍ଦ୍ର ପଣ୍ଡା, ସହକାରୀ ଯନ୍ତ୍ରୀ ପ୍ରମୋଦ ଚନ୍ଦ୍ର ନାୟକଙ୍କ ସମେତ ରାସ୍ତା ଓ କୋଠାବାଡି ଏବଂ ଡିଆରଡିଏର ଯନ୍ତ୍ରୀମାନେ ଅନୁଧ୍ୟାନ ବେଳେ ଉପସ୍ଥିତ ଥିଲେ।

### ବିଶ୍ୱକର୍ମା ଭସାଣି

ପାରଳାଖେମୁଣ୍ଡି, ୨୦।୯(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ଆରୋଗ୍ୟ ସାହି ପୂଜା କମିଟି ପକ୍ଷରୁ ବିଶ୍ୱକର୍ମାଙ୍କ ଭସାଣି ଉତ୍ସବ ସମ୍ପନ୍ନ ହୋଇଛି। ଏକ ଶୋଭାଯାତ୍ରରେ ଠାକୁରଙ୍କ ମେଢକୁ ନିଆଯାଇ ସହର ପରିକ୍ରମା କରାଯିବା ପରେ ସ୍ଥାନୀୟ ମହେନ୍ଦ୍ରତନୟା ନଦୀରେ ବିସର୍ଜନ କରାଯାଇଛି। ଏହି ଅବସରରେ ରାସ୍ତା ସାରା ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟାଯାଇଥିଲା । ସେହିପରି ସହରର ଅନ୍ୟ କେତେକ ପୂଜା କମିଟି ପକ୍ଷରୁ ମଧ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

### କାର୍ଯ୍ୟରେ ଯୋଗଦେଲେ ଆଉ ୨ ନୂତନ ଶିକ୍ଷକ

ରାୟଗଡ଼ (ଗଜପତି), ୨୦।୯(ଡି.ଏନ.ଏ.)

ଗଜପତି ଜିଲା ରାୟଗଡ ବ୍ଲକର କଇଠପଦର ଆଦର୍ଶ ବିଦ୍ୟାଳୟରେ ଆଉ ୨ଜଣ ନୂତନ ଶିକ୍ଷକ ଗୁରୁବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଫଳରେ ନବନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ଇଂଲିଶ ଭାଷା ଶିକ୍ଷକ ମାନସ ରଞ୍ଜନ ଡାକୁଆ ଓ କ୍ରୀଡ଼ା ଶିକ୍ଷକ ପ୍ରମୋଦ କୁମାର ପଟ୍ଟନାୟକ ଏଠାରେ ନିଯୁକ୍ତି ପାଇଛନ୍ତି।

## ରାଜ୍ୟସ୍ତରୀୟ କବାଡ଼ିକୁ ମନୋନୀତ ହେଲେ ୪ ଖେଳାଳି

ବୁଗୁଡ଼ା,୨୦।୯(ଡି.ଏନ.ଏ.)

ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଭାଗ ନେବା ପାଇଁ ପିପୁଲସ୍ ହାଇସ୍କୁଲ ବୁଗୁଡ଼ାର ୪ ଜଣ ଖେଳାଳି ଚୟନ ହୋଇଥିବା ଜଣାପଡ଼ିଛି। ବୁଧବାର ବ୍ରହ୍ମପୁର ଷ୍ଟାଡିୟମରେ ଅନୁଷ୍ଠିତ ଜିଲାସ୍ତରୀୟ ସମୂହ କବାଡ଼ି ପ୍ରତିଯୋଗିତାରେ ୧୧ ଜଣ ମନୋନୀତ ହୋଇ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚୟନ ହୋଇଛନ୍ତି। ସେଥିମଧ୍ୟରୁ କବାଡ଼ି ୧୭ ବର୍ଷରୁ କମ ବାଳକ ଦଳରେ ପିପୁଲସ ହାଇସ୍କୁଲ ବୁଗୁଡ଼ାର ରାକେଶ ଦାଶ, ଅଶୋକ କୁମାର ସାହୁ ଓ ରାଜେଶ ସାହୁ ଏବଂ କବାଡ଼ି ୧୪ ବର୍ଷରୁ କମ ବାଳକ ବିଭାଗରେ ପିପୁଲସ ହାଇସ୍କୁଲ ବୁଗୁଡ଼ାର ରାକେଶ ସାହୁ ଅଛନ୍ତି। ଏମାନଙ୍କର କୋଚ ଭାବେ କ୍ରୀଡ଼ା ଶିକ୍ଷକ ବିଶ୍ୱେଶ୍ୱର ଗିରି ଦାୟିତ୍ୱ ନେଇଥିଲେ।

## ବ୍ଲକ ସମ୍ମୁଖରେ ଜନପ୍ରତିନିଧିଙ୍କ ଧାରଣା

### ବୈଠକ, ଉନ୍ନୟନ କାର୍ଯ୍ୟ ନେଇ ସୂଚନା ଦିଆ ଯାଉ ନ ଥିବା ଅଭିଯୋଗ

ବାଲିଗୁଡା,୨୦।୯(ଡି.ଏନ୍.ଏ.)



ଧାରଣାରେ ବସିଥିବା ଜନ ପ୍ରତିନିଧି।

ବାଲିଗୁଡା ବ୍ଲକ ମୁଖ୍ୟ ଫାଟକ ସମ୍ମୁଖରେ ଗୁରୁବାର ୧୬ ନଂ. ଜୋନ ଜିଲା ପରିଷଦ ସଭ୍ୟ କିଆସିଂ ମଲିକ, ବ୍ଲକ ଉପାଧକ୍ଷା ମିନତି ସୁନା ଓ ମିଡିଆକିଆ ନାଏବ ସରପଞ୍ଚ ସୁଚ୍ରି ମଲିକ ଧାରଣାରେ ବସିଥିଲେ। ବ୍ଲକ ତରଫରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ବୈଠକର ସୂଚନା ଏମାନଙ୍କୁ ଦିଆ ଯାଉ ନ ଥିବା ପ୍ରତିବାଦରେ ଧାରଣା ଦେଇଥିବା କହିଥିଲେ। ଜିଲା ପରିଷଦସଭ୍ୟ ମଲିକ କହିଛନ୍ତି ଯେ, ବ୍ଲକ ତରଫରୁ ହେଉଥିବା ବୈଠକ ବାବଦରେ ଆମକୁ କୌଣସି ସୂଚନା ଦିଆଯାଉ ନାହିଁ, ବିଭିନ୍ନ କାର୍ଯ୍ୟକ୍ରମରେ ମଧ ଆମକୁ ସାମିଲ କରାଯାଉ ନାହିଁ। ଆମେ କଂଗ୍ରେସ ଦଳର ହୋଇଥିବାରୁ ଅଣଦେଖା କରାଯାଉଛି ବୋଲି ସେ ଅଭିଯୋଗ କରିଥିଲେ। ଯଦି ଆମ ଦାବି ପ୍ରତି ଦୃଷ୍ଟି ଦିଆ ନ ଯାଏ ଆଗାମୀ ଦିନରେ ସମସ୍ତ ସରପଞ୍ଚ,ସମିତିସଭ୍ୟ ଓ ପଞ୍ଚାୟତବାସୀଙ୍କୁ ନେଇ ଧାରଣାରେ ବସିବୁ ବୋଲି କହିଥିଲେ ଏହି ୩ ଜନପ୍ରତିନିଧି। ବିଡିଓ ନରେଶ ଚନ୍ଦ୍ର ଶବର ଧାରଣା ସ୍ଥଳକୁ ଯାଇ ସେମାନଙ୍କ ସହ ଆଲୋଚନା କରିବା ସହ ବ୍ଲକ ତରଫରୁ ସମସ୍ତ ସୂଚନା ଚିଠି ମାଧମରେ ସମସ୍ତଙ୍କୁ ଜଣାଯାଉଛି, ଆମ କର୍ମଚାରୀଙ୍କ ମାଧମରେ ସମସ୍ତଙ୍କ ପାଖକୁ ଚିଠି ପଠାଯାଏ। ଆଗାମୀ ଦିନରେ ଚିଠି ନେଉଥିବା କର୍ମଚାରୀ ଚିଠି ପହଞ୍ଚାଉଛନ୍ତି କି ନାହିଁ ସେ ନେଇ ଦୃଷ୍ଟି ଦିଆଯିବ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଗାଈଙ୍କୁ 'ରାଷ୍ଟ୍ର ମାତା'ର ମାନ୍ୟତା ଦେବା ନେଇ ଉତ୍ତରାଖଣ୍ଡ ବିଧାନସଭାରେ ଦିଆଯାଇଥିବା ପ୍ରସ୍ତାବ ଉପରେ ବୁଧବାର ସର୍ବସମ୍ମତି କ୍ରମେ ଅନୁମୋଦନ ମିଳିଛି। ତେବେ ମଞ୍ଜୁରୀ ପ୍ରଦାନ ପାଇଁ ଏହାକୁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯିବ। ଏହି ପ୍ରସ୍ତାବକୁ ବିରୋଧୀ କଂଗ୍ରେସ ସମର୍ଥନ କରିଥିବା ବେଳେ ଗାଈଙ୍କ ସୁରକ୍ଷା ପ୍ରତି ମଧ୍ୟ ଦୃଷ୍ଟି ଦିଆଯିବା ଜରୁରୀ ବୋଲି ଦଳ କହିଛି।

## ସଂକ୍ଷେପରେ

### ପ୍ରାଥମିକ ଶିକ୍ଷକ ମହାସଂଘର ମହାସମାବେଶ ସ୍ଥଗିତ

**ଭୁବନେଶ୍ୱର, ୨୦।୯(ବ୍ୟୁରୋ):** ୬ଦଫା ଦାବି ନେଇ ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଶୁକ୍ରବାରଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ହେବାକୁ ଥିବା ମହାସମାବେଶକୁ ସାମୟିକ ସ୍ଥଗିତ ରଖାଯାଇଛି। ମହାସଂଘ ପକ୍ଷରୁ ଅନୁଷ୍ଠିତ ଏକ ଜରୁରୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ପଦକ୍ଷେପ ଖୁବ୍‌ଶୀଘ୍ର ଜଣାଇ ଦିଆଯିବ ବୋଲି ମହାସଂଘର ଆବାହକ ବଙ୍କିମ ଚନ୍ଦ୍ର ସାଗର ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

### ସୋମବାର ଯାଏ ଚାଲିବ ଆଇନଜୀବୀଙ୍କ ଆନ୍ଦୋଳନ

**କଟକ ଅଫିସ, ୨୦।୯:** ମାଡ଼ ଘଟଣାକୁ ନେଇ ପୋଲିସ-ଆଇନଜୀବୀଙ୍କ ମଧ୍ୟରେ ଉପୁଜିଥିବା ବିବାଦ ଜାରି ରହିଛି। ଏହାକୁ ନେଇ ଆଇନଜୀବୀମାନେ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଇତିମଧ୍ୟରେ ୨୩ ଦିନରେ ପହଞ୍ଚିଛି। ଗୁରୁବାର ଓଡ଼ିଶା ହାଇକୋର୍ଟ ବାର୍ ପକ୍ଷରୁ ବାର୍ ସମ୍ମିଳନୀ କକ୍ଷରେ ସାଧାରଣ ପରିଷଦ ବୈଠକ ବସିଥିଲା। ସୋମବାର ଯାଏ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଉକ୍ତଦିନ ଆଉଏକ ବୈଠକ ବସି ପରବର୍ତ୍ତୀ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ। ଅନ୍ୟପକ୍ଷରେ ଏ ନେଇ ଏକ ଷ୍ଟିୟରିଂ କମିଟି ଗଠନ କରାଯାଇଛି। ଏଥିରେ କଟକର ସମସ୍ତ ବାର୍ ସଭାପତି, ସମ୍ପାଦକଙ୍କ ସମେତ ବହୁ ଆଇନଜୀବୀଙ୍କୁ ସଦସ୍ୟ ରଖାଯାଇଛି। ହାଇକୋର୍ଟ ବାର୍ ସମ୍ପାଦକ ସତ୍ୟବ୍ରତ ମହାନ୍ତି ଷ୍ଟିୟରିଂ କମିଟିର ଆବାହକ ରହିଛନ୍ତି। ହାଇକୋର୍ଟ ବାର୍ ସଭାପତି ତଥା ବରିଷ୍ଠ ଆଡ୍‌ଭୋକେଟ ଶ୍ରୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ପୋଲିସର କାର୍ଯ୍ୟଧାରାକୁ ନିନ୍ଦା କରାଯାଇଥିଲା। ଅଦ୍ୟାବଧି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବାରୁ ଉପସ୍ଥିତ ଆଇନଜୀବୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଏହି ଘଟଣାରେ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାର ଶୁଣାଣି ସୋମବାର କରାଯିବ। ସୂଚନାଥାଉକି, ଅଗଷ୍ଟ ୨୮ରେ ଦେବୀ ପ୍ରସାଦ ପଟ୍ଟନାୟକ ନାମକ ଜଣେ ଆଇନଜୀବୀଙ୍କୁ ପୋଲିସ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଅଗଷ୍ଟ ୨୯ ତାରିଖରୁ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି।

### ୧୩ ଚିକିତ୍ସାଳୟରେ ଡାଏଲିସିସ୍ ଯନ୍ତ୍ରାଂଶ ନାହିଁ

#### ୨୭୫ ଦନ୍ତ ଚିକିତ୍ସକ ପଦ ଖାଲି

**ଭୁବନେଶ୍ୱର,୨୦।୯(ବ୍ୟୁରୋ):** ରାଜ୍ୟର ବିଭିନ୍ନ ସରକାରୀ ଡାକ୍ତରଖାନାରେ ୧୬୦୯ ପଦବୀ ଖାଲିପଡିଛି। ସୁପର ଟାଇମ୍ ଗ୍ରେଡ୍ ତଥା ସ୍ୱତନ୍ତ୍ର ସଚିବ ପାହ୍ୟାର ମଞ୍ଜୁରିପ୍ରାପ୍ତ ୨ଟି ପଦବୀ ଖାଲିପଡିଛି। ବରିଷ୍ଠ ପ୍ରଶାସନିକ ଗ୍ରେଡ୍‌ର ମଞ୍ଜୁରିପ୍ରାପ୍ତ ସମସ୍ତ ୧୨ଟି ପଦବୀ ଖାଲିପଡିଛି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଗୁରୁବାର ବିଧାନସଭାରେ ଶାସକ ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନରେ ଏହି ତଥ୍ୟ ରଖିଛନ୍ତି। ସେହିପରି ଅତିରିକ୍ତ ନିର୍ଦ୍ଦେଶକ ପାହ୍ୟା-୧ର ମଞ୍ଜୁରିପ୍ରାପ୍ତ ୪୫ ପଦବୀରୁ ୬, ପାହ୍ୟା-୨ର ୧୩୧ଟି ପଦବୀ ଖାଲିପଡିଛି। ଯୁଗ୍ମ ସଚିବ ପଦର ୨୩୪ଟି ପଦବୀ, ଗ୍ରେଡ୍-ଏ ବରିଷ୍ଠ ଶ୍ରେଣୀୟ ୧୨୧୧ ପଦବୀ, କନିଷ୍ଠ ଶ୍ରେଣୀୟ ୮୨୨ ପଦବୀ ଖାଲିରହିଛି। ମଞ୍ଜୁରିପ୍ରାପ୍ତ ମୋଟ୍ ପଦବୀର ପ୍ରାୟ ୨୪ ପ୍ରତିଶତ ଖାଲି ପଡିଥିବା ମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ ହୋଇଛି। ରାଜ୍ୟରେ ଥିବା ମୋଟ ୪୩୮ ପଦବୀ ମଧ୍ୟରୁ ୨୭୫ ଖାଲିପଡିଛି। ନିକଟରେ ମୁଖ୍ୟମନ୍ତ୍ରୀ ଶତାଧିକ ଦନ୍ତ ଚିକିତ୍ସକଙ୍କ ନିଯୁକ୍ତି ନେଇ ଘୋଷଣା କରିଛନ୍ତି। ସେହିପରି ରାଜ୍ୟରେ ଚଳିତ ସେପ୍ଟେମ୍ବର ପହିଲା ସୁଦ୍ଧା ନିଯୁକ୍ତ ହୋଇଥିବା ୪୯୮ ଡାକ୍ତରଙ୍କୁ ଠିକା ନିଯୁକ୍ତି ଦିଆଯାଇଛି। ଏମାନଙ୍କୁ ନିୟମିତ କରିବା ପାଇଁ କୌଣସି ବ୍ୟବସ୍ଥା ନ ଥିବା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ସେହିପରି ୧୩ଟି ଚିକିତ୍ସାଳୟରେ ଡାୟାଲିସିସ୍ ମେଶିନ୍ (ଯନ୍ତ୍ରାଂଶ) ନାହିଁ। ଏହି ସେବା ଯଥାଶୀଘ୍ର ଯୋଗାଇଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଚେଷ୍ଟା କରୁଛି। ସେହିପରି ରାଜ୍ୟରେ ବ୍ଲକ୍‌ୱାରି ଆମ୍ବୁଲାନ୍ସ ଯୋଗାଣ ବ୍ୟବସ୍ଥା ନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀ ଜେନା ଭାଜପା ବିଧାୟିକା ରାଧାରାଣୀ ପଣ୍ଡାଙ୍କ ଏକ ଅଣତାରକା ପ୍ରଶ୍ନରେ ଏହି ଉତ୍ତର ରଖିଛନ୍ତି। ରାଜ୍ୟର ୨୫ଟି ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ-ଘରୋଇ ସହଭାଗିତାରେ ଡାୟାଲିସିସ୍ ଯୋଗାଇଦେବା ପାଇଁ ପଦକ୍ଷେପ ନିଆଯାଉଥିବା ଜଣାପଡିଛି।

■ କୃଷିଭବନ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ଚାଷୀଙ୍କ ପରିଶ୍ରମ ଆମ ପାଇଁ ସୁନାମ ଆଣିଛି

ଭୁବନେଶ୍ୱର୨୦।୯(ବ୍ୟୁରୋ)

୨୦୦୦ ମସିହାରେ ରାଜ୍ୟବାସୀ ମୋତେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେଇଥିଲେ। ସେତେବେଳେ ଖାଦ୍ୟ ନିରାପତ୍ତା ପାଇଁ ପଞ୍ଜାବ ଓ ହରିୟାଣାରୁ ଟ୍ରେନ୍ ର୍ୟାକ୍ ଜରିଆରେ ଓଡିଶାକୁ ଖାଦ୍ୟ ଶସ୍ୟ ଆସୁଥିଲା। ବର୍ତ୍ତମାନ କିନ୍ତୁ ପୂର୍ବାପେକ୍ଷା ବହୁ ପରିବର୍ତ୍ତନ ହୋଇଛି। ଚାଷୀଙ୍କ ପରିଶ୍ରମ ଆମମାନଙ୍କ ପାଇଁ ସୁନାମ ଆଣି ଦେଇଛି। ରାଜ୍ୟକୁ ଚାରିଥର କେନ୍ଦ୍ର ସରକାରଙ୍କ ପକ୍ଷରୁ କୃଷି କର୍ମଣ ପୁରସ୍କାର ମିଳିଛି। ଓଡିଶା ଏବେ ସାରା ଦେଶକୁ ଖାଦ୍ୟ ଯୋଗାଉଛି। ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍)ରେ ଓଡିଶା ଦେଶର ତୃତୀୟ ବୃହତ୍ ରାଜ୍ୟ। ମୋର ବିଶ୍ୱାସ, ଆମ ଚାଷୀ ଭାଇମାନେ ଆଗକୁ ମଧ୍ୟ ନୂତନ ଜ୍ଞାନକୌଶଳ ଦ୍ୱାରା ଅଧିକ ସୁନାମ ଆଣିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଭୁବନେଶ୍ୱର ସ୍ଥିତ ଗୋପବନ୍ଧୁ ମାର୍ଗରେ ଥିବା କୃଷିଭବନକୁ ଗୁରୁବାର ଅପରାହ୍ନ ୧୨.୩୦ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ୨୦୧୧ ମସିହାରେ ଓଡିଶା ପ୍ରଥମ ଥର ପାଇଁ କୃଷି କର୍ମଣ ପୁରସ୍କାର ପାଇଥିଲା। ତତ୍କାଳୀନ କୃଷିମନ୍ତ୍ରୀ ଏବଂ ବିଭାଗୀୟ ସଚିବ ସଚିବାଳୟରେ ମୋତେ ଭେଟିଥିଲେ। ରାଜ୍ୟକୁ ମିଳିଥିବା ପୁରସ୍କାର ମୋତେ ପ୍ରଦାନ କରିଥିଲେ। ସେତେବେଳେ କୃଷି କର୍ମଣ ପୁରସ୍କାର ବାବଦକୁ ରାଜ୍ୟକୁ ୨କୋଟି ଟଙ୍କା ମିଳିଥିଲା। ସେହିଦିନ ହିଁ ନିଷ୍ପତ୍ତି ନେଇଥିଲି, ଏ ପୁରସ୍କାର ଟଙ୍କା ରାଜ୍ୟର ଚାଷୀମାନଙ୍କ ପାଇଁ ଖର୍ଚ୍ଚ ହେବ। ଆମ ଚାଷୀ ଭାଇମାନେ ଚାରିଥର ଆମ ପାଇଁ ପୁରସ୍କାର ଆଣିଛନ୍ତି। ପୁରସ୍କାର ଟଙ୍କା ବାବଦକୁ ଆମେ ୧୭କୋଟି ଟଙ୍କା ପାଇଛୁ। ଏସବୁ ଟଙ୍କାକୁ କୃଷି ଭବନରେ ହିଁ ବ୍ୟବହାର କରାଯାଇଛି। ନିର୍ମିତ ହୋଇଥିବା କୃଷିଭବନର ଗୋଟିଏ ଗୋଟିଏ ଇଟା ରାଜ୍ୟର ଚାଷୀମାନଙ୍କ ସଫଳତାର କଥା କହୁଛି। ଏହା ଚାଷୀ ଭାଇମାନଙ୍କ ଭବନ। ଏହି ଭବନ ମାଧ୍ୟମରେ ଚାଷୀମାନଙ୍କୁ ସମସ୍ତ ପ୍ରକାର ସୁବିଧା ମିଳିପାରିବ। ଏହା ଚାଷୀ ଭଉଣୀ, ଭାଇମାନଙ୍କ ସଶକ୍ତୀକରଣ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ହୋଇପାରିଛି। ମୁଁ ଆଶା କରୁଛି, ଚାଷୀଙ୍କୁ ଅଧିକ ଦକ୍ଷତାର ସହ ସେବା ଯୋଗାଇବାରେ କୃଷି ବିଭାଗ ସଫଳ ହେବ। ଚାଷୀମାନଙ୍କ ସୁଖ ଦୁଃଖରେ ତାଙ୍କ ସହ ସବୁବେଳେ ଅଛି। ସବୁବେଳେ ରାଜ୍ୟର ବିଭିନ୍ନ ଅଞ୍ଚଳର ଚାଷୀଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣୁଛି। ଚାଷୀମାନଙ୍କ କଲ୍ୟାଣ ପାଇଁ ଆମେ ସଙ୍କଳ୍ପର ସହ କାମ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ, ବିଧାୟକ, ବିଭାଗୀୟ ସଚିବ ଓ ନିର୍ଦ୍ଦେଶକଙ୍କ ସହ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ୪ଶହ ଚାଷୀ ଯୋଗଦାନ କରିଛନ୍ତି।

ଏହି କୃଷିଭବନଟି ଦେଶୀୟ କପଡାରେ ଇକତ୍ ଢାଞ୍ଚାରେ ନିର୍ମାଣ କରାଯାଇଛି। ଓଡିଶାର କୃଷି ପରମ୍ପରାରେ ଥିବା ବିଷୟବସ୍ତୁକୁ ଉଦ୍ୟୋଗରେ ପ୍ରଦର୍ଶିତ କରାଯାଇଛି। ଏକଲକ୍ଷ ୩୦ହଜାର ବର୍ଗଫୁଟ ଜାଗାରେ ଏହି ଭବନ ନିର୍ମାଣ ହୋଇଛି। ଏଠାରେ ଓଡିଶାର ସାଂସ୍କୃତିକ ଲୋକକଳାର ଏକ ପ୍ରାକୃତିକ ପରିବେଶ ସୃଷ୍ଟି କରାଯାଇଛି। ସେଠାରେ ଏକ ଉଦ୍ୟାନ ରହିଛି। ଉଦ୍ୟାନରେ ଜଳସେଚନ ନଳୀ, ବର୍ଷାଜଳ ଅମଳ, ମୃତ୍ତିକା ସମସ୍ୟା ସମାଧାନ ଏବଂ ଫସଲ ଉତ୍ପାଦନ ବୃଦ୍ଧି ନିମନ୍ତେ ଜୈବିକ କୃଷିର ପ୍ରସାର ସମ୍ବନ୍ଧୀୟ ଦୃଶ୍ୟାବଳୀ ସ୍ଥାନିତ ହୋଇଛି। କୃଷି ଭବନ ଢାଞ୍ଚାରେ ଶିକ୍ଷାପ୍ରଦ କଳା ଓ ଛାତ ଉପରେ ସଘନ ବଗିଚା ରହିଛି। ଏହି ଭବନ ବାହାର ପାର୍ଶ୍ୱ ଏଭଳି ଇଟାରେ ନିର୍ମିତ କରାଯାଇଛି ତାହା ଏକ ସୌର ଛାୟା ସୃଷ୍ଟି କରିପାରିବ।



କୃଷିଭବନ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ଅନ୍ୟ ମନ୍ତ୍ରୀ, ବିଧାୟକ ଓ ଅଧିକାରୀମାନେ।

# ବୈଜୟନ୍ତ, ଅଭିଜିତ, ଆରତିଙ୍କ ନାଁରେ କୋର୍ଟରେ ମାମଲା

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

କୋଣାର୍କ ମନ୍ଦିର, ଶ୍ରୀଜଗନ୍ନାଥ ମହାପ୍ରଭୁ ଏବଂ ଓଡିଶାବାସୀଙ୍କ ସମ୍ପର୍କରେ ଅପଶବ୍ଦ ପ୍ରୟୋଗ କରିଥିବା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ୨ ସହଯୋଗୀ ଅଭିଜିତ ଆୟର ମିତ୍ର ଓ ଆରତି ଟିକୁ ସିଂଙ୍କ ନାଁରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ମାମଲା ରୁଜୁ ହୋଇଛି। ଆଇନଜୀବୀ ଲଲାଟେନ୍ଦୁ ଦାସଙ୍କ ପକ୍ଷରୁ ଏହି ମାମଲା(୧ସିସି୩୬୦୯/୨୦୧୮) ଦାଏର କରାଯାଇଛି। ମାମଲାରେ ବୈଜୟନ୍ତଙ୍କୁ ମଧ୍ୟ ଯୋଡ଼ାଯାଇଛି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୧୮ ତାରିଖରେ ବୈଜୟନ୍ତଙ୍କ ବନ୍ଧୁ ଅଭିଜିତ ଓ ଆରତି ଓଡ଼ିଶା ଭ୍ରମଣରେ ଆସିଥିଲେ। କୋଣାର୍କ, ପୁରୀ ଶ୍ରୀମନ୍ଦିର ଏବଂ ଓଡିଶାବାସୀଙ୍କ ସମ୍ପର୍କରେ ଅପଶବ୍ଦ ପୟୋଗ କରି ସୋସିଆଲ ମିଡିଆରେ ଅପମାନ ସୂଚକ ମନ୍ତବ୍ୟ ଦେବା ସହ ଏକ ଭିଡିଓ ପୋଷ୍ଟ କରିଥିଲେ। ଏଭଳି କରି ଅଭିଜିତ ରାଜ୍ୟବାସୀଙ୍କୁ ସାରା ବିଶ୍ୱରେ ବଦନାମ କରିବା ସହ ହିନ୍ଦୁଧର୍ମ ସଂସ୍କୃତିକୁ କୁଠାରାଘାତ କରିଛନ୍ତି। କୋର୍ଟ ମାମଲାର ବିଚାର କରି ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲଲାଟେନ୍ଦୁ ନିବେଦନ କରିଛନ୍ତି।

## ଯାହା କରିଛି ମଜାରେ: ଅଭିଜିତ

କଟକ ଅଫିସ, ୨୦।୯

କୋଣାର୍କ ସୂର୍ଯ୍ୟ ମନ୍ଦିରରେ ରହିଥିବା କାରୁକାର୍ଯ୍ୟ ସହ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ନେଇ ଅରୁଚିକର ମନ୍ତବ୍ୟ ଦେଇଥିବା ଅଭିଜିତ ଆୟର ମିତ୍ର ଗୁରୁବାର ଗିରଫ ପରେ ଦିଲ୍ଲୀର ସାକେତ କୋର୍ଟରୁ ଜାମିନରେ ମୁକୁଳିଛନ୍ତି। ହେଲେ ଏହା ସତ୍ତ୍ୱେ ମଧ୍ୟ ତାଙ୍କ ବିରୋଧରେ ହୋଇଥିବା ଦୁଇଟି ମାମଲାର ତଦନ୍ତ ଓଡ଼ିଶା ପୋଲିସ ଜାରି ରଖିବ ବୋଲି କହିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ। ଗୁରୁବାର ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ପ୍ରିୟଦର୍ଶୀ କହିଛନ୍ତି, ଅଭିଜିତଙ୍କ ବିରୋଧରେ ପୋଲିସ ପାଖରେ ଯଥେଷ୍ଟ ପ୍ରମାଣ ରହିଛି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓ ହିଁ ସେ କରିଥିବା ଭୁଲ୍‌ର ଏକ ବଡ଼ ପ୍ରମାଣ। ଏହି ଆଧାରରେ ତାଙ୍କ ନାଁରେ କୋଣାର୍କ ଓ ଭୁବନେଶ୍ୱର ଶହୀଦନଗର ଥାନାରେ ମାମଲା ରୁଜୁ ହୋଇଛି। ଏହି ଆଧାରରେ ବୁଧବାର କୋଣାର୍କ ପୋଲିସର ଦୁଇ ଜଣିଆ ଟିମ୍ ଦିଲ୍ଲୀ ଯାଇ ସ୍ଥାନୀୟ ପୋଲିସ ସହାୟତାରେ ଅଭିଜିତଙ୍କୁ ଖୋଜିବା ଆରମ୍ଭ କରିଥିଲା। ହେଲେ ସେ ସହଜରେ ପୋଲିସ ହାତରେ ଧରାଦେଇ ନ ଥିଲେ। ଶେଷରେ ଅଭିଜିତଙ୍କୁ ତାଙ୍କ ସଫ୍‌ଦରଜଙ୍ଗ୍ ଏନ୍‌କ୍ଲେଭ୍‌ସ୍ଥିତ ବାସଭବନରୁ ପୋଲିସ ଧରିବା ପରେ ନିଜାମୁଦ୍ଦିନ ନଗର ଥାନାକୁ ନିଆଯାଇଥିଲା। ସେଠାରେ ତାଙ୍କ ସୋସିଆଲ ମିଡିଆ ପୋଷ୍ଟ ବିଷୟରେ ପଚାରିବାରୁ ସେ କିନ୍ତୁ ନିଜ ଭୁଲ୍ ସ୍ୱୀକାର କରି ନ ଥିଲେ। ଏସବୁ ମଜାରେ କରିଛନ୍ତି ବୋଲି ଅଜବ ଯୁକ୍ତି ବାଢ଼ିଥିଲେ। ପୋଲିସ ପଚରାଉଚରା କରିସାରିବା ପରେ ରହିଥିବା ପ୍ରମାଣ ଆଧାରରେ ତାଙ୍କୁ ଗିରଫ ଦର୍ଶାଇ ସ୍ଥାନୀୟ ସାକେତ କୋର୍ଟରେ ହାଜର କରାଯାଇଥିଲା। ୪୫ ମିନିଟ ଧରି ଶୁଣାଣି ପରେ କୋର୍ଟ ସବୁ ତଥ୍ୟ ପ୍ରମାଣକୁ ଦେଖି ଅଭିଜିତଙ୍କୁ ସର୍ତ୍ତମୂଳକ ଅନ୍ତରୀଣ ଜାମିନ ଦେଇଥିଲେ।

ତେବେ ମିଳିଥିବା ସୂଚନାନୁସାରେ, ଅଭିଜିତଙ୍କ ପାଇଁ ସେଠାକାର ବହୁ ଜଣାଶୁଣା ଓକିଲ ଆଇନଗତ ଦିଗରେ ସହାୟତା କରୁଛନ୍ତି। ତେଣୁ ଓଡ଼ିଶା ପୋଲିସ ପାଇଁ ଏହି ଘଟଣା ବହୁ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି କେତେଜଣ ବରିଷ୍ଠ ଓକିଲ କହିଛନ୍ତି।

# ବୋର୍ଡ ସାର୍ଟିଫିକେଟ ଥିଲେ ଆବାସିକ ପ୍ରମାଣପତ୍ର ଅନାବଶ୍ୟକ

ଭୁବନେଶ୍ୱର୨୦।୯(ବ୍ୟୁରୋ)

ରାଜସ୍ୱ ପ୍ରଶାସନ ଏବଂ ସେବାକୁ ଅଧିକ ଲୋକାଭିମୁଖୀ ସହ ଲୋକମାନଙ୍କ ନିକଟତର କରିବା ପାଇଁ ଆବାସିକ ଓ ଆୟ ପ୍ରମାଣପତ୍ର ପ୍ରଦାନରେ ସଂଶୋଧନ କରାଯାଇଛି। ଯେଉଁ ଛାତ୍ରୀଛାତ୍ରମାନଙ୍କ ପାଖରେ ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ହାଇସ୍କୁଲ ସାର୍ଟିଫିକେଟ୍ ଉପଲବ୍ଧ କିମ୍ବା ତତ୍ତୁଲ୍ୟ ସାର୍ଟିଫିକେଟ ରହିଛି ସେମାନଙ୍କୁ ଆବାସିକ ପ୍ରମାଣପତ୍ରର ଆବଶ୍ୟକତା ପଡିବ ନାହିଁ। ହାଇସ୍କୁଲ ସାର୍ଟିଫିକେଟରେ ପ୍ରଦତ୍ତ ସ୍ଥାନୀୟ ଠିକଣା ହିଁ ସେମାନଙ୍କର ଆବାସିକ ପ୍ରମାଣପତ୍ର ଭାବେ ଗ୍ରହଣ କରାଯିବ। ଯେଉଁମାନେ ହାଇସ୍କୁଲ ସାର୍ଟିଫିକେଟ କିମ୍ବା ତତ୍ତୁଲ୍ୟ ପରୀକ୍ଷା ପାସ୍ କରି ନାହାନ୍ତି କିମ୍ବା ବୋର୍ଡ ସାର୍ଟିଫିକେଟ ନ ଥିଲେ ସେମାନଙ୍କ ପାଇଁ ଆବାସିକ ପ୍ରମାଣପତ୍ର ଆବଶ୍ୟକ। ଏବେଠୁ ଆବାସିକ ପ୍ରମାଣପତ୍ରର ବୈଧତା ଏକବର୍ଷ ପରିବର୍ତ୍ତେ ୫ବର୍ଷ ରହିବ। ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଆୟ ପ୍ରମାଣପତ୍ରର ବୈଧତା ଏଣିକି ଏକବର୍ଷ ପରିବର୍ତ୍ତେ ୩ବର୍ଷ ପର୍ଯ୍ୟନ୍ତ ରହିବ। ଆବାସିକ ଏବଂ ଆୟ ପ୍ରମାଣପତ୍ର ଓ ଏହାର ବୈଧତା ବୃଦ୍ଧି ସଂକ୍ରାନ୍ତରେ ଓଡିଶା ମିସେଲେନିୟସ ସାର୍ଟିଫିକେଟ ରୁଲ୍, ୨୦୧୭ରେ ଆବଶ୍ୟକ ସଂଶୋଧନ ନିମନ୍ତେ ପ୍ରସ୍ତାବ ଦେବାକୁ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ନିର୍ଦ୍ଦେଶରେ ଗଠିତ କମିଟି ସୁପାରିସ ଅନୁମୋଦିତ ହୋଇଛି। ଏହାଦ୍ୱାରା ଛାତ୍ରୀଛାତ୍ର ଓ ସାଧାରଣ ଲୋକମାନେ ବହୁଳ ଭାବେ ଉପକୃତ ହେବେ ଏବଂ ସେମାନଙ୍କୁ ଆଉ ବାରମ୍ବାର ତହସିଲ କାର୍ଯ୍ୟାଳୟ ଯିବାକୁ ପଡିବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଯେଉଁମାନେ ଇଞ୍ଜିନିୟରିଂ, ଡାକ୍ତରୀ, ମ୍ୟାନେଜମେଣ୍ଟ କିମ୍ବା ଅନ୍ୟ କୌଣସି ପେସାଦାର ପାଠ୍ୟକ୍ରମରେ ନାମ ଲେଖାଇବେ ସେମାନଙ୍କୁ ଆବାସିକ ପ୍ରମାଣପତ୍ର ଦିଆଯିବ। ସେହି ଆବାସିକ ପ୍ରମାଣପତ୍ର ବୈଧତା ଏକବର୍ଷ ପରିବର୍ତ୍ତେ ୫ବର୍ଷ ରହିବ। ସେହିଭଳି ସରକାରୀ ଚାକିରି ନିମନ୍ତେ ପ୍ରାର୍ଥୀଙ୍କୁ ନିୟମାନୁଯାୟୀ ଆବାସିକ ପ୍ରମାଣପତ୍ର ମିଳିବ। ଏହାର ମାନ୍ୟତା ଏକବର୍ଷ ବଦଳରେ ୫ବର୍ଷ ପର୍ଯ୍ୟନ୍ତ ରହିବ। ଏହି ଆବାସିକ ପ୍ରମାଣପତ୍ର ରାଜସ୍ୱ ବିଭାଗ ଦ୍ୱାରା ନିର୍ଦ୍ଧାରିତ ଫର୍ମାଟ୍‌ରେ ଜମିପଟ୍ଟା, ନିର୍ଦ୍ଦିଷ୍ଟ ସ୍ଥାନରେ ଏକକାଳୀନ ଏକବର୍ଷ ପର୍ଯ୍ୟନ୍ତ ବସବାସ କରିବା, ଭୋଟର ତାଲିକାର ନକଲ, ଭୋଟର ପରିଚୟ ପତ୍ର, ରାଶନ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଆଧାର କାର୍ଡ, ପାନ୍‌କାର୍ଡ, ପାସପୋର୍ଟ, ଘରଭଡା ଚୁକ୍ତିର ନକଲ ଆଦି ପ୍ରାମାଣିକ ତଥ୍ୟ ଆଧାରରେ ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାରଙ୍କ ଦ୍ୱାରା ପ୍ରଦାନ କରାଯିବ।

ସୂଚନାଯୋଗ୍ୟ ଯେ, ୨୦୧୩ରେ ରାଜସ୍ୱ ବିଭାଗ ପକ୍ଷରୁ ୧,୫୩,୦୦୦ ଆବାସିକ ପ୍ରମାଣପତ୍ର ଓ ୯୯,୭୫୮ ଆୟ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ୨୦୧୭ରେ ଏହା ବହୁଗୁଣ ବୃଦ୍ଧି ପାଇ ଆବାସିକ ପ୍ରମାଣପତ୍ର ୧୩ଲକ୍ଷ ୨୦ହଜାର ୭୩୩ ଏବଂ ଆୟ ପ୍ରମାଣପତ୍ର ୧୦ଲକ୍ଷ ୩୭ହଜାର ୨୬୭ରେ ପହଞ୍ଚିଥିଲା।

## ମହୁ ସଂଗ୍ରହ କରିବାକୁ ଯାଇ ନଦୀରେ ଭାସିଗଲେ ଦମ୍ପତି

କାମାକ୍ଷାନଗର, ୨୦।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କାନପୁରା ପଞ୍ଚାୟତ ଅର୍ନ୍ତଗତ ଗୁଣ୍ଡିଚାନାଳୀ ମହ୍ଲାର ସାହିର କୁଶ ପଧାନ (୨୪) ଏବଂ ତାଙ୍କ ସ୍ତ୍ରୀ ରିଙ୍କି (୨୨) ଗୁରୁବାର ରାମିଆଳ ନଦୀରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଉଭୟେ ଗ୍ରାମ ପାଖ ଜଙ୍ଗଲକୁ ମହୁ ସଂଗ୍ରହ କରିବାକୁ ଯାଇଥିଲେ। ନଦୀ ପାର ହୋଇ ଫେରୁଥିବାବେଳେ ଦୁହେଁ ଭାସିଯାଇଥିଲେ। ନଦୀ ପଠାରେ ଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ ଏ ନେଇ ଅଗ୍ନିଶମ ବିଭାଗ ଏବଂ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ତାଳଚେରଗସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ଦମକଳ ବାହିନୀ ବ୍ୟସ୍ତ ଥିବାରୁ କଙ୍କଡ଼ାହାଡ଼ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନଦୀରେ ଖୋଜାଖୋଜି କରୁଛନ୍ତି। ଖବର ଲେଖାଯିବା ସୁଦ୍ଧା ଉଭୟଙ୍କ ପତ୍ତା ମିଳିନାହିଁ।

## ଉଚ୍ଚ ବିଦ୍ୟାଳୟରେ ୧୨,୩୮୧ ପଦବୀ ଖାଲି

■ ୩୮୮୯ ଶ୍ରେଣୀଗୃହ ଅସୁରକ୍ଷିତ

■ ଗତ ଆର୍ଥିକ ବର୍ଷରେ ୩୬୪୯ ଅଧାରୁ ଛାଡ଼ିଛନ୍ତି ପାଠ

ଭୁବନେଶ୍ୱର,୨୦।୯(ବ୍ୟୁରୋ)

ରାଜ୍ୟରେ ଥିବା ଉଚ୍ଚ ବିଦ୍ୟାଳୟଗୁଡିକରେ ୧୨,୩୮୧ ପଦବୀ ଖାଲି ରହିଛି। ତନ୍ମଧ୍ୟରୁ ସରକାରୀ ବିଦ୍ୟାଳୟରେ ୮୬୬୫, ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୧୪୩୩ ଏବଂ ବ୍ଲକଗ୍ରାଣ୍ଟ ବିଦ୍ୟାଳୟରେ ୨୨୮୩ ପଦବୀ ଖାଲିପଡିଛି। ସେହିପରି ପ୍ରାଥମିକ ବିଦ୍ୟାଳୟଗୁଡିକରେ ୧୪,୦୮୭ ଶିକ୍ଷକ ପଦବୀ ଖାଲି ପଡିଥିଲା। ତାହାକୁ ପୂରଣ ନେଇ ଆବଶ୍ୟକ ପ୍ରକ୍ରିୟା ଜାରି ରହିଛି। ତନ୍ମଧ୍ୟରୁ ୯୩୪୮ ଶିକ୍ଷା ସହାୟକ କାର୍ଯ୍ୟରେ ଯୋଗଦେଇଛନ୍ତି। ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର କଂଗ୍ରେସ ବିଧାୟକ ଚନ୍ଦ୍ରଶେଖର ମାଝିଙ୍କ ପ୍ରଶ୍ନରେ ଏହି ଉତ୍ତର ଲିଖିତ ଭାବେ ପ୍ରଦାନ କରିଛନ୍ତି।

ସେହିପରି ୧୧ରୁ ୧୪ ବର୍ଷ ମଧ୍ୟରେ ଅଧାରୁ ପାଠ ଛାଡୁଥିବା ଝିଅଙ୍କ ସଂଖ୍ୟା ହ୍ରାସ ପାଇଛି। ୨୦୧୩-୧୪ରେ ଏହା ୬୯୩୧ ରହିଥିଲା। ୨୦୧୪-୧୫ରେ ତାହା ୪୩୯୭, ୨୦୧୫-୧୬ରେ ୯୬୧ ରହିଛି। ହେଲେ ୨୦୧୬-୧୭ରେ ଏହି ସଂଖ୍ୟାରେ ବୃଦ୍ଧି ଘଟିଥିଲା। ଉକ୍ତ ସମୟସୀମା ମଧ୍ୟରେ ୧୨୪୧ ଜଣ ଝିଅ ଅଧାରୁ ପାଠପଢା ଛାଡିଛନ୍ତି। ସେହିପରି ଗତ ଆର୍ଥିକ ବର୍ଷ(୨୦୧୭-୧୮)ରେ ୧୦୬୧ଜଣ ଅଧାରୁ ପାଠ ଛାଡିଛନ୍ତି। ମନ୍ତ୍ରୀ ପାତ୍ର କଂଗ୍ରେସ ବିଧାୟକ ନବ ଦାସଙ୍କ ପ୍ରଶ୍ନର ଉତ୍ତରରେ ଉପରୋକ୍ତ ତଥ୍ୟ ରଖିଛନ୍ତି। ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ୧୯୯୨ଟି ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୮୮୯ ଶ୍ରେଣୀଗୃହ ଅସୁରକ୍ଷିତ ଅବସ୍ଥାରେ ରହିଛି। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ୬ରୁ ୧୪ ବର୍ଷ ମଧ୍ୟରେ ୩୬୪୯ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡିଥିବା ମନ୍ତ୍ରୀ ପାତ୍ର ଭାଜପା ସଭ୍ୟ ରବି ନାଏକଙ୍କ ପ୍ରଶ୍ନର ଲିଖିତ ଉତ୍ତର ରଖିଛନ୍ତି।

■ ମୟୂରଭଞ୍ଜ ଚାରା ଦୁର୍ନୀତି ମାମଲା

# ପୁଣି ତଦନ୍ତ କରିବାକୁ ଅତିରିକ୍ତ ଶାସନ ସଚିବଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୯(ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଆଣିଥିବା ମୟୂରଭଞ୍ଜ ଜିଲାରେ ଚାରା ରୋପଣରେ ହୋଇଥିବା ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ ଦେଇଛି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ। ବିଭାଗୀୟ ଅତିରିକ୍ତ ଶାସନ ସଚିବଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ରିପୋର୍ଟ ପାଇବା ପରେ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆବଶ୍ୟକ ପଡିଲେ ଫୌଜଦାରି ମାମଲା ରୁଜୁ କରାଯିବ ବୋଲି କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ କହିଛନ୍ତି। ଚାରା ଦୁର୍ନୀତିକୁ ନେଇ ଉଭୟ କଂଗ୍ରେସ ଓ ଭାଜପା ବିଧାନସଭାକୁ ଅଚଳ କରିଥିଲେ। ଏହା ଉପରେ ଗୃହରେ ବିବୃତି ଦେବାକୁ ସେମାନେ ଦାବି କରିଥିଲେ। ବାଚସ୍ପତି କୃଷି ମନ୍ତ୍ରୀଙ୍କୁ ଏ ନେଇ ମୌସୁମୀ ଅଧିବେଶନ କାଳରେ ବିବୃତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ କୃଷି ମନ୍ତ୍ରୀ ଅଧିବେଶନର ଶେଷ ଦିବସରେ ଗୃହରେ ଚାରା ଦୁର୍ନୀତି ସମ୍ପର୍କରେ ବିବୃତି ଦେଇଥିଲେ।

ସେ କହିଥିଲେ ଯେ ଆର୍ଥିକ ଅନିୟମିତତା କରିଥିବା ଏବଂ ଅନୈତିକ କାର୍ଯ୍ୟରେ ଜଡିତ ଥିବାର କେତେଗୁଡିଏ ଲିଖିତ (ନାମିତ ଓ ବେନାମୀ) ଅଭିଯୋଗ ଓ ଫଟୋଗ୍ରାଫକୁ ଆଧାର କରି ଧରଣୀଧର ପାତ୍ର, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ (ଭାରପ୍ରାପ୍ତ ଉପନିର୍ଦ୍ଦେଶକ)ଙ୍କୁ ବାରିପଦାରୁ ବଦଳି କରିବା ପାଇଁ ୨୦୧୭ ଅଗଷ୍ଟ ୨୧ ତାରିଖରେ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହିତ ଏହାର ଏକ ନିରପେକ୍ଷ ତଦନ୍ତ କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ୩ଜଣ ସଭ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। କମିଟିରେ ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଦାସ, ସହକାରୀ ଉଦ୍ୟାନ ଅଧିକାରୀ ସୁଶାନ୍ତ ରଞ୍ଜନ ଦାସ ଏବଂ ସହକାରୀ ସମୀକ୍ଷା ଅଧିକାରୀ ଲକ୍ଷ୍ମୀଧର ଦଳେଇ ସଦସ୍ୟ ଥିଲେ। ଧରଣୀଧରଙ୍କୁ ବାରିପଦାରୁ ୨୦୧୭ ସେପ୍ଟେମ୍ବର ୪ ତାରିଖରେ ବାଲେଶ୍ୱର ବଦଳି କରାଯାଇଥିଲା। ତଦନ୍ତକାରୀ ଟିମ୍ ୨୦୧୭ ସେପ୍ଟେମ୍ବର ୨୦ରୁ ୨୩ ତାରିଖ ମଧ୍ୟରେ ବାରିପଦା ଗସ୍ତ କରି ସମ୍ପୃକ୍ତ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। କ୍ଷେତ୍ର ପରିଦର୍ଶନ ଏବଂ ଏ ସମ୍ବନ୍ଧୀୟ ଆବଶ୍ୟକ ନଥିପତ୍ର ତଦାରଖ କରିସାରିବା ପରେ ମଧ୍ୟବର୍ତ୍ତୀ କାଳୀନ ତଦନ୍ତ ରିପୋର୍ଟ ୨୦୧୭ ଅକ୍ଟୋବର ୪ ତାରିଖରେ ବିଭାଗକୁ ପ୍ରଦାନ କଲେ। ଏହି ରିପୋର୍ଟକୁ ଆଧାର କରି ଧରଣୀଧର ପାତ୍ରଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

ମୟୂରଭଞ୍ଜ ଜିଲାରେ ଉଦ୍ୟାନ କୃଷିର ବିଭିନ୍ନ ଯୋଜନାରେ ୨୦୧୩-୧୪ ରୁ ୨୦୧୬-୧୭ ମଧ୍ୟରେ ୧୭,୩୩,୦୩,୨୭୫ ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବାରୁ ଧରଣୀଧର ପାତ୍ର ଓ ସଂପୃକ୍ତ ଅନ୍ୟ ୧୬ ଜଣ ଅଧିକାରୀଙ୍କ ବିରୁଦ୍ଧରେ ପୂର୍ଣାଙ୍ଗ ରିପୋର୍ଟ ତା.୨୦୧୭ ଡିସେମ୍ବର ୧୨ ତାରିଖରେ ପ୍ରଦାନ କରିଥିଲେ। ନିଲମ୍ବନର ପ୍ରାୟ ୫ ମାସ ପରେ ଓଡିଶା ପ୍ରଶାସନିକ ପ୍ରାଧିକରଣଙ୍କ ୨୦୧୮ ଫେବୃୟାରୀ ୭ ତିରଖ ଆଦେଶକୁ ଭିତ୍ତି କରି ନୟାଗଡ ଜିଲାକୁ ବଦଳି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।



## ସଂକ୍ଷେପରେ

### ମହିଳାଙ୍କୁ ଗଣ ବଳାତ୍କାର ଅଭିଯୋଗ

**ବନ୍ତଲା,୨୦।୯(ଡି.ଏନ.ଏ.):** ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ନଂ. ୧୭୩/୧୮ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଅଭିଯୁକ୍ତ ଅକ୍ଷୟ ନାଏକ ଓ ସୁରେଶ ନାଏକ ରାତିରେ ସମ୍ପୃକ୍ତା ମହିଳାଙ୍କ ଘରକୁ ଯାଇ ତାଙ୍କ ବୋହୂ ଓ ପୁଅ ଶୋଇଥିବା କୋଠରିର କବାଟ ବାଡେଇ ଥିଲେ। ସେମାନେ ନ ଖୋଲିବାରୁ ଦୁଇ ଅଭିଯୁକ୍ତ ମହିଳା ଶୋଇଥିବା କୋଠରିରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ପୀଡ଼ିତାଙ୍କୁ ଧରି ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଥିବା ଆଇଆଇସି ସବ୍ୟସାଚୀ ରାଉତ କହିଛନ୍ତି।

ଯୁବକଙ୍କ ଉନ୍ମତ୍ତ କାଣ୍ଡ

### ଆର୍‌ଏମ୍‌ଏସ୍ କର୍ମଚାରୀଙ୍କ କାନ କାମୁଡ଼ି ଛିଣ୍ଡାଇଦେଲେ

**ଢେଙ୍କାନାଳ ଅଫିସ, ୨୦।୯:** ଢେଙ୍କାନାଳ ସହରରେ ବୁଧବାର ଗଣେଶପୂଜା ଭସାଣି ଚାଲିଥିବାବେଳେ ଅଭାବନୀୟ କାଣ୍ଡ ଘଟାଇଛନ୍ତି ଜଣେ ଉନ୍ମତ୍ତ ଯୁବକ। କାରିଗରସାହିସ୍ଥିତ ଆର୍‌ଏମ୍‌ଏସ୍ କର୍ମଚାରୀ ସତ୍ୟନାରାୟଣ ପଟ୍ଟନାୟକଙ୍କ କାନକୁ କାମୁଡ଼ି ଛିଣ୍ଡାଇ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ନଂ. ୨୬୧/୧୮ରେ ଏକ ମାମଲା ରୁଜୁ କରାଯାଇଛି। ମାମଲାର ତଦନ୍ତ ଆରମ୍ଭ ହୋଇଥିବା ଥାନାଧିକାରୀ ଅଭିନବ ଡାଲୁଆ ସୂଚନା ଦେଇଛନ୍ତି।

ମୀନାବଜାର ଅଞ୍ଚଳରେ ରହୁଥିବା ସତ୍ୟନାରାୟଣ ସବୁଦିନ ପରି ବୁଧବାର ମଧ୍ୟ କାର୍ଯ୍ୟାଳୟକୁ ଯାଇଥିଲେ। ସନ୍ଧ୍ୟାରେ ସହକର୍ମୀଙ୍କ ସହ ଅଫିସ୍ ସମ୍ମୁଖରେ ଛିଡ଼ା ହୋଇ ଭସାଣି ଶୋଭାଯାତ୍ରା ଦେଖୁଥିବା ବେଳେ ହଠାତ୍ କାରିଗରସାହି ଅଞ୍ଚଳର ପ୍ରକାଶ ସାହୁ ଅଫିସ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏଥିସହ ସତ୍ୟନାରାୟଣଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହ ଟଣାଓଟରା କରିଥିଲେ। ସେଠାରେ ଉପସ୍ଥିତ କର୍ମଚାରୀ ସତ୍ୟନାରାୟଣଙ୍କୁ ପ୍ରକାଶଙ୍କ କବଳରୁ ଉଦ୍ଧାର କରିଥିଲେ। ଏହାପରେ ହଠାତ୍ ଅଭିଯୁକ୍ତ ଉତ୍‌କ୍ଷିପ୍ତ ହୋଇପଡ଼ିବା ସହ ତାଙ୍କ ବାମ କାନ ତଳଭାଗକୁ କାମୁଡ଼ି ଛିଣ୍ଡାଇ ଦେଇଥିଲେ।

ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗୁରୁତର ସତ୍ୟନାରାୟଣ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ତେବେ କେଉଁ କାରଣରୁ ଯୁବକଜଣକ ଏପରି କାଣ୍ଡ ଭିଆଇଲେ ତାହାର କାରଣ ଅସ୍ପଷ୍ଟ ରହିଛି।

■ ସରକାରଙ୍କ ସହିତ ଆଲୋଚନା ବିଫଳ

# ବିଧାୟକଙ୍କୁ ଟାର୍ଗେଟ କଲେ ଶିକ୍ଷକ

■ ଗାଁକୁ ଯାଇ ଗଢ଼ିବେ ଜନତା ଦରବାର

■ ନିର୍ବାଚନ ମଣ୍ଡଳୀରେ ପ୍ରବେଶ କରାଇ ଦେବେନି

**ଭୁବନେଶ୍ୱର, ୨୦।୯(ବ୍ୟୁରୋ)**

ଅଭିଜିତ ଆୟର ମିତ୍ରଙ୍କ ଗିରଫଦାରି ଲାଗି ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକ ଏକତ୍ରିତ ହୋଇ ବିଧାନସଭାରେ ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଲେ। କିନ୍ତୁ ହଜାର ହଜାର ଶିକ୍ଷକ ୩୬ ଦିନ ହେଲା ଖରା ବର୍ଷାରେ ଗାନ୍ଧୀମାର୍ଗରେ ପଡି ରହିଥିଲେ ମଧ୍ୟ ସେମାନଙ୍କ ଲାଗି ଏକାଠି ହେଲେନି। ଏହାକୁ ସହଜରେ ଗ୍ରହଣ କରିପାରିନି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ। ଏଥର ମିଳିତ ମଞ୍ଚ ସିଧାସଳଖ ବିଧାୟକମାନଙ୍କୁ ଟାର୍ଗେଟ କରିଛି। ବିଧାୟକମାନଙ୍କୁ ସେମାନଙ୍କ ନିର୍ବାଚନମଣ୍ଡଳୀରେ ପ୍ରବେଶ କରାଇ ଦେବେନି ଶିକ୍ଷକ। ପ୍ରତି ନିର୍ବାଚନ ମଣ୍ଡଳୀକୁ ଶିକ୍ଷକମାନେ ଯାଇ ଜନତା ଦରବାର ଗଢ଼ିବ। ସରକାର ଏବଂ ବିଧାୟକଙ୍କ ଅସଲ ମୁଖା ଲୋକଙ୍କ ସାମ୍ନାରେ ଖୋଲିବେ ଚେତାବନୀ ଦେଇଛି ମିଳିତ ମଞ୍ଚ। ବିଧାୟକଙ୍କ ଏଭଳି ମନୋବୃତ୍ତିରୁ ଶିକ୍ଷା ବ୍ୟବସ୍ଥା ପ୍ରତି ସେମାନଙ୍କ ଆତ୍ମା କିଭଳି ଅଛି ତାହା ବାରି ହୋଇପଡୁଛି ବୋଲି ମିଳିତ ମଞ୍ଚର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲାକ ନାୟକ ଏବଂ ପବିତ୍ର ମାହାଲା କହିଛନ୍ତି।

ଗୁରୁବାର ବିଧାନସଭା ଅଧିବେଶନର ଥିଲା ଶେଷ ଦିନ। ଏହାକୁ ଲକ୍ଷ୍ୟ କରି ମିଳିତ ମଞ୍ଚ ପକ୍ଷରୁ ମହାସମାବେଶ କରାଯାଇଥିଲା। ଲଘୁଚାପ ବର୍ଷାରେ ଶିକ୍ଷକମାନେ ଭିଜି ମାଷ୍ଟରକ୍ୟାଣ୍ଟିନ ଛକରୁ ଶୋଭାଯାତ୍ରାରେ ବାହାରି ବିଧାନସଭା ସମ୍ମୁଖରେ ପହଞ୍ଚି ସରକାରଙ୍କ ବିରୋଧରେ ନାରା ଦେଇଥିଲେ। ଅପରାହ୍ନରେ ଆଲୋଚନା ପାଇଁ ସଚିବାଳୟରୁ ଡକରା ଆସିଲା। ମିଳିତ ମଞ୍ଚର ୧୧ ଜଣିଆ ପ୍ରତିନିଧି ଦଳ ସଚିବାଳୟ ବାହାରିଲେ। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରତିନିଧି ଦଳ ସହିତ ଆଲୋଚନା ହୋଇଥିଲା। ଆଲୋଚନାବେଳେ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ଅର୍ଥ ବିଭାଗ ସଚିବ ତୁହିନକାନ୍ତ ପାଣ୍ଡେ ଏବଂ ଉଚ୍ଚଶିକ୍ଷା ବିଭାଗ ସଚିବ ବିଷ୍ଣୁପଦ ସେଠୀ ଉପସ୍ଥିତ ଥିଲେ। କିନ୍ତୁ ପୂର୍ବ ଆଲୋଚନା ଭଳି ଏହି ଆଲୋଚନା ମଧ୍ୟ ସଫଳ ହେଲାନାହିଁ। ସରକାର ଏବଂ ଶିକ୍ଷକ ନିଜ ଜିଦ୍‌ରେ ଅଟଳ ରହିଲେ। ଆବାହକ ମହାନ୍ତି କହିଛନ୍ତି, ସରକାର ପୂର୍ବପରି ନୂଆ ବୋତଲରେ ପୁରୁଣା ମଦ ଭର୍ତ୍ତି କରି ଶିକ୍ଷକମାନଙ୍କୁ ଦେଉଛନ୍ତି। ଆଲୋଚନାରେ ସରକାର କହିଥିଲେ ୨୦୧୭ ଜିଆଇଏକୁ ଶିକ୍ଷକ ଗ୍ରହଣ କରନ୍ତୁ। ପରେ ଅନ୍ୟ ଦାବିଗୁଡିକ ଉପରେ ବିଚାର କରାଯିବ। ହେଲେ ଶିକ୍ଷକମାନେ ୨୦୧୭ ଜିଆଇଏ ଗ୍ରହଣ କରିବାକୁ ନାରାଜ। କାରଣ ଜିଆଇଏ ଗ୍ରହଣ କଲେ ଶିକ୍ଷକମାନେ ସରକାରଙ୍କ ପାଖରେ ସତ୍ୟପାଠ ଦାଖଲ କରିବେ। ଫଳରେ ଶିକ୍ଷକଙ୍କ ଦାବି ପୂରଣ ପାଇଁ ଏହି ଆଲୋଚନାରେ କିଛି ନିର୍ଯ୍ୟାସ ବାହାରି ପାରିଲା ନାହିଁ। ସରକାର ଆହୁରି ୩ ମାସ ସମୟ ମାଗିଲେ। ଏହାକୁ ମିଳିତ ମଞ୍ଚ ଅଗ୍ରାହ୍ୟ କରିଛି। ସରକାରଙ୍କୁ ୩ ଦିନ ସମୟ ଦିଆଯାଇଛି। ଏହା ଭିତରେ ଦାବି ପୂରଣ ନ ହେଲେ ଶିକ୍ଷକମାନେ ପୁଣି ଥରେ ଗାଁକୁ ଯାଇ ସରକାରଙ୍କ ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବେ ବୋଲି ମହାନ୍ତି କହିଛନ୍ତି।

■ ଶ୍ରୀମନ୍ଦିରରେ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ

### କଡ଼ ଲେଉଟାଇଲେ ଶୟନ ଠାକୁର

**ପୁରୀ ଅଫିସ, ୨୦।୯:**

ଶ୍ରୀମନ୍ଦିରରେ ଗୁରୁବାର ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ନୀତି ଅନୁଷ୍ଠିତ ହୋଇଛି। କଡ଼ ଲେଉଟାଇଛନ୍ତି ଶୟନ ଠାକୁର। ଶୁକ୍ରବାର ମହାପ୍ରଭୁଙ୍କର ବାମନ ବେଶ ଏବଂ ଶ୍ରୀନଅରରେ ସୁନିଆଁ ନୀତି ଅନୁଷ୍ଠିତ ହେବ।

ସନ୍ଧ୍ୟା ଆଳତି ବଢ଼ିବା ପରେ ଏକାଦଶୀ ବେଢ଼ାକୁ ମଦନମୋହନ ବିଜେ କରିଥିଲେ। ଶ୍ରୀଅଙ୍ଗରେ ଚନ୍ଦନ ଲାଗି ହେବା ପରେ ପୂଜାପଣ୍ଡା ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ କାଢି ମଦନମୋହନଙ୍କୁ ପ୍ରଦାନ କରିଥିଲେ। ଏହାପରେ ମଦନମୋହନ ପାଲିଙ୍କିରେ ବଡ଼ଦେଉଳ ବେଢ଼ାରେ ବୁଲିଥିଲେ। ଜୟବିଜୟ ଦ୍ୱାରରେ ଏକାଦଶୀ ବନ୍ଦାପନା ପରେ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ। ବଲ୍ଲଭ ବଡ଼ସିଂହାର ଭୋଗ ପରେ ପାର୍ଶ୍ୱ ପରିବର୍ତ୍ତନ ନିମନ୍ତେ ଖଟଶେଯ ଘର ଉପରେ ନିଶ୍ରୁଣି ପକାଯାଇଥିଲା। ମୁଦିରସ୍ଥ ଏହା ଉପରକୁ ଯାଇ ଦୁଆର ମୁଦ ଭାଙ୍ଗି ଶୟନ ଠାକୁରଙ୍କ ପେଢ଼ାକୁ ଖୋଲିଥିଲେ। ମୁଦିରସ୍ଥ ଶୁକ୍ଳ ଫୁଲ ତିନିଆଞ୍ଜୁଳା ସମର୍ପଣ କଲା ପରେ ଶୟନ ଠାକୁର କଡ଼ ଲେଉଟାଇଥିଲେ। ପୂର୍ବରୁ ଶୟନ କାଳରେ ଠାକୁରଙ୍କ ମୁଖ ଦକ୍ଷିଣ ଦିଗକୁ ଥିବା ବେଳେ ପରିବର୍ତ୍ତନ କାଳରେ ମୁଖ ଉତ୍ତର ଦିଗକୁ କରାଯାଇଥିଲା। ମୁଦିରସ୍ଥ ବନ୍ଦାପନା ପରେ ପେଡା ବନ୍ଦ କରି ଦୁଆର ମୁଦ ଦେଇ ତଳକୁ ଓହ୍ଲାଇ ଆସିଥିଲେ। ବଲ୍ଲଭ ବଡ଼ସିଂହାର ଭୋଗରେ ଠାକୁରଙ୍କୁ ଲାଗି ହୋଇଥିବା ୬ ମୂର୍ତ୍ତି ଅଳଙ୍କାର ଓଲାଗି କରାଯାଇଥିଲା। ଏହାପରେ ଖଟଶେଯ ବିଜେ କରାଇ ମହାପ୍ରଭୁଙ୍କ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା।

ସୂଚନାଥାଉ କି, ଏହି ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ।


## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ପ୍ରଜ୍ଞାପୀଠ, ସାମନ୍ତପୁର, ଭୁବନେଶ୍ୱର–୭୫୧୦୧୩
website – chseodisha.nic.in
ସଂଖ୍ୟା – ଦୂ.ଶି–୧.୦୭.୨୦୧୮/୪୬୪୨/ଉମାଶିପ/ତା. ୨୦.୦୯.୧୮

No. 36-N

**୨୦୧୮–୧୯ ଶିକ୍ଷାବର୍ଷରେ +୨ ପତ୍ର ବିନିମୟ ପାଠ୍ୟକ୍ରମ (Correspondence Course 1st Year) ପ୍ରଥମ ବର୍ଷ ନାମଲେଖା ନିମନ୍ତେ ଆବେଦନ**

(i) ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (+୨ ଶିକ୍ଷା ପରିଷଦ), ଓଡ଼ିଶା, ଭୁବନେଶ୍ୱର ପତ୍ର ବିନିମୟ (Correspondence Course 1st Year)ରେ ୨୦୧୮–୧୯ ଶିକ୍ଷା ବର୍ଷ ନିମନ୍ତେ କଳା ଓ ବାଣିଜ୍ୟ ବିଭାଗରେ +୨ ପ୍ରଥମ ବର୍ଷ ନାମ ଲେଖା ନିମନ୍ତେ ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆବେଦନ କରିବାକୁ ଅନୁରୋଧ।
(ii) ଦୂରନିରନ୍ତର ଶିକ୍ଷା (Distance Education) ବ୍ୟବସ୍ଥାରେ ଏହି ଶିକ୍ଷାଦାନ ହେଉଥିବାରୁ କର୍ମଜୀବି (Employed) ପ୍ରାର୍ଥୀମାନେ ଏହି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସୁଯୋଗ ନେବାକୁ ଅନୁରୋଧ।
(iii) ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆବେଦନ କରିବାକୁ ଅନୁରୋଧ କରାଯାଉଅଛି।

**କାର୍ଯ୍ୟସୂଚୀ**

**ପ୍ରଥମ ବର୍ଷ ନାମଲେଖା (For 1st Year Admission)**
୧. ଅନ୍‌ଲାଇନ୍‌ରେ Common Application Form (CAF) ଉପଲବ୍ଧ – ତା. ୨୨.୦୯.୨୦୧୮ ଠାରୁ ୨୯.୦୯.୨୦୧୮
୨. Common Application form (CAF) Fee ଜମା କରିବା – ତା ୨୨.୦୯.୨୦୧୮ ଠାରୁ ତା. ୦୧.୧୦.୨୦୧୮.
୩. CAF Fee ଦେୟ– ଟ ୩୦୦/– (ସାଧାରଣ ବର୍ଗ) ଓ ଟ. ୨୦୦/– (ସଂରକ୍ଷିତ ବର୍ଗ)
୪. SRCରେ Common Application Form (CAF) ଦାଖଲ ଓ validation (ବୈଧୀକରଣ) – ତା. ୨୨.୦୯.୨୦୧୮ ଠାରୁ ୦୧.୧୦.୨୦୧୮.
୫. ଯୋଗ୍ୟ ଦରଖାସ୍ତକାରୀଙ୍କ ତାଲିକା ପ୍ରକାଶନ – ତା. ୦୩.୧୦.୨୦୧୮
୬. ପାଠ୍ୟକ୍ରମ ଦେୟ ଫି (Course Fee)– ଟ. ୩୧୬୦/– (ତିନି ହଜାର ଏକ ଶହ ଷାଠିଏ)। ତା ୦୩.୧୦.୨୦୧୮ ରୁ ତା ୦୬.୧୦.୨୦୧୮.
୭. ଅନ୍ୟ ବୋର୍ଡରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ (other than B.S.E., Odisha) ଅତିରିକ୍ତ ଦେୟ ଟ. ୨୦/– (କୋଡିଏ ଟଙ୍କା)
୮. ନାମ ଲେଖାଇବା – ତା.୦୩.୧୦.୧୮ ରୁ ତା. ୦୬.୧୦.୨୦୧୮

**ଦେୟ (Fee) ପ୍ରଦାନ ନିମନ୍ତେ –**
CAF (Fee) ଦେୟ ଓ ପାଠ୍ୟକ୍ରମ ଦେୟ ଫି (Course Fee) : ଉପରଲିଖିତ CAF Fee ଓ ନାମଲେଖା ଦେୟ ନିମନ୍ତେ ଭାରତୀୟ ଷ୍ଟେଟ ବ୍ୟାଙ୍କ (SBI Collect) ମାଧ୍ୟମରେ ନିର୍ଦ୍ଧାରିତ ତାରିଖ ଅନୁଯାୟୀ ଦେୟ ପ୍ରଦାନ କରିବାକୁ ଅନୁରୋଧ।
ଅଧିକ ବିବରଣୀ ୱେବ୍‌ସାଇଟ୍ – (www.samsodisha.gov.in)ରୁ ପାଇପାରିବେ।

ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ
11003/11/0006/1819 ସ୍ୱା./– ସଚିବ

**OFFICE OF THE MUNICIPAL COUNCIL, GUNUPUR**
**E-PROCUREMENT NOTICE**
**Tender Reference No. GUN-MUN-38/2018-19**
**No. 1853** **Dated : 20.09.2018**
The Executive Officer, Gunupur Municipality invites percentage rate of tenders through e-Procurement for civil & electrical works (available in website). The BID sould be submitted through on-line in the website www.tendersorissa.gov.in by eligible class of contractors for construction of civil work & electrical works. The bidder should have necessary portal enrolment (with his own digital signature certificate).
01. Tender Opening on 04.10.2018 at 11.00 AM.
02. No. of works : 21 Nos
03. The BID document will be available in the website www.tendersorissa.gov.in from 5.00 PM of 20.09.2018 to 5.00 PM of 30.09.2018 for on-line bidding.
04. Bids shall be received only on-line on or before 5.00 PM of 30.09.2018. Detail can be seen from the sites www.tendersorissa.gov.in.
**Sd./- Executive Officer, Gunupur Municipality**

**ORISSA WATER SUPPLY & SEWERAGE BOARD**
**Office of the Project Director, PMC, OWSSB, Cuttack-753008, Ph.: 0671-2303317, Fax: 0671-2300381, Email: pdowssbctc@gmail.com**
**Bid Identification No.: 01/PMC/OWSSB/CTC 2/2018-19**
**Name of Work:** Construction of Septage Treatment Facility at Balasore Town.
The notice can be viewed / downloaded from e-Procurement Portal of the State Govt. i.e. **https://tendersodisha.gov.in** from **22.09.2018 (12.00 hrs. IST) to 15.10.2018 (17.00 hrs. IST).**
**Sd/- Project Director**

OFFICE OF THE COACH IN CHARGE, SPORTS HOSTEL, BRAHMAPUR
Letter No.215/SHB Dated 19.09.2018
**TENDER CALL NOTICE**
Sealed quotations are invited from the manufacture / authorized dealers / registered firms for supply of Dress & Shoes materials for use of the inmates of Sports Hostel, Brahmapur. The last date of receipt of quotation is **03.10.2018** at **05.00 PM** and will be opened on **04.10.2018** at **03.00 PM** at Sports Hostel, Brahmapur. The details in this regard can be downloaded from the website of Ganjam Collectorate i.e. **ganjam.nic.in** or obtain from the Office of Sports Hostel, Brahmapur Stadium Brahmapur.
The authority reserves the right to reject any or all quotations or cancel the entire process without assigning any reason therof.
**By order of A.D.M, Ganjam**

**OFFICE OF THE OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA, DIST: KALAHANDI-766026, Ph.No. 9437073301, Fax:06673-252253, E-mail: sgmel_uihep@ohpcltd.com**
**ODISHA HYDRO POWER CORPORATION LTD.**
**(A GOVERNMENT OF ODISHA UNDERTAKING)**
OHPC ISO 9001:2008 Certified Company
**Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com, WEB: www.ohpcltd.com, CIN: U40101OR1995SGC003963**
No.CAD-862
**1st CORRIGENDUM TO**
**Tender Call Notice No. 28/2018-19 Dated 31.08.2018**
Name of work: **Deployment of Two nos. Hired light vehicle (Mahindra Bolero / Marshal / Max / Tata Sumo) for Maintenance Division of UIHEP, Mukhiguda for (03) three years.**
The period of sale / submission and opening of this office Tender Call Notice No.28/2018-19 Dtd.31.08.2018 for – **"Deployment of Two nos. Hired light vehicle (Mahindra Bolero / Marshal / Max / Tata Sumo) for Maintenance Division of UIHEP, Mukhiguda for (03) three years"** is extended as follows -
1. Sale of tender paper – Up to 13:00 Hrs. of 04.10.2018
2. Last date and time of Receipt of tender paper – Up to 13:00 Hrs. of 04.10.2018
3. Date and time of Opening of tender – On 09.10.2018 (at 12:30 Hrs.)
All other terms and conditions of the original tender call notice remain unaltered.
Please visit us at www.ohpcltd.com
32136/11/0050/1819 **Sd./- Sr. General Manager (El.), UIHEP, Mukhiguda**


**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, GANJAM**
**DEPARTMENT OF HEALTH AND FAMILY WELFARE**
**Letter No.: 14704** **Date: 17.09.2018**
**CORRIGENDUM**
Ref. Advt. No.-01 / Dt.21.08.2018 for submission of proposals as per the prescribed BID document are invited from interested eligible bidders for Transportation of **"KHUSHI"** - Sanitary Napkin in Ganjam district is hereby extend from Dt.10.09.2018 at 04.00 P.M. to Dt.29.09.2018 at 04.00 P.M.
The eligibility criteria, the terms of reference and the formats for submission of bid are remain unchanged. This can be downloaded from the district website: **https://ganjam.nic.in**.
The undersigned reserves the right to reject any or all proposals without assigning any reason thereof.
**Sd./- Chief District Medical & Public Health Officer, Ganjam**

**GOVERNMENT OF ODISHA**
**ST & SC DEVELOPMENT, MINORITIES & BACKWARD CLASSES WELFARE DEPARTMENT**
**No. 18006 / SSD, Bhubaneswar,** **Date 20.09.2018**
**STSCD-WOEP-CASE 3-0007-2015**
**SECOND SHOW CAUSE NOTICE**
No. 05-VV : Whereas a disciplinary proceeding under Rule 15 of the O.C.S.(C.C&A) Rules, 1962 was initiated against Sri Manas Ranjan Pattanaik, Ex-WEO, Rayagada Block, Gajapati vide the ST&SC Development Department Memorandum No.13706/SSD Dtd: 27-04-2011.
And whereas the Disciplinary Authority considered it necessary to appoint an Inquiring Officer to enquire into the charges framed against Sri Manas Ranjan Pattanaik, Ex-WEO, Rayagada Block, Gajapati and appointed the Sub-Collector, Parlakemundi as the Inquiring Officer and nominated the B.D.O., Rayagada Block as the Marshalling officer under sub-rule 4 & 5 of Rule-15 of OCS(CC&A) Rules, 1962 vide Office Order No. 34347 dt.31.12.2014.
And whereas the Inquiring Officer submitted his enquiry report vide his letter no.2536, dated 04-09-2018.
And whereas the 1st Show Cause Notice along with the enquiry report was issued to the Delinquent Officer vide this Department no.17314/SSD, dated 06.09.2018. He was also intimated through a notice published in two local dailies viz, "The Samaj" and "The Dharitri" (dtd. 08.09.2018) to receive a copy of the 1st Show Cause Notice within 7 days of publication of the said notice and submit his representation against the findings of the Inquiring Officer.
And whereas the Delinquent Officer has not received the 1st Show Cause Notice and has not submitted his representation within the stipulated time.
And whereas after careful consideration of article of charges, enquiry report of the Inquiring Officer, the Disciplinary Authority has proposed to award the following punishment on the Delinquent Officer.
1. The Delinquent Officer be removed from Government service.
Therefore, in pursuance of Rule-15 (10) (i) (b) of OCS (CC&A) Rules of 1962, the findings of the Disciplinary Authority is furnished herewith to the Delinquent Officer calling upon him to submit any representation as he may wish to make against the proposed punishment within 7 days from the date of issue of this notice, failing which the matter will be decided on its own merit as per the existing rules.
45001/11/0006/1819 **Sd./- Director (ST)-cum-Special Secretary to Govt.**

**BHUBANESWAR MUNICIPAL CORPORATION**
**No.31130 COMPETITIVE BIDDING THROUGH e-Procurement Dt.18/09/18**
**NOTICE INVITING TENDER**
**Bid Reference No. BMC-EE DIV-1-16/2018-19, Dt.18.09.2018**
On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-I, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under BMC are also eligible to participate for the works having estimated cost up to Rs.4.00 lakhs.
Only the Bid Reference No. (BMC-EE DIV-I-16/2018-19) should be written clearly over (superscribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name and/or its Sl. No., failing which, such bids shall be rejected outrightly and will not be opened for evaluation. Such non-opened envelops shall be refunded on demand with proper acknowledgement. The affidavit to be submitted/furnished by the intending bidders should feature Name of the Work and/or its Sl. No. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information mentioned in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, Sri S.C Mallia, HA-cum-Acct., BMC Division No.I (Tel. No.9861094727) (during office hours only) till the stipulated last date and time of submission of on-line tender.
1. Total No. of works for which Tenders invited: **54** Nos.
2. Place of Execution : Different locations under **Division-1** of Bhubaneswar Municipal Corporation
3. Estimated Cost of Individual Work : **Rs. 142226/- to Rs. 4462315/-**
4. Eligible Class of Contractors –: Registered Contractors of **Class-'D' to Class-'A'** as indicated against each work mentioned in the tender call notice and **BMC Contractors** for the works having estimated cost up to Rs.4.00 lakhs only.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 A.M of 20.09.2018 to 5 P.M of 29.09.2018** for online bidding.
7. Bids received will be opened at **4.30 P.M onwards on 03.10.2018.**
8. The bidder must possess valid and Compatible **Digital Signature Certificate (DSC).**
9. Further details are available in the DTCN. The DTCN **for 54 Nos.** of works shall be available during the aforesaid period in the e-procurement portal https://www.tendersodisha.gov.in for on-line bidding and in BMC website https://www.bmc.gov.in for view, download and information of all concerned.
**On behalf of Commissioner, BMC, Bhubaneswar**
**Executive Engineer, BMC Division No.-I**
**Progress Through Partnership for a Better Bhubaneswar**

OFFICE OF THE PRINCIPAL CHIEF COMMISSIONER OF INCOME TAX, ODISHA
AAYAKAR BHAWAN, RAJASWA VIHAR, BHUBANESWAR - 751007
F.No.Pr.CCIT/Admn.(GI)/VII-16/2018-19
Dated: 21.09.2018
**TENDER NOTICE FOR PRIVATE SECURITY GUARDS, COOKS AND LIFT OPERATOR**
Sealed quotations are invited from Registered Agencies for supply of efficient security guards, cooks and lift operator on contract basis for jobs to be performed in the office, residential premises, departmental canteen and other properties of Income Tax Department in Bhubaneswar.
The eligibility criteria, terms & conditions and other particulars etc. as laid down in the tender documents may be obtained from the Assistant Commissioner of Income Tax (Hqrs.) (Admn.), O/o the Principal Chief Commissioner of Income Tax, Odisha, 1st Floor, Aayakar Bhawan, Rajaswa Vihar, Bhubaneswar - 751007 from **21.09.2018** to 1**1.10.2018** (between **11.00 AM** and **03.00 PM**). Alternatively, the same can be downloaded from the website of the Income Tax Department i.e. **www.incometaxindia.gov.in**. The sealed quotations should reach this office latest by 11th October, 2018 (15.00 hrs.). The office of the Principal Chief Commissioner of Income Tax, Odisha reserves the right to cancel any or all the quotations without assigning any reason thereof.
**Sd./- ACIT (Hqrs.) (Admn.)**
**Office of the Pr. CCIT, Odisha, Bhubaneswar**

# ସନ୍ତରଣର ଦ୍ରୋଣ



ସୁରେନ୍ଦ୍ର ନାଏକ

**ପିଲା ଦିନରୁ ପାଣିପ୍ରତି ଅହେତୁକ ମୋହ। ମହାନଦୀ କୂଳରେ ଘର, ସ୍କୁଲ ଛୁଟି ହେଲମାତ୍ରେ ପାଣିରେ ନ ପହଁରିଲେ ମନ ସାଧ ମେଣ୍ଟେନି। ଛୁଟି ଦିନ ପାଣିରେ ହିଁ କଟିଯାଏ। ଛୋଟବେଳେ ଏଥିପାଇଁ ଘରୁ ଅନେକ ଗାଳି ଓ ମାଡ଼ ଖାଇବାକୁ ପଡ଼ିଛି। ସଂଯୋଗ ବଶତଃ ବୟସ ବଢ଼ିବା ସହିତ ପାଣି ସହ ସମ୍ପର୍କ ଅଧିକ ଘନିଷ୍ଠ ହୋଇଛି। ୩୦ ବର୍ଷର ଚାକିରି ଜୀବନ ପାଣିରେ ହିଁ କଟିଛି। ସନ୍ତରଣର ଏହି ଦ୍ରୋଣାଚାର୍ଯ୍ୟ ଜଣକ ହେଲେ ସୁରେନ୍ଦ୍ର ନାଏକ। ୧୯୫୮ ଅଗଷ୍ଟ ୧୫ରେ ଜନ୍ମିତ ସୁରେନ୍ଦ୍ର ୨୦୧୮ ଅଗଷ୍ଟ ୩୧ରେ କୋଚିଂ ଜୀବନରୁ ଅବସର ନେଇଛନ୍ତି ସତ, ମାତ୍ର ପାଣିକୁ ନେଇ ସ୍ୱପ୍ନ ଦେଖିବା ଛାଡ଼ି ନାହାନ୍ତି। ଧରିତ୍ରୀ ସହ କଥା ହେବାବେଳେ ନିଜର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ସୂଚନା ଦେଇଛନ୍ତି ଏହି ସନ୍ତରଣ ଗୁରୁ...**

**ପ୍ରଃ କୋଚିଂ କ୍ୟାରିୟର କେବେ ଆରମ୍ଭ ହୋଇଥିଲା ?**

**ଉଃ** ମୁଁ ୧୯୮୭-୮୮ରେ କଲିକତାରେ ସାଇ ଇଷ୍ଟର୍ନ ସେଣ୍ଟରରେ ୧ ବର୍ଷ ଟ୍ରେନିଂ ନେଇଥିଲି। ସେଠି ଡିପ୍ଲୋମା କଲା ପରେ ମୁଁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗରେ ଇଣ୍ଟରଭ୍ୟୁ ଦେଇଥିଲି। ସେଥିରେ ମୁଁ ଉତ୍ତୀର୍ଣ୍ଣ ହୋଇଥିଲି ଏବଂ ୧୯୮୮ରେ କ୍ରୀଡ଼ା ନିର୍ଦ୍ଦେଶକ ଅନାଦି ସାହୁଙ୍କ ସମୟରେ ପ୍ରଥମେ ବୌଦ୍ଧରେ ମୋର ନିଯୁକ୍ତି ହୋଇଥିଲା। ସେତେବେଳେ ବୌଦ୍ଧ ଜିଲା ହୋଇ ନ ଥିଲା, ସବ୍‌ଡିଭିଜନ ଥିଲା। ବୌଦ୍ଧରେ ପ୍ରକୃତରେ ସୁଇମିଂ ପୁଲ୍ ନାହିଁ। ମାତ୍ର ସୁଇମିଂରେ ଯେଉଁ କେତୋଟି ଜିଲା ଭଲ କରୁଛନ୍ତି ତା ମଧ୍ୟରୁ ବୌଦ୍ଧ ଅନ୍ୟତମ। ସୁଇମିଂ ପୁଲ୍ ନ ଥିବାରୁ ନଈ ଏବଂ ପୋଖରୀରେ ଆମେ ଅଭ୍ୟାସ କରୁଥିଲୁ। ମୋ ପ୍ରଶିକ୍ଷଣରେ ବୌଦ୍ଧରୁ ବହୁତ ପିଲା ବାହାରି ନ୍ୟାଶନାଲ ପର୍ଯ୍ୟନ୍ତ ଯାଇଛନ୍ତି।

**ପ୍ରଃ ଅବସର କେବେ ?**

**ଉଃ** ମୁଁ ୨୦୧୮ ଅଗଷ୍ଟ ୩୧ରେ ଅବସର ନେଲି। ୩୦ ବର୍ଷର ଚାକିରି ଭିତରେ ମୁଁ ବୌଦ୍ଧ, ସମ୍ବଲପୁର ଓ ଭୁବନେଶ୍ୱରରେ କୋଚିଂ ଜୀବନ କଟାଇଛି।

**ପ୍ରଃ ଦୀର୍ଘ ଦିନର କୋଚିଂ ଭିତରେ କେତେ ମାନସିକ ଶାନ୍ତି ମିଳିଛି।**

**ଉଃ** ଜଣେ କୋଚ୍ ଭାବେ ସୁଇମିଂ କ୍ୟାରିୟରକୁ ନେଇ ମୁଁ ବହୁତ ଖୁସି। ସୁଇମିଂ ଏପରି ଏକ ଖେଳ ଯେଉଁଥିରେ କି ସବୁବେଳେ କିଛି ନା କିଛି ନୂଆ ଖେଳାଳିଙ୍କ ସହ ମିଶିବାର ସୁଯୋଗ ମିଳିଥାଏ। ମୋ ପ୍ରଶିକ୍ଷଣରେ ବହୁତ ପିଲା ଜାତୀୟ ସ୍ତରରେ ନାଁ କରିଛନ୍ତି, ଚାକିରି କରିଛନ୍ତି, କୋଚ୍ ମଧ୍ୟ ହୋଇଛନ୍ତି। ହଷ୍ଟେଲ ପିଲା ଜାତୀୟ ସ୍ତରରେ ପଦକ ହାସଲ କରିଛନ୍ତି। ପ୍ରତ୍ୟାଶା ରାୟ ବାହାରୁ ଆସି ମଧ୍ୟ ବହୁତ ଭଲ କରୁଛନ୍ତି। କୋଚିଂ ଜୀବନରେ ମୁଁ କୌଣସି ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହୋଇନାହିଁ। ମୋର ସମସ୍ତ ସହଯୋଗୀ କିମ୍ବା ଯାହା ସଂସ୍ପର୍ଶରେ ଆସିଛି ସମସ୍ତଙ୍କର ବଢ଼ିଆ ସମର୍ଥନ ପାଇଛି।

**ପ୍ରଃ କୋଚିଂ ଜୀବନକୁ ନେଇ କିଛି ଅବସୋସ ରହିଛି କି ?**

**ଉଃ** ମୋର ସେମିତି କିଛି ଅବସୋସ ନାହିଁ। ମୁଁ ଏବେ ବି ସକ୍ରିୟ ଅଛି। ଅବସର ନେଇଥିଲେ ହେଁ କୋଚିଂକୁ ଛାଡ଼ିନାହିଁ। ଯେଉଁଠାରୁ ଅଫର ଆସିବ ତାକୁ ମୁଁ ଗ୍ରହଣ କରିବାକୁ ପ୍ରସ୍ତୁତ। ମୁଁ ଆହୁରି ୩-୪ ବର୍ଷ ଫୁଲ୍ ଦମ୍‌ରେ କୋଚିଂ ଦେଇପାରିବି।

**ପ୍ରଃ ଆପଣଙ୍କ ଶ୍ରେଷ୍ଠ ସୃଷ୍ଟି କିଏ?**

**ଉଃ** ଦେଖିବାକୁ ଗଲେ ପ୍ରତ୍ୟାଶା ରାୟ ନମ୍ବର ୱାନରେ ଆସିବେ। ସେ ସୁଇମିଂ ପାଇଁ ଉତ୍ସର୍ଗୀକୃତଥାଏ ଏବଂ ତା ମଧ୍ୟରେ ଲଢ଼ୁଆ ମନୋବୃତ୍ତି ରହିଛି। ତାକୁ ମୁଁ ଯାହା କରିବାକୁ କହିଥାଏ ତାହା ସେ ନିଶ୍ଚିତ କରିଥାଏ। କୋଚିଂ ମାନୁଆଲ ଅନୁସାରେ କୋଚ୍ ୨୦ ପ୍ରତିଶତ ବୁଦ୍ଧି ଖଟାଇଲେ ପିଲାକୁ ୮୦ ପ୍ରତିଶତ ପରିଶ୍ରମ କରି ଆଗକୁ ବଢ଼ିବାକୁ ପଡ଼େ। ୨୦ ପ୍ରତିଶତ ମୁଣ୍ଡ ଖଟାଇ ପିଲାଠାରୁ ୮୦ ପ୍ରତିଶତ ବାହାର କରିବା କୋଚ୍‌ର କାମ। ଗୋଟେ ପିଲାର ଯେଉଁ ଗୁଣ ରହିବା କଥା ତାହା ପ୍ରତ୍ୟାଶା ନିକଟରେ ରହିଛି। ସେ ଭବିଷ୍ୟତରେ ଓଡ଼ିଶା ସୁଇମିଂ ପାଇଁ ଆଦର୍ଶ ହୋଇ ପାରିବ।

**ପ୍ରଃ ଦୀର୍ଘ ଦିନର କୋଚିଂରେ କ'ଣ ଆପଣଙ୍କୁ ବେଶି ଆତ୍ମସନ୍ତୋଷ ଆଣି ଦେଇଛି ?**

**ଉଃ** ସାଫ୍ ଗେମ୍ସରେ ପ୍ରତ୍ୟାଶା ପଦକ ଜିତିବା ମୋ ପାଇଁ ବହୁତ ଖୁସିର କଥା ଥିଲା। ଟ୍ରେନିଂ ବେଳେ ମୁଁ ମେଡାଲକୁ ଦୃଷ୍ଟିରେ ରଖି ନୁହେଁ ଟାଇମିଂରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦେଇଥାଏ। ଟାଇମିଂରେ ଉନ୍ନତି ଆସିଲେ ପଦକ ସମ୍ଭବ ହୋଇ ପାରିବ। ପ୍ରତ୍ୟାଶା କ୍ଷେତ୍ରରେ ତାହା ଦେଖିବାକୁ ମିଳୁଛି।

**ପ୍ରଃ ପାଣିରେ ଆପଣଙ୍କ ଜୀବନ କଟିଗଲା। ସେଇ ପାଣି ଆପଣଙ୍କ ଜୀବନରେ କେତେ ଖୁସି ଆଣିଛି।**

**ଉଃ** ପିଲାଦିନରୁ ମୋର ପାଣି ପ୍ରତି ଆଗ୍ରହ। କାରଣ ଆମ ଘର ଦଳେଇପଡ଼ା ନଦୀର ଅତି ନିକଟରେ। ମାଛ ଧରିବା ଆମର କୌଳିକ ବୃତ୍ତି। ପିଲା ଦିନରୁ ମୁଁ ସମୟ ପାଇଲା ମାତ୍ରେ ନଈକୁ ଯାଇଥାଏ। ଛୋଟବେଳେ ମା' ବାପାଙ୍କ ସହ ନଈକୁ ଯାଉଥିଲି। ତେଣୁ ଛୋଟ ବେଳରୁ ହିଁ ମୋର ପାଣିରେ ଅଧିକାଂଶ ସମୟ କଟିଛି। ସକାଳେ ଓ ସନ୍ଧ୍ୟାରେ ନଈକୁ ନ ଗଲେ ମନ ମାନେନି। ପାଣିକୁ ଦେଖିଲେ ସ୍ୱତଃପ୍ରବୃତ୍ତଭାବେ ଆଗ୍ରହ ଆସିଥାଏ। ପିଲାବେଳେ ବହୁତ ପାଣିରେ ପହଁରୁଥିଲି। ଆମର ସମସ୍ତ ନିତ୍ୟକର୍ମ ହିଁ ମହାନଦୀରେ ହୋଇଥାଏ। ଘରଠାରୁ ୧୦୦ ମିଟର ଏବଂ ସ୍କୁଲଠାରୁ ୨୦ ମିଟର ଦୂରରେ ମହାନଦୀ। ସ୍କୁଲରେ ସାର୍ ପାଠ ପଢ଼ାଉଥିବାବେଳେ ମୋର ନଜର ନଈ ଉପରେ ଥାଏ। କେତେବେଳେ ସ୍କୁଲ ଛୁଟି ହେବ ଏବଂ ମୁଁ ନଈକୁ ଦୌଡ଼ିବି। ସେତେବେଳେ ସୁଇମିଂ କ'ଣ ଜାଣି ନ ଥିଲୁ, ମାତ୍ର ପାଣିରେ ପହଁରିବା ହିଁ ଆତ୍ମସନ୍ତୋଷ ଆଣି ଦେଇଥାଏ। ଛୁଟିଦିନରେ ମା' ନ ଡାକିବା ଯାଏ ପାଣିରେ ସମୟ କଟିଥାଏ। ସେଥିପାଇଁ ଘରୁ ବହୁତ ଗାଳି ଓ ମାଡ଼ ଖାଇଛି। ମାତ୍ର ପାଣିରେ ପହଁରିବାପରେ ସେ ସବୁକୁ ଭୁଲିଯାଇଛି।

**ପ୍ରଃ ଆପଣଙ୍କ ପରିବାରରେ କିଏ ଅଛନ୍ତି ?**

**ଉଃ** ପରିବାର କହିଲେ ପୁଅ ଚିନ୍ତନ କୁମାର ନାଏକ, ଝିଅ ଈଶା ଓ ପତ୍ନୀ ପୁଷ୍ପାଞ୍ଜଳି। ଅମର ବଡ଼ ପରିବାର। ଏହା ବ୍ୟତୀତ ଘରେ ଦାଦା, କାକା, ବଡ଼ଭାଇ ଓ ଭଉଣୀମାନେ ମଧ୍ୟ ଅଛନ୍ତି। ଚିନ୍ତନ ଏବେ ବାଙ୍ଗାଲୋରରେ ସୁଇମିଂରେ ଏନଆଇଏସ ଡିପ୍ଲୋମା କରି ଆସିଛି। ଏବେ ସେ ସମ୍ବଲପୁରସ୍ଥିତ ଡ.ଝସକେତନ ସାହୁ ସୁଇମିଂ ପୁଲ୍‌ରେ ଟ୍ରେନରଭାବେ ଯୋଗ ଦେଇଛି।

**ପ୍ରଃ ଅବସର ପରବର୍ତ୍ତୀ ଅବସ୍ଥାରେ ଆପଣଙ୍କର କ'ଣ ଯୋଜନା ରହିଛି।**

**ଉଃ** ସତକଥା କହିବାକୁ ଗଲେ ମୁଁ ଅବସର ନେଇଛି ବୋଲି ଏବେ ମଧ୍ୟ ଅନୁଭବ କରି ପାରିନି। ମୋତେ ବୟସ ହୋଇଗଲାଣି, ଆଉ କିଛି କରି ପାରିବିନି ବୋଲି କେବେ ଭାବିନି। ମୁଁ ପୂର୍ବରୁ ଯେପରି ଦୈନନ୍ଦିନ ଜୀବନ କଟାଉଥିଲି ଏବେ ମଧ୍ୟ ତାହା ଜାରି ରହିଛି। କିଛି ପରିବର୍ତ୍ତନ ହୋଇଥିବା ଅନୁଭବ କରି ପାରିନି। ଏବେ ମୁଁ ନିଜେ ସୁଇମିଂ ଅଭ୍ୟାସ ଉପରେ ଟିକେ ଗୁରୁତ୍ୱ ଦେଉଛି। କାରଣ ମାଷ୍ଟର୍ସ ସୁଇମିଂ ପ୍ରତିଯୋଗିତାରେ ଭାଗ ନେବାକୁ ମୋର ଇଚ୍ଛା। ପୂର୍ବରୁ ୨୦୧୬ରେ ସର୍ବଭାରତୀୟ ସ୍ତରରେ ଆମେ ରିଲେରେ ସ୍ୱର୍ଣ୍ଣ ପଦକ ପାଇଥିଲୁ। ମୁଁ ଏବେ ଅଭ୍ୟାସ ଜାରି ରଖି ଓଡ଼ିଶା ପାଇଁ ପଦକ ଆଣିବାକୁ ପୁଣି ଉଦ୍ୟମ କରିବି।

**ପ୍ରଃ ଓଭରଅଲ୍ ଓଡ଼ିଶାରେ ସନ୍ତରଣର ଭିତ୍ତିଭୂମୀ କିପରି ରହିଛି।**

**ଉଃ** ଆମ ସମୟରେ ସମ୍ବଲପୁରରେ କେବଳ ଗୋଟିଏ ସୁଇମିଂ ପୁଲ୍ ଥିଲା। ଏବେ ଭୁବନେଶ୍ୱର, କଟକ, ରାଉରକେଲାରେ ଏହା ଉପଲବ୍ଧ। ବିଭିନ୍ନ ସ୍ଥାନରେ ଯଦି ସୁଇମିଂ ପୁଲ୍ ହେବ ତେବେ ପିଲା ଯଦି ଅଧିକ ସଂଖ୍ୟାରେ ଆସିବେ ତେବେ ରାଜ୍ୟ ସୁଇମିଂରେ ନିଶ୍ଚିତ ଉନ୍ନତି ଆସିବ। ସୁଇମିଂ ଶିଖିଲେ କୌଣସି ନଈ କିମ୍ବା ପୋଖରୀରେ ବୁଡ଼ି ଯିବାର ସମ୍ଭାବନା କମ୍ ରହିବ। ପ୍ରତି ଜିଲାରେ ସୁଇମିଂ ପୁଲ୍ କରାଗଲେ ଏବଂ ଏହି ଖେଳ ପ୍ରତି ପିଲାମାନଙ୍କୁ ଆକୃଷ୍ଟ ପାଇଁ ଉଦ୍ୟମ ହେବା ଆବଶ୍ୟକ।

**ପ୍ରଃ ଓଡ଼ିଶାର କିଛି ହାତଗଣତି ପିଲା ସଫଳତା ପାଉଛନ୍ତି, କାରଣ କ'ଣ ?**

**ଉଃ** ଆମେ ବହୁତ କମ୍ ପିଲା ପାଉଛୁ। ତା' ଭିତରୁ ଶ୍ରେଷ୍ଠ ବାହାର କରିବାକୁ ଚେଷ୍ଟା କରୁଛୁ। ଯଦି ଆମର ବେସ୍ ବଡ଼ ରହିବ ତେବେ ନିଶ୍ଚିତ ପ୍ରଦର୍ଶନ ଆହୁରି ଭଲ ହେବ ଏବଂ ଅଧିକ ଭଲ ପିଲା ବାହାରି ପାରିବେ। କୋରାପୁଟ, ବ୍ରହ୍ମପୁର, କଟକ ଆଦି ସବୁ ଅଞ୍ଚଳରୁ ପିଲା ଆସି ପ୍ରତିଯୋଗିତାରେ ଭାଗନେଲେ ନିଶ୍ଚିତ ଉପକାର ମିଳିବ। ଅଧିକ ସୁଇମିଂ ପୁଲ ଆବଶ୍ୟକ। ନ ହେଲେ ଆମେ ସର୍ବଭାରତୀୟ ସ୍ତରରେ ଟକ୍କର ଦେଇ ପାରିବା ନାହିଁ। ବାଙ୍ଗାଲୋରରେ ୧୮ରୁ ଊର୍ଦ୍ଧ୍ୱ ସୁଇମିଂ ପୁଲ୍ ଅଛି, ମହାରାଷ୍ଟ୍ରରେ ମଧ୍ୟ ଅଧିକ ସୁଇମିଂ ପୁଲ୍ ଉପଲବ୍ଧ। ଆମର ବେଶି ସୁଇମିଂ ପୁଲ ନାହିଁ। ନଈ ପହଁରା ଏବଂ ସୁଇମିଂ ପୁଲ୍‌ରେ ପହଁରିବାରେ ବହୁତ ପ୍ରଭେଦ ରହିଛି। ନଈ କିମ୍ବା ପୋଖରୀରେ ପହଁରିଲେ ତରଙ୍ଗର ମାଡ଼ କ'ଣ ଜାଣି ହେବନି। ମାତ୍ର ସୁଇମିଂ ପୁଲ୍‌ରେ ଯେତେବେଳେ ଏକସଙ୍ଗେ ୮ କିମ୍ବା ତଦୂର୍ଦ୍ଧ୍ୱ ପିଲା ପହଁରିବେ ସ୍ୱାଭାବିକଭାବେ ତରଙ୍ଗ ମାଡ଼ ହେବ। ଫଳରେ ଯିଏ ଠିକ୍ ଟେକ୍ନିକ ଜାଣି ନ ଥିବ ନିଶ୍ଚିତ ପଛରେ ପଡ଼ିଯିବ। ଆମ ନିକଟରେ ଯାହା ସମ୍ବଳ ଅଛି ଆମେ ତାହାକୁ ନେଇ ଆଗକୁ ଯାଉଛୁ। ରାଜ୍ୟରେ ଅଧିକରୁ ଅଧିକ ଟୁର୍ନାମେଣ୍ଟ ଆବଶ୍ୟକ ଅଛି। ଆମପିଲାମାନେ କେବଳ ଜୁନିୟର ନ୍ୟାଶନାଲ, ସବ୍‌ଜୁନିୟର ନ୍ୟାଶନାଲ ଏବଂ ରାଜ୍ୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଉଛନ୍ତି। ସ୍କୁଲ ସ୍ତରରେ କିଛି ପ୍ରତିଯୋଗିତା ନାହିଁ। ବାଙ୍ଗାଲୋରରେ ପ୍ରାୟ ପ୍ରତି ମାସେ କିମ୍ବା ୨ ମାସରେ କିଛି ନାଁ କିଛି ପ୍ରତିଯୋଗିତା ହେଉଛି। ତେଣୁ ସେଠାରୁ ଭଲ ଖେଳାଳି ବାହାରିବା ସ୍ୱାଭାବିକ। ଏବେ ସର୍ବଭାରତୀୟ ସ୍ତରରେ ଇଣ୍ଟର କ୍ଲବ ଟୁର୍ନାମେଣ୍ଟ ହେଉଛି। ଓଡ଼ିଶାରେ ସେ ସବୁ ନାହିଁ, ତେଣୁ ସ୍କୁଲ, କ୍ଲବ ସ୍ତରରେ ପ୍ରତିଯୋଗିତାମାନ ହେବା ଆବଶ୍ୟକ।

**ପ୍ରଃ ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରର କେତୋଟି ସୁଇମିଂ ପୁଲ୍ ଅଛି**

**ଉଃ** ଏବେ ସମ୍ବଲପୁର, କଟକ, ଭୁବନେଶ୍ୱର ଏବଂ ଆଇଏନଏସ ଚିଲିକାରେ ଅନ୍ତର୍ଜାତୀୟ ମାନର ସୁଇମିଂ ପୁଲ୍ ଅଛି।

**ପ୍ରଃ ଭୁବନେଶ୍ୱର ସୁଇମିଂ ପୁଲ୍ ସମ୍ପର୍କରେ କ'ଣ କହିବେ ?**

**ଉଃ** ମୋତେ ଛାଡ଼ି ବିଜୁପଟ୍ଟନାୟକ ସୁଇମିଂ ପୁଲ୍‌ରେ ଆଉ ଜଣେ କୋଚ୍ ପୁରୀର ମନମୋହନ ମିଶ୍ର ଅଛନ୍ତି। ସେ ଜଣେ ଏନଆଇଏସ କୋଚ୍। ଭୁବନେଶ୍ୱରରେ ଭଲ ଜିମ୍ ଅଛି, ସୁଇମିଂ ପୁଲ୍ ମଧ୍ୟ ବହୁତ ଭଲ। କେବଳ ଅଧିକରୁ ଅଧିକ ପିଲା ଆସିବା ଆବଶ୍ୟକ ଅଛି। ଭୁବନେଶ୍ୱର ହଷ୍ଟେଲରେ ଏବେ ୧୦ ପିଲା ଅଛନ୍ତି, ବାହାରୁ ୧୦-୧୫ ପିଲା ଆସୁଛନ୍ତି। ସେଥିରୁ ଅଧିକାଂଶ ସବ୍‌ଜୁନିୟର ଓ ଜୁନିୟର ସ୍ତରରେ ରାଜ୍ୟରୁ ପ୍ରତିନିଧିତ୍ୱ କରି ସାରିଛନ୍ତି। ଏବେ ସିବିଏସଇ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ, ଏସଜିଏଫଆଇ, ଆଇସିଆଇସି ସ୍ତରରେ ପ୍ରତିଯୋଗିତା ହେଉଛି। ତେଣୁ ଅଭିଭାବକମାନେ ସଚେତନ ହୋଇ ନିଜ ପିଲାଙ୍କୁ ଅଧିକ ସଂଖ୍ୟାରେ ସୁଇମିଂରେ ଛାଡ଼ିଲେ ଆମ ରାଜ୍ୟ ନିଶ୍ଚିତ ଏଥିରେ ଆଗକୁ ବଢ଼ିବ।

**ପ୍ରଃ ଓଡ଼ିଶାରେ ସୁଇମିଂକୁ କ୍ୟାରିୟର କରି ପ୍ରତିଷ୍ଠା ଲାଭ କରିହେବ କି ?**

**ଉଃ** ନିଶ୍ଚିତ। ଏବେ ୩-୪ ଜଣ ପିଲା ଏନଆଇଏସ କୋର୍ସ କରି ଆସିଲେଣି। ଅନେକ ପିଲା ପୋଲିସରେ ଚାକିରି କରିଛନ୍ତି। କେତେକ ବିଭିନ୍ନ ସ୍କୁଲ ଏବଂ କଲେଜରେ ଭଲ ପ୍ୟାକେଜରେ ମଧ୍ୟ ଟ୍ରେନର ଭାବେ କାର୍ଯ୍ୟ କରୁଛନ୍ତି। ତେଣୁ ଏହାକୁ କ୍ୟାରିୟର କରିହେବ ବୋଲି ମୁଁ ଭାବୁଛି।

**ପ୍ରଃ ନୂଆ ପିଲାଙ୍କୁ କ'ଣ କହିବେ**

**ଉଃ** ସେମାନେ ଆସନ୍ତୁ, ସୁଇମିଂ ଶିଖନ୍ତୁ। ସବୁଠାରୁ ବଡ଼ କଥା ହେଲା ସନ୍ତରଣକୁ ଭଲ ପାଆନ୍ତୁ। କୌଣସି ଗେମ୍‌କୁ ଭଲ ପାଇଲେ ଯାଇ ସେଥିରେ ଆଗକୁ ବଢ଼ିହେବ। କଷ୍ଟ ତ ହେବ ମାତ୍ର ତା'ର ଫଳ ନିଶ୍ଚିତ ମିଳିବ।

**ପ୍ରଃ ଆଗାମୀ ପ୍ରତିଯୋଗିତା କ'ଣ ?**

**ଉଃ** ତ୍ରିଭେନ୍ଦ୍ରମ ସିନିୟର ନ୍ୟାଶନାଲ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଆମର ୫ ଖେଳାଳି ପ୍ରତ୍ୟାଶା, ସୋନିଆ ପଟେଲ, ତୁଳସୀ କିସାନ, ହରିପାଲ ଓ ଯଦୁ ବୁଡେକ୍ ଭାଗନେଉଛନ୍ତି। ପ୍ରତ୍ୟାଶାର ଟାଇମିଂ ଭଲ ଅଛି, ତେଣୁ ସେ ଏହି ଟୁର୍ନାମେଣ୍ଟରେ ପଦକ ଜିତିପାରିବ ବୋଲି ଆଶା ରହିଛି।

**ପ୍ରଃ ବାହାରେ ଯାଇ ଶିଖିବାରେ ଫାଇଦା ଅଛି କି**

**ଉଃ** ବାହାରକୁ ଗଲେ ପରିବେଶ ବଦଳି ଯାଇଥାଏ। ସେଠାରେ କୋଚ୍‌ଙ୍କର ଟେକ୍ନିକ ଭିନ୍ନ ଥାଏ। ଭଲ ପ୍ରତିଦ୍ୱନ୍ଦ୍ୱୀ ମଧ୍ୟ ମିଳି ଯାଇଥାନ୍ତି। ବାହାର ପରିବେଶରେ ଭଲ ସୁଇମରଙ୍କ ସହିତ ସୁଇମିଂ କଲେ ନିଶ୍ଚିତ ପ୍ରଦର୍ଶନରେ ଉନ୍ନତି ଆସିଥାଏ।

**ସାକ୍ଷାତ: ତପନ ସ୍ୱାଇଁ**
**ଫଟୋ: ମୌସମ ନନ୍ଦ**

## କ୍ୟାରିୟର

**ହା**ଇପରଆଣ୍ଡ୍ରୋଜେନିଜମ୍ ବିବାଦ
ବାଧାବିଘ୍ନ ପ୍ରତିକୂଳ
ପରିସ୍ଥିତି କ୍ୟାରିୟରକୁ ନେଇକି
ଲେଖା ହେବ ତିଳ ତିଳ
କେମିତିକା ଶ୍ରମ ଫଳ
ମିଠା ହୋଇଥାଏ ଦୂତୀଙ୍କ ଜୀବନୀ
ଜାଣିବୁ ପଢ଼ିଲେ ଭୋଳ।
ଭାରତର ଯୋଦ୍ଧା ସାଜନ ଭାନୁଆଲ
ଜୁନିୟର ହୋଇ ବଡ଼
ଐତିହାସିକ ପଦକ ଜିତିଛି
ବିପକ୍ଷକୁ ମାରି ମାଡ଼
କେଡ଼େ ଦମ୍ଭ ତା'ର ହାଡ଼
ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ
କ୍ୟାରିୟର ଦେଖ ରଡ଼।
ଇଂଲଣ୍ଡରେ ଫ୍ଲପ୍ ଟିମ୍ ଟୋକା ଏବେ
ଖେଳୁଛନ୍ତି ଭଲ ପାଳି
ଅପ୍‌ରେ ୱିଶ୍ ଡାଉନ୍‌ରେ ଫ୍ୟାନ
ଦେଇଥାନ୍ତି ସଦା ଗାଳି
ଭଲ ପାଇଁ ବାଜେ ତାଳି
ସଂଘର୍ଷରେ ଯା'ର କ୍ୟାରିୟର ଗଢ଼ା
(ସିଏ) ଅଲଓ୍ୱେଜ ବାହୁବଳୀ।

-ସୁବାସ ଚନ୍ଦ୍ର ପ୍ରଧାନ

## ହାର୍ଟ ବିଟ୍ସ ଫର ହକି

# ଏକ ଅଭିଯାନ ନୁହେଁ, ଆନ୍ଦୋଳନ




ନୂପୁର ମହାଜନ

**ପୁରୀ ମୋର ଅନ୍ୟତମ ପ୍ରିୟ ସହର। ଓଡ଼ିଶା ଆସିଲେ ନିଶ୍ଚିତ ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରେ।**

ଭୁବନେଶ୍ୱରରେ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ହେବାକୁଥିବା ହକି ବିଶ୍ୱକପ ପାଇଁ ତାତି କ୍ରମେ ବଢ଼ିବାରେ ଲାଗିଛି। ହକି ପ୍ରତି ସଚେତନତା ଏବଂ ବିଶ୍ୱକପ ପ୍ରତି ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ନୂଆ ରୂପ ନେଉଛି ଭେନ୍ୟୁ କଳିଙ୍ଗ ଷ୍ଟାଡିୟମ। ବିଶ୍ୱକପକୁ ସ୍ମରଣୀୟ କରିବା ପାଇଁ ରାଜ୍ୟ ସରକାର ମଧ୍ୟ ପ୍ରତିଶ୍ରୁତିବଦ୍ଧ। ୨୭ ତାରିଖରେ ଉଦ୍‌ଘାଟନୀ ଉତ୍ସବଠାରୁ ୧୬ରେ ଉଦ୍‌ଯାପନୀ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ଭିନ୍ନ ଢଙ୍ଗରେ କରିବା ପାଇଁ ପ୍ରୟାସ ଚାଲିଛି। ହକି ବିଶ୍ୱକପ ପ୍ରତି ସାଧାରଣ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଯୋଜନା ସହ ଏହାର ଉଦ୍‌ଘାଟନୀ ଉତ୍ସବକୁ ମନମୁଗ୍ଧକର କରିବା ଦାୟିତ୍ୱରେ ଯିଏ ଅଛନ୍ତି ସେ ହେଉଛନ୍ତି ହାର୍ଟ ବିଟ୍ସ ଫର ହକି ଅଭିଯାନର ସ୍ରଷ୍ଟା ଏବଂ ଉଦ୍‌ଘାଟନୀ ଉତ୍ସବର କ୍ରିଏଟିଭ୍ ଡାଇରେକ୍ଟର ତଥା ଲେଖିକା/କୋରିଓଗ୍ରାଫର ନୂପୁର ମହାଜନ। 'ହାର୍ଟ ବିଟ୍ସ ଫର ହକି' (ହକି ପାଇଁ ହୃଦ୍ ସ୍ପନ୍ଦନ) କେବଳ ଏକ ଅଭିଯାନ ନୁହେଁ ଏହା ଏକ ଆନ୍ଦୋଳନ, ଯାହାକି ବିଭିନ୍ନ ଭୌଗୋଳିକ ଅଞ୍ଚଳର ଲୋକଙ୍କୁ ହକି ପାଇଁ ଜାଗ୍ରତ କରିବ ଏବଂ ଏହି ଖେଳପ୍ରତି ନିବିଡ଼ତା ସୃଷ୍ଟି କରିବ ବୋଲି ନୂପୁର କହିଛନ୍ତି। ଏହା ପୂର୍ବରୁ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଉତ୍ସବ ମଧ୍ୟ ଥିଲା ତାଙ୍କର ପରିକଳ୍ପନା। ''ଓଡ଼ିଶାକୁ ଭଲ ପାଇବା ମୋତେ ଏଠାରେ ଅଧିକରୁ ଅଧିକ କାର୍ଯ୍ୟକ୍ରମ କରିବାକୁ ଉତ୍ସାହିତ କରିଛି। ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ସମାରୋହ କାର୍ଯ୍ୟକ୍ରମ ପ୍ରସ୍ତୁତ ପାଇଁ ମୋତେ ମାତ୍ର ୩ ସପ୍ତାହ ସମୟ ମିଳିଥିଲା। ଏବେ ସମୟ ଥିବାରୁ ମୁଁ ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବକୁ ନିଆରା ଢଙ୍ଗରେ କରିବାକୁ ଯୋଜନା ରଖିଛି। ଗତ ଜୁଲାଇରେ ମୋତେ ଦାୟିତ୍ୱ ମିଳିଥିଲା। ମୁଁ ମୋର ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟରେ ରଖିଥିଲି ଏବଂ ମୋତେ ଇଚ୍ଛା ଅନୁସାରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ଅନୁମତି ମିଳିଥିଲା'' ବୋଲି ଗୁରୁବାର ଏକ ସାକ୍ଷାତ୍‌କାର ଅବସରରେ ପ୍ରକାଶ କରିଛନ୍ତି ନୂପୁର। ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବ ୨ ଘଣ୍ଟା ସମ୍ବଳିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହାର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇ ନ ଥିବାରୁ ସମାରୋହ ସମ୍ପର୍କରେ ଅଧିକ ତଥ୍ୟ ଦେବାକୁ ମନା କରିଥିଲେ ହେଁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଦେଖିବାକୁ ମିଳିବ ବୋଲି ପ୍ରକାଶ କରିଛନ୍ତି। ଏହି ଶୋ' ସମ୍ପର୍କରେ ପରିକଳ୍ପନା କରିବା, ଲେଖିବା ଓ ନିର୍ଦ୍ଦେଶନା ଦେବା ପାଇଁ ଦାୟିତ୍ୱ ଦିଆ ଯାଇଥିବାରୁ ମୁଁ ନିଜକୁ ଗର୍ବିତ ମନେ କରୁଛି। ଉଦ୍‌ଘାଟନୀ ଉତ୍ସବର କାର୍ଯ୍ୟକ୍ରମ ହକିକୁ ପୁନଃ ପରିଭାଷିତ କରିବ ଏବଂ ବିଶ୍ୱସ୍ତରରେ ଏକ ନୂତନ ମାନଦଣ୍ଡ ଧାର୍ଯ୍ୟ କରିବା ସହ ନୂତନ ଓ ପୁନରୁତ୍ଥାନ ଓଡ଼ିଶାର ଏକ ନୂଆ ପରିଚୟ ସୃଷ୍ଟି କରିବ ବୋଲି ସେ ପ୍ରକାଶ କରିଛନ୍ତି।

ନବ ନିର୍ମିତ ହକି ଷ୍ଟାଡିୟମର ଉଦ୍‌ଘାଟନୀ ଉତ୍ସବ ଦିନ ଭାରତ ଓ ଓଡ଼ିଶା ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ହେବ। ଭାରତର ଶ୍ରେଷ୍ଠ ସଙ୍ଗୀତକାରଙ୍କ ଦ୍ୱାରା ପ୍ରସ୍ତୁତ ବିଶ୍ୱକପର ଅଫିସିଆଲ ଗୀତ, ଭାରତର ଅଗ୍ରଣୀ କୋରିଓଗ୍ରାଫର ଏବଂ ସଙ୍ଗୀତ ଜଗତର କିମ୍ବଦନ୍ତୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ମ୍ୟୁଜିକ୍ ଭିଡିଓକୁ ଉନ୍ମୋଚନ କରାଯିବ। ବ୍ରାଣ୍ଡ ଷ୍ଟ୍ରାଟେଜିଷ୍ଟ ନୂପୁରଙ୍କ ପରିକଳ୍ପନାରେ ବିଶିଷ୍ଟ ପୁରୁଷ ଡ୍ରେସ୍ ଡିଜାଇନର ନରେନ୍ଦ୍ର କୁମାରଙ୍କ ଦ୍ୱାରା ପ୍ରସ୍ତୁତ ବିଶ୍ୱକପ କିଟ୍‌କୁ ସେପ୍ଟେମ୍ବର ୭ରେ ମୁମ୍ବାଇଠାରେ ଉନ୍ମୋଚନ କରା ଯାଇଥିଲା। ଏଥିରେ ଟିମ୍ କିଟ୍ ସହିତ ବ୍ଲେଜର ମଧ୍ୟ ସାମିଲ। ଡିଜାଇନ୍‌ର କେନ୍ଦ୍ରସ୍ଥଳରେ ଥିବା କୋଣାର୍କ ସୂର୍ଯ୍ୟଙ୍କ ପ୍ରତୀକ ଏବଂ କୋଣାର୍କ ଚକ୍ର ଉଦୟ ହେଉଥିବା ସୂର୍ଯ୍ୟ ଉତ୍ଥାନର ପ୍ରତୀକ। ବିଶ୍ୱକପ ପାଇଁ ସ୍ୱତନ୍ତ୍ର ଜର୍ସିର ଡିଜାଇନ୍ ହୋଇସାରିଛି। ଟିମ୍ ଘୋଷଣା ଅବସରରେ ଏହା ପ୍ରଦାନ କରାଯିବ।

ହାର୍ଟ ବିଟ୍ସ ଫର ହକି ଅଭିଯାନ ଭୁବନେଶ୍ୱରରୁ ଗୁରୁବାର ଆରମ୍ଭ ହୋଇଛି। ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ସ୍ଥାୟୀଭାବେ ଏହାକୁ ସ୍ଥାପନ କରାଯାଇଛି। ହାର୍ଟ ବିଟ୍ ନାମରେ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଏକ ହକି ବାଡ଼ିକୁ ଯେ କେହି ଧରିଲେ ହକିକୁ ସମର୍ଥନ ସ୍ୱରୂପ ତାଙ୍କ ହୃଦ ସ୍ପନ୍ଦନ ରେକର୍ଡ ହୋଇଯିବ। ଓଡ଼ିଶା ଓ ସାରା ଭାରତର କ୍ରୀଡ଼ାପ୍ରେମୀ ଡିଜିଟାଲ ପ୍ଲାଟ୍‌ଫର୍ମରେ www.heartbeatsforhockey.comରେ ଲଗ୍ ଅନ୍ କରି ସେମାନଙ୍କ ହୃଦ୍ ସ୍ପନ୍ଦନ ରେକର୍ଡ କରି ପାରିବେ ଏବଂ ହକି ପାଇଁ ସେମାନଙ୍କର ହୃଦ୍ ସ୍ପନ୍ଦନର ସମର୍ଥନ ଦେଇ ପାରିବେ। ଚଳିତମାସ ୨୫ରୁ ୧୦୦ ସହର ପାଇଁ ହାର୍ଟ ବିଟ୍ସ ଫର ହକି କଲେଜ୍ ଟୁର୍ ଭୁବନେଶ୍ୱରରୁ ଆରମ୍ଭ ହେବ। କିଛି ମାସ ମଧ୍ୟରେ ଫିଟ୍ ଦି ଷ୍ଟ୍ରିଟ୍ କାର୍ଯ୍ୟକ୍ରମ ଜରିଆରେ ସାରା ଦେଶର କୋଣ ଅନୁକୋଣରୁ ହୃଦ୍ ସ୍ପନ୍ଦନ ସଂଗ୍ରହ କରାଯିବ। ଉଭୟ କ୍ଷେତ୍ରଭିତ୍ତିକ ଅଭିଯାନ ଓ ଡିଜିଟାଲ ପ୍ଲାଟ୍‌ଫର୍ମ ଜରିଆରେ ଯେଉଁ ହୃଦ୍ ସ୍ପନ୍ଦନ ସଂଗୃହୀତ ହୋଇଥିବ ତାହାକୁ ବିଶ୍ୱକପ୍‌ର ଉଦ୍‌ଘାଟନୀ ସମାରୋହରେ ୧୬ଟି ଦଳର ଅଧିନାୟକଙ୍କୁ ପ୍ରଦାନ କରାଯିବ। ପୁରୀ ମୋର ଅନ୍ୟତମ ପ୍ରିୟ ସହର, ମୁଁ ଯେତେଥର ଓଡ଼ିଶା ଆସିଛି ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିଛି ବୋଲି ନୂପୁର ପ୍ରକାଶ କରିଛନ୍ତି।



ବର୍ତ୍ତମାନ ଅଧିକ ବ୍ୟାଙ୍କକୁ ମିଶ୍ରଣ କରିବା ସ୍ଥିତିରେ ନାହୁଁ। ଗତବର୍ଷ ନିଆଯାଇଥିବା ପଦକ୍ଷେପ ଯୋଗୁ ୨ରୁ ୩ ବର୍ଷରେ କ'ଣ ଫାଇଦା ହେଉଛି ସେ ଉପରେ ନଜର ରଖାଯାଇଛି।
– ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ



ନୂଆ ସି କ୍ଲାସ ମଡେଲ ସହ ଆକର୍ଷଣୀୟ ପ୍ରଡକ୍ଟ ତଥା ନିରନ୍ତର ପରିବର୍ତ୍ତନ ଧାରା ଯୋଗୁ ବଜାରରେ ସଫଳ ହେବାକୁ ସକ୍ଷମ ହୋଇଛୁ।
– ମାଇକେଲ ଜୋପ୍, ସେଲସ, ମାର୍କେଟିଂ ଉପସଭାପତି, ମର୍ସିଡିଜ ବେଞ୍ଜ ଇଣ୍ଡିଆ

## ସଂକ୍ଷେପରେ

### ସ୍ୱଳ୍ପ ସଞ୍ଚୟ ସ୍କିମ୍ ସୁଧ ବଢ଼ିଲା




**ନୂଆଦିଲ୍ଲୀ,୨୦-୯:** ସ୍ୱଳ୍ପ ସଞ୍ଚୟ ନିବେଶକାରୀଙ୍କ ଲାଗି ଖୁସି ଖବର। କେନ୍ଦ୍ର ସରକାର ରାଷ୍ଟ୍ରୀୟ ସଞ୍ଚୟ ପ୍ରମାଣପତ୍ର(ଏନ୍‌ଏସ୍‌ସି), ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ୍),ସୁକନ୍ୟା ଯୋଜନା ସମେତ ସମସ୍ତ ପ୍ରକାର ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାରକୁ ବଢ଼ାଇ ଦେଇଛନ୍ତି। ଅକ୍ଟୋବର-ଡିସେମ୍ବର ତ୍ରୈମାସ ପାଇଁ ସୁଧରେ ୦.୪% ପର୍ଯ୍ୟନ୍ତ ସୁଧ ହାର ବଢ଼ାଯାଇଛି। ସୂଚନାଥାଉକି, ତ୍ରୈମାସ ଆଧାରରେ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାର ସଂଶୋଧିତ ହୋଇଥାଏ। ସ୍ଥାୟୀ ଆୟ ଲାଗି ଏଭଳି ଯୋଜନାରେ ନିବେଶ ପ୍ରତି କ୍ଷୁଦ୍ର ନିବେଶକାରୀଙ୍କ ଆଗ୍ରହ ରହିଛି। ଦୀର୍ଘ ଦିନ ହେଲା ଏହି ସମସ୍ତ ଯୋଜନାର ସୁଧ ହାର ବଢ଼ି ନ ଥିଲା। ଗତ ୨ଟି ତ୍ରୈମାସରେ ସୁଧ ହାର ସ୍ଥିର ରହିଥିଲା। ଚଳିତ ବର୍ଷ ଜାନୁଆରୀ-ମାର୍ଚ୍ଚ ତ୍ରୈମାସରେ ସୁଧ ହାର ହ୍ରାସ କରାଯାଇଥିଲା। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଆର୍ଥିକ ବର୍ଷ ୨୦୧୮-୧୯ର ତୃତୀୟ ତ୍ରୈମାସ ଲାଗି ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାରକୁ ସଂଶୋଧନ କରାଯାଉଛି। ୫ ବର୍ଷର ସ୍ଥାୟୀ ଜମା ସାବଧି ଜମା, ଆବର୍ତ୍ତୀ ଜମା ଓ ବରିଷ୍ଠ ନାଗରିକ ସଞ୍ଚୟ ଯୋଜନାର ସୁଧ ହାରକୁ ବଢ଼ାଇ ଯଥାକ୍ରମେ ୭.୮%, ୭.୩% ଓ ୮.୭% କରାଯାଇଛି। ସେହିପରି ପିପିଏଫ ଓ ଏନ୍‌ଏସ୍‌ସିର ବର୍ତ୍ତମାନର ସୁଧ ହାର ସ୍ଥାନରେ ଏବେ ୮ ପ୍ରତିଶତ ସୁଧ ମିଳିବ। ଅନୁରୂପ ଭାବେ ସୁକନ୍ୟା ଯୋଜନାରେ ୮.୫%,କିଷାନ ବିକାଶ ପତ୍ରରେ ୭.୭%,ପୋଷ୍ଟ ଅଫିସ ମାସିକ ଆୟ ଯୋଜନାରେ ୭.୭% ସୁଧ ମିଳିବ।

### ୨୫ରେ ପିଏମ୍‌ଜେଏୱାଇ ଯୋଜନା ଲାଗୁ କରିବେ ୨୭ ରାଜ୍ୟ

**ନୂଆଦିଲ୍ଲୀ,୨୦-୯:** ଆସନ୍ତା ୨୫ରୁ ଦେଶର ସର୍ବବୃହତ ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗୁ ହୋଇଯିବ। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ପିଏମ୍‌ଜେଏୱାଇ) ନାମରେ ଏହା ପ୍ରଚଳିତ ହେବାକୁ ଯାଉଥିବା ବେଳେ ୨୭ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହାକୁ ଲାଗୁ କରିବାକୁ ଯାଉଛନ୍ତି। ନୀତି ଆୟୋଗ ସଦସ୍ୟ ତଥା ଏହି ଯୋଜନାର ରୂପକାର ଭି.କେ. ପଲ୍ ଏହା କହିଛନ୍ତି। ଏହି ଯୋଜନାରେ ସାମିଲ ହେବାକୁ ପ୍ରାୟ ୧ ଲକ୍ଷ ୫୦ ହଜାର ସରକାରୀ ଓ ଘରୋଇ ହସ୍ପିଟାଲ ରାଜି ହୋଇଛନ୍ତି। ଏହି ଯୋଜନାରେ ପ୍ରାୟ ୧୦ କୋଟି ହିତାଧିକାରୀ ଉପକୃତ ହେବେ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଆସନ୍ତା ୨୩ରେ ଏହି ଯୋଜନାର ଶୁଭାରମ୍ଭ କରିବେ। କିନ୍ତୁ ଏହାକୁ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜନ୍ମଦିବସ ଅବସରରେ ଆସନ୍ତା ୨୫ରୁ ସାରା ଦେଶରେ କାର୍ଯ୍ୟକାରୀ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏଥିଯୋଗୁ କେନ୍ଦ୍ର ସରକାରଙ୍କୁ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୩୫୦୦ କୋଟି ଟଙ୍କାର ଆର୍ଥିକ ବୋଝ ମୁଣ୍ଡାଇବାକୁ ପଡିବ। ସେ କହିଛନ୍ତି ଯେ, ୫-୬ଟି ରାଜ୍ୟ ଏହି ଯୋଜନା ଲାଗୁ କରିବା ନେଇ କେନ୍ଦ୍ର ସରକାରଙ୍କ ସହ ଚୁକ୍ତି କରିନାହାନ୍ତି। ଏହି କାରଣରୁ ସେ ସବୁ ରାଜ୍ୟରେ ଉକ୍ତ ଯୋଜନା ଲାଗୁ କରାଯିବ ନାହିଁ।

### ଏୟାରସେଲ୍-ମ୍ୟାକ୍ସିସ୍ ଚୁକ୍ତି
### ଯାଞ୍ଚ ସାରିବାକୁ ୩ ମାସ ଅଧିକ ସମୟ

**ନୂଆଦିଲ୍ଲୀ,୨୦-୯:** ସୁପ୍ରିମକୋର୍ଟ ଗୁରୁବାର ଏୟାରସେଲ-ମ୍ୟାକ୍ସିସ ଚୁକ୍ତିରେ ହୋଇଥିବା କଥିତ ଦୁର୍ନୀତିର ତଦନ୍ତ ସମୟସୀମାକୁ ଆହୁରି ୩ ମାସ ବଢ଼ାଇ ଦେଇଛନ୍ତି। ଏହି ସମୟ ମଧ୍ୟରେ ତଦନ୍ତ ସାରିବାକୁ ବିଚାରପତି ଏ.କେ.ସିକ୍ରି ଓ ବିଚାରପତି ଅଶୋକ ଭୂଷଣଙ୍କୁ ନେଇ ଗଠିତ ସର୍ବୋଚ୍ଚ ଅଦାଲତ ଖଣ୍ଡପୀଠ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପୂର୍ବରୁ ଖଣ୍ଡପୀଠ ମାର୍ଚ୍ଚ ୧୨ରେ ତାଙ୍କ ନିର୍ଦ୍ଦେଶରେ ସେପ୍ଟେମ୍ବର ୧୨ ସୁଦ୍ଧା ତଦନ୍ତ ସାରିବାକୁ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟଙ୍କୁ କହିଥିଲେ। ଗୁରୁବାର ଇଡି ପକ୍ଷରୁ ହାଜର ହୋଇ ଅତିରିକ୍ତ ସଲିସିଟର ଜେନେରାଲ ତୁଷାର ମେହଟ୍ଟା ତଦନ୍ତ ସାରିବାକୁ ଆହୁରି ୨-୩ ମାସ ସମୟ ଆବଶ୍ୟକ ବୋଲି କହିଥିଲେ। କାରଣ କିଛି ଅଭିଯୁକ୍ତଙ୍କ ସହ ଇ-ମେଲ୍ ଜରିଆରେ ଯୋଗାଯୋଗ କରିବାକୁ ପଡିବ। ଉଲ୍ଲେଖଥାଉ କି, ୨ଜି ସ୍ପେକ୍ଟ୍ରମ ମାମଲାରେ ଏୟାରସେଲ-ମ୍ୟାକ୍ସିସ୍ ବିରୋଧରେ ଆସିଥିବା ମନି ଲଣ୍ଡରିଂ ଅଭିଯୋଗର ଇଡି ତଦନ୍ତ କରୁଛି।

## ଜେଟ୍ ଏୟାରୱେଜ ବିମାନରେ ଅସ୍ୱାଭାବିକ ଘଟଣା
# ଯାତ୍ରୀଙ୍କ ନାକ-କାନରୁ ରକ୍ତସ୍ରାବ

**ନୂଆଦିଲ୍ଲୀ,୨୦-୯**

୧୪ ହଜାର ଫୁଟ୍ ଉପରେ ବିମାନରେ ଉଡୁଥିବା ବେଳେ ଅକ୍ସିଜେନର ଅଭାବ ହେଲେ କ'ଣ ହୋଇପାରେ ଜେଟ୍ ଏୟାରୱେଜର ୧୬୬ ଯାତ୍ରୀ ଗୁରୁବାର ତାହା ମର୍ମେ ମର୍ମେ ଅନୁଭବ କରିଛନ୍ତି। ଗୁରୁବାର ଜେଟ୍ ଏୟାରୱେଜର ମୁମ୍ବାଇ-ଜୟପୁର ବିମାନର ଉଡାଣ ବେଳେ ବିମାନ କର୍ମଚାରୀଙ୍କ ଗୋଟିଏ ଭୁଲ୍‌ରୁ ସମସ୍ତ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ଦେଖା ଦେଇଥିଲା। ଆକାଶକୁ ଉଠିବା ମାତ୍ରେ ବିମାନର ଅକ୍ସିଜେନ ଚାପ ବଜାୟ ରଖୁଥିବା ସୁଇଚ୍ ମାରିବାକୁ କର୍ମଚାରୀ ଭୁଲି ଯାଇଥିଲେ। ଫଳରେ ଅକ୍ସିଜେନ ଅଭାବରୁ ବିମାନରେ ଥିବା ସମସ୍ତ ଯାତ୍ରୀ ଏକ ସମୟରେ ଅଣନିଃଶ୍ୱାସୀ ହୋଇ ପଡିଥିଲେ। ତେବେ ତୁରନ୍ତ ପଦକ୍ଷେପ ନିଆଯିବା ଯୋଗୁ କିଛି ସମୟ ମଧ୍ୟରେ ସ୍ଥିତି ସ୍ୱାଭାବିକ ହୋଇଥିଲା ସତ ଏହି ସ୍ୱଳ୍ପ ସମୟର ଅବଧି ଭିତରେ ୩୦ ଜଣ ଯାତ୍ରୀଙ୍କ ନାକ ଓ କାନରୁ ରକ୍ତସ୍ରାବ ଆରମ୍ଭ ହୋଇଯାଇଥିଲା। ଏହି ଅସ୍ୱାଭାବିକ ଘଟଣା ପରେ ବିମାନକୁ ତୁରନ୍ତ ମୁମ୍ବାଇ ଫେରାଇ ଅଣାଯାଇଥିଲା। ସମସ୍ତଙ୍କୁ ବିମାନ ବନ୍ଦରସ୍ଥିତ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ନାନାବତୀ ହସ୍ପିଟାଲରେ ଚିକିତ୍ସା କରାଯିବା ପରେ ଛାଡି ଦିଆଯାଇଥିଲା। ସେମାନଙ୍କ କାନ ପରଦା ସାମୟିକ କ୍ଷତିଗ୍ରସ୍ତ ହୋଇଥିବା କୁହାଯାଉଛି। ଏହି ଘଟଣା ପରେ ଡିଜିସିଏ ସମ୍ପୃକ୍ତ ବିମାନ କର୍ମଚାରୀ ଓ ପାଇଲଟଙ୍କୁ କାର୍ଯ୍ୟରୁ ହଟାଇ ଦେଇଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଗୁରୁବାର ଜେଟ୍ ଏୟାରୱେଜର ବୋଇଂ ୭୩୭ର ୯ଡବ୍ଲ୍ୟୁ ୬୯୭ରେ ଏହି ଅସ୍ୱାଭାବିକ ଘଟଣାଟି ଘଟିଥିଲା। ଏଥିରେ ୧୬୬ ଯାତ୍ରୀ ଓ ୫ ଜଣ ବିମାନ କର୍ମଚାରୀ ଯାତ୍ରା କରିଥିଲେ। ବିମାନଟି ମୁମ୍ବାଇରୁ ଜୟପୁର ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କରିବାର କିଛି ସମୟ ପରେ ଉକ୍ତ ଘଟଣା ଘଟିଥିଲା। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେଶନ ବ୍ୟୁରୋ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି। ସୂଚନାଥାଉ କି, ଆୟରଲାଣ୍ଡର ବିମାନ କମ୍ପାନୀ 'ରେୟାନଏୟାର'ର ବିମାନ ଯାତ୍ରୀମାନେ ସମଦଶା ଭୋଗିଥିଲେ। ଜରୁରିକାଳୀନ ଅବତରଣ ପରେ ୩୩ ଯାତ୍ରୀଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା। ଏହି ବିମାନଟି ଡବଲିନରୁ କ୍ରୋଏସିଆ ଯାଉଥିଲା। ବିମାନ କର୍ମଚାରୀଙ୍କ ଭୁଲ୍ କାରଣରୁ ଜେଟ୍ ଏୟାରୱେଜର ୩୦ଜଣ ଯାତ୍ରୀଙ୍କ ନାକ-କାନରୁ ରକ୍ତ ବୋହିବା ଘଟଣାକୁ ଗୁରୁତ୍ୱର ସହ ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ସମସ୍ତ ଘଟଣା ତଦନ୍ତ କରିବାକୁ ଡିଜିସିଏକୁ ନିର୍ଦ୍ଦେଶ ଦେବା ସହ ୩୦ ଦିନ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି।

**୧୪ ହଜାର ଫୁଟ୍ ଉପରେ ଆତଙ୍କ**

- ଅକ୍ସିଜେନ ଅଭାବରୁ ଅଣନିଃଶ୍ୱାସୀ ହେଲେ ସମସ୍ତ ଯାତ୍ରୀ
- ବିମାନ କର୍ମଚାରୀ ସୁଇଚ୍ ଟିପିବାକୁ ଭୁଲିଯାଇଥିଲେ
- ରିପୋର୍ଟ ଦେବାକୁ ଡିଜିସିଏଙ୍କୁ ପ୍ରଭୁଙ୍କ ନିର୍ଦ୍ଦେଶ



## ସିଏଚ୍. ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ
# ଆଲ୍ଲାହାବାଦ ବ୍ୟାଙ୍କ ଏମ୍‌ଡି, ସିଇଓ

**ନୂଆଦିଲ୍ଲୀ,୨୦-୯**



ଆଲ୍ଲାହାବାଦ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ତଥା ସିଇଓ ଭାବେ ସିଏଚ୍. ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ସିଣ୍ଡିକେଟ ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ବ୍ୟାଙ୍କିଙ୍ଗ ଶିଳ୍ପରେ ତାଙ୍କର ଦୀର୍ଘ ୩୩ ବର୍ଷର ଅଭିଜ୍ଞତା ରହିଛି। ସେ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ଜେନେରାଲ ମ୍ୟାନେଜର ଏବଂ ସିଏଫ୍‌ଓ, ଗ୍ଲୋବାଲ ଟ୍ରଷ୍ଟ ବ୍ୟାଙ୍କର ଆସିଷ୍ଟାଣ୍ଟ ଭାଇସ ପ୍ରେସିଡେଣ୍ଟ ଭାବେ କାର୍ଯ୍ୟ କରିଛନ୍ତି। ୧୯୮୫ରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ପ୍ରୋବେଶନାରୀ ଅଫିସର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସରେ ସେ ଆଞ୍ଚଳିକ ମୁଖ୍ୟ ରହିବା ସହ ବ୍ୟାଙ୍କର ବିଭିନ୍ନ ବିଭାଗ ତଥା ଜେନେରାଲ ମ୍ୟାନେଜର ଦାୟିତ୍ୱରେ କାର୍ଯ୍ୟ କରିଛନ୍ତି। କ୍ରେଡିଟ, ରିକଭରି, ଟ୍ରେଜେରି, ରିସ୍କ ପରିଚାଳନା, ଇନଫରମେଶନ ଟେକ୍ନୋଲୋଜି,ଇନଫରମେଶନ ସିଷ୍ଟମ ମ୍ୟାନେଜମେମଣ୍ଟ, ରିଟେଲ ବ୍ୟାଙ୍କିଙ୍ଗ, ମାର୍କେଟିଂ, ପବ୍ଲିଶିଟି ଏବଂ ଅଲଟରନେଟିଭ୍ ଡେଲିଭରି ଚ୍ୟାନେଲ୍ ଭଳି କ୍ଷେତ୍ରରେ ତାଙ୍କର କାର୍ଯ୍ୟ ଅଭିଜ୍ଞତା ରହିଛି।

## ୨୮ରେ ଜିଏସ୍‌ଟି କାଉନସିଲ ବୈଠକ
# ସିମେଣ୍ଟ,ଏସି, ବଡ଼ ପରଦା ଟିଭି ଦାମ କମିପାରେ

**ନୂଆଦିଲ୍ଲୀ,୨୦-୯**

ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି)ର ୩୦ ତମ ବୈଠକ ଆସନ୍ତା ୨୮ରେ ଏଠାରେ ବସିବାକୁ ଯାଉଛି। ଭିଡିଓ କନଫରେନ୍ସିଂ ମାଧ୍ୟମରେ ହେବାକୁ ଥିବା ଏହି ବୈଠକରେ ସିମେଣ୍ଟ, ଏସି ଏବଂ ବଡ଼ ପରଦାର ଟିଭି ଉପରୁ ଟିକସ ହ୍ରାସ କରାଯାଇପାରେ। ଜୁଲାଇରେ ଅନୁଷ୍ଠିତ ବୈଠକରେ ଜିଏସ୍‌ଟି କାଉନସିଲ ୧୦୦ରୁ ଊର୍ଦ୍ଧ୍ୱ ସାମଗ୍ରୀ ଉପରୁ ଟିକସ ହ୍ରାସ କରିଥିଲେ। ସେହିଭଳି ୨୮% ସ୍ଲାବରେ ଥିବା ଫ୍ରିଜ୍, ଛୋଟ ପରଦାର ଟିଭି, ୱାଶିଂ ମେଶିନର ଟିକସ ହ୍ରାସ କରାଯାଇଥିଲା। ଅନାବଶ୍ୟକ ତଥା ସାମଗ୍ରୀଗୁଡିକୁ ଛାଡି ଦେଲେ ଅବଶିଷ୍ଟ ସାମଗ୍ରୀଗୁଡିକର ଟିକସ ହ୍ରାସ କରାଯିବ ବୋଲି ପୂର୍ବରୁ କେନ୍ଦ୍ର ସରକାର କହିଥିଲେ। କେରଳ ବନ୍ୟାକୁ ଦୃଷ୍ଟିରେ ରଖି ବନ୍ୟା ପୀଡିତଙ୍କ କଲ୍ୟାଣାର୍ଥେ ସେସ୍ ଲାଗୁ କରିବାକୁ କେରଳ ଅର୍ଥ ମନ୍ତ୍ରୀ ଥୋମାସ ଇସାକ୍ କାଉନସିଲରେ ପ୍ରସ୍ତାବ ଦେଇପାରନ୍ତି। ସେହିପରି ଏସ୍‌ଏମଇ କ୍ଷେତ୍ରକୁ ଆଶ୍ୱସ୍ତ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇପାରେ।

# ଟଙ୍କା ବଦଳରେ ଇରାନରୁ ତେଲ କିଣିବ ଭାରତ

**ନୂଆଦିଲ୍ଲୀ,୨୦-୯**



ନଭେମ୍ବର ୪ରେ ଇରାନ ବିରୋଧରେ ଆମେରିକାର ଦ୍ୱିତୀୟ ଚରଣ କଟକଣା ଲାଗୁ ହୋଇଯିବ। ସେବେ ଠାରୁ ଇରାନରୁ ଡଲାର ବିନିମୟରେ ଅଶୋଧିତ ତେଲ କିଣିବା ପ୍ରାୟ ଅସମ୍ଭବ ହୋଇଯିବ। ଏହି କାରଣରୁ ଆସନ୍ତା ନଭେମ୍ବରରୁ ଭାରତୀୟ ବ୍ୟାଙ୍କ ଜରିଆରେ ଟଙ୍କା ବିନିମୟରେ ଇରାନରୁ ଭାରତ ଅଶୋଧିତ ତେଲ କିଣିବ। ଜଣେ ସରକାରୀ ଅଧିକାରୀ କହିଛନ୍ତି, ଇରାନରୁ ତେଲ କିଭଳି ଉପାୟରେ କିଣାଯିବ ସେ ନେଇ ବିଭିନ୍ନ ବିକଳ୍ପ ବିଚାର କରାଯାଉଛି। ୟୁକୋ ବ୍ୟାଙ୍କ ଏବଂ ଆଇଡିବିଆଇ ବ୍ୟାଙ୍କ ଜରିଆରେ ଇରାନକୁ ତେଲ ବାବଦରେ ପୈଠ କରିବାକୁ ଭାରତ ସ୍ଥିର କରିଛି। ବର୍ତ୍ତମାନ ଅଶୋଧିତ ତେଲ ବାବଦରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏବଂ ଜର୍ମାନୀର ଏକ ବ୍ୟାଙ୍କ ଜରିଆରେ ଇରାନକୁ ୟୁରୋ ଜରିଆରେ ଦେୟ ପୈଠ କରାଯାଏ।

# ଇନ୍ଦିରା ଆଇଭିଏଫ୍‌ର ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୨୦-୯**

ଇନ୍ଦିରା ଆଇଭିଏଫ୍ ଗ୍ରୁପ ଭୁବନେଶ୍ୱର ସେଣ୍ଟର ପକ୍ଷରୁ ଏହାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନିଃସନ୍ତାନ ଦମ୍ପତିଙ୍କୁ ରିହାତିରେ ଚିକିତ୍ସା ସୁବିଧା ଯୋଗାଣ ଲକ୍ଷ୍ୟରେ ଗ୍ରୁପ ପକ୍ଷରୁ ଏହି ସେଣ୍ଟର ସ୍ଥାପନ କରାଯାଇଥିଲା। ନିରନ୍ତର ସେବା ଲାଗି ଗ୍ରୁପର ଅଧ୍ୟକ୍ଷ ଡ. ଅଜୟ ମୁର୍ଡିୟା ଏହି ଅବସରରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ତଥା ଡାକ୍ତରଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ 'ବେଟି ପଢାଓ ବେଟି ବଚାଓ' ଅଭିଯାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଇନ୍ଦିରା ଆଇଭିଏଫ୍ ଭୁବନେଶ୍ୱରର ଡାକ୍ତର ଅକ୍ଷୟ ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ସେଣ୍ଟରରେ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଉଥିବା ଆଇଭିଏଫ୍ ସ୍ପେଶିଆଲିଷ୍ଟ ଡାକ୍ତର ସସ୍ମିତା କହିଛନ୍ତି। ଏଠାରେ ଆଇଭିଏଫ୍, ଇକ୍ସି, ବ୍ଲାଷ୍ଟୋସିଷ୍ଟ ଏବଂ କଲଚର ଭଳି ଅନ୍ୟାନ୍ୟ ଅତ୍ୟାଧୁନିକ ସେବା ଉପଲବ୍ଧ। ଇନ୍ଦିରା ଆଇଭିଏଫ୍ ଦ୍ୱାରା ବର୍ତ୍ତମାନ ସୁଦ୍ଧା ୩୫ ହଜାରରୁ ଅଧିକ ନିଃସନ୍ତାନ ଦମ୍ପତି ଲାଭବାନ ହୋଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି। ଭୁବନେଶ୍ୱର ସେଣ୍ଟର ପକ୍ଷରୁ ସନ୍ତାନସନ୍ତତି ନ ଥିବା ଦମ୍ପତିଙ୍କ ସଚେତନତା ଲାଗି ମାଗଣା ପରାମର୍ଶ ଶିବିର ଆୟୋଜନ କରାଯାଉଥିବା ଆଇଭିଏଫ୍ ବିଶେଷଜ୍ଞ ଡା. ଲିପ୍ସା ମିଶ୍ର ସୂଚନା ଦେଇଛନ୍ତି। ଏହା ଚଳିତ ମାସ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଂସ୍ଥା ପ୍ରକାଶ କରିଛି।

### ଏସ୍‌ବିଆଇ ଗ୍ରୀନ ମାରାଥନ୍‌ର ଦ୍ୱିତୀୟ ସଂସ୍କରଣ ଘୋଷଣା

**ନୂଆଦିଲ୍ଲୀ,୨୦-୯**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ଦେଶର ୧୫ ସହରରେ 'ଏସ୍‌ବିଆଇ ଗ୍ରୀନ ମାରାଥନ' ଆୟୋଜନ ସମ୍ପର୍କରେ ଘୋଷଣା କରାଯାଇଛି। ପ୍ରଥମ ସଂସ୍କରଣର ସଫଳତା ପରେ ଏଭଳି ଆୟୋଜନ କରାଯାଉଛି। ଭୁବନେଶ୍ୱରଠାରେ ଏହାକୁ ୨୦୧୯ ଫେବୃୟାରୀ ୩ରେ ଆୟୋଜନ କରାଯିବ। ଏଥିରେ ପ୍ରାୟ ୨୧ ହଜାର ଅଂଶ ଗ୍ରହଣକାରୀ ଏଥିରେ ଯୋଗ ଦେବେ। ସ୍ୱଚ୍ଛ ତଥା ସବୁଜ ଦୁନିଆ ବିଷୟରେ ସଚେତନତା ଲାଗି ଏସ୍‌ବିଆଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ, ଏସ୍‌ବିଆଇ ଲାଇଫ, ଏସ୍‌ବିଆଇ ମ୍ୟୁଚୁଆଲ ଫଣ୍ଡ, ଏସ୍‌ବିଆଇ କାର୍ଡର ଯୋଗଦାନ ରହିବ। ଏସ୍‌ବିଆଇ ଗ୍ରୀନ ମାରାଥନର ଦ୍ୱିତୀୟ ସଂସ୍କରଣରେ ପ୍ରବେଶ କରି ଅତ୍ୟନ୍ତ ଖୁସି ବୋଲି ଏସ୍‌ବିଆଇର ଡିଏମ୍‌ଡି-ସିଏଫ୍‌ଓ ତଥା ସିଡିଓ ପ୍ରଶାନ୍ତ କୁମାର ସୂଚନା ଦେଇଛନ୍ତି।

### ସାମ୍‌ସଙ୍ଗର ୨୦୧୮ ମୋବାଇଲ ସଲ୍ୟୁଶନ ଫୋରମ୍

**ନୂଆଦିଲ୍ଲୀ,୨୦-୯**

ସାମ୍‌ସଙ୍ଗ ଇଲେକଟ୍ରୋନିକ୍ସ ପକ୍ଷରୁ ନୂଆଦିଲ୍ଲୀଠାରେ ସାମ୍‌ସଙ୍ଗ ମୋବାଇଲ ସଲ୍ୟୁଶନ ଫୋରମ୍ ୨୦୧୮ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ମାର୍ଟଫୋନ ବଜାର ପାଇଁ କମ୍ପାନୀର ନୂତନ ପ୍ରଯୁକ୍ତି ଓ ଅତ୍ୟାଧୁନିକ ଉପକରଣକୁ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ଶିଳ୍ପ ବିଶେଷଜ୍ଞ ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରେ ମୋବାଇଲ ନିର୍ମାତା, ଓଇଏମ୍, ଉପକରଣ ପାର୍ଟନର, ଆନାଲିଷ୍ଟ ସାମିଲ ଥିଲେ। ସାମ୍‌ସଙ୍ଗ ଅତ୍ୟାଧୁନିକ ତଥା ପ୍ରଯୁକ୍ତି ଭିତ୍ତିକ ସମାଧାନ ପ୍ରଦାନ କରୁଥିବା ସାମ୍‌ସଙ୍ଗ ଇଲେକଟ୍ରୋନିକ୍ସର ଦକ୍ଷିଣପୂର୍ବ ଏସିଆ ଉପସଭାପତି ଓ ମୁଖ୍ୟ ଡିଭାଇସ ସଲ୍ୟୁଶନ ହାଏଜିନ୍ ପାର୍କ ସୂଚନା ଦେଇଛନ୍ତି। ଏଥିରେ ସାମ୍‌ସଙ୍ଗର ଏକ୍ସିନସ ପରିବାରର ବିଭିନ୍ନ ଚିପ୍ ବ୍ୟତୀତ ଏକ୍ସିନସ ମୋଡେମ୫,୧୦୦, ଇଣ୍ଟରନେଟ ଅଫ୍ ଥିଙ୍ଗସ ସମାଧାନ ଭଳି ପ୍ରଡକ୍ଟ ପ୍ରଦର୍ଶନ କରାଯାଇଥିଲା।


# ODISHA STATE HOUSING BOARD

## Sale of Flats, Core Houses at Bhubaneswar, Nayagarh And Dhenkanal

OSHB Offers LIG/MIG Apartment in its Nandighosa Enclave (Apartment Complex) at Bhubaneswar,EWS Flats in Pathani Samanta Housing Scheme at Nayagarh and Simplex Core Houses (LIG/MIG/HIG) & EWS Flats in its Bajirout Social Housing Scheme at Phase:I & II at Dhenkanal

**(1) NANDIGHOSH ENCLAVE, BHUBANESWAR (READY FOR HANDOVER)**

| Category | No. of Vacant Units | Flat No. | Carpet area unit (in SqFt.) | Built up area (sft.) / Unit | Super Built up Area (sft.) / Unit | Provisional Sale price (RS.) / Unit | E.M.D. / Unit (in Rs.) |
|---|---|---|---|---|---|---|---|
| MIG Flat | 02 | 1/05 | 761.45 | 980 | 1062.227 | 50,62,000/- | 5,10,000/- |
| | | 3/17 | 761.45 | 980 | 1062.227 | 49,67,000/- | 5,00,000/- |
| LIG Flat | 03 | | 383.48 | 513 | 581.255 | 24,67,000/- | 2,50,000/- |

**(2) PATHANI SAMANTA HOUSING SCHEME,NAYAGARH (READY FOR HANDOVER)**

| | | | | | | |
|---|---|---|---|---|---|---|
| EWS Flat | 37 | – | 276 | 307 | 4,92,000/- | 50,000/- |

**ON-GOING SCHEMES**

**(1) BAJIROUT SOCIAL HOUSING SCHEME, MAHISAPAT, DHENKANAL, PHASE: I**

| Category (Core Houses) | No. of Vacant Units | Plot area unit (in SqFt.) | Plinth Area (in sft.) | Super Built up Area (sft.) / Unit | Provisional Sale price (RS.) / Unit | E.M.D. / Unit (in Rs.) |
|---|---|---|---|---|---|---|
| HIG | 01 | 2000 | 1000 | — | 24,53,200/- | 2,50,000/- |
| MIG | 07 | 1500 | 715 | — | 16,94,400/- | 1,70,000/- |

**(2) BAJIROUT SOCIAL HOUSING SCHEME, MAHISAPAT, DHENKANAL, PHASE: II**

| | | | | | | |
|---|---|---|---|---|---|---|
| HIG | 30 | 2000 | 1000 | – | 24,44,600/- | 2,45,000/- |
| MIG | 16 | 1500 | 715 | – | 17,74,200/- | 1,80,000/- |
| LIG | 05 | 1040 | 445 | – | 9,04,700/- | 90,000/- |
| EWS Flat | 10 | – | – | 284 | 4,65,600/- | 50,000/- |

- **The schemes at Dhenkanal likely to be completed soon.**
- MIG Flats in Nandighosa Enclave, Bhubaneswar will be sold through auction.
- GST and other statutory dues as applicable to be charged extra.
- EMD is to be paid along with application and will be adjusted towards cost. After selection, allottees will have to pay balance cost as would be intimated by OSHB.
- The intending applicants are requested to purchase the Brochure along with the prescribed Application form on payment of Rs.1000/- in cash (non-refundable) from OSHB Head Office, Sachivalaya Marg, Bhubaneswar-751001.
- Applicants interested to obtain the Brochure and Application Form through post, may send their request to Chief Accounts Officer before dt.10.10.2018 along with a Demand Draft of Rs.1150/- favouring "Orissa Housing Board Fund", payable at Bhubaneswar.
- The Brochure and Application Form can also be downloaded from the Website of OSHB, www.oshb.org and the cost of the Brochure can be paid along with EMD and other dues separately.
- There is also provision for submission of online application through website www.oshb .org

**Booking Opens from : 22.09.2018 to 22.10.2018**

Booking Open Hurry !!

Housing Commissioner-cum-Secretary
**ODISHA STATE HOUSING BOARD**
Sachivalaya Marg, Kharavela Nagar, Bhubaneswar - 751001
Phone: (0674)2393524, 2393277/2392587
Epbax (0674)2391542, 2390141 – Extn. 134/ 142/ 127/ 155

OSHB : AT YOUR SERVICE FOR LAST 50 SUCCESSFUL YEARS SINCE 1968

## ସଂକ୍ଷେପରେ

### କ୍ୱାର୍ଟରରେ ସିନ୍ଧୁ, ଶ୍ରୀକାନ୍ତ

ଚାଙ୍ଗ୍‌ଝୋଉ, ୨୦।୯(ପି.ଟି.)- ଦୁଇ ଭାରତୀୟ ଷ୍ଟାର ଶଟ୍‌ଲର ପି.ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ଏକ ମିଲିୟନ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଚାଇନା ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲର ଏକ ମୁକାବିଲାରେ ୩ୟ ସିଡ୍ ସିନ୍ଧୁ ୨୧-୨୩, ୨୧-୧୩, ୨୧-୧୮ ଗେମ୍‌ରେ ଥାଇଲାଣ୍ଡର ବୁସାନାନ ଓଙ୍ଗବାମରୁଙ୍ଗଫାନଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ପୁରୁଷ ସିଙ୍ଗଲ୍ସରେ ଶ୍ରୀକାନ୍ତ ୨୧-୧୨, ୧୫-୨୧, ୨୪-୨୨ ଗେମ୍‌ରେ ଥାଇଲାଣ୍ଡର ସୁପାନ୍ୟୁ ଅଭିହିଙ୍ଗ୍‌ସାନନ୍‌ଙ୍କୁ ମାତ୍ ଦେଇ ଅନ୍ତିମ-୮ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ମିକ୍ସଡ ଡବଲ୍ସରେ ଭାରତୀୟ ଅଭିଯାନ ଶେଷ ହୋଇଯାଇଛି। ପ୍ରି-କ୍ୱାର୍ଟରଫାଇନାଲରେ ଅଶ୍ୱିନି ପୋନାପ୍ପା ଓ ସାତ୍ୱିକସାଇରାଜ ରାନକିରେଡ୍ଡୀ ଯୋଡ଼ି ୧୪-୨୧, ୧୧-୨୧ ସିଧାସଳଖ ସେଟ୍‌ରେ ଟପ୍ ସିଡ୍ ଚାଇନାର ସିୱି ଝେଙ୍ଗ୍ ଓ ହୁଆଙ୍ଗ୍ ୟାକିଓଙ୍ଗ୍‌ଙ୍କ ନିକଟରୁ ହାରିଯାଇଛନ୍ତି। ଏନ୍. ସିକ୍କି ରେଡ୍ଡୀ ଓ ପ୍ରଣବ ଜେରୀ ଚୋପ୍ରା ମଧ ପରାଜୟର ସାମ୍ନା କରି ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ମନୁ ଅତ୍ରି ଓ ବି. ସୁମିଥ୍ ଯୋଡ଼ି ମଧ ନିରାଶ କରିଛନ୍ତି।

### ରୋନାଲ୍ଡୋଙ୍କୁ ରେଡ୍ କାର୍ଡ



ଭାଲେନସିଆ (ସ୍ପେନ), ୨୦।୯- ତାରକା ପର୍ତ୍ତୁଗାଲ ଷ୍ଟ୍ରାଇକର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ରେଡ୍ କାର୍ଡ ମିଳିଛି। ଏଠାରେ ଖେଳାଯାଇଥିବା ଚାମ୍ପିୟନ୍ସ ଲିଗ୍ ଗ୍ରୁପ୍-ଏଚ୍‌'ର ଭାଲେନସିଆ ବିପକ୍ଷ ମ୍ୟାଚ୍‌ରେ ଜୁଭେଣ୍ଟସ୍‌ର ଦାମୀ ଖେଳାଳି ରୋନାଲ୍ଡୋଙ୍କୁ ରେଫରି ରେଡ୍ କାର୍ଡ ଦେଖାଇବାରୁ ମ୍ୟାଚ୍ ଅଧାରୁ ସେ ପଡ଼ିଆ ଛାଡ଼ିଥିଲେ। ମ୍ୟାଚ୍‌ର ୨୯ତମ ମିନିଟ୍‌ରେ ଏହି ଅଘଟଣ ଦେଖିବାକୁ ମିଳିଥିଲା। ରୋନାଲ୍ଡୋ ଘରୋଇ ଭାଲେନସିଆ ଡିଫେଣ୍ଡର ଜିସନ ମୁରିଲୋଙ୍କୁ ଟ୍ୟାକେଲ କରି ତଳେ ପକାଇ ଦେଇଥିଲେ। ଏହାପରେ ମ୍ୟାଚ୍ ରେଫରି ଫେଲିକ୍ସ ବ୍ରିଚ୍ ସହାୟକ ରେଫରିଙ୍କ ପରାମର୍ଶ ନେଇ ରୋନାଲ୍ଡୋଙ୍କୁ ରେଡ୍ କାର୍ଡ ପ୍ରଦାନ କରିଥିଲେ। ୧୫୪ଟି ଚାମ୍ପିୟନ୍ସ ଲିଗ୍ ମ୍ୟାଚ୍ ଖେଳିବା ପରେ ପ୍ରଥମଥର ଲାଗି ଏହି ପୂର୍ବତନ ମାଡ୍ରିଡ୍ ତାରକା ରେଡ୍ କାର୍ଡ ପାଇଛନ୍ତି। ଏବେ ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହେବାକୁ ପଡ଼ିପାରେ। ରୋନାଲ୍ଡୋ ଆରମ୍ଭରୁ ପଡ଼ିଆ ଛାଡ଼ିଥିଲେ ମଧ ଜୁଭେଣ୍ଟସ୍ ୨-୦ରେ ଏହି ମ୍ୟାଚ୍‌କୁ ଜିତିଥିଲା।

### ବ୍ୟାଟ୍ସମ୍ୟାନଙ୍କୁ ଦୋଷ ଦେଲେ ଆର୍ଥର

ଦୁବାଇ, ୨୦।୯(ପି.ଟି.)- ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାରେ ଭାରତ ନିକଟରୁ ଶୋଚନୀୟଭାବେ ପରାସ୍ତ ହେବା ପରେ ପାକିସ୍ତାନ କୋଚ୍ ମିକି ଆର୍ଥର ଦଳର ବ୍ୟାଟ୍ସମ୍ୟାନଙ୍କୁ ଦାୟୀ କରିଛନ୍ତି। ବ୍ୟାଟ୍ସମ୍ୟାନମାନେ ଚାପର ସମ୍ମୁଖୀନ ହୋଇପାରିଲେ ନାହିଁ ବୋଲି ଆର୍ଥର କହିଛନ୍ତି। 'ଦକ୍ଷତା ଅନୁସାରେ ଆମେ ଖେଳିପାରିଲୁ ନାହିଁ, ଯାହା ଆମକୁ ନିରାଶ କରିଥିଲା। ଇମାମ-ଉଲ୍-ହକ୍ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ଅସମର୍ଥ ହୋଇ ଭୁବନେଶ୍ୱର କୁମାରଙ୍କ ବଲରେ ଆଉଟ୍ ହୋଇଥିଲେ। ସେହିଭଳି ଶୀର୍ଷକ୍ରମରେ ବଡ଼ ଶର୍ଟ ଖେଳିବା ସର୍ଫରାଜଙ୍କ ରୋଲ୍ ନୁହେଁ। ଯଦି ଫକର ଜମାନ ଓ ଆସିଫ୍ ଅଲି ବଡ଼ ଶର୍ଟ ଖେଳି ଆଉଟ୍ ହୁଅନ୍ତି ତାହାଲେ ଠିକ୍ ଅଛି। ଏହା ତାଙ୍କ ରୋଲ୍, କିନ୍ତୁ ଅନ୍ୟ ୪ଜଣ ବ୍ୟାଟ୍ସମ୍ୟାନ ତାଙ୍କ ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଛନ୍ତି' ବୋଲି ଆର୍ଥର ମ୍ୟାଚ୍ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ହଂକଂ ବିପକ୍ଷରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ଭାରତୀୟ ଖେଳାଳି ଅଧିକ ଆକ୍ରମଣାତ୍ମକ ଖେଳିଥିଲେ ବୋଲି ପାକିସ୍ତାନ କୋଚ୍ ଏହି ଅବସରରେ କହିଛନ୍ତି। ପ୍ରକାଶଯୋଗ୍ୟ, ବୁଧବାର ଭାରତ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୧୬୨ ରନ କରିଥିବାବେଳେ ଭାରତ ୨୯ ଓଭରରେ ୨ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସୁପର୍-୪'ର ଏକ ମ୍ୟାଚ୍‌ରେ ଭାରତ ରବିବାର ପୁଣିଥରେ ପାକିସ୍ତାନକୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

> କୋଚ୍ ଭାବେ ଚାମ୍ପିୟନ୍ସ ଲିଗରେ ମୋ ଡେବ୍ୟୁ ମ୍ୟାଚରେ ଜଣେ ଭିଡିଓ ଆସିଷ୍ଟାଣ୍ଟ ରେଫରି ନ ଥିବା ଏବଂ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କୁ ରେଡ୍ କାର୍ଡ ପାଇବା ମୋତେ ବ୍ୟଥିତ କରିଛି।
> —ମାସିମିଲିଆନୋ ଆଲ୍‌ଜେରି, ଜୁଭେଣ୍ଟସ କୋଚ୍



> ମ୍ୟାଚ ପୂର୍ବରୁ ନେଟ୍ସରେ କମ୍ ବୋଲିଂ ଅଭ୍ୟାସ କରୁଥିବାରୁ ଖେଳ ସମୟରେ ମୁଁ ବିପକ୍ଷ ଦଳର ଗୁରୁତ୍ୱପୂର୍ଣ୍ଣ ଉଇକେଟ ନେବାରେ ସଫଳ ହୋଇ ପାରୁଛି।
> —କେଦାର ଯାଦବ, ବ୍ୟାଟ୍ସମ୍ୟାନ ଓ ପାର୍ଟଟାଇମ୍ ବୋଲର



# କୋହଲି, ଚାନୁ ପାଇବେ ଖେଳରତ୍ନ

ନୂଆଦିଲ୍ଲୀ,୨୦।୯(ପି.ଟି.)

ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି ଏବଂ ବିଶ୍ୱ ଚାମ୍ପିୟନ ଭାରୋତ୍ତୋଳିକା ମୀରବାଈ ଚାନୁ ସେପ୍ଟେମ୍ବର ୨୫ରେ ସମ୍ମାନଜନକ ରାଜୀବ ଗାନ୍ଧୀ ଖେଳ ରତ୍ନ ପୁରସ୍କାର ପାଇବେ। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଗୁରୁବାର ଏହା ଘୋଷଣା କରାଯାଇଛି। ତାଲିକା ଇତିମଧ୍ୟରେ ଚୂଡ଼ାନ୍ତ ହୋଇ ସାରିଥିଲା। ମାତ୍ର ଗୁରୁବାର ବିଧିବଦ୍ଧ ଭାବେ ଏହା ପ୍ରକାଶ କରାଯାଇଛି। ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରାଙ୍କ ସମେତ ୨୦ଜଣ ଅର୍ଜୁନ ପୁରସ୍କାର ପାଇବେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ରାଷ୍ଟ୍ରପତି ଭବନରେ ଏମାନଙ୍କୁ ସମ୍ମାନିତ କରିବେ। ଅତୀତର ଏକ ବିଶୃଙ୍ଖଳା ଘଟଣା ପାଇଁ ବୁଧବାର କୋଚ୍ ଜୀବନଜୋତ ସିଂ ତେଜାଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ତାଲିକାରୁ ବାଦ୍ ଦିଆଯାଇଛି। ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ସିଲେକ୍ସନ କମିଟି ତେଜାଙ୍କ ସମେତ ୫ଜଣ କୋଚ୍‌ଙ୍କ ନାମ ସୁପାରିସ କରିଥିଲା। କିନ୍ତୁ ୨୦୧୫ରେ କୋରିଆରେ ବିଶ୍ୱ ୟୁନିଭର୍ସିଟି ଗେମ୍ସ ବେଳେ ଏକ ବିଶୃଙ୍ଖଳା ଘଟଣାରେ ତାଙ୍କୁ ୧ବର୍ଷ ବାସନ୍ଦ ଦଣ୍ଡ ଭୋଗିବାକୁ ପଡ଼ିଥିଲା। ଆଇସିସି ର୍‍ୟାଙ୍କିଙ୍ଗ ଅନୁସାରେ କୋହଲି ହେଉଛନ୍ତି ବର୍ତ୍ତମାନ ବିଶ୍ୱର ନମ୍ବର ୱାନ ଟେଷ୍ଟ ବ୍ୟାଟ୍ସମ୍ୟାନ। ୩ ବର୍ଷ ହେଲା ସେ ଭଲ ଫର୍ମରେ ଅଛନ୍ତି। ୨୦୧୬ ଓ ୨୦୧୭ରେ ତାଙ୍କ ନାମ ଶ୍ରେଷ୍ଠ ପୁରସ୍କାର ପାଇଁ ସୁପାରିସ ହୋଇଥିଲେ ମଧ ତାଙ୍କୁ ମିଳି ନ ଥିଲା। ୨୯ ବର୍ଷୀୟ କୋହଲି ୨୩ ଶତକ ସହ ୭୧ ଟେଷ୍ଟରେ ୬୧୪୭ ରନ କରିଛନ୍ତି। ୨୧୧ ଅନ୍ତର୍ଜାତୀୟ ଦିନିକିଆରେ ସେ ୩୫ ଶତକ ସହ ୯୭୭୯ ରନ କରିସାରିଛନ୍ତି। ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ୪୮କେଜି କାଟେଗୋରିରେ ସ୍ୱର୍ଣ୍ଣ ପଦକ ଲାଗି ଚାନୁ ସମ୍ମାନଜନକ ପୁରସ୍କାର ପାଇବା ପାଇଁ ହକ୍‌ଦାର ହୋଇପାରିଛନ୍ତି। ସେ ଆହୁରି ମଧ ଚଳିତ ବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଆଘାତଜନିତ ସମସ୍ୟା ପାଇଁ ସେ ଏସିଆନ ଗେମ୍ସରେ ଭାଗ ନେଇପାରି ନ ଥିଲେ।



ବିରାଟ କୋହଲି ଓ ମୀରବାଈ ଚାନୁ

ପୁରସ୍କାର ବିଜେତାଙ୍କ ତାଲିକା–

**ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର:** ବିରାଟ ଓ ମୀରବାଈ ଚାନୁ।

**ଅର୍ଜୁନ ପୁରସ୍କାର:** ନୀରଜ ଚୋପ୍ରା, ଜିନସନ ଜନସନ ଓ ହିମା ଦାସ (ଆଥଲେଟିକ୍ସ); ଏନ. ସିକ୍କି ରେଡ୍ଡୀ (ବ୍ୟାଡ୍‌ମିଣ୍ଟନ); ସତୀଶ କୁମାର (ବକ୍ସି); ସ୍ମୃତି ମନ୍ଧାନା (କ୍ରିକେଟ); ଶୁଭଙ୍କର ଶର୍ମା(ଗଲ୍ଫ); ମନପ୍ରୀତ ସିଂ, ସବିତା (ହକି), ରବି ରାଠୋର (ପୋଲୋ); ରାହି ସାର୍ନୋବତ୍, ଅଙ୍କୁର ମିତ୍ତଲ, ଶ୍ରେୟାଶି ସିଂ (ଶୁଟିଂ); ମାନିକା ବାତ୍ରେ, ଜି. ସାଥିୟା (ଟେବୁଲ ଟେନିସ); ରୋହନ ବୋପାନ୍ନା (ଟେନିସ); ସୁମିତ (ରେସ୍‌ଲିଂ); ପୂଜା କାଡିଆନ (ଉଷୁ); ଅଙ୍କୁର ଧାମା (ପାରା ଆଥଲେଟିକ୍ସ); ମନୋଜ ସରକାର (ପାରା–ବ୍ୟାଡ୍‌ମିଣ୍ଟନ)।

**ଦ୍ରୋଣାଚାର୍ଯ୍ୟ ପୁରସ୍କାର:** ସି.ଏ. କୁଟାପ୍ପା (ବକ୍ସିଂ); ବିଜୟ ଶର୍ମା (ଭାରୋତ୍ତୋଳନ); ଏ. ଶ୍ରୀନିବାସ ରାଓ (ଟେବୁଲ ଟେନିସ); ସୁଖଦେବ ସିଂ ପନ୍ନୁ (ଆଥଲେଟିକ୍ସ); କ୍ଲାରେନ୍ସ ଲୋବୋ (ହକି, ଲାଇଫ୍ ଟାଇମ୍); ତାରକ ସିହ୍ନା (କ୍ରିକେଟ, ଲାଇଫ୍ ଟାଇମ୍); ଜୀବନ କୁମାର ଶର୍ମା (ଜୁଡ଼ୋ, ଲାଇଫ୍ ଟାଇମ୍); ଭି.ଆର୍. ବିଦୁ (ଆଥଲେଟିକ୍ସ, ଲାଇଫ୍‌ଟାଇମ୍)।

**ଧ୍ୟାନଚାନ୍ଦ ପୁରସ୍କାର:** ସତ୍ୟଦେବ ପ୍ରସାଦ (ତୀରନ୍ଦାଜୀ); ଭରତ କୁମାର ଛେତ୍ରୀ (ହକି); ବବି ଆଲୟସିଅସ୍ (ଆଥଲେଟିକ୍ସ); ଚୋଗ୍‌ଲେ ଦାଦୁ ଦତ୍ତତ୍ରୟ (କୁସ୍ତି)।

# ଦୁଇ ଦଶନ୍ଧି ତଳର ବିଶ୍ୱରେକର୍ଡ ଭାଙ୍ଗିଲେ ନଦୀମ

ଚେନ୍ନାଇ, ୨୦।୯(ପି.ଟି.)

ଝାଡ଼ଖଣ୍ଡ ବାମହାତୀ ସ୍ପିନର ଶାହବାଜ ନଦୀମ ଦୁଇ ଦଶନ୍ଧି ତଳର ବିଶ୍ୱରେକର୍ଡ ଭାଙ୍ଗି ନୂତନ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଗୁରୁବାର ଏଠାରେ ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି ଏକଦିବସୀୟ କ୍ରିକେଟ ପ୍ରତିଯୋଗିତାରେ ରାଜସ୍ଥାନ ବିପକ୍ଷ ମ୍ୟାଚ୍‌ରେ ନଦୀମ ୧୦ ରନ ବିନିମୟରେ ୮ଟି ଉଇକେଟ୍ ଅକ୍ତିଆର କରିଥିଲେ। ଏଥିସହ ଲିଷ୍ଟ–ଏ କ୍ରିକେଟରେ ସେ ନୂତନ ବିଶ୍ୱରେକର୍ଡ ନିଜ ନାମରେ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଅନ୍ୟତମ ଭାରତୀୟ କ୍ରିକେଟର ତଥା ଦିଲ୍ଲୀର ବାମହାତୀ ସ୍ପିନର ରାହୁଲ ଶିବାଙ୍ଗିଙ୍କ ନାମରେ ରହିଥିଲା। ୧୯୯୭–୯୮ ସିଜନରେ ଶିବାଙ୍ଗି ହିମାଚଳ ପ୍ରଦେଶ ବିପକ୍ଷରେ ୧୫ ରନ ବ୍ୟୟ କରି ୮ଟି ଉଇକେଟ୍ ନେଇଥିଲେ। ଶିବାଙ୍ଗି ଭାରତ ପକ୍ଷରୁ ୨୦୦୧ରେ ଅଷ୍ଟ୍ରେଲିଆ ବିପକ୍ଷରେ କେବଳ ଗୋଟିଏ ମ୍ୟାଚ୍ ଖେଳିଛନ୍ତି। ୨୯ ବର୍ଷୀୟ ନଦୀମ ୯୯ଟି ପ୍ରଥମ ଶ୍ରେଣୀ ଓ ୮୭ଟି ଲିଷ୍ଟ–ଏ ମ୍ୟାଚ ଖେଳି ଯଥାକ୍ରମେ ୩୭୫ ଓ ୧୨୪ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ସେହିଭଳି ୧୦୯ଟି ଟି୨୦ ମ୍ୟାଚ୍‌ରୁ ୮୯ଟି ଉଇକେଟ୍ ନେଇଛନ୍ତି।



ଶାହବାଜ ନଦୀମ

ଚେନ୍ନାଇର ମୁରୁଗାପ୍ପାଠାରେ ଗୁରୁବାର ଝାଡ଼ଖଣ୍ଡ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ୨୮.୩ ଓଭରରେ ମାତ୍ର ୭୩ ରନ କରି ଅଲ୍‌ଆଉଟ୍ ହୋଇଥିଲା। ନଦୀମ ୧୦ ଓଭର ବୋଲିଂ କରି ୪ ମେଡେନ ସହ ୧୦ ରନ ବ୍ୟୟରେ ୮ଟି ଉଇକେଟ୍ ନେଇଥିଲେ। ଜବାବରେ ଝାଡ଼ଖଣ୍ଡ ୧୪.୩ ଓଭରରେ ୩ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

# ଫାଓ ଲିଗ୍: ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

କଟକ ଅଫିସ,୨୦।୯

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ଗୁରୁବାର ଖେଳାଯାଇଥିବା ଗୋଟିଏ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୧–୦ ଗୋଲରେ ସନ୍‌ରାଇଜ୍ କ୍ଲବକୁ ପରାସ୍ତ କରିଛି । ଦ୍ୱିତୀୟାର୍ଦ୍ଧର ୪୪ତମ ମିନିଟରେ ରାଇଜିଂ ଷ୍ଟୁଡେଣ୍ଟର ଲାଖାଇ ମୁର୍ମୁ ଏହି ବିଜୟ ସୂଚକ ଗୋଲ ସ୍କୋର କରିଥିଲେ। ପୂର୍ବତଟ ରେଲୱେ ଓ ଓଡ଼ିଶା ପୋଲିସ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ଟି ବର୍ଷା ଯୋଗୁଁ ବାତିଲ କରାଯାଇଛି ।



ସନ୍‌ରାଇଜ୍ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସଭାପତି ଆସନ ପାଇଁ ଦ୍ୱିମୁଖୀ ଲଢ଼େଇ

କଟକ ଅଫିସ,୨୦।୯

**ଓଭିଏ ନିର୍ବାଚନ: ଗଗନେନ୍ଦୁ ନୂଆ ସମ୍ପାଦକ**

ଓଡ଼ିଶା ଭଲିବଲ ଆସୋସିଏଶନ(ଓଭିଏ)ର କର୍ମକର୍ତ୍ତା ନିର୍ବାଚନ ନେଇ ଗୁରୁବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ଦିବସ ରହିଥିଲା । କେବଳ ସଭାପତି ପଦବୀକୁ ବାଦ୍ ଦେଇ ଅନ୍ୟ ସମସ୍ତ ପଦବୀ ନିର୍ଦ୍ୱନ୍ଦ୍ୱରେ ପୂରଣ ହୋଇଛି। ଆସନ୍ତା ୨୩ ତାରିଖରେ ନିର୍ବାଚନ ହେବା ବେଳେ ସଭାପତି ପଦବୀ ନିମନ୍ତେ ସମ୍ପ୍ରତି ସଭାପତି ଦାୟିତ୍ୱରେ ଥିବା ସୁବୋଧ କୁମାର ରାଉତରାୟ ଓ ସମ୍ପାଦକ ଦାୟିତ୍ୱରେ ଥିବା ପ୍ରଦୀପ କୁମାର ମହାନ୍ତିଙ୍କ ମଧ୍ୟରେ ମୁକାବିଲା ହେବ। ଅନ୍ୟପକ୍ଷରେ ଜଗତସିଂପୁର ଜିଲା ସଂଘର ଗଗନେନ୍ଦୁ ଦାସ ଓଭିଏର ନୂତନ ସମ୍ପାଦକ ହୋଇଛନ୍ତି। ସଭାପତି ଆଶାୟୀ ପ୍ରାର୍ଥୀ ରହିଥିବା ପାରାଦୀପ ପୋର୍ଟର ସଞ୍ଜୟ କୁମାର ଦାସ ଓ କେନ୍ଦ୍ରାପଡ଼ାର ସୟଦ ଆକ୍ରମ ଅଲ୍ଲୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିଲେ । ଯାହା ଫଳରେ ସୁବୋଧ ଓ ପ୍ରଦୀପଙ୍କ ମଧ୍ୟରେ ସଭାପତି ପଦବୀ ନେଇ ଦ୍ୱିମୁଖୀ ଲଢ଼େଇ ହେବା ନିଶ୍ଚିତ ହୋଇଛି । ଅନ୍ୟପକ୍ଷରେ କାର୍ଯ୍ୟକାରୀ ସଭାପତି ଆଶାୟୀ ପ୍ରାର୍ଥୀ ବଲାଙ୍ଗୀରର ସୁକାନ୍ତ ପାଣିଗ୍ରାହୀ ଓ କେନ୍ଦ୍ରାପଡ଼ାର ସୟଦ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ଯୋଗୁ ପାରାଦୀପ ପୋର୍ଟର ସଞ୍ଜୟ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଭୁବନେଶ୍ୱରର ରବି ନାରାୟଣ ରାଉତରାୟ ଉପସଭାପତି ପ୍ରାର୍ଥୀପତ୍ର ଫେରାଇ ନେବା ପରେ ୬ ଜଣିଆ ଉପସଭାପତି କର୍ମକର୍ତ୍ତାଙ୍କ ନାମ ଚୂଡ଼ାନ୍ତ ହୋଇଛି । କେନ୍ଦ୍ରାପଡ଼ାର ସୟଦ, କେନ୍ଦୁଝରର ଜନାର୍ଦ୍ଦନ ଦାସ, କୋରାପୁଟର ଭବାନୀ ପ୍ରସାଦ ପଣ୍ଡା, ମୟୂରଭଞ୍ଜର କିଶୋର କୁମାର ବିଶ୍ୱାଳ, ଫୁଲବାଣୀର ଶିବପ୍ରସାଦ ତ୍ରିପାଠୀ, ସମ୍ବଲପୁରର ଦୁଲାଲ ଚନ୍ଦ୍ର ପ୍ରଧାନ ଉପସଭାପତି ହୋଇଛନ୍ତି । ପୂର୍ବରୁ ଯୁଗ୍ମ ସମ୍ପାଦକ ଭାବେ ଢେଙ୍କାନାଳର ଆଦିତ୍ୟ କୁମାର ଆଚାର୍ଯ୍ୟ ଓ ବାଲେଶ୍ୱରର ଜଗଦୀଶ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଭାବେ ଭୁବନେଶ୍ୱରର ମନୋରଞ୍ଜନ ମହାନ୍ତି ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଥିଲେ ।

### ୫–ଏ–ସାଇଡ୍ ସିନିୟର ଜାତୀୟ ମହିଳା ହକି ଚାମ୍ପିୟନଶିପ୍

# ଓଡ଼ିଶା– ଝାଡ଼ଖଣ୍ଡ କ୍ୱାର୍ଟର ଫାଇନାଲ

ବେଙ୍ଗାଲୁରୁ, ୨୦।୯ (ପି.ଟି.)

ଏଠାରେ ଚାଲିଥିବା ତୃତୀୟ ହକି ଇଣ୍ଡିଆ ୫–ଏ– ସାଇଡ ସିନିୟର ଜାତୀୟ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ଲାଇନ ଅପ୍ ସ୍ପଷ୍ଟ ହୋଇଛି। ଅଂଶଗ୍ରହଣ କରିଥିବା ୮ଟି ଦଳ କ୍ୱାର୍ଟର ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ପ୍ରଥମ କ୍ୱାର୍ଟର ଫାଇନାଲରେ ହରିୟାଣା ଓ ଉତ୍ତରପ୍ରଦେଶ ପରସ୍ପରକୁ ଭେଟିବେ। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଓ ଝାଡ଼ଖଣ୍ଡ ମୁହାଁମୁହିଁ ହେବେ। ଅନ୍ୟପଟେ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ପଞ୍ଜାବ ପ୍ରତିପକ୍ଷ କର୍ନାଟକକୁ ଭେଟିବ। ଅନ୍ତିମ ତଥା ଚତୁର୍ଥ କ୍ୱାର୍ଟର ଫାଇନାଲରେ ତାମିଲନାଡୁ ଓ ମହାରାଷ୍ଟ୍ର ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

ଗୁରୁବାର ପୁଲ୍ ଏ' ମ୍ୟାଚ୍‌ରେ ହରିୟାଣା ୫–୨ ଗୋଲରେ ଓଡ଼ିଶାକୁ ହରାଇ କ୍ରମାଗତ ତୃତୀୟ ବିଜୟ ହାସଲ କରି ଶୀର୍ଷରେ ରହିଛି। ହରିୟାଣା ବିପକ୍ଷରେ ଓଡ଼ିଶା ପ୍ରଥମ ଗୋଲ ଦେଇ ଅଗ୍ରଣୀ ହାସଲ କରିଥିଲା। ଓଡ଼ିଶା ତରଫରୁ ଆଜମିନା କୁଜୁର ଦ୍ୱିତୀୟ ମିନିଟ୍‌ରେ ପ୍ରଥମ ଗୋଲ ଦେଇଥିଲେ। ତେବେ ଏହାପରେ ହରିୟାଣା ପ୍ରତ୍ୟାବର୍ତ୍ତନ କରି ୪ଟି ଗୋଲ ଦେଇଥିଲା। ହରିୟାଣା ତରଫରୁ ଅମନଦୀପ କୌର (ପଞ୍ଚମ), ସରିତା (ନବମ), ପୂଜା (ଦଶମ) ଓ ସୋନିକା ୧୪ତମ ମିନିଟରେ ଗୋଲ ସ୍କୋର କରିଥିଲେ। ୧୬ତମ ମିନିଟରେ ଓଡ଼ିଶା ତରଫରୁ ମାରିଆନ କୁଜୁର ଦ୍ୱିତୀୟ ଗୋଲ ଦେଇଥିଲେ। ତେବେ ଶେଷର ୧୮ତମ ମିନିଟ୍‌ରେ ହରିୟାଣାର ମନପ୍ରୀତ କୌର ଦଳ ତରଫରୁ ପଞ୍ଚମ ତଥା ଅନ୍ତିମ ଗୋଲ ସ୍କୋର କରିଥିଲେ। ଏହା ପୂର୍ବରୁ ଓଡ଼ିଶା ତା'ର ପ୍ରଥମ ମ୍ୟାଚ୍‌ରେ ପଞ୍ଜାବକୁ ୬–୩ ଗୋଲରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ତାମିଲନାଡୁକୁ ୯–୧ ଗୋଲରେ ପରାସ୍ତ କରି ବୃହତ୍ ବିଜୟ ହାସଲ କରିଛି।

ଗୁରୁବାର ଅନୁଷ୍ଠିତ ଅନ୍ୟତମ ପୁଲ୍ ଏ' ମ୍ୟାଚ୍‌ରେ ପଞ୍ଜାବ ୭–୩ ଗୋଲରେ ତାମିଲନାଡୁକୁ ହରାଇ ପ୍ରଥମ ପ୍ରତିଯୋଗିତାରେ ପ୍ରଥମ ବିଜୟ ହାସଲ କରିଛି। ଅନ୍ୟପଟେ ପୁଲ– ବି'ରେ ମହାରାଷ୍ଟ୍ର ଓ କର୍ନାଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୪–୪ ଗୋଲରେ ଅମୀମାଂସିତ ରହିଥିଲା। ଏହି ପୁଲ୍‌ର ଉତ୍ତରପ୍ରଦେଶ ଓ ଝାଡଖଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧–୧ ଗୋଲରେ ଅମୀମାଂସିତ ରହିଥିଲା।

# ଆନ୍ଧ୍ରଠାରୁ ୬ ଉଇକେଟରେ ହାରିଲା ଓଡ଼ିଶା

କଟକ ଅଫିସ,୨୦।୯

**ବିଜୟ ହଜାରେ ଟ୍ରଫି**
- ପଦାର୍ପଣ ମ୍ୟାଚ୍‌ରେ ପପୁଙ୍କୁ ୨ ଉଇକେଟ
- ସୁଜିତଙ୍କ ସଂଘର୍ଷପୂର୍ଣ୍ଣ ଅର୍ଦ୍ଧଶତକ
- ଆଜି କେରଳକୁ ଭେଟିବ

ନୂଆଦିଲ୍ଲୀ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ବିଜୟ ହଜାରେ ଟ୍ରଫି ଏଲିଟ୍ ଗ୍ରୁପ–ବି'ର ଏକ ମ୍ୟାଚ୍‌ରେ ଓଡ଼ିଶା ୬ ଉଇକେଟରେ ଆନ୍ଧ୍ରପ୍ରଦେଶଠାରୁ ପରାସ୍ତ ହୋଇଛି। ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଓଡ଼ିଶା ଧାର୍ଯ୍ୟ ଓଭରରେ ୯ ଉଇକେଟ ହରାଇ ୧୮୪ ରନ୍ କରିପାରିଥିଲା। ୧୮୫ରନ୍‌ର ବିଜୟ ଲକ୍ଷ୍ୟକୁ ୪ ଉଇକେଟ ବିନିମୟରେ ଆନ୍ଧ୍ରପ୍ରଦେଶ ହାସଲ କରିଥିଲା। ଆନ୍ଧ୍ରପ୍ରଦେଶ ଓପନର ଅଶ୍ୱିନ ହେବର ଅପରାଜିତ ୯୨ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ୍ ଖେଳିଥିଲେ। ଓଡ଼ିଶା ପକ୍ଷରୁ ପଦାର୍ପଣ ମ୍ୟାଚ୍ ଖେଳୁଥିବା ପପୁ ରାୟ ୨ଟି ଉଇକେଟ ଦଖଲ କରିଥିବା ବେଳେ ଉଇକେଟକିପର ସୁଜିତ ଲେଙ୍କା ସଂଘର୍ଷପୂର୍ଣ୍ଣ ୫୫ରନ୍ କରିଥିଲେ। ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳରେ ଏହି ମ୍ୟାଚ୍ ନିମନ୍ତେ ୩ଜଣ ନବାଗତଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିଥିଲା। ଦ୍ରୁତ ବୋଲର ରାଜେଶ ମହାନ୍ତି, ପ୍ରୀତ କନୱର ସିଂ ଚୌହାନ ଓ ସ୍ପିନର ପପୁ ରାୟଙ୍କୁ ପଦାର୍ପଣ ମ୍ୟାଚ୍ ଖେଳିବାର ସୁଯୋଗ ଦିଆଯାଇଥିଲା। ଓଡ଼ିଶା ଶୁକ୍ରବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ କେରଳକୁ ଭେଟିବ।

ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଓପନର ରାଜେଶ ଧୂପର ଓ ଅନୁରାଗ ଷଡ଼ଙ୍ଗୀ ୭.୫ ଓଭରରେ ୩୫ରନ୍ ସଂଗ୍ରହ କରିଥିବା ବେଳେ ଓଡ଼ିଶା ପ୍ରଥମ ଉଇକେଟ ହରାଇଥିଲା। ରାଜେଶ ୨୪ଟି ବଲରୁ ୨୨ରନ କରି ସୋଏବ ମହମ୍ମଦ ଖାନ୍‌ଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ପରେ ୩ନଂ ବ୍ୟାଟିଂ କ୍ରମରେ ଆସିଥିବା ଅଧିନାୟକ ଗୋବିନ୍ଦ ଓ ଅନୁରାଗ ମଧ ବଡ଼ ଭାଗୀଦାରି ସୃଷ୍ଟି କରିବା ପୂର୍ବରୁ ଆଉଟ୍ ହୋଇଥିଲେ। ଗୋବିନ୍ଦ ମାତ୍ର ୨ରନ୍ କରି ସୋଏବଙ୍କ ଦ୍ୱିତୀୟ ଶିକାର ହୋଇଥିବା ବେଳେ ଅନୁରାଗ ୨୦ରନ୍‌ରେ ମନୀଷ ଗୋଲମାରୁଙ୍କ ବଲରେ କ୍ଲିନବୋଲ୍ଡ ହୋଇଥିଲେ। ୪୫ରନ୍‌ରେ ଓଡ଼ିଶା ୩ ଉଇକେଟ ହରାଇଥିଲା। ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ସେନାପତି ଓ ଅଲରାଉଣ୍ଡର ବିପ୍ଲବ ସାମନ୍ତରାୟ ୪ର୍ଥ ଉଇକେଟ ଭାଗୀଦାରିରେ ମାତ୍ର ୩୦ରନ୍ ଯୋଡ଼ିବାକୁ ସକ୍ଷମ ହୋଇଥିଲେ। ବିପ୍ଲବ ୧୬ ରନ୍‌ରେ ଓ ଶୁଭ୍ରାଂଶୁ ୧୮ରନ୍‌ରେ ଆଉଟ ହେବା ପରେ ଓଡ଼ିଶାର ଇନିଂସ୍ ଖୁବ୍ କମ୍ ସ୍କୋରରେ ସୀମିତ ରହିବ ବୋଲି ଆଶା କରାଯାଉଥିଲା। ମାତ୍ର ୮୮ରନ୍‌ରେ ଦଳର ୫ଜଣ ପ୍ରମୁଖ ବ୍ୟାଟ୍ସମ୍ୟାନ ପ୍ୟାଭିଲିୟନ ଫେରି ସାରିଥିଲେ। ପରେ ଉଇକେଟ କିପର ସୁଜିତ ଲେଙ୍କା ଓ ଅଲରାଉଣ୍ଡର ଅଭିଷେକ ରାଉତ ସମ୍ମାନଜନକ ସ୍କୋର ସଂଗ୍ରହ ପାଇଁ ସଂଘର୍ଷ କରିଥିଲେ। ୨୮.୨ ଓଭରରେ ଦଳର ୧୦୦ରନ୍ ଓ ୪୨.୫ ଓଭରରେ ୧୫୦ରନ୍ ପୂରଣ ହୋଇଥିଲା। ଉଭୟଙ୍କ ମଧ୍ୟରେ ୭୩ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ହୋଇଥିଲା। ୬୫ବଲରୁ ୪୧ ରନ୍ କରିଥିବା ଅଭିଶେକ କର୍ନ ଶର୍ମାଙ୍କ ଶିକାର ହୋଇଥିଲେ। ଅଭିଷେକ ଆଉଟ ହେବା ବେଳକୁ ଓଡ଼ିଶାର ସ୍କୋର ଥିଲା ୧୬୧ । ପରବର୍ତ୍ତୀ ବଲରେ ଦୀପକ ବେହେରାଙ୍କୁ ଆଉଟ୍ କରି କର୍ନ ପୁର୍ନବାର ଓଡ଼ିଶା ଶିବିରରେ ନିରାଶ କରିଦେଇଥିଲେ।



ପପୁ ରାୟ

୮୬ବଲରୁ ଅର୍ଦ୍ଧଶତକ ପୂରଣ କରିଥିବା ସୁଜିତ ମଧ ୫୫ରନ୍ କରିଥିବା ବେଳେ ରନ୍‌ଆଉଟ୍ ହୋଇଥିଲେ। ଲିଷ୍ଟ–ଏ କ୍ୟାରିୟରରେ ସୁଜିତଙ୍କର ଏହା ଦ୍ୱିତୀୟ ଅର୍ଦ୍ଧଶତକ। ନବାଗତ ରାଜେଶ ୮ରନ୍‌ରେ ଅପରାଜିତ ଥିବା ବେଳେ ପପୁ ରାୟ ଖାତା ଖୋଲିବା ପୂର୍ବରୁ ରନ୍‌ଆଉଟ ହୋଇଥିଲେ। ନିର୍ଦ୍ଧାରିତ ୫୦ ଓଭରରେ ଓଡ଼ିଶା ୯ ଉଇକେଟ ହରାଇ ୧୮୪ରନ୍ କରିଥିଲା। ଆନ୍ଧ୍ରପ୍ରଦେଶ ପକ୍ଷରୁ କର୍ନ ଶର୍ମା ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ୧୮୫ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିବା ଆନ୍ଧ୍ରପ୍ରଦେଶ ମଧ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର କେ.ଏସ୍. ଭାରତ ଶୂନରେ ରନ୍‌ଆଉଟ ହେବା ପରେ ସ୍ପିନର ପପୁ ରାୟ ଆନ୍ଧ୍ରପ୍ରଦେଶ ଅଧିନାୟକ ହନୁମା ବିହାରୀ(୯ରନ୍) ଓ ରିକି ଭୁଇ(୦ରନ୍)ଙ୍କୁ ଆଉଟ କରିଥିଲେ। ୩୩ରନ୍‌ରେ ଆନ୍ଧ୍ରପ୍ରଦେଶ ୩ଟି ଉଇକେଟ ହରାଇବା ଫଳରେ ଓଡ଼ିଶା ମ୍ୟାଚ୍‌କୁ ନିଜ କବ୍‌ଜାରେ ରଖି ପାରିବ ବୋଲି ଆଶା କରାଯାଇଥିଲା। ପରେ ଅନ୍ୟତମ ଓପନର ଅଶ୍ୱିନ ହେବର ଓ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ବୋଦାପତି ସୁମନ୍ଥ ୫୨ରନ୍‌ର ଭାଗୀଦାରି ସୃଷ୍ଟି କରିଥିଲେ । ସୁମନ୍ଥ(୨୪ରନ୍)ରେ ଅଭିଶେକ ରାଉତଙ୍କ ଦ୍ୱାରା କିପର କ୍ୟାଚ୍ ହୋଇ କ୍ରିଜ ଛାଡ଼ିଥିଲେ । ୮୫ରନ୍‌ରେ ଆନ୍ଧ୍ରପ୍ରଦେଶ ୪ଟି ଉଇକେଟ ହରାଇଥିଲା। ମାତ୍ର ଏହାପରେ ଓପନର ଅଶ୍ୱିନ ଓ ଡି.ବି ରବି ତେଜା ଦଳକୁ ସହଜରେ ବିଜୟୀ କରାଇଥିଲେ। ଅଶ୍ୱିନ ୬୦ବଲରୁ ଓ ରବି ୮୩ବଲରୁ ବ୍ୟକ୍ତିଗତ ଅର୍ଦ୍ଧଶତକ ପୂରଣ କରିଥିଲେ। ୪୭.୧ ଓଭରରେ ଆନ୍ଧ୍ରପ୍ରଦେଶ ମ୍ୟାଚ୍‌କୁ ଜିତିନେଇଥିଲା। ଅଶ୍ୱିନ ୯୨ ଓ ରବି ୫୩ ରନ୍ କରି ଅପରାଜିତ ଥିଲେ।

**ସଂକ୍ଷିପ୍ତ ସ୍କୋର:**

ଓଡ଼ିଶା ୫୦ ଓଭରରେ ୧୮୪–୯ (ସୁଜିତ ଲେଙ୍କା ୫୫, ଅଭିଷେକ ରାଉତ ୪୧, କର୍ନ ଶର୍ମା ୩/୨୯, ଶୋଏବ ମହମ୍ମଦ ଖାଁ ୨/୩୨)। ଆନ୍ଧ୍ର ପ୍ରଦେଶ ୪୭.୧ ଓଭର୍‌ରେ ୧୮୬–୪ (ଅଶ୍ୱିନ ହେବାର ୯୨*, ଦ୍ୱାରକା ରବି ତେଜା ୫୩*, ପପୁ ରୟ ୨/୧୬, ଅଭିଷେକ ରାଉତ ୧/୪୨)।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୨୧ ସେପ୍ଟେମ୍ବର, ୨୦୧୮





ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ମୋ ନାମ ବିଚାରକୁ ନିଆଯାଇ ନ ଥିବାରୁ ମୁଁ ସରକାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ।

–ବଜରଙ୍ଗ ପୁନିଆ, ଷ୍ଟାର ରେସ୍‌ଲର



ଅର୍ଜୁନ ପୁରସ୍କାର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଥିବାରୁ ମୁଁ ଖୁସି କିନ୍ତୁ ମୋ କୋଚ ସନ୍ଦୀପ ଗୁପ୍ତା ଦ୍ରୋଣାଚାର୍ଯ୍ୟ ପୁରସ୍କାର ନ ପାଇବା ମୋତେ ବ୍ୟଥିତ କରିଛି ।

–ମାନିକା ବାତ୍ରା, ଟେବୁଲ ଟେନିସ୍ ଖେଳାଳି

## ସଂକ୍ଷେପରେ

### ପାଣ୍ଡ୍ୟା ଆଉଟ୍: ଚହରଙ୍କୁ ଡାକରା

ଦୁବାଇ, ୨୦।୯(ପି.ଟି.)- ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ଅଧାରୁ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳକୁ ଶକ୍ତ ଧକ୍କା ଲାଗିଛି। ଆହତ ସମସ୍ୟା ଲାଗି ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏସିଆ କପ୍‌ର ବଳକା ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଅନ୍ୟତମ ଅଲ୍‌ରାଉଣ୍ଡର ଦୀପକ ଚହରଙ୍କୁ ଦଳ ସହ ଯୋଗଦେବାକୁ ଡାକରା ମିଳିଛି। ଗୁରୁବାର ଚହର ଏଠାରେ ଦଳ ସହ ଯୋଗଦେବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଜଣାପଡ଼ିଛି। ଚଳିତ ଏସିଆ କପ୍‌ରେ ବୁଧବାର ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ହାଇଭୋଲଟେଜ ମ୍ୟାଚ୍ ଅବସରରେ ବୋଲିଂ କରୁଥିବାବେଳେ ପାଣ୍ଡ୍ୟା ଆହତ ହୋଇଥିଲେ। ଗୁରୁତର ବ୍ୟାକ୍ ପେନ୍ ଯୋଗୁ ପାଣ୍ଡ୍ୟା ବୋଲିଂ କରୁଥିବାବେଳେ ଫଲୋ ଥ୍ରୋରେ ପଡ଼ିଯାଇଥିଲେ। ଏହାପରେ ତାଙ୍କୁ ଷ୍ଟ୍ରେଚରରେ ପଡ଼ିଆ ବାହାରକୁ ନିଆଯାଇଥିଲା ଏବଂ ସେ ଆଉ ଫିଲ୍ଡକୁ ପ୍ରତ୍ୟାବର୍ତ୍ତନ କରି ନ ଥିଲେ।

### ବେଜିଂ, ସାଂଘାଇ ଟୁର୍ନାମେଣ୍ଟରୁ ନାଡାଲ ଓହରିଲେ

ବାର୍ସିଲୋନା, ୨୦।୯(ଏଏଫ୍‌ପି)- ବିଶ୍ୱର ଏକ ନମ୍ବର ଟେନିସ ଖେଳାଳି ତଥା ସ୍ପାନିଶ ତାରକା ରାଫାଲ ନାଡାଲ ଆଘାତ ସମସ୍ୟା ଲାଗି ଆଗାମୀ ଚାଇନା ଓପନ୍ ଓ ସାଂଘାଇ ମାଷ୍ଟର୍ସ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ଚାଇନା ଓପନ୍ ଚଳିତ ମାସ ୨୯ରୁ ଆରମ୍ଭ ହେବ। ଚଳିତ ମାସରେ ଆଣ୍ଠୁଜନିତ ସମସ୍ୟା ଲାଗି ନାଡାଲ ୟୁଏସ୍ ଓପନ୍ ସେମିଫାଇନାଲରୁ ବାହାରିଯାଇଥିଲେ। ଫଳରେ ନାଡାଲଙ୍କ ପ୍ରତିପକ୍ଷ ଜୁଆନ ମାର୍ଟିନ ଡେଲ୍‌ପୋଟ୍ରୋ ଫାଇନାଲରେ ପ୍ରବେଶ କରିଥିଲେ। ୧୭ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନାଡାଲ ମଧ ସ୍ପେନର ଡେଭିସ୍ କପ୍ ସେମିଫାଇନାଲ ମ୍ୟାଚ୍ ଖେଳିପାରି ନ ଥିଲେ। ଏଥିରେ ଫ୍ରାନ୍ସ ନିକଟରୁ ସ୍ପେନ ପରାସ୍ତ ହୋଇଥିଲା। ଅକ୍ଟୋବର ଶେଷଭାଗରେ ହେବାକୁ ଥିବା ପ୍ୟାରିସ ମାଷ୍ଟର୍ସ ପ୍ରତିଯୋଗିତାରେ ନାଡାଲ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି।

### ଛତିଶଗଡ଼, ଗୋଆ ବିଜୟୀ

କଟକ ଅଫିସ,୨୦।୯- କଟକରେ ଚାଲିଥିବା ୨୪ତମ ସିନିୟର ମହିଳା ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ରେ ଗୁରୁବାର ୪ଟି ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ଛତିଶଗଡ଼ ୯-୦ ଗୋଲରେ ତେଲେଙ୍ଗାନାକୁ, ଗୋଆ ୭-୦ ଗୋଲରେ ହିମାଚଳପ୍ରଦେଶକୁ ପରାସ୍ତ କରିଛି। କର୍ନାଟକ-ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍ ୨-୨ ଗୋଲରେ ଓ ଆନ୍ଧ୍ରପ୍ରଦେଶ-ଗୁଜରାଟ ବିପକ୍ଷ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି ।


# ଶାହିଦି, ରସିଦଙ୍କ ଅର୍ଦ୍ଧଶତକ

**ଏସିଆ କପ୍ କ୍ରିକେଟ**

ଆବୁଧାବି, ୨୦।୯ (ପି.ଟି.)

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ମ୍ୟାଚରେ ବାଂଲାଦେଶ ବିପକ୍ଷରେ ଅପେକ୍ଷାକୃତ ଦୁର୍ବଳ କୁହାଯାଉଥିବା ଆଫଗାନିସ୍ତାନ ବେଶ୍ ଉଚ୍ଚକୋଟୀର ବ୍ୟାଟିଂ ପ୍ରଦର୍ଶନ କରିଛି। ସ୍ଥାନୀୟ ଶେଖ ଜାୟେଦ ଷ୍ଟାଡିୟମ ଅନୁଷ୍ଠିତ ଗ୍ରୁପ୍ ବି' ମ୍ୟାଚରେ ଆଫଗାନିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ହାଶମାତୁଲ୍ଲା ଶାହିଦି ଓ ରସିଦ ଖାଁଙ୍କ ଅର୍ଦ୍ଧଶତକୀୟ ପାଳି ଏବଂ ଗୁଲବଦିନ ନାଇବଙ୍କ ଲଢୁଆ ବ୍ୟାଟିଂ ବଳରେ ଆଫଗାନିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୫୫ ରନର ସମ୍ମାନଜନକ ସ୍କୋର ହାସଲ କରିଛି।

ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଆଫଗାନିସ୍ତାନ ଓପନର ଇସାନୁଲ୍ଲା ଜନତ୍‌ଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଜନତ୍ ୮ ରନ କରି ପ୍ରଥମେ ଆଉଟ ହୋଇଥିଲେ। ଏହା ପରେ ରହମତ ଶାହ ୧୦ ରନ କରି ପ୍ୟାଭିଲିୟନ ଫେରିଥିଲେ। ଉଭୟେ ଆବୁ ହାଇଦରଙ୍କ ଦ୍ୱାରା ଆଉଟ ହୋଇଥିଲେ। ତୃତୀୟ ଉଇକେଟ ଭାବେ ଅନ୍ୟତମ ଓପନର ତଥା ଉଇକେଟ କିପର ବ୍ୟାଟ୍ସମ୍ୟାନ ମହମ୍ମଦ ଶାହଜାଦ ୩୭ ରନ କରିଥିବା ବେଳେ ସ୍ପିନର ସାକିବ ଅଲ ହାସନଙ୍କ ଶିକାର ହୋଇଥିଲେ। ଏହାପରେ ଅଧିନାୟକ ଅସଘର ଆଫଗାନ ୮ ରନ କରିଥିବା ବେଳେ ସାକିବଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଶାହିଦି ୫୮ ରନର ଅର୍ଦ୍ଧଶତକୀୟ ପାଳି ଖେଳି ରୁବେଲ ହୋସେନଙ୍କ ଶିକାର ହୋଇଥିଲେ। ସମିଉଲ୍ଲ ସେନୱାରୀ ଓ ମହମ୍ମଦ ନବି ଯଥାକ୍ରମେ ୧୮ ଓ ୧୦ ରନ କରି ସାକିବଙ୍କ ଦ୍ୱାରା ଆଉଟ ହୋଇଥିଲେ। ୧୬୦ ରନରେ ୭ ଉଇକେଟ ହରାଇ ଆଫଗାନିସ୍ତାନ ବିପଦରେ ପଡିଥିବା ବେଳେ ଅଲରାଉଣ୍ଡର ରସିଦ ଖାନ ଓ ଗୁଲବଦିନ ନାଇବ ଲଢୁଆ ବ୍ୟାଟିଂ କରି ଅଷ୍ଟମ ଉଇକେଟ ଯୋଡିରେ ୫୬ଟି ବଲର ସମ୍ମୁଖୀନ ହୋଇ ଅପରାଜିତ ଦ୍ରୁତ ୯୫ ରନ ସଂଗ୍ରହ ଦଳ ପାଇଁ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଥିଲେ ଓ ବାଂଲାଦେଶ ବୋଲରଙ୍କୁ ନିରାଶ କରିଥିଲେ। ରସିଦ ୩୨ଟି ବଲ ଖେଳି ୮ ଚୌକା ଓ ୧ ଛକା ସହ ୫୭ ରନ କରି ଅପରାଜିତ ରହିଥିଲେ। ସେହିପରି ଗୁଲବଦିନ ୩୮ଟି ବଲ୍ ଖେଳି ୫ ଚୌକା ସହ ୪୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ସାକିବ ସର୍ବାଧିକ ୪, ଅବୁ ହାଇଦର ୨ ଓ ରୁବେଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ହାଶମାତୁଲ୍ଲା ଶାହିଦି।

**ସଂକ୍ଷିପ୍ତ ସ୍କୋର:**

ଆଫଗାନିସ୍ତାନ ୫୦ ଓଭରରେ ୨୫୫/୭ (ଶାହିଦି- ୫୮, ରସିଦ- ୫୭*, ଗୁଲବଦିନ- ୪୨*, ଶାହଜାଦ- ୩୭, ସାକିବ- ୪/୪୨, ହାଇଦର- ୨/୫୦, ରୁବେଲ- ୧/୩୨)।

# ଭାରତ-ବାଂଲାଦେଶ ମୁକାବିଲା ଆଜି

ଦୁବାଇ,୨୦।୯(ପି.ଟି.)

ଏସିଆ କପ୍ କ୍ରିକେଟର ୧୪ତମ ସଂସ୍କରଣରେ ଭାରତ ଗ୍ରୁପ୍ ପର୍ଯ୍ୟାୟରେ ତା'ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ହଂକଂ ଓ ପରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ସୁପର- ୪ରେ ପ୍ରବେଶ କରିଛି। ସୁପର- ୪ ପର୍ଯ୍ୟାୟରେ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ସ୍ଥାନୀୟ ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ଶୁକ୍ରବାର ବାଂଲାଦେଶକୁ ଭେଟିବ। କ୍ରମାଗତ ଦୁଇଟି ବିଜୟ ହାସଲ କରିଥିଲେ ମଧ୍ୟ ଭାରତ ନୂଆ ସମସ୍ୟାର ସମ୍ମୁଖୀନ ହୋଇଛି। ଇଞ୍ଜୁରି କାରଣରୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟ ଦଳରୁ ବାଦ୍ ପଡିଛନ୍ତି ଓ ଦୁଇଟି ମ୍ୟାଚ୍ ଖେଳିଥିବା ମୁଖ୍ୟ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କୁ ବିଶ୍ରାମ ଦିଆଯିବ। ଫଳରେ ଦଳର ସନ୍ତୁଳନ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି ହୋଇଛି। ଭୁବନେଶ୍ୱରଙ୍କ ବଦଳରେ ବାମହାତୀ ଦ୍ରୁତ ବୋଲର ଖଲିଲ ଅହମ୍ମଦଙ୍କୁ ସ୍ଥାନ ମିଳିବା ଆଶା କରାଯାଉଛି। ପାଣ୍ଡ୍ୟାଙ୍କ ବଦଳରେ ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଦଳକୁ ପ୍ରତ୍ୟାବର୍ତ୍ତନ କରିବା ନିଶ୍ଚିତ ମନେହେଉଛି। ରାଜସ୍ଥାନ ଯୁବ ଦ୍ରୁତ ବୋଲର ଦୀପକ ଚହରଙ୍କୁ ବଦଳ ଖେଳାଳି ଭାବେ ସାମିଲ କରାଯାଇଥିଲେ ମଧ୍ୟ ସେ ଅନ୍ତିମ ଏକାଦଶରେ ସାମିଲ ହେବା ମନେ ହେଉ ନାହିଁ। ମନୀଷ ପାଣ୍ଡେ ମିଡଲ ଅର୍ଡରରେ ବ୍ୟାଟିଂ କରିବେ। ପାଣ୍ଡ୍ୟାଙ୍କ କୋଟା ଓଭର କାମଚଳା ସ୍ପିନର କେଦାର ଯାଦବ ପକାଇବା ଆଶା କରାଯାଉଛି।

ଓପନର ତଥା ଅଧିନାୟକ ରୋହିତ ଶର୍ମା ଓ ଶିଖର ଧାୱନଙ୍କ ସମେତ ଅମ୍ବାତି ରାୟୁଡୁ ଓ ଦୀନେଶ କାର୍ତ୍ତିକ ପୂରା ଲୟରେ ଥିବା ପରି ମନେହେଉଛନ୍ତି ଓ ଏହି ୪ ବ୍ୟାଟ୍ସମ୍ୟାନଙ୍କ ଉପରେ ଭାରତୀୟ ଟପ୍ ଅର୍ଡର ସଫଳତା ନିର୍ଭର କରୁଛି। ପାକିସ୍ତାନ ବିପକ୍ଷ ମ୍ୟାଚରେ ଦମ୍ ଦେଖାଇଥିବା ଏହି ବ୍ୟାଟ୍ସମ୍ୟାନମାନେ ବାଂଲାଦେଶ ବିପକ୍ଷରେ ମଧ୍ୟ ଆହୁରି ସଫଳ ହେବ ବୋଲି ଆଶା କରାଯାଉଛି। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ଫର୍ମକୁ ନେଇ ମଧ୍ୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି। ଫର୍ମ ଫେରିପାଇବା ପାଇଁ ରୋହିତ ଧୋନୀଙ୍କ ବ୍ୟାଟିଂ କ୍ରମରେ ଉନ୍ନତି ଆଣି ପାରନ୍ତି।

ଅନ୍ୟପଟେ ବାଂଲାଦେଶକୁ ଏବେ ଏକ କ୍ୱାଲିଟି ଦିନିକିଆ ଦଳରେ ପରିଣତ ହୋଇପାରିଛି। ତେଣୁ କୌଣସି ମତେ ବାଂଲାଦେଶକୁ ହେୟ ମନେ କରାଯାଇପାରିବ ନାହିଁ। ବିଭିନ୍ନ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଇଭେଣ୍ଟରେ ବାଂଲାଦେଶ ଦମ୍ ଦେଖାଇବାରେ ସଫଳ ହୋଇଛି। ୨୦୧୨ ଏସିଆ କପ୍ ଫାଇନାଲରେ ବାଂଲାଦେଶ ପ୍ରବେଶ କରିଥିଲା। ମାଶ୍ରାଫି ମୋର୍ତ୍ତାଜାଙ୍କ ନେତୃତ୍ୱରେ ବାଂଲାଦେଶ ବେଶ୍ ଉନ୍ନତି କରିଛି। ଦଳରେ ମୁସଫିକର ରହିମ, ସାକିବ ଅଲ ହାସନ, ମହମୁଦୁଲ୍ଲା ରିୟାଦଙ୍କ ଭଳି ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନ ରହିଛନ୍ତି। ସେହିପରି ବୋଲିଂ ଡିପାର୍ଟମେଣ୍ଟରେ ମୋର୍ତ୍ତାଜା, ମୁସ୍ତାଫିଜୁର ରହମାନ ଓ ରୁବେଲ ହୋସେନଙ୍କ ଭଳି କ୍ୱାଲିଟି ଦ୍ରୁତ ବୋଲର ରହିଛନ୍ତି। ତେଣୁ ମିଡିଲ ଓଭରରେ ରନ୍ ସ୍କୋର କରିବାରେ ଭାରତ ସମସ୍ୟାର ସମ୍ମୁଖୀନ ହେବ। ଗୁରୁବାର ଆବୁଧାବିରେ ଆଫଗାନିସ୍ତାନ ବିପକ୍ଷରେ ମ୍ୟାଚ ଖେଳିବା ପରେ ବାଂଲାଦେଶ ଭାରତ ବିପକ୍ଷରେ ଦୁବାଇରେ ପଡିଆକୁ ଓହ୍ଲାଇବ। ଦୁଇ ଦିନରେ ଦୁଇଟି ମ୍ୟାଚ ଖେଳିବା ଦ୍ୱାରା ବାଂଲାଦେଶ ପାଇଁ ସାମାନ୍ୟ ସମସ୍ୟା ଉପୁଜିବ।

**ସମୟ: ସନ୍ଧ୍ୟା ୫ଟା**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ-୧**

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ଅମ୍ବାତି ରାୟୁଡୁ, ଦୀନେଶ କାର୍ତ୍ତିକ, ମହେନ୍ଦ୍ର ସିଂ ଧୋନୀ, ମନୀଷ ପାଣ୍ଡେ, କେଦାର ଯାଦବ, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମରା, ଖଲିଲ ଅହମ୍ମଦ, କୁଲଦୀପ ଯାଦବ, ୟୁଜବେନ୍ଦ୍ର ଚହଲ ଓ ଦୀପକ ଚହର।

**ବାଂଲାଦେଶ ଦଳ:** ମାଶ୍ରାଫି ମୋର୍ତ୍ତାଜା (ଅଧିନାୟକ), ସାକିବ ଅଲ ହାସନ (ଉପ- ଅଧିନାୟକ), ତାମିମ ଇକବାଲ, ମହମ୍ମଦ ମିଥୁନ, ଲିଟନ କୁମାର ଦାସ, ମୁସଫିକର ରହିମ, ଆରିଫୁଲ ହକ୍, ମହମ୍ମଦୁଲ୍ଲା, ମୋସାଡେକ ହୋସେନ ସାଇକତ, ନାଜମୁଲ ହୋସେନ ଶାଣ୍ଟୋ, ମେହଦୀ ହାସନ ମିର୍ଜା, ନାଜମୁଲ ଇସ୍ଲାମ ଅପୁ, ରୁବେଲ ହୋସେନ, ମୁସ୍ତାଫିଜୁର ରହମାନ ଓ ଆବୁ ହାଇଦର ରୋନୀ।

### ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ୍: ଭାରତ ପଞ୍ଚମ

# ସିଦ୍ଧାନ୍ତଙ୍କୁ ୧୬, କବିଙ୍କୁ ୧୯ତମ ସ୍ଥାନ

ଭୁବନେଶ୍ୱର, ୨୦।୯(ସ୍ପୋର୍ଟ୍ସ ବ୍ୟୁରୋ)

ବ୍ରାଜିଲ ସ୍ପୋର୍ଟ୍ସ ଫେଡେରେଶନ ଓ ଆନ୍ତର୍ଜାତିକ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ ମିଳିତ ଆନୁକୂଲ୍ୟରେ ବ୍ରାଜିଲର ଆରାକାଜୁଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ୍ ଚାମ୍ପିୟନଶିପ୍‌ରେ ଭାରତକୁ ପଞ୍ଚମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଛି। ସେହିପରି ଏହି ମେଗା ଇଭେଣ୍ଟରେ ଚାଇନା ପ୍ରଥମ, ପୋଲାଣ୍ଡ ଦ୍ୱିତୀୟ, ଆୟୋଜକ ବ୍ରାଜିଲ ତୃତୀୟ, ସର୍ବିଆ ଚତୁର୍ଥ ସ୍ଥାନରେ ରହିଛନ୍ତି। ଏହି ପ୍ରତିଯୋଗିତାରେ ୧୩ଟି ଦେଶରୁ ମୋଟ ୫୦ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣ କରିଥିବା ଅନ୍ୟ ଦେଶଗୁଡିକ ହେଲେ ପର୍ସିଆ, ଶ୍ରୀଲଙ୍କା, ସର୍ବିଆ, ଚେକ୍ ଗଣରାଜ୍ୟ, ସୁଇଜରଲାଣ୍ଡ, ସ୍ଲୋଭେନିଆ, ଫ୍ରାନ୍ସ, ଆର୍ଜେଣ୍ଟିନା ଓ ସ୍ଲୋଭାକିଆ। ଭାରତ ତରଫରୁ ଅଂଶଗ୍ରହଣ କରିଥିବା ୮ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ପୁଣେ ବିଶ୍ୱବିଦ୍ୟାଳୟର ରନବୀର ମୋହିତ ୯ ରାଉଣ୍ଡ ଖେଳି ୫ ପଏଣ୍ଟ ହାସଲ କରି ଫାଇନାଲ ର୍‍ୟାଙ୍କିଙ୍ଗ୍‌ରେ ୧୩ତମ ସ୍ଥାନରେ ରହିଥିଲେ। ସେହିପରି ଓଡ଼ିଶାର ସିଦ୍ଧାନ୍ତ ମହାପାତ୍ର ୫ ଓ ଆକାଂକ୍ଷା କବି ୩.୫ ପଏଣ୍ଟ ହାସଲ କରି ଯଥାକ୍ରମେ ୧୬ ଓ ୧୯ତମ ସ୍ଥାନରେ ରହିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଅପରାଜିତା ଗୋଚ୍ଛିକାର ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଦମ୍‌ଦାର ପ୍ରଦର୍ଶନ ପାଇଁ ଭାରତୀୟ ପ୍ରତିଯୋଗୀମାନଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ଅକ୍ଟୋବର ୧ରୁ ଆର୍.ଏନ୍. ସିଂଦେଓ ସ୍ମାରକୀ ଟିଟି

କଟକ ଅଫିସ, ୨୦।୯

ବଲାଙ୍ଗୀରର ମନୋହରପୁର ସ୍ଥିତ ରିଜର୍ଭ ପୋଲିସ ଇନ୍‌ଡୋର ହଲରେ ଅକ୍ଟୋବର ୧ରୁ ୩ୟ ଆର୍.ଏନ ସିଂ ଦେଓ ସ୍ମାରକୀ ରାଜ୍ୟ ଓପନ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଓ ବଲାଙ୍ଗୀର ଜିଲା ଟେବୁଲ ଟେନିସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ଚାମ୍ପିୟନଶିପରେ ମୋଟ ୧୦ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ। ଚଳିତ ସିଜିନରେ ଏହା ରାଜ୍ୟର ଦ୍ୱିତୀୟ ର୍‍ୟାଙ୍କିଂ ଟୁର୍ନାମେଣ୍ଟ। ଆଗାମୀ ଜାତୀୟ ଚାମ୍ପିୟନଶିପ ନିମନ୍ତେ ଉକ୍ତ ପ୍ରତିଯୋଗିତାରୁ ଖେଳାଳି ଚୟନ କରାଯିବ। ତେବେ ଇଚ୍ଛୁକ ଖେଳାଳି ତଥା ଅନୁଷ୍ଠାନ ନାମ ପଞ୍ଜୀକରଣ ନିମନ୍ତେ ସେପ୍ଟେମ୍ବର ୨୮ ସୁଦ୍ଧା ରାଜ୍ୟ ଆସୋସିଏଶନ ସହ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି ।

# ଅନ୍ତର୍ଜାତୀୟ ରେଫରି ସେମିନାରରେ ସୁଦୀପ୍ତା

କଟକ ଅଫିସ,୨୦।୯

ବମ୍ବେ ଠାରେ ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଟାଏକୋଣ୍ଡୋ ଓ ଟାଏକୋଣ୍ଡୋ ଫେଡେରେଶନ୍ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ୧୦୭ତମ ଅନ୍ତର୍ଜାତୀୟ କାଏରୁଗୀ ରେଫ୍‌ରୀ ସେମିନାର ଅନୁଷ୍ଠିତ ହେବ। ଏହି ବିଶ୍ୱ ସ୍ତରୀୟ ସେମିନାରରେ ଓଡ଼ିଶାର ପ୍ରଥମ ମହିଳା ରେଫରୀ ଭାବେ ସୁଦୀପ୍ତା ନନ୍ଦ ଅଂଶ ଗ୍ରହଣ କରିବାକୁ ନିମନ୍ତ୍ରିତ ହୋଇଛନ୍ତି। ସୁଦୀପ୍ତା ଜଣେ ଜାତୀୟ ସ୍ତରର ରେଫ୍‌ରୀ ଅଟନ୍ତି। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ସୁଦୀପ୍ତାଙ୍କୁ ଶୁଭେଚ୍ଛା ଜଣାଯାଇଛି ।



# ଭାରତର ସହଜ ବିଜୟ

ଦୁବାଇ, ୨୦।୯ (ପି.ଟି.)

ଏସିଆ କପ୍‌ରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୨୧ ଓଭର ବାକିଥାଇ ୮ ଉଇକେଟରେ ଅତି ସହଜରେ ପରାସ୍ତ କରି ସୁପର-୪ ପର୍ଯ୍ୟାୟରେ ପ୍ରବେଶ କରିଛି। ବୁଧବାର ସ୍ଥାନୀୟ ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ଅନୁଷ୍ଠିତ ଟୁର୍ନାମେଣ୍ଟର ପଞ୍ଚମ ମ୍ୟାଚ୍‌ରେ ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୪୩.୧ ଓଭରରେ ୧୬୨ ରନ କରି ଅଲଆଉଟ୍ ହୋଇଥିଲା । ଜବାବରେ ଭାରତ ୨୯ ଓଭରରେ ୨ ଉଇକେଟ ହରାଇ ୧୬୪ ରନ କରି ବିଜୟୀ ହୋଇଥିଲା । ମାତ୍ର ୧୫ ରନ ବ୍ୟୟ କରି ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିବା ଭାରତୀୟ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୬୩ ରନ ଟାର୍ଗେଟ୍‌ର ପିଛା କରି ଭାରତ ଦୁଇ ଓପନର ରୋହିତ ଶର୍ମା ଓ ଶିଖର ଧାୱନ ପ୍ରଥମ ଉଇକେଟ ଯୋଡିରେ ୮୬ ରନ କରି ଭଲ ଆରମ୍ଭ କରିଥିଲେ । ରୋହିତ ୩୯ ବଲରୁ ୬ ଚୌକା, ୩ ଛକା ସହ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହେବା ପରେ ଧାୱନ ୪୬ ରନ କରି ପ୍ୟାଭିଲିୟନ ଫେରିଥିଲେ । ଏହାପରେ ଦୀନେଶ କାର୍ତ୍ତିକ ଓ ଅମ୍ବାତି ରାୟୁଡୁ ଉଭୟ ୩୧ ରନ ଲେଖାଏ କରି ଅପରାଜିତ ରହିବା ସହ ତୃତୀୟ ଉଇକେଟ ଯୋଡିରେ ଅପରାଜିତ ୬୦ ରନ କରି ଦଳକୁ ଜିତାଇଥିଲେ । ପାକିସ୍ତାନ ତରଫରୁ ଫହିମ ଆଶ୍ରଫ୍ ଓ ଶଦାବ ଖାଁ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ ।

ପ୍ରଥମେ ବ୍ୟାଟିଂ ନେଇଥିବା ପାକିସ୍ତାନ ଦେଖିଚାହିଁ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ମାତ୍ର ୩ ରନରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଦୁଇ ଓପନର ଇମାମ- ଉଲ ହକ ଓ ଫକର ଜମାନ ଯଥାକ୍ରମେ ୨ ଓ ବିନା ସ୍କୋରରେ ଭୁବନେଶ୍ୱର କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ । ବଡ଼ ଶଟ୍ ଖେଳିବାକୁ ଯାଇ ଇମାମ ଉଇକେଟ କିପର ମହେନ୍ଦ୍ର ସିଂ ଧୋନୀ ଓ ଜମାନ ୟୁଜବେନ୍ଦ୍ର ଚହଲଙ୍କ ହାତରେ ଧରାପଡିଥିଲେ । ଏହାପରେ ତୃତୀୟ ଉଇକେଟ ଯୋଡିରେ ଅଭିଜ୍ଞ ସୋଏବ ମଲିକ ଓ ବାବର ଆଜମ ୮୨ ରନ କରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ । ତେବେ ୪୭ ରନ କରି ବାବର ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହେବା ପରେ ସୋଏବ ୪୩ ରନ କରିଥିବା ବେଳେ ରାୟୁଡୁଙ୍କ ଡାଇରେକ୍ଟ ଥ୍ରୋରେ ରନ୍ ଆଉଟ୍ ହୋଇଥିଲେ । ଏହା ପରେ ପାକିସ୍ତାନ ଇନିଂସ ତାସ୍ ଘର ପରି ଭୁଶୁଡି ପଡିଥିଲା ।

**ସଂକ୍ଷିପ୍ତ ସ୍କୋର:** ପାକିସ୍ତାନ ୪୩.୧ ଓଭରରେ ୧୬୨ ଅଲଆଉଟ୍ (ବାବର- ୪୭, ସୋଏବ- ୪୩, ଆଶ୍ରଫ୍- ୨୧, ଅମୀର- ୧୮*, ଭୁବନେଶ୍ୱର- ୩/୧୫, କେଦାର- ୩/୨୩, ବୁମରା- ୨/୨୩, କୁଲଦୀପ- ୧/୩୭)।

ଭାରତ ୨୯ ଓଭରରେ ୧୬୪/୨ (ରୋହିତ- ୫୨, ଧାୱନ- ୪୬, ରାୟୁଡୁ- ୩୧*, କାର୍ତ୍ତିକ- ୩୧*)।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ


MARUTI SUZUKI
NEXA
BE DRIVEN BY TECHNOLOGY.
CREATE. INSPIRE.
S-CROSS
THE ALL-NEW S-CROSS
LED Projector Headlamps with LED DRLs
Machined Alloy Wheels
DDiS 200 Smart Hybrid Diesel Engine
SmartPlay Infotainment System with Android Auto
NEXA Safety Shield
Standard Across All Variants
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
FULL FRONTAL IMPACT COMPLIANCE, FRONTAL OFFSET IMPACT COMPLIANCE, SIDE IMPACT COMPLIANCE
Contact us at
1800-200-6392
1800-102-NEXA
www.nexaexperience.com
NOW YOU CAN ALSO BOOK ONLINE
BHUBANESWAR
NEXA Twin City (SKY AUTOMOBILES) Ph: 9776497764/7064400101
NEXA Raj Bhavan Road (NARAYANI MOTORS) Ph: 7381000102
NEXA Cyber City (JYOTE MOTORS) Ph: 8338033884
CUTTACK
NEXA Stadium Rd (JYOTE MOTORS) Ph: 8338033889
BALASORE
NEXA Balasore Highway (JYOTE MOTORS) Ph: 8338033994
SAMBALPUR
NEXA Sambalpur Highway (ODYSSEY MOTORS) Ph: 8599039994
ROURKELA
NEXA Civil Town (ORBIT MOTORS) Ph: 8337900222, 7077727977


HONDA
The Power of Dreams
ହୋଣ୍ଡା ଶୁଭ ଅଫର୍ ₹1100* କ୍ୟାସ୍ ବ୍ୟାକ୍
ପ୍ରୋସେସିଙ୍ଗ୍ ଫି 0#
ଡକ୍ୟୁମେଣ୍ଟେସନ୍ ଚାର୍ଜ 0#
HET BS-IV
Scheme Partners:
HDFC BANK We understand your world
L&T Financial Services
muthoot CAPITAL
IndusInd Bank
SHRIRAM City MONEY WHEN YOU NEED IT MOST
*Rs 1100 Cashback Scheme is available till 30th September 2018 & Cashback is a sole discretion of the dealers & is not available on Activa 5G. #Finance scheme available with select financiers at their sole discretion. Scheme is available for limited time period only and can be withdrawn from market without any prior notice. **Conditions apply. Accessories shown in the picture are not a part of the standard equipment. Product shown in the picture may vary from actual product in market.
ହୋଣ୍ଡା ହିଁ HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
BEST DEAL HONDA Buy. Sell. Exchange
ALWAYS WEAR HELMET WHILE RIDING
Also available:
Annual Maintenance Contract**
Road Side Assistance**
Engine Health Assurance**
Follow us on
Honda Exclusive Authorized Dealerships: BERHAMPUR: Om Honda - 9937229933, 0680-2229933; BHANJNAGAR: Omkar Honda - 9437382104, 06821-240140; PHULBANI: Manas Honda - 06842253452, 9437063452.
For Bulk/Institutional enquiries, please write us at: institutionalsales@honda2wheelersindia.com